• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-53 ♦MONDAY ♦17 AUGUST 2026 ♦PAGE-12 ♦₹ 7.00

PANIKOILI

♦ବର୍ଷ-୪୪ ♦ସଂଖ୍ୟା-୫୩ ♦ସୋମବାର ♦୧୭ ଅଗଷ୍ଟ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦




ପାଡିକଲ୍‌ଙ୍କ ପ୍ରଥମ ଟେଷ୍ଟ ଶତକ


▶ପୃଷ୍ଠା ୧୨ ଦେଖନ୍ତୁ...

## ନାଳ ଖୋଳୁଥିବା ବେଳେ ମିଳିଲା ୮୬ କୋଟିର ସୁନା

■ ଡେଣ୍ଡରମୋଣ୍ଡ, ୧୬।୮ (ଏଜେନ୍ସି): ବେଲଜିୟମରେ ନାଳ ନିର୍ମାଣ ପାଇଁ ମାଟି ଖୋଳୁଥିବା ବେଳେ ୧୮ ବର୍ଷୀୟ ଛାତ୍ରଙ୍କୁ ପ୍ରାୟ ୮୫ କୋଟି ୯୦ ଲକ୍ଷ ଟଙ୍କା ମୂଲ୍ୟର ସୁନା ଭଣ୍ଡାର ମିଳିଛି। ଏଥିରେ ସୁନା ମୁଦ୍ରା, ସୁନା ଖଣ୍ଡ ଓ ଚିହ୍ନିତ ସୁନା ବାର ରହିଛି। ଡେଣ୍ଡରମୋଣ୍ଡ ଅଞ୍ଚଳର ଏକ ପୁରୁଣା ମଦଭାଟି ସ୍ଥଳରେ ନାଳା ପାଇଁ ଖନନ କରୁଥିବା ସମୟରେ ଛାତ୍ର କୋବେ ଓ ତାଙ୍କ ସହକର୍ମୀମାନେ ପ୍ରଥମେ କିଛି ମୁଦ୍ରା ଭଳି ଜିନିଷ ଦେଖିଥିଲେ। ଅଧିକ ଖୋଳିବା ପରେ ଏକ ସୁନା ବାର ମିଳିବାରୁ ସେମାନେ ଚକିତ ହୋଇଥିଲେ। ଏକ ପୁରୁଣା ଭବନର ଇଟାରେ ବନ୍ଦ ତଳଘର କାନ୍ଥ ଭିତରେ ଏହି ସୁନା ଏକ ବ୍ୟାଗରେ ଲୁଚାଇ ରଖାଯାଇଥିଲା। ଭଣ୍ଡାରଟି ପୂର୍ବତନ ମଦଭାଟି ମାଲିକଙ୍କ ପରିବାର ସହ ଜଡ଼ିତ ହୋଇଥାଇପାରେ ବୋଲି ଅନୁମାନ କରାଯାଉଛି। ଛାତ୍ର ଓ ସହକର୍ମୀମାନେ ତୁରନ୍ତ ପୁଲିସକୁ ଖବର ଦେବା ପରେ ସୁନାକୁ ବ୍ରସେଲ୍ସର ଏକ ସୁରକ୍ଷିତ ସ୍ଥାନକୁ ନିଆଯାଇଛି। ସୁନା ଚୋରି ହୋଇଥିବା କିମ୍ବା ▶ପୃଷ୍ଠା-୭



## ୧୩ ହଜାର ଫୁଟରେ ତ୍ରିରଙ୍ଗା ଉଡ଼ାଇ ବିଶ୍ୱ ରେକର୍ଡ



■ ଦୁବାଇ, ୧୬।୮ (ଏଜେନ୍ସି): ସ୍ୱାଧୀନତା ଦିବସ ପୂର୍ବରୁ ଲିବ୍ୟାର ବେଙ୍ଗାଜୀରେ ଏକ ଅନନ୍ୟ ବିଶ୍ୱ ରେକର୍ଡ ସୃଷ୍ଟି ହୋଇଛି। ଏକକାଳୀନ ୬୫ ଜଣ ସ୍କାଏଡାଇଭର୍‌ଙ୍କ ମଧ୍ୟରେ ୟୁଏଇରେ ବାସ କରୁଥିବା ତିନି ଜଣ ଭାରତୀୟ ୧୩,୦୦୦ ଫୁଟ ଉଚ୍ଚତାରୁ ବିମାନରୁ ଡେଇଁ ଆକାଶରେ ଭାରତୀୟ ଜାତୀୟ ପତାକା ଉଡ଼ାଇ ଗିନିଜ୍ ୱାର୍ଲ୍ଡ ରେକର୍ଡ କରିଛନ୍ତି। ଗତ ୭ ତାରିଖରେ ଅନୁଷ୍ଠିତ ଏହି ଅଭିଯାନରେ ବିଶ୍ୱର ପ୍ରାୟ ୩୮ଟି ଭିନ୍ନଭିନ୍ନ ଦେଶର ଖେଳାଳି ସାମିଲ ହୋଇଥିଲେ। ଏହି ତିନିଜଣ ଭାରତୀୟ ପ୍ରତିନିଧି ହେଲେ କେରଳମ୍‌ର ଜାମସୀର ଥାନାଲୋଟ୍, ଉତ୍ତରପ୍ରଦେଶର ଅଭିଷେକ ରାୱତ ଏବଂ ବିହାରର ଇଶା ରାଜ୍। ଏତେ ଉଚ୍ଚତାରୁ ବଡ଼ ବଡ଼ ଜାତୀୟ ପତାକା ଧରି ଖସିବା ଏବଂ ପାରାଚୁଟ୍ ସହିତ ପତାକା ଅଲଗା ରଖି ନିର୍ଦ୍ଦିଷ୍ଟ କ୍ୟାମେରା ଜୋନ୍‌ରେ ସୁରକ୍ଷିତ ଅବତରଣ କରିବା ଅତ୍ୟନ୍ତ କଠିନ ଥିଲା। କଠିନ ପ୍ରଶିକ୍ଷଣ ଏବଂ ପରୀକ୍ଷାମୂଳକ ଜମ୍ପ ପରେ ଏମାନେ ଏହି ସଫଳତା ହାସଲ କରିଥିଲେ, ଯାହାର ସ୍ୱୀକୃତି ସ୍ୱାଧୀନତା ଦିବସ ପୂର୍ବରୁ ମିଳିଥିଲା। ବିଦେଶରେ ରହି ମଧ୍ୟ ଦେଶର ଗୌରବ ବୃଦ୍ଧି କରିଥିବା ▶ପୃଷ୍ଠା-୭

## ଲଘୁଚାପ ଘନୀଭୂତ

# ଦୁଇ ଦିନ ବଡ଼ ବର୍ଷା

■ ଭୁବନେଶ୍ୱର, ୧୬।୮ (ସମିସ): ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଘନୀଭୂତ ହୋଇ ସଦୃଶ ଲଘୁଚାପରେ ପରିଣତ ହୋଇଛି। ଏହା ଆହୁରି ଶକ୍ତିଶାଳୀ ହୋଇ ସୋମବାର ସୁଦ୍ଧା ଅବପାତର ରୂପ ନେବ। ଏବେ ଏହା ସୁନ୍ଦରବନ ନିକଟବର୍ତ୍ତୀ ଅଞ୍ଚଳରେ ସକ୍ରିୟ ରହିଥିବା ବେଳେ ଏହା ପ୍ରଭାବରେ ଆହୁରି ୨ ଦିନ ଉତ୍ତର ଓଡ଼ିଶାରେ ଭୀଷଣ ବର୍ଷା ଆଶଙ୍କା କରାଯାଇଛି। ଅନ୍ୟପଟେ ଗୋଟିଏ ଲଘୁଚାପ ନ ଯାଉଣୁ ପଛକୁ ପଛ ଲଘୁଚାପ ଆଶଙ୍କା ଜାରି ରହୁଥିବାରୁ ମାସ ଶେଷ ପର୍ଯ୍ୟନ୍ତ ଉତ୍ତର ଓଡ଼ିଶାବାସୀ ବନ୍ୟା ଦାଉରୁ ରକ୍ଷା ପାଇବାର ସମ୍ଭାବନା କ୍ଷୀଣ ରହିଛି। କାରଣ ମାସ ଶେଷ ବେଳକୁ ପୁଣି ଏକ ଲଘୁଚାପ ଆଶଙ୍କା ରହିଥିବାରୁ ରାଜ୍ୟରେ ବର୍ଷାର ଆଶଙ୍କା ଲୋକଙ୍କ ପାଇଁ ଚିନ୍ତା ବଢ଼ାଇଛି।

ପାଣିପାଗ କେନ୍ଦ୍ର କହିଛି ଆସନ୍ତାକାଲି ଅର୍ଥାତ ଅଗଷ୍ଟ ୧୭ ତାରିଖରୁ ବର୍ଷାର ପରିମାଣ ବଢ଼ିବାର ଆଶଙ୍କା ରହିଛି। ଲଘୁଚାପ ଅବପାତର ରୂପ ନେବା ହେତୁ ଅତି ଭୀଷଣ ବର୍ଷା ପାଇଁ ବାଲେଶ୍ୱର, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାକୁ ରେଡ୍ ଆଲର୍ଟ ଜାରି କରାଯାଇଛି। ସେହିପରି ପ୍ରବଳରୁ ଅତି ପ୍ରବଳ ବର୍ଷା ପାଇଁ ଭଦ୍ରକ, ଢେଙ୍କାନାଳ,

### ଆଜି ଉତ୍ତର ଓଡ଼ିଶାର ୩ ଜିଲ୍ଲାକୁ ରେଡ୍ ଆଲର୍ଟ

### ମାସ ଶେଷ ବେଳକୁ ପୁଣି ଏକ ଲଘୁଚାପ

ଯାଜପୁର, କେନ୍ଦ୍ରାପଡ଼ା ଓ କଟକ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ପ୍ରବଳ ବର୍ଷା ପାଇଁ ଜଗତସିଂହପୁର, ଖୋରଧା, ନୟାଗଡ଼, ବୌଦ୍ଧ, ଅନୁଗୋଳ, ଦେବଗଡ଼, ସମ୍ବଲପୁର, ସୋନପୁର, ବରଗଡ଼, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାକୁ ପାଣିପାଗ ବିଭାଗ ସତର୍କତା ଜାରି କରିଛି। ▶ପୃଷ୍ଠା-୭

## ବିପଦ ସଙ୍କେତ ଟପିଲା ବୈତରଣୀ, ସାଳନ୍ଦୀ



■ ଭଦ୍ରକ, ୧୬।୮ (ସମିସ): ଭଦ୍ରକ ଜିଲ୍ଲାରେ ଦୁଇ ପ୍ରମୁଖ ନଦୀ ବୈତରଣୀ ଓ ସାଳନ୍ଦୀ ନଦୀରେ ପୁଣି ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଗତ ଶନିବାର ରାତିରୁ ଉଭୟ ନଦୀର ଜଳସ୍ତର କ୍ରମାଗତ ଭାବେ ବୃଦ୍ଧି ପାଉଛି। ରବିବାର ସକାଳେ ବୈତରଣୀ ନଦୀର ଜଳସ୍ତର ଆଖୁଆପଦାଠାରେ ବିପଦ ସଙ୍କେତ ଅତିକ୍ରମ କରିଥିବାବେଳେ ରାଜଘାଟଠାରେ ସାଳନ୍ଦୀ ନଦୀର ଜଳସ୍ତର ବିପଦ ସଙ୍କେତ ନିକଟତର ହୋଇଛି। ଆଖୁଆପଦାଠାରେ ବୈତରଣୀ ନଦୀର ବିପଦ ସଙ୍କେତ ୧୮.୩୩ ମିଟର ରହିଥିବାବେଳେ ରବିବାର ଅପରାହ୍ଣ ୧ଟା ସୁଦ୍ଧା ନଦୀର ଜଳସ୍ତର ୧୮.୩୬ ମିଟର ରହିଛି। ଫଳରେ ଏଠାରେ ନଦୀର ଜଳସ୍ତର ବିପଦ ସଙ୍କେତଠାରୁ ଅଧିକ ରହିଛି। ସେହିପରି ରାଜଘାଟଠାରେ ସାଳନ୍ଦୀ ନଦୀର ବିପଦ ସଙ୍କେତ ୧୭ ଫୁଟ୍ ରହିଥିବାବେଳେ ଅପରାହ୍ଣ ୧ଟା ସୁଦ୍ଧା ଏଠାରେ ଜଳସ୍ତର ୧୬.୯୦ ଫୁଟ୍‌ରେ ପ୍ରବାହିତ ହେଉଥିଲା। ରାତିରୁ ବର୍ଷା ଲାଗି ରହିଥିବାରୁ ଉଭୟ ନଦୀର ଜଳସ୍ତର ଆହୁରି ବୃଦ୍ଧି ପାଇବାର ଆଶଙ୍କା ରହିଛି। ବୈତରଣୀ ନଦୀରୁ କଣ୍ଟିଘାଇ ଏସ୍‌କେପ୍, ମଲ୍ଲିମାହାରା ଓ ଗୌରାଙ୍ଗପୁର ଏସ୍‌କେପ୍ ▶ପୃଷ୍ଠା-୭

### ପଶ୍ଚିମବଙ୍ଗ ରାଜନୀତିରେ କମ୍ପନ

## ପୂର୍ବତନ ମନ୍ତ୍ରୀଙ୍କ ଆତ୍ମହତ୍ୟା

■ କୋଲକାତା, ୧୬।୮ (ଏଜେନ୍ସି): ରାଜ୍ୟ ବିଧାନସଭା ନିର୍ବାଚନ ପରେ ପଶ୍ଚିମବଙ୍ଗରେ ଆରମ୍ଭ ହୋଇଯାଇଛି ପ୍ରତିଶୋଧର ଖେଳ। ପ୍ରଥମ ଥର ଲାଗି କ୍ଷମତାକୁ ଆସିଥିବା ବିଜେପି ସରକାର ଏବେ ମୁଖ୍ୟ ବିରୋଧୀ ଦଳ ମମତା ବାନାର୍ଜୀଙ୍କ ଟିଏମ୍‌ସିକୁ ଟାର୍ଗେଟ କରି ଚାଲିଛି। ରାଜ୍ୟର ବିଭିନ୍ନ ଅଞ୍ଚଳରେ ମମତାଙ୍କ ସମେତ ଅନେକ ଦଳୀୟ ନେତାଙ୍କୁ ଆକ୍ରମଣ କରାଯାଉଛି। ଟିଏମ୍‌ସିରେ ବିଭାଜନ ପରେ ଏବେ ଏହାର ନେତାଙ୍କୁ ବିଭିନ୍ନ ମାମଲାରେ ଗିରଫ କରାଯାଉଛି। ଏହାକୁ ନେଇ ରାଜ୍ୟରେ ଆତଙ୍କଜନକ ସ୍ଥିତି ସୃଷ୍ଟି ହୋଇଥିବା ବେଳେ ଟିଏମ୍‌ସିର ବରିଷ୍ଠ ନେତା, ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ଉପବାଚସ୍ପତି ଆଶିଷ ବାନାର୍ଜୀ ଆଜି ଆତ୍ମହତ୍ୟା କରିଛନ୍ତି। ସେ କେବେହେଲେ ଦୁର୍ନୀତି କରିନାହାନ୍ତି ଏବଂ ସେ ନିର୍ଦ୍ଦୋଷ ବୋଲି ତାଙ୍କ ମୃତଦେହ ନିକଟରୁ ସୁଇସାଇଡ୍ ନୋଟ୍ ମିଳିଛି। ଏହାକୁ ନେଇ ରାଜ୍ୟ ରାଜନୀତିରେ ପ୍ରଚଣ୍ଡ କମ୍ପନ ସୃଷ୍ଟି ହୋଇଛି। ଜଣେ ପୂର୍ବତନ ମନ୍ତ୍ରୀ ଆତ୍ମହତ୍ୟା କରିବା ରାଜ୍ୟରେ ପ୍ରଥମ ଘଟଣା ବୋଲି କୁହାଯାଉଛି। ବାନାର୍ଜୀଙ୍କ ଆତ୍ମହତ୍ୟା ପାଇଁ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କୁ ଦାୟୀ କରି



### ଟିଏମ୍‌ସି କାର୍ଯ୍ୟାଳୟରୁ ମିଳିଲା ଝୁଲନ୍ତା ମୃତଦେହ

### ବିଜେପି ସରକାରକୁ ଦାୟୀକଲେ ମମତା

ତାଙ୍କ ସରକାରଙ୍କୁ ଘେରିଛନ୍ତି ବିରୋଧୀ ଦଳ। ସେ ଜଣେ ସଚ୍ଚୋଟ ବ୍ୟକ୍ତି ଥିଲେ ଏବଂ ପ୍ରଶାସନିକ ଅତ୍ୟାଚାର ଯୋଗୁଁ ସେ ଆତ୍ମହତ୍ୟା କରିଛନ୍ତି ବୋଲି ଅଭିଯୋଗ କରିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ। ▶ପୃଷ୍ଠା-୭

## ବର୍ଷା ଓ ବନ୍ୟା ତାଣ୍ଡବ

# ସୁଅ ମୁହଁରେ ଉତ୍ତର ଓଡ଼ିଶା

■ ଭୁବନେଶ୍ୱର, ୧୬।୮ (ସମିସ): ଉତ୍ତରଓଡ଼ିଶାରେ ସୃଷ୍ଟି ହୋଇଥିବା ବନ୍ୟା ସ୍ଥିତି ଯୋଗୁଁ ବାଲେଶ୍ୱର, ଭଦ୍ରକ, ଯାଜପୁର, ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାର ୫ ଲକ୍ଷ ୧୫ ହଜାର ଲୋକ ପ୍ରଭାବିତ ହୋଇଛନ୍ତି। ଏହି ସମୟରେ ପୁଣି ଲଘୁଚାପ ଜନିତ ବର୍ଷା କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ ଓ ଯାଜପୁର ଜିଲ୍ଲା ପାଇଁ ବିପଦ ସୃଷ୍ଟି କରିଛି। ୩ ଜିଲ୍ଲାରେ ପ୍ରବାହିତ ପ୍ରମୁଖ ନଦୀଗୁଡ଼ିକର ଜଳସ୍ତର ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଥିବାରୁ ପୁଣି ବନ୍ୟା ଆଶଙ୍କା ଦେଖାଦେଇଛି। ଏହି ସମୟରେ ପୁଣି ଲଘୁଚାପଜନିତ ବର୍ଷା ପରିସ୍ଥିତିକୁ ଅତ୍ୟନ୍ତ ଗମ୍ଭୀର କରିଛି। ବର୍ଷା ଓ ବନ୍ୟା ସ୍ଥିତିକୁ ଦୃଷ୍ଟି

### ୫ ଲକ୍ଷ ୧୫ ହଜାର ଲୋକ ପ୍ରଭାବିତ
### ଅନ୍ଧାରରେ ୭୫୦୦୦ ବିଜୁଳି ଉପଭୋକ୍ତା
### ୪ ଜିଲ୍ଲାରେ ସବୁ ସ୍କୁଲକୁ ଛୁଟି ଘୋଷଣା
### ତଦାରଖ କରିବାକୁ ଗଲେ ୩ ଆଇଏଏସ୍
### ସବୁ ସରକାରୀ ଅଧିକାରୀଙ୍କ ଛୁଟି ବାତିଲ
### ଜିଲ୍ଲାର ସ୍ଥିତି ସମୀକ୍ଷା କଲେ ମୁଖ୍ୟ ସଚିବ

ରଖି କେନ୍ଦୁଝର, ମୟୂରଭଞ୍ଜ, ଭଦ୍ରକ ଓ ଯାଜପୁର ଜିଲ୍ଲାର ସବୁ ସ୍କୁଲକୁ ଛୁଟି ଘୋଷଣା କରାଯାଇଛି। ସେହିପରି ସବୁ ସରକାରୀ କର୍ମଚାରୀଙ୍କ ଛୁଟିକୁ ବାତିଲ କରାଯାଇଛି। ପ୍ରବଳ ବର୍ଷା ଆଶଙ୍କା ଥିବାରୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ରକୁ ଯିବାକୁ ବାରଣ କରାଯାଇଛି ଏବଂ ପ୍ରଶାସନକୁ ସତର୍କ ରହିବାକୁ ମୁଖ୍ୟ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଇତିମଧ୍ୟରେ ସରକାର ୩ ଜିଲ୍ଲାକୁ ୩ ଜଣ ଆଇଏଏସ୍ ଅଧିକାରୀଙ୍କୁ ବନ୍ୟା ପରିଚାଳନା ଓ ରିଲିଫ୍ ଆଦିର ତଦାରଖ ପାଇଁ ▶ପୃଷ୍ଠା-୭

## ଆଜି ବନ୍ୟାଞ୍ଚଳ ପରିଦର୍ଶନ କରିବେ ମୁଖ୍ୟମନ୍ତ୍ରୀ

■ ଭୁବନେଶ୍ୱର, ୧୬।୮ (ସମିସ): ଉତ୍ତର ଓଡ଼ିଶାରେ ସୃଷ୍ଟି ହୋଇଥିବା ବନ୍ୟା ସ୍ଥିତି ନେଇ ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨ ଟି ଜିଲ୍ଲାରେ ବନ୍ୟା ସ୍ଥିତି ସମୀକ୍ଷା କରିବେ। ଭଦ୍ରକ ଓ ଯାଜପୁର ଜିଲ୍ଲା ଗସ୍ତ କରି ମୁଖ୍ୟମନ୍ତ୍ରୀ ବନ୍ୟାଞ୍ଚଳ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଅନ୍ୟପଟେ ସୋମବାର ଲଘୁଚାପଟି ଅବପାତର ରୂପ ନେବାକୁ ଥିବାରୁ ଏହି ଜିଲ୍ଲାରେ ପାଗ ଖରାପ ରହିବାର ଆଶଙ୍କା ରହିଛି। ତେଣୁ ମୁଖ୍ୟମନ୍ତ୍ରୀ ହେଲିକପ୍ଟର ମାଧ୍ୟମରେ ଗସ୍ତ କରିବେ କି ସ୍ଥଳପଥରେ ଯେବି ତାହା ଏପର୍ଯ୍ୟନ୍ତ ସ୍ଥିର ହୋଇ ନ ଥିବା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି। ପାଗ ଦେଖି ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପାଇଁ ଆବଶ୍ୟକୀୟ ପଦକ୍ଷେପ ନିଆଯିବ ବୋଲି ଜଣାପଡ଼ିଛି।

## ୧୦୦ ମିଟର ଧସିଲା ଜାତୀୟ ରାଜପଥ

■ କେନ୍ଦ୍ରାପଡ଼ା/ମହାକାଳପଡ଼ା, ୧୬।୮ (ସମିସ): ଲଗାଣ ବର୍ଷାରେ ଧସିଲା ଚଣ୍ଡିଖୋଲ- ପାରାଦୀପ ୫୩ ନମ୍ବର ଜାତୀୟ ରାଜପଥ। ମାର୍ଶାଘାଇ ଥାନା

### ଚାଷଜମିକୁ ଖସିପଡ଼ିଲା ୩ ଟ୍ରକ୍
### ୮୦୦ କୋଟିର ପ୍ରକଳ୍ପ ମାନକୁ ନେଇ ଉଠିଲା ପ୍ରଶ୍ନ
### ଠିକା ସଂସ୍ଥାର ପ୍ରୋଜେକ୍ଟ ମ୍ୟାନେଜରଙ୍କୁ ଅଟକ



ଅନ୍ତର୍ଗତ ନୀଳାଞ୍ଚଳ ଛକ ନିକଟରେ ରବିବାର ସକାଳ ୮ଟା ସମୟରେ ନିର୍ମାଣାଧୀନ ରାଜପଥର ଏକ ବଡ଼ ଅଂଶ ହଠାତ୍ ଧସିଯାଇଥିଲା। ରାସ୍ତାକଡ଼ରେ ଠିଆ ହୋଇଥିବା ତିନୋଟି ଖାଲି ଟ୍ରକ୍ ମଧ୍ୟ ମାଟି ଧସିବା ସହ ଚାଷଜମି ଭିତରକୁ ଗଳିପଡ଼ିଛି। ଧସିଥିବା ଟ୍ରକ୍‌ଗୁଡ଼ିକ ମଧ୍ୟରେ ଗୋଟିଏ ୧୨ ଚକିଆ, ଗୋଟିଏ ୧୪ ଚକିଆ ଏବଂ ଗୋଟିଏ ୧୬ ଚକିଆ ଟ୍ରକ୍ ରହିଛି। ଟ୍ରକ୍‌ଗୁଡ଼ିକରେ ସେତେବେଳେ କେହି ନଥିବାରୁ ଏକ ବଡ଼ ଧରଣର ଜୀବନହାନି ଅଘଟଣରୁ ବର୍ତ୍ତିଯାଇଛି।

ସ୍ଥାନୀୟ ସୂଚନା ଅନୁସାରେ, ନୀଳାଞ୍ଚଳ ଛକ ନିକଟରେ ପ୍ରାୟ ୫୦ରୁ ୧୦୦ ମିଟର ପର୍ଯ୍ୟନ୍ତ ରାସ୍ତା ଧସିଥିବା ବେଳେ ନବନିର୍ମିତ ପିଚୁ ରାସ୍ତାର ପ୍ରାୟ ଅଢ଼େଇରୁ ୩ ମିଟର ଅଂଶ ମଧ୍ୟ ଭୁଶୁଡ଼ି ପଡ଼ିଛି। ଫଳରେ ଏହି ▶ପୃଷ୍ଠା-୭

## ଜଗା ଦର୍ଶନ ବେଳେ ଟଳିପଡ଼ିଲେ ବୃଦ୍ଧ

■ ପୁରୀ, ୧୬।୮ (ସମିସ): ଜଗନ୍ନାଥ ଦର୍ଶନ ହିଁ ହୋଇଗଲା ଶେଷ ଦର୍ଶନ। ମହାପ୍ରଭୁଙ୍କୁ ନୟନ ଭରି ଦେଖିବା ପରେ ଶ୍ରୀକ୍ଷେତ୍ରରେ ଚାଲିଗଲା ଜଣେ ୭୫ ବର୍ଷୀୟ ଶ୍ରଦ୍ଧାଳୁଙ୍କ ଜୀବନ। ମୃତକ ହେଉଛନ୍ତି ଯାଜପୁର ଜିଲ୍ଲା ବିଞ୍ଝାରପୁରର ନୀଳକଣ୍ଠ ଦାସ। ବର୍ତ୍ତମାନ ସେ କୋଲକାତା ଚାନ୍ଦିନୀ ମାର୍କେଟ୍ ନିକଟରେ ପରିବାର ସହ ରହୁଥିଲେ। ପରିବାର ସହ ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ସେ ପୁରୀ ଆସିଥିଲେ। ଶନିବାର ଅପରାହ୍ଣ ପ୍ରାୟ ୧ଟା ସମୟରେ ନୀଳକଣ୍ଠ ତାଙ୍କ ପତ୍ନୀ ଓ ସମ୍ପର୍କୀୟଙ୍କ ସହ ଶ୍ରୀମନ୍ଦିରେ ପ୍ରବେଶ କରିଥିଲେ। ବାହାର କାଠ ଦର୍ଶନ କରି ହୁଣ୍ଡି ନିକଟରେ ଠାକୁରଙ୍କୁ ପ୍ରଣାମ କରୁଥିବାବେଳେ ସେ ହଠାତ୍ ଚେତାଶୂନ୍ୟ ହୋଇ ଟଳି ପଡ଼ିଥିଲେ। ଘଟଣାସ୍ଥଳରେ ଉପସ୍ଥିତ ଥିବା ପୁଲିସ ଓ ଶ୍ରଦ୍ଧାଳୁମାନେ ତୁରନ୍ତ ତାଙ୍କୁ ଉଦ୍ଧାର କରି ପୁରୀ ସଦର ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ହସ୍ପିଟାଲରେ ମୃତ ଘୋଷଣା କଲେ ଡାକ୍ତର

ତାଙ୍କ ପତ୍ନୀଙ୍କ କହିବା ଅନୁଯାୟୀ, ନୀଳକଣ୍ଠଙ୍କର ପୂର୍ବରୁ ହୃଦ୍‌ଘାତଜନିତ ସମସ୍ୟା ରହିଥିଲା ଏବଂ ସେ ଔଷଧ ଖାଉଥିଲେ। ମହାପ୍ରଭୁଙ୍କୁ ଦର୍ଶନ କରିବା ତାଙ୍କର ବହୁଦିନର ଇଚ୍ଛା ଥିଲା। ଏହି ଖବର ପରେ ପରିବାର ଓ ସମ୍ପର୍କୀୟଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ଅନ୍ୟପଟେ ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ମଧ୍ୟ ଆଲୋଚନା ହେଉଛି ଯେ ମହାପ୍ରଭୁଙ୍କ ଦର୍ଶନ ପରେ ଦେହ ତ୍ୟାଗ କରିବା ତାଙ୍କ ପାଇଁ ସବୁଠୁ ବଡ଼ ସୌଭାଗ୍ୟ। ଘଟଣା ପରେ ପୁଲିସ ଶବ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଆବଶ୍ୟକ କାଗଜପତ୍ର ପ୍ରସ୍ତୁତ କରି ମୃତଦେହ ପରିବାରକୁ ହସ୍ତାନ୍ତର କରିଛି।

## ବିଦ୍ୟୁତ୍ ତାରରେ ପତାକା ଖୁଣ୍ଟ ଲାଗି ଶିକ୍ଷକ ମୃତ

ସିମୁଳିଆ,୧୬।୮ (ସମିସ): ସ୍ୱାଧୀନତା ଦିବସ ପାଳନବେଳେ ଶନିବାର ସକାଳେ ବିଦ୍ୟୁତ ଆଘାତରେ ଜଣେ ଶିକ୍ଷକଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଏଥିସହ ୩ଜଣ ଛାତ୍ର ଆହତ ହୋଇଛନ୍ତି। ମୃତ ଶିକ୍ଷକ ହେଲେ ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକ ମଇତାପୁର ଅଞ୍ଚଳର ରୟାଲ ହାଇସ୍କୁଲ ଓ ରୟାଲ ପବ୍ଲିକ ସ୍କୁଲ ନାମକ ଏକ ଘରୋଇ ଶିକ୍ଷା ଅନୁଷ୍ଠାନର କ୍ରୀଡ଼ା ଶିକ୍ଷକ ପ୍ରିୟବ୍ରତ ବେହେରା (୨୪)।

ସିମୁଳିଆ ବ୍ଲକ ମଇତାପୁରଠାରେ ଥିବା ରୟାଲ ପବ୍ଲିକ ସ୍କୁଲରେ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ପତାକା ଉତ୍ତୋଳନ ପାଇଁ ଶିକ୍ଷକ ପ୍ରିୟବ୍ରତ ବେହେରା (୨୪) ପତାକା ଷ୍ଟାଣ୍ଡରେ ଲୁହା ପାଇପ୍ ପୋତିବା ପାଇଁ ଆଣୁଥିବାବେଳେ ଉପରେ ଯାଇଥିବା ୧୧କେଭି ବିଦ୍ୟୁତ ତାରରେ ଲାଗିଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଭଦ୍ରକ ମେଡିକାଲକୁ ନିଆଯାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ବିଦ୍ୟୁତ୍ ଆଘାତରେ ତିନ ଜଣ ଛାତ୍ର ନବମ ଶ୍ରେଣୀର ମୃତ୍ୟୁଞ୍ଜୟ ସାହୁ ଓ ଅଷ୍ଟମ ଶ୍ରେଣୀର ଚିରାଗ ନାୟକ, ଗୌରବ ମଲ୍ଲିକ, ଦଶମ ଶ୍ରେଣୀ ଆହତ ହୋଇ ସିମୁଳିଆ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ଶିକ୍ଷକ ପ୍ରିୟବ୍ରତ ବେହେରାଙ୍କର ଘର ବାଲିଆପାଳ ଅଞ୍ଚଳର ବୋଲି ଜଣାପଡ଼ିଛି।

# ଓଡ଼ିଶାରୁ ହଜିଯିବ ଜଙ୍ଗଲ ଅସ୍ତିତ୍ୱ

## ୩ ବର୍ଷରେ ୧୦,୦୦୦ ହେକ୍ଟର ଜଙ୍ଗଲ ଜମି ଲିଜ୍

■ ଭୁବନେଶ୍ୱର, ୧୬।୮ (ସମିସ): ସାରା ବିଶ୍ୱ ପରି ଓଡ଼ିଶା ମଧ୍ୟ ଜଳବାୟୁ ପରିବର୍ତ୍ତନର ଭୟଙ୍କର ପ୍ରଭାବରେ ପ୍ରଭାବିତ। ପ୍ରଚଣ୍ଡ ଖରା, ବାଦଲଫଟା ବର୍ଷା, ସାମୁଦ୍ରିକ ଝଡ଼ ଆଦି ଓଡ଼ିଶା ପାଇଁ ସବୁବେଳେ ଆହ୍ୱାନ ସୃଷ୍ଟି କରି ଆସିଛି। ଏଥିପାଇଁ ପ୍ରକୃତି ଓ ପରିବେଶ ସଂରକ୍ଷଣ ପାଇଁ ସବୁବେଳେ ପରିବେଶବିତ୍ ଓ ବୈଜ୍ଞାନିକମାନେ ପରାମର୍ଶ ଦେଇ ଆସୁଛନ୍ତି। ମାତ୍ର ବିଡ଼ମ୍ବନା ହେଉଛି ଯେ ଓଡ଼ିଶା ଉପରେ ଏହି ପରାମର୍ଶର କୌଣସି ପ୍ରଭାବ ପଡ଼ିନାହିଁ। ରାଜ୍ୟର ପ୍ରାକୃତିକ ସମ୍ପଦ ଓ ଜଙ୍ଗଲକୁ ବଞ୍ଚାଇବା ପାଇଁ ହେଉଥିବା ସମସ୍ତ ଦାବି ଏବଂ ଆହ୍ୱାନ ଭିତରେ ଜଙ୍ଗଲ ଉପରେ ବଢ଼ୁଥିବା ଭୟାବହ ଚାପର ପ୍ରକୃତ ଚିତ୍ର ସାମ୍ନାକୁ ଆଣିଛି କେନ୍ଦ୍ର ସରକାରଙ୍କ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟର ଏକ ତଥ୍ୟ। ଏହି ରିପୋର୍ଟ ଅନୁସାରେ ଗତ ତିନି ବର୍ଷ ଏବଂ ଚଳିତ ଆର୍ଥିକ ବର୍ଷର ଅଗଷ୍ଟ ୬ ତାରିଖ ପର୍ଯ୍ୟନ୍ତ ଓଡ଼ିଶାର ମୋଟ ୧୦,୦୯୮.୯୯ ହେକ୍ଟର ଜଙ୍ଗଲ ଜମିକୁ ଅଣ-ଜଙ୍ଗଲ କାର୍ଯ୍ୟ ପାଇଁ ବ୍ୟବହାର କରିବାକୁ ଅନୁମୋଦନ ମିଳିଛି। ଏହାମଧ୍ୟରୁ ୯୦ ପ୍ରତିଶତ କେବଳ ଖଣି ଓ ଶିଳ୍ପ କାର୍ଯ୍ୟ ପାଇଁ ଉଦ୍ଦିଷ୍ଟ

### ଲିଜ୍ ପ୍ରଦାନରେ ସାରା ଦେଶରେ ଓଡ଼ିଶା ୨ୟ

ବୋଲି କୁହାଯାଉଛି। ବିଡ଼ମ୍ବନା ହେଉଛି, ଏହି ଜଙ୍ଗଲ ଜମି ଲିଜ୍ କେବଳ ଏକ ପରିସଂଖ୍ୟାନଗତ ତଥ୍ୟ ନୁହେଁ; ବରଂ ରାଜ୍ୟର ପରିବେଶ ଏବଂ ଜୈବ ବିବିଧତା ଉପରେ ସବୁଠାରୁ ବଡ଼ ଆଘାତ ବୋଲି ମନେ କରାଯାଉଛି।

କେନ୍ଦ୍ର ସରକାରଙ୍କ ତଥ୍ୟ ଅନୁସାରେ, ଗତ ୩ ବର୍ଷ ମଧ୍ୟରେ ସାରା ଦେଶରେ ୮୨,୮୧୭.୯୨ ହେକ୍ଟର ଜଙ୍ଗଲ ଜମି ଅଣ-ଜଙ୍ଗଲ କାର୍ଯ୍ୟରେ ବ୍ୟବହାର ପାଇଁ ପ୍ରଦାନ କରାଯାଇଛି। ଏହାମଧ୍ୟରୁ କେବଳ ଓଡ଼ିଶାର ଅଂଶ ରହିଛି ପ୍ରାୟ ୧୨.୨ ପ୍ରତିଶତ। ମଧ୍ୟପ୍ରଦେଶରେ ୨୨,୦୨୭.୦୨ ହେକ୍ଟର ଜଙ୍ଗଲ ଜମି ଅଣ-ଜଙ୍ଗଲ କାର୍ଯ୍ୟକୁ ଯାଇଥିବାବେଳେ ଓଡ଼ିଶା ୧୦,୦୯୮.୯୯ ହେକ୍ଟର ସହିତ ଦ୍ୱିତୀୟ ସ୍ଥାନରେ ରହିଛି। ଅରୁଣାଚଳ ପ୍ରଦେଶ (୭,୮୨୮.୩୧ ହେକ୍ଟର), ଝାଡ଼ଖଣ୍ଡ (୬,୧୯୯.୪୧ ହେକ୍ଟର) ଏବଂ ମହାରାଷ୍ଟ୍ର (୫,୨୮୨.୧୮ ହେକ୍ଟର) ଭଳି ବଡ଼ ବଡ଼ ଜଙ୍ଗଲ ସମୃଦ୍ଧ ରାଜ୍ୟଗୁଡ଼ିକୁ ପଛରେ ପକାଇ ଓଡ଼ିଶା ଏହି ତାଲିକାର ଶୀର୍ଷରେ ପହଞ୍ଚିବା ରାଜ୍ୟବାସୀଙ୍କ ପାଇଁ ଏକ ଚିନ୍ତାଜନକ ଓ ନକାରାତ୍ମକ। ▶ପୃଷ୍ଠା-୭



ସକାଳ
THE SAKALA
www.sakalaepaper.com

## ନିଷିଦ୍ଧ ପାନ ମସଲା ବିଜ୍ଞାପନ
# ଶାହରୁଖ, ଅଜୟ, ଟାଇଗରଙ୍କୁ ନୋଟିସ



ମୁମ୍ବାଇ,୧୬ ।୮ (ଏଜେନ୍ସି): ନିଷିଦ୍ଧ ପାନ ମସଲାର ପରୋକ୍ଷ ପ୍ରଚାର କରୁଥିବା ଅଭିଯୋଗରେ ମହାରାଷ୍ଟ୍ର ଖାଦ୍ୟ ଏବଂ ଔଷଧ ପ୍ରଶାସନ ପକ୍ଷରୁ ଲୋକପ୍ରିୟଅଭିନେତା ଅଜୟଦେବଗନ, ଶାହରୁଖ ଖାନ ଏବଂ ଟାଇଗର ଶ୍ରଫଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି । ଅଳେଇଚ ନାମରେ ଏହି ଅଭିନେତାମାନେ ଏକ ବାରଣ ହୋଇଥିବା ପାନ ମସଲା ବ୍ରାଣ୍ଡର ପ୍ରଚାର କରୁଥିବା ବିଭାଗ ଅଭିଯୋଗ କରିଛି । ଖାଦ୍ୟ ନିରାପତ୍ତା ଆଇନ ଉଲ୍ଲଂଘନ ଅଭିଯୋଗରେ ସେମାନଙ୍କ ବିରୋଧରେ କାହିଁକି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବ, ସେନେଇ ଆସନ୍ତା ପନ୍ଦର ଦିନ ମଧ୍ୟରେ ଲିଖିତ ସ୍ପଷ୍ଟୀକରଣ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ବିଭାଗର କହିବା ଅନୁଯାୟୀ, ଏହି ବିଜ୍ଞାପନ ଦର୍ଶକଙ୍କୁ ବିଭ୍ରାନ୍ତ କରୁଛି ଏବଂ ପରୋକ୍ଷ ଭାବରେ ରାଜ୍ୟରେ ନିଷିଦ୍ଧ ଥିବା ତମାଖୁ ଜାତୀୟ ଦ୍ରବ୍ୟକୁ ପ୍ରୋତ୍ସାହନ ଦେଉଛି । ବିଭ୍ରାନ୍ତିକର ଖାଦ୍ୟ ବିଜ୍ଞାପନ ପ୍ରସାରଣ କଲେ ଆଇନ ଅନୁଯାୟୀ ଦଶ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା ଦେବାର ବ୍ୟବସ୍ଥା ରହିଛି । ଏହି କାରଣରୁ ପ୍ରଶାସନ ପକ୍ଷରୁ ଅଭିନେତାମାନଙ୍କ ଚୁକ୍ତିନାମା, ପାରିଶ୍ରମିକ ବିବରଣୀ ଏବଂ ପ୍ରଚାର ସମ୍ବନ୍ଧୀୟ ସମସ୍ତ କାଗଜପତ୍ରର ନକଲ ମାଗିବା ସହ ଘଟଣାର କଡ଼ା ତଦନ୍ତ କରାଯାଉଛି ।

# ବାରାଣସୀ ବିମାନଘାଟୀରେ ଯାଞ୍ଚ ବେଳେ ଯାତ୍ରୀଙ୍କ ବନ୍ଧୁକରୁ ଫୁଟିଲା ଗୁଳି

ବାରାଣସୀ,୧୬ ।୮ (ଏଜେନ୍ସି): ରବିବାର ଦିନ ବାରାଣସୀର ଲାଲ ବାହାଦୁର ଶାସ୍ତ୍ରୀ ବିମାନବନ୍ଦରରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ଅସ୍ତ୍ରଶସ୍ତ୍ର ଯାଞ୍ଚ କରାଯାଉଥିବା ସମୟରେ ଜଣେ ଯାତ୍ରୀଙ୍କ ପିସ୍ତଲରୁ ହଠାତ୍ ଗୁଳି ଫୁଟିଯିବାରୁ ଦୁଇ ଜଣ ବିମାନବନ୍ଦର କର୍ମଚାରୀ ଗୁରୁତର ଆହତ ହୋଇଛନ୍ତି । ସୂଚନା ଅନୁଯାୟୀ, ଆଜମଗଡ଼ ଅଞ୍ଚଳର ଜଣେ ବ୍ୟକ୍ତି ନିଜ ପତ୍ନୀଙ୍କ ସହ ଏକ ଯାତ୍ରୀବାହୀ ବିମାନ ଯୋଗେ ମୁମ୍ବାଇ ଯିବାକୁ ପ୍ରସ୍ତୁତ ହେଉଥିଲେ । ସେ ନିଜ ପାଖରେ ଏକ ପିସ୍ତଲ ଏବଂ ମାଗାଜିନ୍ ରଖିଥିଲେ, ଯାହା ବିଷୟରେ ସେ ବିମାନରେ ବସିବା ପୂର୍ବରୁ କର୍ତ୍ତୃପକ୍ଷଙ୍କୁ ଘୋଷଣା ମାଧ୍ୟମରେ ଜଣାଇଥିଲେ । ବାରାଣସୀ ବିମାନବନ୍ଦରର ନିର୍ଦ୍ଦେଶକ ପୁନୀତ ଗୁପ୍ତାଙ୍କ କହିବା ଅନୁସାରେ, ସକାଳ ପ୍ରାୟ ସାଢେ ନଅଟା ସମୟରେ ବନ୍ଧୁକ ଏବଂ ଏହାର କାଗଜପତ୍ରର ଯାଞ୍ଚ ପ୍ରକ୍ରିୟା ଚାଲିଥିଲା । ସେହି ସମୟରେ ଅସ୍ତ୍ରଶସ୍ତ୍ରର ମାଲିକ ଏବଂ ବିମାନବନ୍ଦର କର୍ମଚାରୀମାନେ ସେଠାରେ ଉପସ୍ଥିତ ଥିଲେ । ଯାଞ୍ଚ ବେଳେ ଯାତ୍ରୀଙ୍କ ହାତରୁ ଅସାବଧାନତାବଶତଃ ଗୁଳି ଫୁଟି ଯାଇଥିଲା । ଗୁଳିଟି ପ୍ରଥମେ ତଳ ଚଟାଣରେ ବାଜିବା ପରେ ପାଖରେ ଛିଡ଼ା ହୋଇଥିବା ଦୁଇ ଜଣ ସୁରକ୍ଷା ଯାଞ୍ଚ କର୍ମଚାରୀଙ୍କ ଦେହରେ ବାଜିଥିଲା । ଏହି ଦୁର୍ଘଟଣାରେ ଜଣେ ମହିଳା କର୍ମଚାରୀଙ୍କ ଜଙ୍ଘରେ ଗୁଳି ବାଜିଥିବା ବେଳେ ଅନ୍ୟ ଜଣେ ପୁରୁଷ କର୍ମଚାରୀଙ୍କ ହାତରେ ଆଘାତ ଲାଗିଛି । ଘଟଣା ପରେ ତୁରନ୍ତ ଉଭୟ ଆହତଙ୍କୁ ଉଦ୍ଧାର କରାଯାଇ ପାଖରେ ଥିବା ନ୍ୟୁ ଲକ୍ଷ୍ମୀ ଟ୍ରମା ସେଣ୍ଟର ନାମକ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି । ବର୍ତ୍ତମାନ ଉଭୟ ଆହତ କର୍ମଚାରୀଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି ଏବଂ ଡାକ୍ତରମାନେ ସେମାନଙ୍କର ଉପଯୁକ୍ତ ଚିକିତ୍ସା କରୁଛନ୍ତି ବୋଲି ବିମାନବନ୍ଦର ନିର୍ଦ୍ଦେଶକ ସୂଚନା ଦେଇଛନ୍ତି ।

### ବ୍ରିଟେନ ରାଜାଙ୍କ ରୟାଲ ଗାର୍ଡେନ୍ ପାର୍ଟିକୁ ଆମନ୍ତ୍ରିତ ହେଲେ ବିହାରୀ ରୋଷେୟା

ଲଣ୍ଡନ,୧୬ ।୮ (ଏଜେନ୍ସି): ବିହାରର ମୋତିହାରୀରେ ଜନ୍ମଗ୍ରହଣ କରିଥିବା ପ୍ରସିଦ୍ଧ ରୋଷେୟା ନନ୍ଦ କିଶୋର ଯାଦବ ବ୍ରିଟେନର ଏଡିନବରେ ରାଜା ଚାର୍ଲ୍ସ ତୃତୀୟ ଏବଂ ରାଣୀ କାମିଲାଙ୍କ ଦ୍ୱାରା ଆୟୋଜିତ ପ୍ରତିଷ୍ଠିତ ରୟାଲ ଗାର୍ଡେନ୍ ପାର୍ଟିରେ ଯୋଗଦେଇଛନ୍ତି । ସ୍କଟଲ୍ୟାଣ୍ଡର ପାଲେସ୍ ଅଫ୍ ହୋଲିରୁଡ୍ ହାଉସ୍‌ରେ ଅନୁଷ୍ଠିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ତାଙ୍କର ରୋଷେଇ କଳା, ଭାରତୀୟ ମୂଲ୍ୟବୋଧ ଏବଂ ବ୍ରିଟେନରେ ସମାଜସେବା ପାଇଁ ତାଙ୍କୁ ଏହି ନିମନ୍ତ୍ରଣ ମିଳିଛି । ୧୯୯୯ ମସିହାରୁ ନିଜର ରୋଷେଇ ଯାତ୍ରା ଆରମ୍ଭ କରିଥିବା ନନ୍ଦ ଭାରତ, ଆମେରିକା ଏବଂ ବ୍ରିଟେନର ବିଭିନ୍ନ ବିଶ୍ୱବିଖ୍ୟାତ ରୋଷେଇଘର ତଥା ଗର୍ଡନ୍ ରାମସେଙ୍କ ସହିତ କାମ କରିସାରିଛନ୍ତି । ବର୍ତ୍ତମାନ ସେ ଲଣ୍ଡନ ନିକଟସ୍ଥ ହୋଲିପୋର୍ଟରେ 'ଦି ହ୍ୱାଇଟ୍ ହାର୍ଟ' ନାମକ ଏକ ପ୍ରସିଦ୍ଧ ପବ୍ ଏବଂ 'ନିନାୟା କ୍ୟାଟରିଂ' ପରିଚାଳନା କରିବା ସହ ନିଜର 'ମିଶନ ପସିବଲ୍' ମାଧ୍ୟମରେ ବିଭିନ୍ନ ସମାଜସେବା ଏବଂ ଚାରିଟି କାର୍ଯ୍ୟରେ ସକ୍ରିୟ ଭାବେ ଜଡ଼ିତ ଅଛନ୍ତି । ବିହାରର ଏକ ସାଧାରଣ ପରିବାରରୁ ଆସି ବ୍ରିଟେନର ରାଜପରିବାରଠାରୁ ସମ୍ମାନିତ ହେବା ତାଙ୍କର ଦୀର୍ଘ ୨୫ ବର୍ଷର କଠିନ ପରିଶ୍ରମ ଏବଂ ଭାରତୀୟ ସଂସ୍କୃତି ପାଇଁ ଏକ ଗୌରବର ବିଷୟ ଅଟେ ।

### ହଙ୍ଗେରୀରେ ଓଲଟିଲା ପର୍ଯ୍ୟଟକ ବସ୍, ୧୨ ମୃତ

ବୁଦାପେଷ୍ଟ,୧୬ ।୮ (ଏଜେନ୍ସି): ହଙ୍ଗେରୀର ପୂର୍ବ ପ୍ରାନ୍ତରେ ଏକ ପୁଲିସ ପର୍ଯ୍ୟଟକ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇ ଓଲଟିପଡ଼ିବାରୁ ୧୨ ଜଣଙ୍କର ମୃତ୍ୟୁ ଘଟିଛି ଏବଂ ୧୦ ଜଣରୁ ଅଧିକ ଆହତ ହୋଇଛନ୍ତି । ରବିବାର ସକାଳେ ହଙ୍ଗେରୀର ମେଜୋକେରେସ୍ଟ୍ ସହର ନିକଟସ୍ଥ ଏମ୍-୩ ମେନ୍ ରୋଡ୍‌ରେ ପୁଲିସ ପଞ୍ଜିକୃତ ଏକ ବସ୍ ଯାଉଥିବା ସମୟରେ ହଠାତ୍ ନିୟନ୍ତ୍ରଣ ହରାଇ ଏକ ଗାତ ଭିତରକୁ ଖସି ପଡ଼ିଥିଲା । ପ୍ରାଥମିକ ତଦନ୍ତରୁ ଜଣାପଡିଛି ଯେ ଗାଡ଼ି ଚାଳକଙ୍କୁ ନିଦ ଆସିଯିବାରୁ ଏହି ଦୁର୍ଘଟଣା ଘଟିଛି । ବସ୍‌ରେ ମୋଟ ୫୭ ଜଣ ଯାତ୍ରୀ ଏବଂ ଦୁଇ ଜଣ ଡ୍ରାଇଭର ଥିଲେ । ଏହି ଦୁର୍ଘଟଣାକୁ ନେଇ ପୋଲାଣ୍ଡ ଏବଂ ହଙ୍ଗେରୀର ଶୀର୍ଷ ନେତାମାନେ ଗଭୀର ଶୋକ ପ୍ରକାଶ କରିଛନ୍ତି । ପୁଲିସ ବସ୍ ଡ୍ରାଇଭରକୁ ଗିରଫ କରିବା ସହ ଅଧିକ ତଦନ୍ତ ଚଳାଇଛି ।

### ପତ୍ନୀଙ୍କୁ ଯବାନଙ୍କ ହତ୍ୟା

ହୋସିଆରପୁର,୧୬ ।୮ (ଏଜେନ୍ସି): ପଞ୍ଜାବର ହୋସିଆରପୁର ଜିଲ୍ଲାରେ ଛୁଟିରେ ଆସିଥିବା ଜଣେ ସୀମା ସୁରକ୍ଷା ବଳ ଯବାନ ନିଜ ପତ୍ନୀଙ୍କୁ ନିର୍ମମ ଭାବେ ମାଡ଼ ମାରି ହତ୍ୟା କରିଥିବା ଅଭିଯୋଗ ହୋଇଛି । ପତ୍ନୀ ଛାତରୁ ପଡ଼ି ମୃତ୍ୟୁବରଣ କରିଥିବା ନେଇ ଯବାନ ଜଣକ ଜାଲ ରଚି ପରିବାରକୁ ଭୁଆଁ ବୁଲାଇବାକୁ ଚେଷ୍ଟା କରିଥିଲେ । ପ୍ରାୟ ୧୨ ବର୍ଷ ପୂର୍ବେ ବିବାହ କରିଥିବା ରମା ନାମକ ମହିଳାଙ୍କ ସ୍ୱାମୀ ଅମରଜିତ ସିଂହ ବିଏସଏଫରେ ଯବାନ ଅଛନ୍ତି । ଅଗଷ୍ଟ ୧୩ ରାତିରେ ସେ ଘରକୁ ଆସିବା ପରେ ପତ୍ନୀଙ୍କୁ ମାଡ଼ପିଟ୍ କରିଥିଲେ । ଏଥିରେ ତାଙ୍କର ମୃତ୍ୟୁ ଘଟିଥିଲା । ପରଦିନ ଭୋର ସମୟରେ ରମାଙ୍କ ପରିବାରକୁ ସେ ଛାତରୁ ଖସିପଡ଼ିଥିବା କଥା କହି ଡାକ୍ତରଖାନାକୁ ନେଇଥିଲେ । ମାତ୍ର ଡାକ୍ତରଖାନାରେ ପହଞ୍ଚି ମୃତଦେହରେ ଅନେକ ଆଘାତ ଚିହ୍ନ ଦେଖିବା ପରେ ପରିବାର ଲୋକଙ୍କ ସନ୍ଦେହ ହୋଇଥିଲା । ମୃତକଙ୍କ ପରିବାରର ଅଭିଯୋଗ କ୍ରମେ ପୁଲିସ ମୁଖ୍ୟ ଅଭିଯୁକ୍ତ ଅମରଜିତ ସିଂହଙ୍କୁ ଗିରଫ କରିବା ସହ ଅନ୍ୟ ଦୁଇଜଣ ସମ୍ପର୍କୀୟଙ୍କ ବିରୋଧରେ ମାମଲା ରୁଜୁ କରିଛି ।

## ଭାରତ ଗସ୍ତ ଲାଗି ବାଂଲା ପ୍ରଧାନମନ୍ତ୍ରୀଙ୍କ ସର୍ତ୍ତ
# ପ୍ରଥମେ ହସିନାଙ୍କୁ ହସ୍ତାନ୍ତର କର



ଢାକା,୧୬।୮ (ଏଜେନ୍ସି): ବାଂଲାଦେଶର ପ୍ରଧାନମନ୍ତ୍ରୀ ତାରିକ୍ ରହମାନଙ୍କ ପ୍ରସ୍ତାବିତ ଭାରତ ଗସ୍ତକୁ ନେଇ କୂଟନୈତିକ ସ୍ତରରେ ଅନିଶ୍ଚିତତା ଦେଖାଦେଇଛି । ବାଂଲାଦେଶ ସରକାର ରବିବାର ସ୍ପଷ୍ଟ କରିଛନ୍ତି ଯେ, ପ୍ରଧାନମନ୍ତ୍ରୀଙ୍କ ନୂଆଦିଲ୍ଲୀ ଗସ୍ତ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବା ଆବଶ୍ୟକ ଏବଂ ଏହି ପରିବେଶ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କ ପ୍ରତ୍ୟର୍ପଣ ସହ ସିଧାସଳଖ ଜଡ଼ିତ । ସୂଚନାଯୋଗ୍ୟ, ସେପ୍ଟେମ୍ବର ୧୨ ଓ ୧୩ରେ ଭାରତରେ ବ୍ରିକ୍ସ ସମ୍ମିଳନୀ ଅନୁଷ୍ଠିତ ହେବ । ଏଥିରେ ଯୋଗଦେବାକୁ ବାଂଲାଦେଶ ପ୍ରଧାନମନ୍ତ୍ରୀ ରହମାନଙ୍କୁ ଭାରତ ପକ୍ଷରୁ ନିମନ୍ତ୍ରଣ କରାଯାଇଛି । ତେବେ ବାଂଲାଦେଶ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଶାହିଦୁଲ କରିମ କହିଛନ୍ତି ଯେ, ଗତ ଅଗଷ୍ଟ ୫ରେ ନୂଆଦିଲ୍ଲୀରୁ ଶେଖ୍ ହାସିନାଙ୍କ ଭର୍ଚୁଆଲ୍ ସାମ୍ବାଦିକ ସମ୍ମିଳନୀ ଦ୍ୱିପାକ୍ଷିକ ସମ୍ପର୍କରେ ତିକ୍ତତା ସୃଷ୍ଟି କରିଛି । ଢାକା ଅଭିଯୋଗ କରିଛି ଯେ, ଦୋଷୀ ସାବ୍ୟସ୍ତ ହୋଇଥିବା ଜଣେ ବ୍ୟକ୍ତିଙ୍କୁ ଭାରତୀୟ ମାଟିରୁ ରାଜନୈତିକ ବୟାନବାଜି କରିବାକୁ ସୁଯୋଗ ମିଳିବା ଦୁର୍ଭାଗ୍ୟଜନକ । ୨୦୨୪ ଅଗଷ୍ଟରେ ହିଂସାତ୍ମକ ଛାତ୍ର ଆନ୍ଦୋଳନ ପରେ ଶେଖ୍ ହାସିନା ଭାରତକୁ ପଳାଇ ଯାଇଥିଲେ । ୨୦୨୫ ନଭେମ୍ବରରେ ବାଂଲାଦେଶର ସ୍ୱତନ୍ତ୍ର ଟ୍ରିବ୍ୟୁନାଲ୍ ତାଙ୍କୁ ମୃତ୍ୟୁଦଣ୍ଡାଦେଶ ଦେଇଛନ୍ତି । ଏହା ସହିତ ଛାତ୍ର ନେତା ଓସମାନ ହାଦିଙ୍କ ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ମଧ୍ୟ ଫେରାଇ ଆଣିବାକୁ ବାଂଲାଦେଶ ଦାବି କରିଛି । ଅନ୍ୟପକ୍ଷରେ, ଭାରତର ବୈଦେଶିକ ମନ୍ତ୍ରଣାଳୟ କହିଛି ଯେ ହାସିନାଙ୍କ ପ୍ରତ୍ୟର୍ପଣ ଅନୁରୋଧକୁ ଆନୁଷ୍ଠାନିକ ଆଇନଗତ ପ୍ରକ୍ରିୟା ଅନୁଯାୟୀ ଯାଞ୍ଚ କରାଯାଉଛି । ହାସିନାଙ୍କ ସାମ୍ବାଦିକ ସମ୍ମିଳନୀରେ ଭାରତ ସରକାରଙ୍କ କୌଣସି ଭୂମିକା ନଥିବା ନୂଆଦିଲ୍ଲୀ ସ୍ପଷ୍ଟ କରିଛି । ପ୍ରଧାନମନ୍ତ୍ରୀ ରହମାନଙ୍କ ଭାରତ ଗସ୍ତକୁ ନେଇ ବାଂଲାଦେଶ ଭିତରେ ମଧ୍ୟ ରାଜନୈତିକ ବିରୋଧ ଦେଖାଦେଇଛି ।



## ୮୦ତମ ସ୍ୱାଧୀନତା ଦିବସରେ ଲାଲକିଲ୍ଲାରୁ ପ୍ରତିଶ୍ରୁତି
# ବିକଶିତ ଭାରତ, ଆତ୍ମନିର୍ଭରଶୀଳତା, ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା

ନୂଆଦିଲ୍ଲୀ,୧୬ ।୮ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତର ୮୦ତମ ସ୍ୱାଧୀନତା ଦିବସ ଅବସରରେ ଲାଲକିଲ୍ଲାରୁ କ୍ରମାଗତ ୧୩ ଥର ଦେଶକୁ ସମ୍ବୋଧିତ କରିଛନ୍ତି । ଚଳିତ ବର୍ଷ ପ୍ରଥମ ଥର ପାଇଁ ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମରେ 'ବନ୍ଦେ ମାତରମ୍' ଗାନ କରାଯାଇଥିଲା । ୭୫ ମିନିଟ୍‌ର ଅଭିଭାଷଣରେ ମୁଖ୍ୟତଃ 'ବିକଶିତ ଭାରତ ୨୦୪୭', ଆତ୍ମନିର୍ଭରଶୀଳତା, ଯୁବଶକ୍ତି ଏବଂ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଉପରେ ଗୁରୁତ୍ୱ ଦିଆଯାଇଥିଲା । ୨୦୪୭ରେ ଦେଶ ସ୍ୱାଧୀନତାର ୧୦୦ ବର୍ଷ ପୂରଣ କରିବ । ସେଥିପାଇଁ ପ୍ରଧାନମନ୍ତ୍ରୀ ୭-ମୁଖୀ ଢାଞ୍ଚା ଘୋଷଣା କରିଛନ୍ତି । ସେଥିରେ ପ୍ରତିଯୋଗୀତାମୂଳକ ପରୀକ୍ଷା ପାଇଁ ମାଗଣା ଅନଲାଇନ୍ କୋଚିଂ ବ୍ୟବସ୍ଥା ରହିଛି । ପ୍ରଧାନମନ୍ତ୍ରୀ ଯୁବକମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରିବାକୁ ଆହ୍ୱାନ କରିଛନ୍ତି । ସରକାର ଆଗାମୀ ବର୍ଷ ମଧ୍ୟରେ ୧ କୋଟି ଯୁବକଯୁବତିଙ୍କୁ ଏଆଇ କୌଶଳ ପ୍ରଶିକ୍ଷଣ ପ୍ରଦାନ କରିବେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ସେହିପରି ଆଗାମୀ ୭ ରୁ ୮ ବର୍ଷ ମଧ୍ୟରେ ଦେଶରେ ୫ ରୁ ୭ଟି ନୂତନ ସେମିକଣ୍ଡକ୍ଟର ପ୍ଲାଣ୍ଟ ପ୍ରତିଷ୍ଠା କରାଯିବ । ସେହିପରି ଦେଶର ଶକ୍ତି ସୁରକ୍ଷା ଦିଗରେ ଭାରତ ୨୦୦ ଗିଗାୱାଟ୍ ପରମାଣୁ ଶକ୍ତି କ୍ଷମତା ହାସଲ କରିବାକୁ ୫ଟି ନୂତନ ପରମାଣୁ ରିଆକ୍ଟର ସ୍ଥାପନ କରାଯିବ ।

# ଯବାନ ଓ ପରିବାରର ୪ ସଦସ୍ୟଙ୍କ ସନ୍ଦେହଜନକ ମୃତ୍ୟୁ

ମୁମ୍ବାଇ,୧୬ ।୮ (ଏଜେନ୍ସି): ମୁମ୍ବାଇର କୋଲାବା ସ୍ଥିତ ନୌସେନା ନଗର ପରିସରରୁ ଜଣେ ଭାରତୀୟ ନୌସେନା କର୍ମଚାରୀ ଏବଂ ତାଙ୍କ ପତ୍ନୀଙ୍କ ସମେତ ଦୁଇଟି କଅଁଳ ଶିଶୁଙ୍କ ମୃତଦେହ ଉଦ୍ଧାର କରାଯାଇଛି । ପ୍ରାଥମିକ ତଥ୍ୟ ଅନୁଯାୟୀ ଏହା ଏକ ହତ୍ୟା ଓ ଆତ୍ମହତ୍ୟା ଘଟଣା ବୋଲି ସନ୍ଦେହ କରାଯାଉଛି । ୩୦ ବର୍ଷୀୟ ନୌସେନା କର୍ମଚାରୀ ପୂରଣମଲ୍ଲ ଶମ୍ଭୁଲାଲ ମେହେଡ଼ାଙ୍କ ଝୁଲନ୍ତା ମୃତଦେହ ଘରୁ ମିଳିଥିବା ବେଳେ ତାଙ୍କ ପତ୍ନୀ ଏବଂ ତିନି ବର୍ଷର ପୁଅ ଓ ଦୁଇ ମାସର ଶିଶୁ କନ୍ୟା ଶେଯରେ ମୃତ ଅବସ୍ଥାରେ ପଡ଼ିଥିଲେ । ପ୍ରାଥମିକ ତଦନ୍ତରୁ ଜଣାପଡିଛି ଯେ ନୌସେନା କର୍ମଚାରୀ ଜଣକ ଦଉଡ଼ି ଦେଇ ଆତ୍ମହତ୍ୟା କରିଥିବା ବେଳେ ତାଙ୍କ ପତ୍ନୀ ଏବଂ ପିଲାମାନଙ୍କୁ ବିଷ ପ୍ରୟୋଗ କରାଯାଇ ମାରିଦିଆଯାଇଛି । ସମସ୍ତ ମୃତଦେହକୁ ଉଦ୍ଧାର କରାଯାଇ ଜେଜେ ହସ୍ପିଟାଲକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି । ସ୍ଥାନୀୟ ପୁଲିସ ଘଟଣାର ତଦନ୍ତ ଜାରି ରଖିଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି କୁହାଯାଇଛି ।

# ପଶ୍ଚିମବଙ୍ଗରେ କଂଗ୍ରେସ ନେତା, ପୁଅଙ୍କୁ ଗୁଳିକରି ହତ୍ୟା

କୋଲକାତା,୧୬ ।୮ (ଏଜେନ୍ସି): ପଶ୍ଚିମବଙ୍ଗର ନଦିଆ ଜିଲ୍ଲାରେ ଜଣେ କଂଗ୍ରେସ ନେତା ଏବଂ ତାଙ୍କ ପୁଅକୁ ଅଜଣା ଦୁର୍ବୃତ୍ତମାନେ ଗୁଳି କରି ହତ୍ୟା କରିଛନ୍ତି । ଏହି ଘଟଣା ପରେ ସମଗ୍ର ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି ଏବଂ ରାଜନୈତିକ ମହଲରେ କ୍ଷୋଭ ଦେଖାଦେଇଛି । ପଶ୍ଚିମବଙ୍ଗ କଂଗ୍ରେସ କମିଟିର ସଦସ୍ୟ ତଥା ନଦିଆ ଜିଲ୍ଲା କଂଗ୍ରେସର ସାଧାରଣ ସମ୍ପାଦକ ଅନିସୁର ରହମାନ ଏବଂ ତାଙ୍କ ୨୪ ବର୍ଷୀୟ ପୁଅ ଅବୁ ସୁଫିଆନ୍ ବେଥୁଆଡ଼ହରୀରୁ କାର୍‌ରେ ନିଜ ଘରକୁ ଫେରୁଥିଲେ । ସେହି ସମୟରେ ନାଗାଡ଼ି ରେଳ ଫାଟକ ନିକଟରେ କିଛି ଦୁର୍ବୃତ୍ତ ସେମାନଙ୍କ ଗାଡ଼ି ଉପରକୁ ଗୁଳି ଚଳାଇଥିଲେ । ଗୁଳିମାଡ଼ ପରେ ସେମାନଙ୍କୁ ଧାରୁଆ ଅସ୍ତ୍ରରେ ମଧ୍ୟ ଆକ୍ରମଣ କରାଯାଇଥିଲା । ଫଳରେ ଘଟଣାସ୍ଥଳରେ ହିଁ ଉଭୟଙ୍କର ମୃତ୍ୟୁ ଘଟିଥିଲା । ଏହି ଘଟଣାକୁ ନେଇ କଂଗ୍ରେସ ନେତା ଅଧିର ରଞ୍ଜନ ଚୌଧୁରୀ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି । ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବା ବେଳେ ଫେରାର ଥିବା ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ଅଭିଯାନ ଜାରି ରହିଛି । ଏଭଳି ହିଂସାକାଣ୍ଡ ଜନସାଧାରଣଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି ।




# ଇଣ୍ଡୋନେସିଆରେ ଭୟଙ୍କର ଭୂକମ୍ପ; ୫୧ ମୃତ

ଜାକର୍ତ୍ତା,୧୬ ।୮ (ଏଜେନ୍ସି): ଇଣ୍ଡୋନେସିଆରେ ଘଟିଥିବା ଏକ ଭୟଙ୍କର ୭.୭ ତୀବ୍ରତାର ଭୂକମ୍ପରେ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇ ୫୧ ରେ ପହଞ୍ଚିଛି । ଏହି ପ୍ରାକୃତିକ ବିପର୍ଯ୍ୟୟ ପରେ ପ୍ରାୟ ୫,୦୦୦ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି । ପୂର୍ବ ନୁସା ତେଙ୍ଗାରା ପ୍ରଦେଶରେ ଶନିବାର ସକାଳେ ଏହି ଭୂକମ୍ପ ଘଟିଥିଲା, ଯାହା ପରେ ପ୍ରାୟ ୩୪୧ ଟି ପରବର୍ତ୍ତୀ ଭୂକମ୍ପ (ଆଫ୍ଟର ସକ୍) ଅନୁଭୂତ ହୋଇଛି । ଗତ କିଛି ବର୍ଷ ଭିତରେ ଦେଶରେ ଘଟିଥିବା ଏହା ସବୁଠାରୁ ବଡ଼ ଭୂକମ୍ପ ବୋଲି କୁହାଯାଉଛି । ଏହି ଦୁର୍ଘଟଣାରେ ୩୬ ଜଣ ଗୁରୁତର ଆହତ ହୋଇଥିବାବେଳେ ୭୭ ଜଣ ସାମାନ୍ୟ ଆହତ ହୋଇଛନ୍ତି । ସିକ୍କା ଅଞ୍ଚଳରେ ୩,୩୦୦ ରୁ ଅଧିକ ସ୍ଥାନୀୟ ବାସିନ୍ଦା ନିଜଆଡୁ ଘରୁ ବାହାରି ଆସି ଖେଳ ପଡ଼ିଆ କିମ୍ବା ତମ୍ବୁରେ ଆଶ୍ରୟ ନେଇଛନ୍ତି । ଭୂକମ୍ପ ଯୋଗୁଁ ୧,୩୦୦ ରୁ ଅଧିକ ଘର କ୍ଷତିଗ୍ରସ୍ତ ହୋଇଛି ଏବଂ ଭୂସ୍ଖଳନ କାରଣରୁ ଅନେକ ରାସ୍ତା ଅବରୋଧ ହୋଇରହିଛି । ଉଦ୍ଧାର କାର୍ଯ୍ୟ ପାଇଁ ୩,୫୦୦ ରୁ ଅଧିକ ସେନା ଏବଂ ପୁଲିସ କର୍ମଚାରୀଙ୍କୁ ମୁତୟନ କରାଯାଇଛି ।

# ନାଲ୍‌ସାର୍ ବିବାଦ: କ୍ଷମା ମାଗିଲେ ବାର୍ କାଉନସିଲ୍ ଅଧ୍ୟକ୍ଷ

ନୂଆଦିଲ୍ଲୀ, ୧୬ ।୮ (ଏଜେନ୍ସି): ଭାରତୀୟ ବାର କାଉନସିଲ୍ (ବିସିଆଇ) ଅଧ୍ୟକ୍ଷ ମନନ କୁମାର ମିଶ୍ର ନାଲସାର ଆଇନ ବିଶ୍ୱବିଦ୍ୟାଳୟର ସ୍ନାତକ ଛାତ୍ରଛାତ୍ରୀଙ୍କ ପଞ୍ଜୀକରଣକୁ ନେଇ ଜାରି ହୋଇଥିବା ବିବାଦୀୟ ନିର୍ଦ୍ଦେଶ ପ୍ରତ୍ୟାହାର କରିବା ପରେ ଦେଶର ଆଇନ ଛାତ୍ରଛାତ୍ରୀଙ୍କୁ କ୍ଷମା ପ୍ରାର୍ଥନା କରିଛନ୍ତି । ସ୍ୱାଧୀନତା ଦିବସ ଅବସରରେ ଏକ ବିବୃତ୍ତି ଜାରି କରି ମିଶ୍ର କହିଛନ୍ତି ଯେ ସାମ୍ପ୍ରତିକ ଘଟଣାକ୍ରମ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିନ୍ତା ସୃଷ୍ଟି କରିଥିଲା ଏବଂ ତାଙ୍କର କୌଣସି ଶବ୍ଦ କିମ୍ବା ଚିଠି ଯଦି କାହାର ଭାବନାକୁ ଆଘାତ ଦେଇଥାଏ, ସେଥିପାଇଁ ସେ ଆନ୍ତରିକ ଭାବରେ କ୍ଷମା ପ୍ରାର୍ଥନା କରୁଛନ୍ତି । ଛାତ୍ରଛାତ୍ରୀଙ୍କ ଭାବନା ଏବଂ ଚିନ୍ତାକୁ ସମ୍ମାନ ଜଣାଇବା କୌଣସି ଅହଙ୍କାରର ବିଷୟ ନୁହେଁ ବୋଲି ସେ ମତ ଦେଇଛନ୍ତି । ଭାରତର ମୁଖ୍ୟ ବିଚାରପତି ସୂର୍ଯ୍ୟ କାନ୍ତଙ୍କୁ ନାଲସାର ସମାବର୍ତ୍ତନ ଉତ୍ସବକୁ ନିମନ୍ତ୍ରଣ କରିବା ନେଇ କିଛି ଛାତ୍ରଛାତ୍ରୀ ବିରୋଧ କରିବା ପରେ,



ବିସିଆଇ ପକ୍ଷରୁ ପ୍ରଥମେ ସମସ୍ତ ସ୍ନାତକ ଛାତ୍ରଛାତ୍ରୀଙ୍କ ଆଇନଜୀବୀ ପଞ୍ଜୀକରଣ ନ କରିବାକୁ ଆଦେଶ ଜାରି କରାଯାଇଥିଲା । ତେବେ ଏହାକୁ ନେଇ ଦେଶବ୍ୟାପୀ ବ୍ୟାପକ ସମାଲୋଚନା ହେବା ପରେ କିଛି ଘଣ୍ଟା ମଧ୍ୟରେ ସେହି ଆଦେଶ ପ୍ରତ୍ୟାହାର କରାଯାଇଥିଲା । ମୁଖ୍ୟ ବିଚାରପତି ମଧ୍ୟ ଏହି ଆଦେଶକୁ କଡ଼ା ଭାଷାରେ ସମାଲୋଚନା କରିଥିଲେ । ଆଇନ ଛାତ୍ରଛାତ୍ରୀ ଦେଶର ସବୁଠାରୁ ସଚେତନ ନାଗରିକ ବୋଲି ପ୍ରଶଂସା କରିବା ସହ ମିଶ୍ର ଶାନ୍ତିପୂର୍ଣ୍ଣ ପ୍ରତିବାଦକୁ ସାମ୍ବିଧାନିକ ଗଣତନ୍ତ୍ରର ଅଂଶ ବୋଲି କହିଛନ୍ତି । ସମ୍ବେଦନଶୀଳ ପ୍ରସଙ୍ଗରେ ବାହାର ପ୍ରଭାବରେ କୌଣସି ରାଜନୈତିକ ରଙ୍ଗ ନ ଦେଇ ଏହାର ସମାଧାନ କରିବାକୁ ସେ ଆହ୍ୱାନ କରିଛନ୍ତି ।

### କ୍ଷମା ମାଗନ୍ତୁ ସୋନିଆ: ଅମିତ ଶାହ

ନୂଆଦିଲ୍ଲୀ,୧୬ ।୮ (ଏଜେନ୍ସି): ସ୍ୱାଧୀନତା ଦିବସ ଅବସରରେ କଂଗ୍ରେସ ମୁଖ୍ୟ କାର୍ଯ୍ୟାଳୟରେ ଜାତୀୟ ଗୀତ 'ବନ୍ଦେ ମାତରମ୍' ଗାନକୁ ଅଧାରେ ବନ୍ଦ କରାଯାଇଥିବା ଅଭିଯୋଗ ହୋଇଛି । ଏନେଇ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀଙ୍କୁ ସମାଲୋଚନା



କରିଛନ୍ତି । ଏହି ଅପମାନ ପାଇଁ ସେ କଂଗ୍ରେସ ଦଳକୁ ଦେଶବାସୀଙ୍କ ନିକଟରେ କ୍ଷମା ମାଗିବାକୁ ଦାବି କରିଛନ୍ତି । ରାଜସ୍ଥାନର ଚିତ୍ତୋରଗଡ଼ରେ ଏକ ସାଧାରଣ ସଭାକୁ ସମ୍ବୋଧିତ କରି ଶାହ କହିଛନ୍ତି ଯେ ସୋନିଆ ଗାନ୍ଧୀ ଜାତୀୟ ଗୀତ ଚାଲିଥିବା ସମୟରେ ଏହାକୁ ଅଧାରେ ବନ୍ଦ କରିବାକୁ କହିଥିଲେ । ଭୋଟ୍ ବ୍ୟାଙ୍କ ରାଜନୀତି ପାଇଁ କଂଗ୍ରେସ ଦେଶର ସ୍ୱାଧୀନତା ସଂଗ୍ରାମୀମାନଙ୍କ ବଳିଦାନକୁ ଭୁଲିଯାଇଛି ବୋଲି ସେ ଅଭିଯୋଗ କରିଛନ୍ତି । ଅନ୍ୟପକ୍ଷରେ କଂଗ୍ରେସ ଏହି ଅଭିଯୋଗକୁ ଖଣ୍ଡନ କରି କହିଛି ଯେ ଦଳୀୟ ସଭାପତି ମଲ୍ଲିକାର୍ଜୁନ ଖର୍ଗେ ଅସୁସ୍ଥ ଥିବାରୁ ତାଙ୍କ ପାଇଁ ଚୌକି ବ୍ୟବସ୍ଥା କରିବାକୁ ସୋନିଆ ଗାନ୍ଧୀ ସେହି ସମୟରେ ଇଙ୍ଗିତ କରିଥିଲେ, ଜାତୀୟଗୀତ ବନ୍ଦ କରିବାକୁ ନୁହେଁ । ଏହା ଏକ ମିଥ୍ୟା ବିବାଦ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି । ଏହି ଅବସରରେ ଗୃହମନ୍ତ୍ରୀ ଅମିତ ଶାହ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ କାର୍ଯ୍ୟକାଳ ଓ ପୋଖରାନ ପରୀକ୍ଷଣର ପ୍ରଶଂସା କରିଥିଲେ ।

# ୟୁକ୍ରେନୀୟ ଗୁପ୍ତଚରଙ୍କୁ ହତ୍ୟା; ମହିଳା ଗିରଫ

ମସ୍କୋ,୧୬ ।୮ (ଏଜେନ୍ସି): ରୁଷିଆ ନିୟନ୍ତ୍ରଣାଧୀନ କ୍ରିମିଆରେ ଏକ ଭୟଙ୍କର ବିସ୍ଫୋରଣ ଘଟିଛି, ଯେଉଁଥିରେ ଜଣେ ଉଚ୍ଚପଦସ୍ଥ ୟୁକ୍ରେନୀୟ ପଳାତକ ତଥା ରୁଷୀୟ ନୌସେନା ଅଧିକାରୀଙ୍କ ମୃତ୍ୟୁ ହୋଇଛି । ଏହି ହତ୍ୟାକାଣ୍ଡରେ ସଂପୃକ୍ତି ଅଭିଯୋଗରେ ରୁଷୀୟ କର୍ତ୍ତୃପକ୍ଷ ଜଣେ ୩୨ ବର୍ଷୀୟା ମହିଳାଙ୍କୁ ଗିରଫ କରିଛନ୍ତି । ରିପୋର୍ଟ ଅନୁଯାୟୀ, ନିହତ ବ୍ୟକ୍ତି ଜଣକ ହେଉଛନ୍ତି ୪୯ ବର୍ଷୀୟ ରବର୍ଟ ଶାଗେଭ, ଯିଏକି ପୂର୍ବରୁ ଜଣେ ୟୁକ୍ରେନୀୟ ନୌସେନା ଅଧିକାରୀ ଥିଲେ ଏବଂ ପରେ ରୁଷିଆର କ୍ରେମଲିନର 'ବ୍ଲାକ୍ ସି' ଫ୍ଲିଟ୍‌ରେ ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ । ଏହି ଆକ୍ରମଣ ମାର୍ଗାରିଟା ରେଉଟ୍ ନାମକ ଜଣେ ମହିଳାଙ୍କ ଦ୍ୱାରା କରାଯାଇଥିବା ଅଭିଯୋଗ ହୋଇଛି ।



# ମସ୍କୋ ଉପରେ ୬୦୦ ଡ୍ରୋନ୍ ଆକ୍ରମଣ

ମସ୍କୋ, ୧୬।୮ (ଏଜେନ୍ସି): ରୁଷର ରାଜଧାନୀ ମସ୍କୋ ଏବଂ ଏହାର ଆଖପାଖ ଅଞ୍ଚଳକୁ ଟାର୍ଗେଟ କରି ୟୁକ୍ରେନ ପକ୍ଷରୁ ରାତିସାରା ଏକ ବଡ଼ଧରଣର ଡ୍ରୋନ୍ ଆକ୍ରମଣ କରାଯାଇଛି । ରୁଷ କର୍ତ୍ତୃପକ୍ଷଙ୍କ ଦାବି ମୁତାବକ, ରାଜଧାନୀ ଉପରେ ପ୍ରାୟ ୬୦୦ଟି ଡ୍ରୋନ୍ ମାଡ଼ ହୋଇଛି, ଯେଉଁଥିରେ ତିନିଜଣ ଆହତ ହୋଇଛନ୍ତି । ଗତ କିଛି ସପ୍ତାହ ହେବ ୟୁକ୍ରେନ ପକ୍ଷରୁ ରୁଷର ଅଭ୍ୟନ୍ତରୀଣ ଅଞ୍ଚଳରେ ଥିବା ସାମରିକ, ଶିଳ୍ପ ଏବଂ ବାଣିଜ୍ୟିକ କେନ୍ଦ୍ରଗୁଡ଼ିକୁ ଟାର୍ଗେଟ କରାଯାଉଛି । ରବିବାର ସକାଳ ପର୍ଯ୍ୟନ୍ତ ଜାରି ରହିଥିବା ଏହି ଆକ୍ରମଣ ସମୟରେ ମସ୍କୋ ଅଞ୍ଚଳରେ ୨୦୦ରୁ ଅଧିକ ଡ୍ରୋନକୁ ନଷ୍ଟ କରିଦିଆଯାଇଥିବା ମେୟର ସର୍ଗେଇ ସୋବିଆନିନ ସୂଚନା ଦେଇଛନ୍ତି । ଏହି ଆକ୍ରମଣ ଯୋଗୁଁ ରାଜଧାନୀର ରିଙ୍ଗ ରୋଡ୍ ନିକଟବର୍ତ୍ତୀ ଅଞ୍ଚଳରେ ତିନିଜଣ ଆହତ ହୋଇଛନ୍ତି । ସେପଟେ ୟୁକ୍ରେନ ସୀମାକୁ ଲାଗି ରହିଥିବା ରୁଷର ଦକ୍ଷିଣ ରୋଷ୍ଟୋଭ୍ ଅଞ୍ଚଳରେ ମଧ୍ୟ ଭୀଷଣ ଆକ୍ରମଣ ହୋଇଛି, ଯେଉଁଠାରେ ତିନିଜଣଙ୍କର ମୃତ୍ୟୁ ଘଟିଥିବା ଏବଂ ଅନେକ କୋଠାବାଡ଼ି ଓ ରେଳଷ୍ଟେସନ କ୍ଷତିଗ୍ରସ୍ତ ହୋଇଥିବା ପ୍ରାଦେଶିକ ପ୍ରଶାସନ ପକ୍ଷରୁ କୁହାଯାଇଛି । ବର୍ଷ ବର୍ଷ ଧରି ଚାଲିଥିବା ଏହି ଯୁଦ୍ଧରେ ୟୁକ୍ରେନ ଏବେ ରୁଷର ଅଭ୍ୟନ୍ତରୀଣ ଅଞ୍ଚଳକୁ ଟାର୍ଗେଟ କରି ନିଜର ଆକ୍ରମଣକୁ ଆହୁରି ଜୋରଦାର କରିଛି । ରୁଷର ପ୍ରତିରକ୍ଷା ବାହିନୀ ଏଭଳି ବ୍ୟାପକ ଆକ୍ରମଣର ମୁକାବିଲା ପାଇଁ ସତର୍କ ରହିଥିବା ବେଳେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଛି ।

ବୁଢ଼ାବଳଙ୍ଗରେ ବନ୍ୟା

# ଟ୍ରକ୍, ଟ୍ରାକ୍ଟର ଡାଲାରେ ସଂସାର

## ବିପନ୍ନଙ୍କୁ ମିଳୁନି ଖାଦ୍ୟ, ପାନୀୟଜଳ





ବାଲେଶ୍ୱର,୧୬।୮ (ସମିସ): ବାଲେଶ୍ୱରରେ ବନ୍ୟା ଯୋଗୁଁ ସୃଷ୍ଟି ହୋଇଛି ଏକ ବିଭୀଷିକାମୟ ପରିସ୍ଥିତି। ବୁଢ଼ାବଳଙ୍ଗ ନଦୀର ବର୍ଦ୍ଧିତ ଜଳରାଶି ଆଜି ଶହ ଶହ ପରିବାରକୁ ବିପନ୍ନ କରିଛି। ଚାରିଆଡ଼େ କେବଳ ପାଣି। ନିଜର ଭିଟାମାଟି, ବର୍ଷ ବର୍ଷର ଝାଳବୁହା ସଜଡ଼ା ଘରଦ୍ୱାର ଆଜି ପାଣିରେ ବୁଡ଼ି ରହିଥିବାବେଳେ ଟିକିଏ ଆଶ୍ରୟ ଆଶାରେ ରାସ୍ତା କଡ଼ରେ ଠିଆ ହୋଇଥିବା ଟ୍ରାକ୍ଟର ଟ୍ରଲି ଓ ଟ୍ରକ୍ ଡାଲାହିଁ ଦୁର୍ଦ୍ଦଶାଗ୍ରସ୍ତ ମଣିଷ ଆଶ୍ରୟ ନେଇଛନ୍ତି। ବାଲେଶ୍ୱର ସଦର ବ୍ଲକ୍ ଅନ୍ତର୍ଗତ ଦହପଡ଼ା ଏବଂ ଏହାର ଆଖପାଖ ଅଞ୍ଚଳରେ ବୁଢ଼ାବଳଙ୍ଗ ନଦୀର ଜଳସ୍ତର ଅପ୍ରତ୍ୟାଶିତ ଭାବେ ବୃଦ୍ଧି ପାଇବା ଯୋଗୁଁ ସମଗ୍ର ଗାଁ ଏବେ ସମ୍ପୂର୍ଣ୍ଣ ଜଳମଗ୍ନ। ଲଗାତାର ଜଳସ୍ରୋତରେ ଏକାଧିକ କଚ୍ଚା ଘର ଭାଙ୍ଗି ଲୋଟିପଡ଼ିଥିବାବେଳେ ଜୀବନ ବିକଳରେ ବିପନ୍ନମାନେ ନିଜ ଗୃହପାଳିତ ପଶୁଙ୍କୁ ଧରି ବାଲେଶ୍ୱର-ଫୁଲାଡ଼ି ରାସ୍ତା ପାଶ୍ୱର୍କୁ ଚାଲିଆସିଛନ୍ତି। ଖୋଲା ଆକାଶ ତଳେ, ରାସ୍ତା କଡ଼ରେ ରଖାଯାଇଥିବା ଟ୍ରାକ୍ଟର ଟ୍ରଲି ଉପରେ ଖଣ୍ଡିଏ ଖଣ୍ଡିଏ ପ୍ଲାଷ୍ଟିକ୍ ତାରପାଲି ଟାଣି ଜୀବନ ବଞ୍ଚାଇବାର କଠୋର ସଂଘର୍ଷ କରୁଛନ୍ତି। ସେହି ଅତି କ୍ଷୁଦ୍ର ଓ ସଂକୀର୍ଣ୍ଣ ଲୁହା ଟ୍ରଲି ଭିତରେ ବନ୍ଧା ହୋଇଛି ବାସନକୁସନ, ବିସ୍କୁଟ୍ କାର୍ଟୁନ ଆଉ କୋମଳମତି ଶିଶୁଙ୍କ ଅଧାଭିଜା ଲୁଗାପଟା। ଘରର ଚାଳ ଉପରୁ ଗୃହପାଳିତ ପଶୁଙ୍କୁ ବଞ୍ଚାଇ ଆଣିବାଠାରୁ ଆରମ୍ଭ କରି ରୋଗିଣା, ବୃଦ୍ଧ ବାପା-ମା'ଙ୍କୁ ସୁରକ୍ଷିତ ରଖିବା ପର୍ଯ୍ୟନ୍ତ ସବୁକିଛି ଆଜି ଏହି ଚକା ଲଗା ଡାଲା ମଧ୍ୟରେ ସୀମିତ ହୋଇରହିଛି। ରାତିର କାଳ ଅନ୍ଧାର, ମଶାଙ୍କ ପ୍ରାଦୁର୍ଭାବ, ସାପ-ବିଛାଙ୍କ ଭୟ ଏବଂ ପେଟର ଭୋକ ମଧ୍ୟରେ ସମୟ ସେମାନଙ୍କ ପାଇଁ ଯେପରି ସ୍ଥାଣୁ ପାଲଟିଯାଇଛି। ଶୁଖିଲା ଖାଦ୍ୟ ଗଣ୍ଡିଏ, ଟୋପାଏ ବିଶୁଦ୍ଧ ପାନୀୟ ଜଳ ପାଇଁ ଚାହିଁ ରହିଥିବାବେଳେ ତାହା ତାଙ୍କୁ ମିଳିପାରୁନାହିଁ। ନଦୀରୁ କିପରି ପାଣି ଖସିବ, ସେ ନେଇ ଠାକୁରଙ୍କୁ ପ୍ରାର୍ଥନା କରୁଛନ୍ତି। ପ୍ରଶାସନ ପକ୍ଷରୁ ସମୟସୀମା ଭିତରେ ପର୍ଯ୍ୟାପ୍ତ ଶୁଖିଲା ଖାଦ୍ୟ, ପାନୀୟ ଜଳ ଓ ଅସ୍ଥାୟୀ ତାରପାଲି ଯୋଗାଇ ଦିଆଯାଉ ନଥିବା ନେଇ ଦୁର୍ଦ୍ଦଶାଗ୍ରସ୍ତ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ଆସୁଛି ବଡ଼ ଲଘୁଚାପ ବର୍ଷା

# ମୟୂରଭଞ୍ଜକୁ ରେଡ୍ ୱାର୍ଣ୍ଣିଂ

ବାରିପଦା,୧୬।୮ (ସମିସ): ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନ ସମେତ ମୟୂରଭଞ୍ଜ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ରହିଛି। ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଜିଲ୍ଲା ପାଇଁ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଥିବାବେଳେ ବଜ୍ରପାତ ସହ ଘଣ୍ଟାପ୍ରତି ୪୦ରୁ ୫୦ କିଲୋମିଟର ବେଗରେ ପବନ ବହିବାର ପୂର୍ବାନୁମାନ କରାଯାଇଛି। ବିଗତ

- ଆଜି ଜିଲ୍ଲାର ସମସ୍ତ ଅଙ୍ଗନବାଡି ଓ ସ୍କୁଲ ଛୁଟି ଘୋଷଣା
- ୧୯ ତାରିଖ ପର୍ଯ୍ୟନ୍ତ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ

୨୪ ଘଣ୍ଟା ମଧ୍ୟରେ ଜିଲ୍ଲାର ଯଶିପୁର, ବାରିପଦା, ମୋରଡ଼ା, ବଡ଼ସାହି, ଖୁଣ୍ଟା, ରରୁଆଁ, କରଞ୍ଜିଆ, ଜାମଦା ଓ ଶୁକ୍ରୁଲି ଅଞ୍ଚଳରେ ପ୍ରବଳ ବର୍ଷା ରେକର୍ଡ କରାଯାଇଛି। ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ମୟୂରଭଞ୍ଜ ଜିଲ୍ଲାପାଳ ଜିଲ୍ଲାର ସମସ୍ତ ସରକାରୀ ଅଧିକାରୀ/କର୍ମଚାରୀଙ୍କ ଛୁଟି ୧୯ ତାରିଖ ପର୍ଯ୍ୟନ୍ତ ବାତିଲ କରିଛନ୍ତି। ସେହିପରି ଜିଲ୍ଲାପାଳଙ୍କ ନିର୍ଦ୍ଦେଶାନୁସାରେ ଜିଲ୍ଲା ଶିକ୍ଷାଧିକାରୀ ସୋମବାର ଦିନ ଜିଲ୍ଲାର ସମସ୍ତ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ବିଦ୍ୟାଳୟ ଛୁଟି ରହିବ ବୋଲି ଘୋଷଣା କରିଛନ୍ତି। ତେବେ ଛାତ୍ରଛାତ୍ରୀଙ୍କ ପାଇଁ ପାଠପଢ଼ା ବନ୍ଦ ରହିବାକୁ ଥିବାବେଳେ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅଣଶିକ୍ଷଣ କର୍ମଚାରୀ ନିର୍ଦ୍ଧାରିତ ସମୟରେ ବିଦ୍ୟାଳୟରେ ଉପସ୍ଥିତ ରହି ନିଜର ଦାୟିତ୍ୱ ତୁଲାଇବାକୁ ସ୍ପଷ୍ଟ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଡିଏସଡବ୍ଲୁଓ ଜିଲ୍ଲାର ସମସ୍ତ ଅଙ୍ଗନବାଡି କେନ୍ଦ୍ର ବନ୍ଦ ଘୋଷଣା କରିଛନ୍ତି। ସମ୍ଭାବ୍ୟ ପ୍ରବଳ ବର୍ଷା ଓ ଜଳବନ୍ଦୀ ସ୍ଥିତିକୁ ଏଡ଼ାଇବା ପାଇଁ ସାଧାରଣ ଲୋକଙ୍କୁ ସତର୍କ ରହିବା ସହ ନିରାପଦ ସ୍ଥାନରେ ଆଶ୍ରୟ ନେବାକୁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି। ଜିଲ୍ଲାରେ ଭାରି ବର୍ଷା ଓ ବନ୍ୟାର ପ୍ରଭାବରେ ବିସ୍ତୃତ କ୍ଷତି ହୋଇଛି।

ଜିଲ୍ଲା ପ୍ରଶାସନରୁ ମିଳିଥିବା ସୂଚନା ମୁତାବକ, ୧୬ ଅଗଷ୍ଟ ସନ୍ଧ୍ୟା ୫ଟା ସୁଦ୍ଧା ୨୨ଟି ବ୍ଲକ ପ୍ରଭାବିତ ହୋଇଛି। ଏହି ପରିସ୍ଥିତିରେ ୫୪ଟି ଗ୍ରାମ ପଞ୍ଚାୟତ ଓ ୧୨୬ଟି ଗାଁ ପ୍ରଭାବିତ ହୋଇଛି। ସହରାଞ୍ଚଳରେ ବାରିପଦା ମ୍ୟୁନିସିପାଲିଟିର ୮ଟି ୱାର୍ଡ ପ୍ରଭାବିତ ହୋଇଛି। ଘରବାଡ଼ି କ୍ଷତି ଦିଗରେ ୫୩୨ଟି ଘର କ୍ଷତିଗ୍ରସ୍ତ ହୋଇଛି। ଏଥିମଧ୍ୟରୁ ୨୨ଟି ଝୋପଡ଼ି ଓ ୨୫ଟି ଗୁହାଳ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ବନ୍ୟା ପୀଡ଼ିତଙ୍କୁ ସାହାଯ୍ୟ କରିବା ପାଇଁ ରବିବାର ୪ଟି ମାଗଣା ଭୋଜନାଳୟରେ ୫୯୦ ଜଣ ଲାଭାନ୍ୱିତ ହୋଇଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ପରିସ୍ଥିତି ଉପରେ ନଜର ରଖାଯାଉଛି ଓ ଆବଶ୍ୟକ ସାହାଯ୍ୟ କାର୍ଯ୍ୟ ଜାରି ରହିଛି।

# କେନ୍ଦୁଝର ପାଇଁ ରେଡ୍‌ୱାର୍ଣ୍ଣିଂ ଜାରିକଲା ପାଣିପାଗ ବିଭାଗ

କେନ୍ଦୁଝର,୧୬।୮ (ସମିସ): ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଆସନ୍ତାକାଲି (ସୋମବାର) କେନ୍ଦୁଝର ଜିଲ୍ଲାରେ ପ୍ରବଳ ବର୍ଷା ହେବା ନେଇ ସୂଚନା ମିଳିବା ପରେ, ସତର୍କତା ମୂଳକ ପଦକ୍ଷେପ ସ୍ୱରୂପ ଯୋଡ଼ା ବ୍ଲକରେ ହେବାକୁ ଥିବା ଜିଲ୍ଲାପାଳ

- ଆଜି ବନ୍ଦ ରହିବ ଜିଲ୍ଲାର ସମସ୍ତ ଶିକ୍ଷାନୁଷ୍ଠାନ
- ଯୋଡ଼ାରେ ସାପ୍ତାହିକ ଅଭିଯୋଗ ଶୁଣାଣି ସ୍ଥଗିତ

ଓ ଆରକ୍ଷୀ ଅଧୀକ୍ଷକଙ୍କ ସାପ୍ତାହିକ ଅଭିଯୋଗ ଶୁଣାଣିକୁ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି। ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ପାଇଁ ରେଡ୍ ୱାର୍ଣ୍ଣିଂ ଜାରି ହୋଇଥିବାରୁ ଏବଂ ଯାତାୟତ ଓ ଯୋଗାଯୋଗ ବାଧାପ୍ରାପ୍ତ ହେବାର ଆଶଙ୍କା ଥିବାରୁ ଏହି ନିଷ୍ପତ୍ତି ନିଆଯାଇଛି। ନାଗରିକମାନଙ୍କୁ ଅନାବଶ୍ୟକ ଯାତ୍ରା ନକରିବାକୁ ଏବଂ ପାଣିପାଗ ସମ୍ବନ୍ଧୀୟ ବିପଦ ପ୍ରତି ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ଏହାସହିତ ଅଧିକ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ, ଖରାପ ପାଣିପାଗ ଓ ଆଇଏମଡିର ଚେତାବନୀକୁ ଦୃଷ୍ଟିରେ ରଖି କେନ୍ଦୁଝର ଜିଲ୍ଲାର ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ, କଲେଜ ଓ ଅଙ୍ଗନବାଡି ବନ୍ଦ ରଖିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଛାତ୍ରଛାତ୍ରୀ, ଶିକ୍ଷକ ଓ ଅନ୍ୟାନ୍ୟ ସ୍କୁଲ କର୍ମଚାରୀମାନଙ୍କ ସୁରକ୍ଷା ନିଶ୍ଚିତ କରିବା ପାଇଁ ଏହି ପଦକ୍ଷେପ ନିଆଯାଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ ସତର୍କ ରହିବାକୁ, ସରକାରୀ ନିର୍ଦ୍ଦେଶାବଳୀ ପାଳନ କରିବାକୁ ଏବଂ ଏହି ଖରାପ ପାଣିପାଗ ସମୟରେ କର୍ତ୍ତୃପକ୍ଷଙ୍କୁ ସହଯୋଗ କରିବାକୁ ଅନୁରୋଧ କରାଯାଇଛି। ଲୋକମାନଙ୍କୁ ପାଣିପାଗ ବିଭାଗ ଏବଂ ଜିଲ୍ଲା ପ୍ରଶାସନର ସରକାରୀ ସୂଚନା ମାଧ୍ୟମରେ ଅପଡେଟ୍ ରହିବାକୁ ମଧ୍ୟ ପରାମର୍ଶ ଦିଆଯାଇଛି।

# ଜୁଡିଆ ଘାଟି ଓ କାଞ୍ଜିପାଣି ଘାଟିରେ ଭୂସ୍ଖଳନ



କେନ୍ଦୁଝର,୧୬।୮ (ସମିସ): ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ କେନ୍ଦୁଝର ଜିଲ୍ଲା ଦେଇ ଯାଇଥିବା ଜାତୀୟ ରାଜପଥ ୪୯ ନଂ ର କାଞ୍ଜିପାଣି ଥାନା ଅଧୀନ କାଞ୍ଜିପାଣି ଘାଟି ଓ କେନ୍ଦୁଝର ସହର ନିକଟବର୍ତ୍ତୀ ଜୁଡିଆ ଘାଟିରେ ଭୁସ୍ଖଳନ ଘଟି ୪ ଥାକିଆ ରାସ୍ତାର ଗୋଟିଏ ପାଶ୍ୱର୍ରେ ଗାଡି ଚଳାଚଳ ଯାତାୟତ ବାଧାପ୍ରାପ୍ତ ହୋଇଛି। ଜାତୀୟ ରାଜପଥ ୪୯ର ଗୋଟିଏ ପାଶ୍ୱର୍ରେ ଗାଡି ଗୁଡ଼ିକ ଚଳାଚଳ କରୁଥିବାବେଳେ ଜାତୀୟ ରାଜପଥ ପ୍ରାଧିକରଣ ପକ୍ଷରୁ ମେସିନ ଲଗାଇ ରାସ୍ତାରୁ ପଥର ଏବଂ ମାଟି ଉଠାଯିବା ସହ ରାସ୍ତା ସଫା କାମ ଜାରିରହିଛି। ବର୍ଷା ଲାଗି ରହିଥିବାରୁ ଅଧିକ ଭୁସ୍ଖଳନ ଆଶଙ୍କା ରହିଥିବାରୁ ପ୍ରଶାସନ ପକ୍ଷରୁ ସତର୍କତା ଅବଲମ୍ବନ କରାଯାଇଛି। କାଞ୍ଜିପାଣି ଘାଟିରେ ମାଟି ଅତଡ଼ାଖସି ଗୋଟିଏ ପାଶ୍ୱର୍ର ରାସ୍ତା ୧୫ଘଣ୍ଟା ଧରି ବନ୍ଦ ରହିଥିଲା। ଏନ୍‌ଏଚ୍‌ଏଆଇ ପକ୍ଷରୁ ରାସ୍ତାରୁ ମାଟି ସଫେଇ କରାଯିବା ପରେ ଶନିବାର ରାତି ୮ ଟାରେ ଉଭୟ ପାଶ୍ୱର୍ରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା। ଜାତୀୟରାଜପଥ ୪୯ ର ଜୁଡ଼ିଆ ଘାଟିରେ ଲଗାଣବର୍ଷା ଫଳରେ ୭ଟି ସ୍ଥାନରେ ମାଟି ଓ ବଡ଼ ବଡ଼ ପଥର ଖସି ଗୋଟିଏ ପାଶ୍ୱର୍ରେ ଗାଡ଼ି ଚଳାଚଳ ବନ୍ଦ ରହିଛି। ରାସ୍ତା ପାଶ୍ୱର୍ର ପାହାଡ଼ରୁ ମାଟି ଓ ପଥର ହଟାଇବା ପରେ ପୁଣି ବଡ଼ ବଡ଼ ପଥର ରାସ୍ତାରେ ପଡୁଛି। ୩୦ ଘଣ୍ଟାରୁ ଅଧିକ ସମୟ ଗୋଟିଏ ପାଶ୍ୱର୍ରେ ଗାଡ଼ି ଚଳାଚଳ ବନ୍ଦ ଥିବାବେଳେ ଆଜି ରାତି ୯ଟା ସୁଦ୍ଧା ଗାଡି ଚଳାଚଳ ସ୍ୱାଭାବିକ ହେବ ବୋଲି ଜଣାପଡ଼ିଛି। ତୁହାକୁ ତୁହା ବର୍ଷା ହେଉଥିବାରୁ ସଫେଇ କାର୍ଯ୍ୟରେ ବିଳମ୍ବ ହେଉଛି। ଅନ୍ୟପଟରେ ଗୋଟିଏ ଲେନରେ ଯାନବାହାନ ଯିବା ଆସିବା କରୁଥିବାରୁ ଟ୍ରାଫିକ ସମସ୍ୟା ଉପୁଜିବା ସହିତ ରାସ୍ତା ଜାମ ରହୁଛି। ଜାତୀୟ ରାଜପଥ ସଫେଇ କାମରେ ୩ଟି ପ୍ରୋକଲେନ,୬ଟି ହାଇୱା,୩ଟି ଜେସିବି,ଗୋଟିଏ ହାଇଡ୍ରା କ୍ରେନ ଗାଡି ନିୟୋଜିତ ଅଛି। ଜାତୀୟ ରାଜପଥ ପ୍ରାଧିକରଣ ପ୍ରକଳ୍ପ ନିଦେ୍ର୍ଦଶକ କାର୍ତ୍ତିକ ରେଡ୍ଡୀ ଘଟଣାସ୍ଥଳରେ ଉପସ୍ଥିତ ରହି ପରିସ୍ଥିତି ପ୍ରତି ନଜର ରଖିଛନ୍ତି। ପାହାଡ଼ ତୀଖ ଥିବାରୁ ବାରମ୍ବାର ପଥର ପଡୁଛି। ଜୁଡିଆ ଘାଟି ରାସ୍ତା ପାଶ୍ୱର୍ର ପାହାଡରୁ ପଥର ଓ ମାଟି ଅତଡା ଖସୁ ଥିବାରୁ ପଥଚାରୀ ଏବଂ ଗାଡିମଟର ପାଇଁ ବିପଦ ସୃଷ୍ଟି କରିଛି। ଜୁଡିଆ ଓ କାଞ୍ଜିପାଣି ଘାଟି ରାସ୍ତା ପାଶ୍ୱର୍ର ପାହାଡ଼ରେ ତାର ଜାଲି ଏବଂ ଗାଡୱାଲ ଦିଆଯାଇଥିଲେ ମଧ୍ୟ ଲଗାଣ ବର୍ଷା ହେଲେ ଏଠାରେ ଭୁସ୍ଖଳନ ହେଉଛି। ପଥଚାରୀଙ୍କ ସୁରକ୍ଷା ପାଇଁ ଏହାର ସ୍ଥାୟୀ ପ୍ରତିକାର ପାଇଁ ଦାବି ହୋଇଛି। ମାଟିର ପରୀକ୍ଷା କରାଯାଇ ପଥର ଖସୁଥିବା ସ୍ଥାନରେ ଜଙ୍ଗଲ ବିଭାଗ ଅନୁମତି ନେଇ ଶୀତ ଦିନରେ ବେଂଚ କଟିଂ କରାଗଲେ ଭୁସ୍ଖଳନ କମିବ ବୋଲି ମତପ୍ରକାଶ ପାଇଛି।

ଗ୍ରାମ୍ୟ ଉନ୍ନୟନ ବିଭାଗର ସଂକଳ୍ପ ଜାରି

# ଦୁର୍ଗମ ଓ ମାଓପ୍ରଭାବିତ ଗ୍ରାମକୁ ସବୁଦିନିଆ ସଡ଼କ


ଭୁବନେଶ୍ୱର,୧୬।୮ (ସମିସ): ରାଜ୍ୟରେ ଦୁର୍ଗମ ତଥା ବାମପନ୍ଥୀଉଗ୍ରବାଦପ୍ରଭାବିତଅଞ୍ଚଳରଅସଂଯୁକ୍ତଗ୍ରାମଗୁଡ଼ିକୁ ସବୁଦିନିଆ ସଡ଼କ ସଂଯୋଗୀକରଣ ଯୋଗାଇଦେବା ଉଦ୍ଦେଶ୍ୟରେ ରାଜ୍ୟ ସରକାର 'ଏମଏମଏସୱାଇ-ଦୁର୍ଗମ ଅଞ୍ଚଳରେ ଅସଂଯୋଜିତ ଗ୍ରାମଗୁଡ଼ିକର ସଂଯୋଗୀକରଣ' ଯୋଜନା ଆରମ୍ଭ କରିଥିଲେ। ନିକଟରେ ଏହି ଯୋଜନାକୁ ୨୦୨୬-୨୭ରୁ ୨୦୩୦-୩୧ ଅର୍ଥାତ୍ ୫ ବର୍ଷ ବୃଦ୍ଧି ପାଇଁ କ୍ୟାବିନେଟର ଅନୁମୋଦନ ମଧ୍ୟ ମିଳିଥିଲା। ଶୁକ୍ରବାର ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏନେଇ ବିଧିବଦ୍ଧ ଭାବରେ ସଂକଳ୍ପ ପ୍ରକାଶ ପାଇଛି। ଯୋଜନା ପାଇଁ ୧୩୦୦ କୋଟି ବ୍ୟୟବରାଦ ହୋଇଥିବା ବେଳେ ମୋଟ ୨୦୯୯ କିମି ନୂଆ ସଡ଼କ ନିର୍ମାଣ ହେବ।

ସଂକଳ୍ପ ଅନୁଯାୟୀ ନିର୍ମାଣ ହେବାକୁ ଥିବା ନୂଆ ସଡ଼କ ପ୍ରକଳ୍ପ କେବଳ ଗୁଇନ୍ଦା ବିଭାଗର ସୁପାରିଶ କ୍ରମେ ନିଆଯିବ। ବାମପନ୍ଥ ଉଗ୍ରବାଦ ଅଞ୍ଚଳରେ ବିଏସଏଫ ଜବାନଙ୍କର ସ୍ଥାନାନ୍ତରଣ ତଥା ଉଗ୍ରବାଦ ପ୍ରଭାବ ହ୍ରାସ ପାଇଁ ଏହି ପଦକ୍ଷେପ ଗ୍ରହଣ କରାଯିବ। ସେହିପରପି ଆବଶ୍ୟକୀୟ ସ୍ଥାନରେ ସୁପାରିଶ ଆଧାରରେ ନୂଆ ବ୍ରିଜ ନିର୍ମାଣ ପାଇଁ ମଧ୍ୟ ତ୍ୱରିତ୍ ପଦକ୍ଷେପ ଗ୍ରହଣ କରାଯିବ। ସ୍ଥାନୀୟ ଅଞ୍ଚଳର ଗ୍ରାମ୍ୟ ଉନ୍ନୟନ ଡିଭିଜନର ଅଧିକ୍ଷଣ ଯନ୍ତ୍ରୀ/କାର୍ଯ୍ୟନିର୍ବାହୀ ଯନ୍ତ୍ରୀ, ଗୁଇନ୍ଦା ବିଭାଗର ଅଧିକାରୀ ଭାବେ ମିଳିତ ବାବେ ପ୍ରକଳ୍ପ ସ୍ଥାନ ଚୟନ କରି ବିସ୍ତୃତ ରିପୋର୍ଟ ବିଭାଗ ନିକଟରେ ଦାଖଲ କରିବେ। ଏହି ଅବଧି ମଧ୍ୟରେ ପ୍ରାୟ ୧୧୫୦ କିମି ନୂତନ ସଡ଼କ ଏବଂ ୯୪୯ କିଲୋମିଟର ଦୈର୍ଘ୍ୟର ଚାଲୁ ରହିଥିବା ପ୍ରକଳ୍ପ ନିର୍ମାଣ ହେବ ବୋଲି ଜଣାପଡ଼ିଛି।

ଥାନାରୁ ଅଭିଯୁକ୍ତ ଫେରାର

# ୨ ପୁଲିସ କର୍ମଚାରୀ ନିଲମ୍ବିତ

ବିଞ୍ଝାରପୁର,୧୬।୮ (ସମିସ): ଯାଜପୁର ଜିଲ୍ଲା ବିଞ୍ଝାରପୁର ଥାନା ଅଙ୍ଗଲୋ ଗ୍ରାମରେ ଘଟିଥିବା ଚୋରି ମାମଲାରେ ସନ୍ଦେହରେ ଥାନାକୁ ଅଣାଯାଇଥିବା ଜଣେ ବ୍ୟକ୍ତି ଶନିବାର ଅପରାହ୍ଣରେ କୌଶଳକ୍ରମେ ଥାନାରୁ ଫେରାର ହୋଇଯାଇଥିବା ଜଣାପଡ଼ିଛି। ଫେରାର ବ୍ୟକ୍ତି ଜଣକ ଟୁକୁନା ଦାସ ବୋଲି ସୂଚନା ମିଳିଛି। ଟୁକୁନା ଫେରାର ହେବା ପରେ ତାଙ୍କୁ ଧରିବା ପାଇଁ ବିଞ୍ଝାରପୁର ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ ସହ ଖୋଜାଖୋଜି ଜାରି ରହିଛି। ତେବେ ରବିବାର ସନ୍ଧ୍ୟା ସୁଦ୍ଧା ତାଙ୍କର କୌଣସି ସନ୍ଧାନ ମିଳିନଥିବା ଜଣାପଡ଼ିଛି। ଘଟଣା ସମ୍ପର୍କରେ ପୁଲିସ ପକ୍ଷରୁ ତଦନ୍ତ ଜାରି ରହିଛି। ଅନ୍ୟପକ୍ଷରେ କର୍ତ୍ତବ୍ୟରେ ଅବହେଳା ଅଭିଯୋଗରେ ଦୁଇଜଣ ପୁଲିସ କର୍ମଚାରୀଙ୍କୁ ନିଲମ୍ବନ କରାଯାଇଛି। ବିଞ୍ଝାରପୁର ଥାନାର ଏଏସଆଇ ରାଧାକାନ୍ତ ମାଝୀ ଓ କନଷ୍ଟେବଲ ସୁନିଲ କୁମାର କୁଲୁଙ୍କୁ ଯାଜପୁର ଏସ୍‌ପି ଯଶ ପ୍ରତାପ ଶ୍ରୀମଲ୍ ନିଲମ୍ବିତ କରିଥିବା ସୂଚନା ମିଳିଛି।




ଡାକ୍ତରୀ ଶିକ୍ଷା

# ବହୁ ପଛରେ ଓଡ଼ିଶା

ଭୁବନେଶ୍ୱର,୧୬।୮ (ସମିସ): ଦେଶରେ ମେଡିକାଲ ଶିକ୍ଷାର ଭିତ୍ତିଭୂମି ଦ୍ରୁତ ଭାବେ ବୃଦ୍ଧି ପାଉଥିବାବେଳେ ଓଡ଼ିଶା ଏ କ୍ଷେତ୍ରରେ ଏବେ ବି ଅନେକ ରାଜ୍ୟଠାରୁ ପଛରେ ରହିଛି। ୨୦୨୬ ଜୁଲାଇ ୩୦ ସୁଦ୍ଧା ଦେଶରେ ସରକାରୀ ଓ ଘରୋଇ ମିଶାଇ ମୋଟ ୮୪୬ଟି ମେଡିକାଲ କଲେଜ ଓ ଏଥିରେ ୧,୩୯,୮୬୪ ଏମ୍‌ବିବିଏସ୍ ସିଟ୍ ଥିବାବେଳେ ଓଡ଼ିଶାରେ ୨୧ଟି ମେଡିକାଲ କଲେରେ ସିଟ୍ ସଂଖ୍ୟା ରହିଛି ମାତ୍ର ୩,୦୭୫। ସରକାରୀ ମେଡିକାଲ କଲେଜଗୁଡ଼ିରେ ଅଧିକ ସିଟ୍ ପାଇଁ କେନ୍ଦ୍ରୀୟ ମଞ୍ଜୁରୀ ମିଳୁନାହିଁ; ଅନୁରୂପ ଭାବରେ ଘରୋଇ ମେଡିକାଲ କଲେଜଗୁଡ଼ିକରେ ମଧ୍ୟ ଆସନ ସଂଖ୍ୟା ବୃଦ୍ଧି ଆବେଦନକୁ କେନ୍ଦ୍ର ସରକାର ଗ୍ରହଣ କରୁନାହାନ୍ତି। ଯାହାଫଳରେ ପ୍ରତିବର୍ଷ ଓଡ଼ିଶାରୁ ହଜାର ହଜାର ଛାତ୍ରଛାତ୍ରୀ ଅନ୍ୟ ରାଜ୍ୟରେ ଡାକ୍ତରୀ ପାଠ ପଢ଼ିବାକୁ ଯାଉଥିବା ଦେଖାଯାଉଛି।

କେନ୍ଦ୍ର ସରକାରଙ୍କ ତଥ୍ୟ ଅନୁସାରେ, ଓଡ଼ିଶାରେ ମୋଟ ୨୧ଟି ମେଡିକାଲ କଲେଜ ମଧ୍ୟରୁ ୧୫ଟି ସରକାରୀ ଓ ୬ଟି ଘରୋଇ ସଂସ୍ଥାଦ୍ୱାରା ପରିଚାଳିତ। ୧୫ଟି ସରକାରୀ ମେଡିକାଲ କଲେଜରେ ମାତ୍ର ୧,୯୭୫ଟି ସିଟ୍ ଥିବାବେଳେ ଘରୋଇ କଲେଜରେ ରହିଛି ମାତ୍ର ୧,୧୦୦ଟି ସିଟ୍। ଅନ୍ୟ ରାଜ୍ୟରେ ମେଡିକାଲ କଲେଜ ଓ ଆସନ ସଂଖ୍ୟା ସହ ଓଡ଼ିଶାକୁ ତୁଳନା କଲେ ସାଧାରଣତଃ ନିରାଶ ହେବାକୁ ପଡ଼େ। ଉତ୍ତରପ୍ରଦେଶରେ ୯୦ଟି ମେଡିକାଲ କଲେଜରେ ୧୪,୨୫୦ଟି ଏମ୍‌ବିବିଏସ୍ ସିଟ୍ ରହିଛି। ମହାରାଷ୍ଟ୍ରରେ ୮୭ଟି କଲେଜରେ ୧୩,୨୨୪ ସିଟ୍, ତାମିଲନାଡୁରେ ୭୯ଟି କଲେଜରେ ୧୪,୦୪୯ ସିଟ୍ ଏବଂ କର୍ଣ୍ଣାଟକରେ ୭୫ଟି କଲେଜରେ ୧୫,୪୪୫ଟି ଏମ୍‌ବିବିଏସ୍ ସିଟ୍ ରହିଛି।

- ୨୧ କଲେଜରେ ମୋଟ ୩,୦୭୫ ଏମ୍‌ବିବିଏସ୍ ସିଟ୍
- ୬ଟି ଘରୋଇ ମେଡିକାଲ କଲେଜରେ ମାତ୍ର ୧୧୦୦ ସିଟ୍

ଅନୁରୂପ ଭାବରେ ତେଲଙ୍ଗାନାରେ ୬୭ଟି କଲେଜରେ ୧୦,୩୫୦ଟି, ରାଜସ୍ଥାନରେ ୫୨ଟି କଲେଜରେ ୮,୨୩୦ଟି, ଗୁଜରାଟରେ ୪୩ଟି କଲେଜରେ ୭,୮୨୫ଟି ଏବଂ ଆନ୍ଧ୍ରପ୍ରଦେଶରେ ୪୧ଟି କଲେଜରେ ୭,୬୪୦ ଏମ୍‌ବିବିଏସ୍ ସିଟ୍ ଥିବା ସୂଚନା ମିଳିଛି। ସବୁଠାରୁ ଚିନ୍ତାଜନକ ଦିଗ ହେଉଛି ଘରୋଇ ମେଡିକାଲ ଶିକ୍ଷା କ୍ଷେତ୍ରରେ ଓଡ଼ିଶାର ସୀମିତ କ୍ଷମତା। କର୍ଣ୍ଣାଟକରେ ୫୧ଟି ଘରୋଇ ମେଡିକାଲ କଲେଜରେ ୧୦,୯୫୫ଟି ଏମ୍‌ବିବିଏସ୍ ସିଟ୍ ରହିଛି। ତାମିଲନାଡୁରେ ୪୧ଟି ଘରୋଇ କଲେଜରେ ୮,୬୫୦ ସିଟ୍ ଏବଂ ଉତ୍ତରପ୍ରଦେଶରେ ୩୯ଟି ଘରୋଇ କଲେଜରେ ୮,୩୦୦ଟି ସିଟ୍ ରହିଛି। ଏହା ତୁଳନାରେ ଓଡ଼ିଶାରେ ମାତ୍ର ୬ଟି ଘରୋଇ ମେଡିକାଲ କଲେଜ ଏବଂ ୧,୧୦୦ ଏମ୍‌ବିବିଏସ୍ ସିଟ୍ ରହିଛି। ଏହି ସୀମିତ କ୍ଷମତାର ସିଧାସଳଖ ପ୍ରଭାବ ରାଜ୍ୟର ମେଡିକାଲ ଆସନ ପାଇଁ ପ୍ରତିଯୋଗିତା ଉପରେ ପଡୁଛି। ଓଡ଼ିଶାରେ ମେଡିକାଲ ସିଟ୍ ସଂଖ୍ୟା ଯଥେଷ୍ଟ ନ ବୃଦ୍ଧି ନ ହେବା ଯୋଗୁଁ ରାଜ୍ୟର ଛାତ୍ରଛାତ୍ରୀଙ୍କୁ ଅନ୍ୟ ରାଜ୍ୟ ଉପରେ ଅଧିକ ନିର୍ଭର କରିବାକୁ ପଡୁଛି। ପୁଣି ବାହାରେ ପଢ଼ାଇବା ପାଇଁ ଅଧିକ ଫି' ମଧ୍ୟ ରାଜ୍ୟର ମଧ୍ୟବିତ୍ତ ଓ ନିମ୍ନ ଆୟ ବର୍ଗର ପରିବାରର ପିଲାମାନଙ୍କର ଡାକ୍ତର ହେବା ସ୍ୱପ୍ନକୁ ସମାଧି ଦେଉଛି।

## ୮୦ତମ ସ୍ୱାଧୀନତା ଦିବସ

# ଗାଁଠୁ ସହର ସବୁଠି ଉଡ଼ିଲା ତ୍ରିରଙ୍ଗା









ଯାଜପୁର,୧୬।୮ (ସମିସ): ସ୍ଥାନୀୟ ପ୍ରଶାସନିକ ଭବନ ପଡ଼ିଆରେ ୮୦ତମ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଜିଲ୍ଲାପାଳଙ୍କ ସହ ଆରକ୍ଷୀ ଅଧିକ୍ଷକ ଯଶପ୍ରତାପ ଶ୍ରୀମାଲ୍ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ନିଜ ଅଭିଭାଷଣରେ ସ୍ୱାଧୀନତା ହେଉଛି ଭୟରୁ ମୁକ୍ତି, ଦାରିଦ୍ର୍ୟରୁ ମୁକ୍ତି, ଅଶିକ୍ଷାରୁ ମୁକ୍ତି, ଆର୍ଥିକ ଅସମାନତାରୁ ମୁକ୍ତି ଏବଂ ଅନ୍ଧବିଶ୍ୱାସରୁ ମୁକ୍ତି, ରୋଗରୁ ମୁକ୍ତି ବୋଲି କହିଥିଲେ। ଏହା ପରେ ମୁଖ୍ୟଅତିଥି ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଏବଂ ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ୟାରେଡ୍ ପରେ ଜିଲ୍ଲା ପ୍ରଶାସନର ବିଭିନ୍ନ ବିଭାଗ ପକ୍ଷରୁ ପ୍ରଜ୍ଞାପନ ମେଢ଼ ପ୍ରଦର୍ଶନ ହୋଇଥିଲା। ଏହାସହ ବିଭିନ୍ନ ଶିକ୍ଷାନୁଷ୍ଠାନ ଦ୍ୱାରା ଦେଶାତ୍ମବୋଧକ ସଙ୍ଗୀତ ସମ୍ବଳିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଅବସରରେ ମୁଖ୍ୟଅତିଥି ବାଲାଶ୍ରମ, କୁଷ୍ଠାଶ୍ରମ ଓ ଜେଲର ଅନ୍ତେବାସୀଙ୍କୁ ମିଠେଇ ବଣ୍ଟନ କରିବା ସହ ମୁଖ୍ୟ ଚିକିତ୍ସାଳୟର ରୋଗୀମାନଙ୍କୁ ଫଳ ବଣ୍ଟନ କରିଥିଲେ। ପୂର୍ବରୁ ମୁଖ୍ୟଅତିଥି କିଆଳାସ୍ଥିତ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି, ଗାନ୍ଧୀ ଛକ ସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଓ ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସରରେ ଥିବା ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପ୍ରତ୍ୟୁଷ ଘ.୪.୩୦ ମିନିଟ ସମୟରେ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ର ମାଧ୍ୟମରେ ରାଷ୍ଟ୍ରୀୟ ପରିବେଷଣ କରାଯାଇଥିଲା। ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ପ୍ରଭାତ ଫେରୀ କରିଥିଲେ। ୮୦ତମ ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ଦେବୀପ୍ରସାଦ ମହାନ୍ତି, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶାଣିକସ କାନୁନଗୋ, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଜିଲ୍ଲା ପରିଷଦ ଉପସଭାପତି ଗଣେଶ୍ୱର ବରାଳ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ସମାଜସେବୀ ଗୌତମ ରାୟ, ବିଭିନ୍ନ ବିଭାଗର ଅଧିକାରୀ, ଜିଲ୍ଲାର ବିଶିଷ୍ଟ ବ୍ୟକ୍ତି, ବୁଦ୍ଧିଜୀବୀ, ଗଣମାଧ୍ୟମ ପ୍ରତିନିଧି, ଲୋକ ପ୍ରତିନିଧି, ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ଜନସାଧାରଣ ଯୋଗ ଦେଇଥିଲେ। ଦିବସର ସମସ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ସଂଯୋଜନା କରିଥିବା ବେଳେ ସୂଚନା ଓ ଲୋକସଂପର୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।

**ପାଣିକୋଇଲି:** ପାଣିକୋଇଲିସ୍ଥିତ ଜିଲ୍ଲା ପୁଲିସ ମୁଖ୍ୟାଳୟ, ପାଣିକୋଇଲି ଥାନା, ମା' ତାରିଣୀ ଟ୍ୟାକ୍ସି ଓ ପିକ୍‌ଅପ୍ ଆସୋସିଏସନ, ବରିଷ୍ଠ ନାଗରିକ ମଞ୍ଚ, ମା' ତାରିଣୀ ଟ୍ରକ୍ ମାଲିକ ସଙ୍ଘ ପାଣିକୋଇଲି, ଗୋଳେଇପୁର, କରଦା, ମୂଳାପାଳ ଓ ପଥରପଦା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, ଆମେ ବିପଦରେ ସାଥି ପାଣିକୋଇଲି ଓ ହାଟସାହି ପ୍ରାଥମିକ କୃଷି ସେବା ସମବାୟ ସମିତି, ପଥରପଦା ନେତାଜୀ ଯୁବକ ସଙ୍ଘ, ।ମେ ଆପଣଙ୍କ ପାଇଁ ହେଲପିଙ୍ଗ ଗ୍ରୁପ, ଶେଷ ପରିଚୟ ବୃଦ୍ଧାଶ୍ରମ, ଓଡ଼ିଆ ସରକାରୀ ପ୍ରାଥମିକ ବିଦ୍ୟାଳୟ, ପଥରପଦା ଉପ୍ରା ବିଦ୍ୟାଳୟ, ମାତାରିଣୀ ମହାବିଦ୍ୟାଳୟ, ପାଣିକୋଇଲି ସରକାରୀ ଉଚ୍ଚ ବିଦ୍ୟାଳୟ, ମା' ତାରିଣୀ ବାଳିକା ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟ, ବିଦ୍ୟା ସ୍କୁଲ ଓ କଲେଜ, ଜବାହର ନବୋଦୟ ବିଦ୍ୟାଳୟ, ମୂଳାପାଳ, ପାଣିକୋଇଲି ଓ ଅମୃତୀ ସରସ୍ୱତୀ ଶିଶୁ ମନ୍ଦିର, କୋରାଇ ପ୍ରେସ କ୍ଲବ, ଦୁର୍ଗା କମିଟି ସମେତ ସବୁଠି ଆଡମ୍ବରରେ ସ୍ୱାଧୀନତା ଦିବସ ପାଳିତ ହୋଇଛି। ଏହି ଅବସରରେ ଶରତ ଚନ୍ଦ୍ର ଦାସଙ୍କ ନେତୃତ୍ୱରେ ଆଶୀର୍ବାଦ ଆଗ୍ରୋ ଇଣ୍ଡଷ୍ଟ୍ରୀ ପକ୍ଷରୁ ଏକ ବିଶାଳ ବାଇକ ଶୋଭାଯାତ୍ରା ତ୍ରିରଙ୍ଗା ଯାତ୍ରା ମିଲରୁ ବାହାରି ଓଡ଼ିଆ ଓ ଧନପୁର ଗ୍ରାମ ପରିକ୍ରମା କରିଥିଲା।

**ବିଞ୍ଝାରପୁର:** ବିଞ୍ଝାରପୁର ବ୍ଲକର ଯୁପପଲ୍ଲୀରେ ୮୦ତମ ସ୍ୱାଧୀନତା ଦିବସ ପାଳିତ ହୋଇଛି। ଏହି ଅବସରରେ ବିଭିନ୍ନ ସରକାରୀ, ବେସରକାରୀ କାର୍ଯ୍ୟାଳୟ ଓ ଶିକ୍ଷାନୁଷ୍ଠାନରେ ଜାତୀୟ ପତାକା ଉତ୍ତୋଳନ ସହ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ବିଞ୍ଝାରପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ବ୍ଲକ ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ ପତାକା ଉତ୍ତୋଳନ କରିଥିଲେ। ଏଥିରେ ବିଡିଓ ଛବିରାଣୀ ସାହୁ, ତହସିଲଦାର ପ୍ରମୋଦ କୁମାର ବାସ୍କେଙ୍କ ସମେତ ବ୍ଲକର ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ବିଞ୍ଝାରପୁର ଥାନା ପରିସରରେ ଆଇଆଇସି ବିଜୁଳିଙ୍ଗଳ ସେଠୀ ଏବଂ ଅଳକୁଣ୍ଡ ଥାନାରେ ଥାନାଧିକାରୀ ବିଜୁ ରାଉତ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏଥିରେ ପୁଲିସ ଅଧିକାରୀ ଓ କର୍ମଚାରୀମାନେ ଯୋଗଦେଇଥିଲେ। ବିଞ୍ଝାରପୁର ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ଶାଖାଲତା ସାହୁ, ଅଳକୁଣ୍ଡ ପଞ୍ଚାୟତରେ ସରପଞ୍ଚ ସୁଶାନ୍ତ ଦାସ, ମାଁସରା ପଞ୍ଚାୟତରେ ସରପଞ୍ଚ କଳିକା ଦାସ, ଶାସନ ପଞ୍ଚାୟତରେ ସରପଞ୍ଚ କାମଦେବ ଧଳ, ଉଲରକୁଳ ପଞ୍ଚାୟତରେ ସରପଞ୍ଚ ପ୍ରତିକ୍ରିଷ୍ଣା ଜେନା ଏବଂ ଅରେଇ ପଞ୍ଚାୟତରେ ସରପଞ୍ଚ ସ୍ମୃତି ସମୀକ୍ଷା ମଲ୍ଲିକ ପତାକା ଉତ୍ତୋଳନ କରିଥିଲେ। କଏଣ-ରଘୁନାଥପୁର ପଞ୍ଚାୟତରେ ସରପଞ୍ଚ ନିଶିପ୍ରଭା ଜେନା, ସଗଡପୁର ପଞ୍ଚାୟତରେ ସରପଞ୍ଚ ଏମ୍ବି ସବିର ଏବଂ ବିଞ୍ଝାରପୁର ପାଙ୍କରେ ସଭାପତି ଅଶୋକ ସାହୁ ଜାତୀୟ ପତାକା ଉତ୍ତୋଳନ କରିଥିଲେ।

**ଦାନଗଦି:** ଟାଟା ଷ୍ଟିଲ୍ କଳିଙ୍ଗନଗର (ଟିଏସ୍‌କେ) ଏବଂ ନୀଳାଚଳ ଇସ୍ପାତ ନିଗମ (ଏନଆଇଏନଏଲ) ପରିସରରେ ୮୦ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଟାଟା ଷ୍ଟିଲ୍ କଳିଙ୍ଗନଗରର ଅପରେସନ୍ସ ଭାଇସ୍ ପ୍ରେସିଡେଣ୍ଟ ଉତ୍ତମ ସିଂହ, ଟିଏସ୍‌କେ ଓ ଟାଟା ଷ୍ଟିଲ୍ କଳିଙ୍ଗନଗର ୱାର୍କର୍ସ ୟୁନିଅନର ବରିଷ୍ଠ ଅଧିକାରୀ ତଥା ସ୍ଥାନୀୟ ଜନସାଧାରଣଙ୍କ ଉପସ୍ଥିତିରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସୁରକ୍ଷା ବାହିନୀ ଦ୍ୱାରା ପ୍ରଦର୍ଶିତ ପରେଡ୍ ଏବଂ ଡ୍ରିଲ୍ ଉପସ୍ଥିତ ଅତିଥିମାନଙ୍କୁ ବିମୋହିତ କରିଥିଲା। ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ସୁରକ୍ଷା ଏବଂ ଅଗ୍ନିଶମ ବାହିନୀର କର୍ମଚାରୀମାନଙ୍କୁ ସମ୍ମାନିତ କରାଯିବା ସହ କାର୍ଯ୍ୟକ୍ରମ ଉଦଯାପିତ ହୋଇଥିଲା। ଏହି ଉତ୍ସବର ଏକ ଅଂଶ ଭାବରେ, ପୂର୍ବ ଦିନ ଟିଏସକେର କୋଲ୍ଡ ରୋଲିଂ ମିଲ୍‌ର ଯୁଗ୍ମ ବିକାଶ ପରିଷଦ ପକ୍ଷରୁ ପ୍ଲଟ୍-୨ ଅଡିଟୋରିୟମରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଯେଉଁଥିରେ କର୍ମଚାରୀ, ସେମାନଙ୍କ ପରିବାରବର୍ଗ ଏବଂ ଚୁକ୍ତିଭିତ୍ତିକ ଶ୍ରମିକମାନଙ୍କୁ ମିଶାଇ ୨୧୧ ରୁ ଅଧିକ ବ୍ୟକ୍ତି ଉତ୍ସାହର ସହିତ ରକ୍ତଦାନ କରିଥିଲେ। ସେହିପରି ନୀଳାଚଳ ଇସ୍ପାତ ନିଗମରେ ଏନଆଇଏନଏଲର, ଏମ୍‌ଡି ତଥା ସିଏଇଓ ପଦ୍ମପାଳ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନଙ୍କ ଉପସ୍ଥିତିରେ ପତାକା ଉତ୍ତୋଳନ କରିଥିଲେ। ଦାନଗଦି ବିଜେଡି କାର୍ଯ୍ୟାଳୟ ଠାରେ ପୂର୍ବତନ ମନ୍ତ୍ରୀ ଡ. ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଏଥିରେ ବ୍ଲକ ସଭାପତି ଗୋପାଳ ଚନ୍ଦ୍ର ବାରିକ, କାର୍ଯ୍ୟକାରୀ ସଭାପତି ଜଗନ୍ନାଥ ଧୀର, ଲୋକନାଥ ଧୀର, ବ୍ଲକ ଅଧକ୍ଷା ଅର୍ଚ୍ଚନା ଦାସ, ଉପାଧ୍ୟକ୍ଷ ଅଜୟ ବିନ୍ଧାଣୀ, ରୁଦ୍ରନାରାୟଣ ଦାସ, ସେକ ଜାହିଦ, ଜଟିଆ ପାତ୍ର, ମନୋଜ ପାତ୍ର, ଆଜାର ଅହମ୍ମଦ ଖାନ ପ୍ରମୁଖଙ୍କ ସମେତ ଶତାଧିକ ବିଜେଡ଼ି କର୍ମୀ ଉପସ୍ଥିତ ଥିଲେ। କଂଗ୍ରେସ କାର୍ଯ୍ୟାଳୟ ଠାରେ ବିଭୂ ଭୂଷଣ ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ ଜରିଥିଲେ। ବ୍ଲକ କଂଗ୍ରେସ ସଭାପତି ଦୟାନିଧି ପଲେଇ, ସମ୍ପାଦକ ବବୁ ଜେନାମଣି, ରଞ୍ଜନ ଧୀରଙ୍କ ସମେତ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ। ବ୍ଲକ କାର୍ଯ୍ୟାଳୟ ଠାରେ ବ୍ଲକ ଅଧକ୍ଷା ଅର୍ଚ୍ଚନା ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିବା ବେଳେ ବିଡିଓ ପ୍ରଦୀପ କୁମାର ସେଠୀ, ଉପାଧ୍ୟକ୍ଷ ଅଜୟ ବିନ୍ଧାଣୀ, ଜିଲ୍ଲାପରିଷଦ ସଭ୍ୟା ସୁଚିତ୍ରା ବିଶ୍ୱାଳ, ସୁଧାଂଶୁ ଭଞ୍ଜ, ପ୍ରଶାନ୍ତ ରାୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପରେ ବ୍ଲକ କର୍ମଚାରୀ, ମହିଳା ଏବଂ ଛାତ୍ର ଛାତ୍ରୀ ମାନଙ୍କୁ ନେଇ ହାତରେ ଫ୍ଲା କାର୍ଡ ଧରି ହର ଘର ତ୍ରିରଙ୍ଗା ସ୍ଲୋଗାନ ମାନଦେଇ ଦାନଗଦି ବଜାର ପରିକ୍ରମା କରିଥିଲେ।

**ସୁକିନ୍ଦା:** ସୁକିନ୍ଦା ସ୍ଥିତ ଥାଡ୍‌ର୍ ଇଣ୍ଡିଆନ ରିଜର୍ଭ ବାଟାଲିୟନ ପରିସରରେ ୮୦ତମ ସ୍ୱାଧୀନତା ଦିବସ ।ଳିତ ହୋଇଯାଇଛି। ଏହି ଅବସରରେ ଦୁର୍ଗପତି ୟାକୁବ୍ ଖାନ୍ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପରେ ବାଟାଲିୟନର ଶୃଙ୍ଖଳିତ ଯବାନମାନଙ୍କ ପକ୍ଷରୁ ଆକର୍ଷଣୀୟ ପ୍ୟାରେଡ୍ ପ୍ରଦର୍ଶନ କରାଯାଇଥିଲା। ଦୁର୍ଗପତି ୟାକୁବ ଖାନ ପ୍ୟାରେଡ ଅଭିବାଦନ ଗ୍ରହଣ କରିଥିଲେ। ଏହି ବିଶେଷ କାର୍ଯ୍ୟକ୍ରମରେ ସୁକିନ୍ଦା ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ, ଥାନା ଅଧିକାରୀ ରମାକାନ୍ତ ମୁଦୁଲି, ରେଞ୍ଜର ସତ୍ୟବ୍ରତ, ବନପାଳ ରାମ ତିରିଆ, ମନୋରମା ହୋତାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

**କୁଆଖିଆ:** କୁଆଖିଆ ସ୍ଥିତ ବିଜୁନଗରଠାରେ ଥିବା ଲାୟନ୍ସ କ୍ଲବ ଓ ବାସନ୍ତୀ ଚାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଚିରା ଚରିତ ଭାବେ ପତକା ଉତ୍ତୋଳନ ପରିବର୍ତ୍ତେ ଜଣେ ସହିଦ ଯବାନ ପରିବାରର ବୟସ୍କ ପିତାଙ୍କ ଦ୍ୱାରା ପତାକା ଉତ୍ତୋଳନ କରାଯାଇଥିଲା। ପତାକା ଉତ୍ତୋଳନ ପରେ ଅନୁଷ୍ଠିତ ସାଧାରଣ ସଭାରେ ସାମାଜିକ କର୍ମୀ ଦେବବ୍ରତ ରାଉତ ସଭାପତିତ୍ୱ କରିଥିବା ବେଳେ ଏହି ସାଧାରଣ ସଭାରେ ସହିଦ ଯବାନଙ୍କ ପିତା କୀର୍ତନ ବିହାରୀ ପଣ୍ଡାଙ୍କୁ ସମାଜସେବୀ ଜନ୍ମେଜୟ ସାହୁ, ସାମାଜିକ କର୍ମୀ ଦେବବ୍ରତ ରାଉତ, ଯୁବ ସଂଗଠକ ସରୋଜ କୁମାର ସାହୁ, ଯଶୋବନ୍ତ ଦାସ, ଶିଶିର କୁମାର ପଣ୍ଡା, ଦେବାଶିଷ ନାୟକ ଓ ମାନସ ଆଚାର୍ଯ୍ୟ ନାଗରିକ ସମ୍ବର୍ଦ୍ଧନା ଦେଇଥିଲେ।

**ବରୀ:** ବରୀର ବିଭିନ୍ନ କାର୍ଯ୍ୟାଳୟ ଏବଂ ଶିକ୍ଷାନୁଷ୍ଠାନ ମାନଙ୍କରେ ସ୍ୱାଧନତା ଦିବସ ପାଳିତ ହୋଇଯାଇଛି। ମୁଖ୍ୟଉତ୍ସବ ବରୀ ବ୍ଲକ କାର୍ଯ୍ୟାଳୟ ପରିସରରେ ବିଧାୟକ ବିଶ୍ୱରଞ୍ଜନ ମଲିକ ଜାତୀୟ ପତାକା ଉତ୍ତୋଳନ କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଉପାଧ୍ୟକ୍ଷା ଅର୍ଚ୍ଚନା ମଲିକ, ବ୍ଲକ ସଭାପତି କେଦାର ଚନ୍ଦ୍ର ସାମଲ, ଜିଲ୍ଲା ପରିଷଦ ସଭ୍ୟ ଆଶୋକ କୁମାର ସାମଲ, ଦିଲ୍ଲିପ କୁମାର ମହାନ୍ତି, ସନ୍ତୋଷ କୁମାର ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ତହସିଲ କାର୍ଯ୍ୟାଳୟ, ବରୀ ଥାନା, ମେଡିକାଲ, ପୋଷ୍ଟ ଅଫିସ, ପ୍ରାଣୀ ଚିକିତ୍ସା କାର୍ଯ୍ୟାଳୟ, ବିଦ୍ୟୁତ ବିଭାଗ, ମାତୃ ମଙ୍ଗଳ କେନ୍ଦ୍ର ଠାରୁ ଆରମ୍ଭକରି ବିଭିନ୍ନ ଶିକ୍ଷାନୁଷ୍ଠାନ, ସରକାରୀ ଓ ବେସରକାରୀ ବିଦ୍ୟାଳୟ, ପଞ୍ଚାୟତ, ସ୍ୱେଚ୍ଛାସେବୀ ସଂଗଠନ, ଅବସରପ୍ରାପ୍ତ ସେନା କର୍ମଚାରୀ ସଂଘ ପ୍ରଭୃତି ସ୍ଥାନ ମାନଙ୍କରେ ଜାତୀୟ ପତାକା ଉତ୍ତୋଳନ ସମୟରେ ଲୋକମାନେ ଉପସ୍ଥିତ ରହିଁ ଜାତୀୟ ପତାକାକୁ ସମ୍ମାନ ପ୍ରଦର୍ଶନ କରିବା ସହିତ ଭାରତ ମାତାକି ଜୟ ନାରା ଦେଇଥିବା ଦେଖିବାକୁ ମିଳିଥିଲା।

**ବଡଚଣା :** ଚଣ୍ଡିଖୋଲକୋର୍ଟପରିସରରେଆନନ୍ଦଉଲ୍ଲାସର ସହିତ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। କୋର୍ଟର ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ଗୋପବନ୍ଧୁ ଗଡନାୟକ ପତାକା ଉତ୍ତୋଳନ କରିଥିଲେ। ଅନ୍ୟତମ ବରିଷ୍ଠ ବିଚାରପତି ବିଶ୍ୱ ଦୀପକ ସାହୁ, ଜେଏମ୍‌ଏଫ୍‌ସି ଶ୍ରୀମୟୀ ନନ୍ଦ, ଅତିରିକ୍ତ ଜେଏମ୍‌ଏଫ୍‌ସି ଶ୍ରୁତି ଅଭିଳାଷା ସମେତ ବାର୍ ଆସୋସିଏସନର ସଭାପତି ଦେବରାଜ ବେହେରା, ସମ୍ପାଦକ ପ୍ରକାଶ କୁମାର ଦାଶ, ପୂର୍ବତନ ସଭାପତି ଶରତ କୁମାର ଷଡ଼ଙ୍ଗୀ, ଜନ ବେହେରା ଓ ରେଣୁବାଳା ମହାନ୍ତି, ସରକାରୀ ଓକିଲ ନଳିନୀ କାନ୍ତ ମିଶ୍ର ସମେତ ବହୁ ଆଇନଜୀବୀ ଯୋଗଦେଇଥିଲେ। କୋର୍ଟ ପରିସରରେ ଥିବା ଜାତିର ପିତା ମହାତ୍ମା ଗାନ୍ଧୀ ଓ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସହ ସମ୍ପାଦକ ସାଂସ୍କୃତିକ ଦୀନବନ୍ଧୁ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

**ଧର୍ମଶାଳା:** ଜାରକାସ୍ଥିତ ଧର୍ମଶାଳା ମହୋତ୍ସବ ପଡ଼ିଆଠାରେ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଉତ୍ସବରେ ଧର୍ମଶାଳାର ବିଧାୟକ ହିମାଂଶୁ ଶେଖର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଏହି ସମାରୋହରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ଯୁବପିଢ଼ି, ବିଭିନ୍ନ ବର୍ଗର ଲୋକଙ୍କ ସମେତ ହଜାର ହଜାର ସଂଖ୍ୟାରେ ଅଞ୍ଚଳବାସୀ ଯୋଗଦେଇଥିଲେ। ଏହି ଅବସରରେ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଦିବ୍ୟାଙ୍ଗ ଭାଇ ଭଉଣୀମାନଙ୍କୁ ବ୍ୟାଟେରୀ ଚାଳିତ ତିନିଚକିଆ ସ୍କୁଟର ପ୍ରଦାନ କରାଯାଇଥିଲା। ପରିବାର ପ୍ରତିପୋଷଣ ପାଇଁ ତିନିଚକିଆ ଟ୍ରଲି, ରିକ୍ସା, ଅଟୋଗାଡି ଚଳାଉଥିବା ଶ୍ରମଜୀବୀ ଭାଇମାନଙ୍କୁ ରାସନ ସାମଗ୍ରୀ ପ୍ରଦାନ କରାଯାଇଥିଲା। ଏଥିସହ ଜନସେବାରେ ନିୟୋଜିତ ଆଶାକର୍ମୀ ଭଉଣୀମାନଙ୍କୁ ମଧ ରାସନ ସାମଗ୍ରୀ ପ୍ରଦାନ କରାଯାଇଥିଲା। ସାମ୍ବାଦିକମାନଙ୍କୁ ମଧ ସମାରୋହରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥବରେ ବିଜେପି ଜିଲ୍ଲା ସଭାପତି ଦେବଯାନୀ ପ୍ରଧାନ, ବ୍ଲକ ଅଧ୍ୟକ୍ଷା ସୁଚିସ୍ମିତା ଦାସ, ଉପାଧକ୍ଷା ବିଶ୍ୱବିଜୟିନୀ ମିଶ୍ର, ବିଡିଓ ଜ୍ୟୋତିର୍ମୟୀ କର, ତହସିଲଦାର ସମୀର ରଞ୍ଜନ ଦାସ ଧର୍ମଶାଳାଥାନାଅଧିକାରିଣୀ ଚିନ୍ମୟୀ ସାହୁ କୁଆଖିଆ ଥାନାଅଧିକାରୀ ସୁଶାନ୍ତ ସେଠୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ମଣ୍ଡଳ ସଭାପତି ଦେବଦତ ପଣ୍ଡା, ପ୍ରଶାନ୍ତ ନାୟକ, ତୀର୍ଥରାଜ ପଣ୍ଡା, ଶ୍ରୀବସ୍ତ ଧୀର, ଜିତେନ୍ଦ୍ର ରାଉତ, ନେତ୍ରାନନ୍ଦ ପାତ୍ର ସମେତ ଯୁବସଂଗଠକ ରାଜେଶ ପାଳ, ଦେବରାଜ ମିଶ୍ର, ଅଭିଷେକ ରାଉତ, ବିଶ୍ୱଜିତ ପୃଷ୍ଟି, ସବ୍ୟସାଚୀ ସୁନ୍ଦରରାୟ, ପ୍ରଦୀପ ପରିଡା, ଆଲୋକ ଲେଙ୍କା, ଚୈତନ୍ୟ ନାୟକ, ରବୀନ୍ଦ୍ର ବରାଳ, ତପନ ମାହୁନ୍ତ ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ। ଧର୍ମଶାଳା ବ୍ଲକ ମିର୍ଜାପୁର ପଞ୍ଚାୟତ ଅରଙ୍ଗାବାଦସ୍ଥିତ ଶ୍ୟାମସୁନ୍ଦର ମହିଳା ବିକାଶ କେନ୍ଦ୍ର, ଜାରକା ରୋଟାରୀ ଓ ଇନରହୁଲ କ୍ଲବ, ଧର୍ମଶାଳା ବ୍ଲକ ପରିସରର, ଧର୍ମଶାଳା ପ୍ରେସ କ୍ଲବ ପରିସରରେ ସଭାପତି ପୂର୍ଣ୍ଣଚନ୍ଦ୍ର ଶତପଥୀ ଓ ଧର୍ମଶାଳା ମିଡିଆ କ୍ଲବରେ ମଧ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଧର୍ମଶାଳା ମହାବିଦ୍ୟାଳୟରେ ଅଧକ୍ଷ ପତାକା ଉତ୍ତେଳନ କରିଥିବା ବେଳେ ଧର୍ମଶାଳା ବଜାର ନିକଟସ୍ଥ ଓଡିଶା ଷ୍ଟେଟ ବ୍ରିଗେଡ ସ୍କୁଲ ପରିସରରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି।

## ନଗଡ଼ାରେ ଉଡ଼ିଲା ତ୍ରିରଙ୍ଗା



**କାଳିଆପାଣି:** ନଗଡ଼ାରେ ବଡ ଧୁମଧାମରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ମିଶନ ଜ୍ୟୋତି ଟ୍ରଷ୍ଟ ତରଫରୁ ଅନୁଷ୍ଠିତ ହୋଇଥିବା ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମରେ ବିଶିଷ୍ଟ କବି ଶୈଳଜ ରବି ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ବରିଷ୍ଠ ସମାଜସେବୀ ସତୀଶ ବିଶ୍ୱାଳ ମୁଖ୍ୟବକ୍ତା ଭାବେ ଯୋଗଦେଇ ଜନତା ନିଷ୍ପାପର ଏବଂ ସଚ୍ଚୋଟ ହେଲେ ଆପେ ଆପେ ଭଲ ଲୋକ ଜନପ୍ରତିନିଧି ହେବାର ସୁଯୋଗ ପାଇବେ ବୋଲି କହିଥିଲେ। ସଂପାଦକ ଗୋବିନ୍ଦ ବେହେରା (ଚିଣ୍ଟୁ) ସ୍ୱାଗତ ଭାଷଣ ଏବଂ କୋଷାଧ୍ୟକ୍ଷ ରାଜୀବ ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

● ବଡ଼ବିରୁହାଁ-ଶଗଡ଼ି ବିବାଦ

## ଗଠନ ହେଲା ଶାନ୍ତି କମିଟି; ୧୨ ଗିରଫ

ପାଣିକୋଇଲି,୧୬।୮ (ସମିସ): ବଡ଼ବିରୁହାଁ-ଶଗଡ଼ି ଗୋଷ୍ଠୀ ବିବାଦକୁ ନେଇ ଗତ କିଛିଦିନ ଧରି ଲାଗିରହିଥିବା ଉତ୍ତେଜନା ପରେ ଏବେ ଶାନ୍ତି ଫେରାଇବାକୁ ଉଦ୍ୟମ ଆରମ୍ଭ ହୋଇଛି। ଉଭୟ ଗ୍ରାମ ପକ୍ଷରୁ ଶାନ୍ତି କମିଟି ଗଠନ କରାଯାଇଥିବା ବେଳେ ପାଣିକୋଇଲି ଥାନା ପରିସରରେ ଉଭୟ କମିଟିର ସଦସ୍ୟଙ୍କୁ ନେଇ ଏକ ଶାନ୍ତି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଯାଜପୁର ଏସ୍‌ଡିପିଓ ଶରତ ଚନ୍ଦ୍ର ପାତ୍ର, ବ୍ୟାସନଗର ଅତିରିକ୍ତ ତହସିଲଦାର ପ୍ରଶାନ୍ତ ପୁହାଣ, ପାଣିକୋଇଲି ଥାନାଧିକାରୀ ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ, ସବ୍‌ଇନ୍ସପେକ୍ଟର ବିଶ୍ୱରଞ୍ଜନ ଦାସଙ୍କ ସମେତ ଉଭୟ ଗ୍ରାମର ଶାନ୍ତି କମିଟି ସଦସ୍ୟ ଯୋଗଦେଇଥିଲେ। ବୈଠକରେ ବ୍ୟକ୍ତିଗତ ଗଣ୍ଡଗୋଳକୁ ଗୋଷ୍ଠୀ ସଂଘର୍ଷର ରୂପ ନଦେବା ଏବଂ ଘଟଣାକୁ ସାମ୍ପ୍ରଦାୟିକ ଭେଦଭାବର ରୂପ ନଦେବା ପାଇଁ ଉଭୟ ପକ୍ଷ ସହମତ ହୋଇଥିଲେ। କେତେକ ବ୍ୟକ୍ତିଙ୍କ ବିବାଦ ପାଇଁ ସମଗ୍ର ଗ୍ରାମବାସୀ ଅଶାନ୍ତିରେ ରହିବା ଉଚିତ ନୁହେଁ ବୋଲି ମତ ପ୍ରକାଶ ପାଇଥିଲା। ଏହି ବିବାଦରେ ପୂର୍ବରୁ ଉତ୍ତେଜନା ବଢ଼ିଥିବାବେଳେ ପୁଲିସ ପକ୍ଷରୁ ମାମଲା ରୁଜୁ କରାଯାଇ ୧୨ ଜଣଙ୍କୁ ଗିରଫ କରାଯାଇଛି। ସେଥିମଧ୍ୟରୁ ୨ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବା ସୂଚନା ମିଳିଛି। ସ୍ଥିତି ନିୟନ୍ତ୍ରଣ ପାଇଁ ପୁଲିସ ପକ୍ଷରୁ ଉଭୟ ଗ୍ରାମରେ ଫ୍ଲାଗ୍ ମାର୍ଚ୍ଚ ମଧ କରାଯାଇଛି। ସ୍ଥିତି ସ୍ୱାଭାବିକ କରିବା ସହ ଦୁଇ ଗ୍ରାମ ମଧ୍ୟରେ ଭାଇଚାରା ବଜାୟ ରଖିବାକୁ ଉଭୟ ଶାନ୍ତି କମିଟି ପ୍ରଶାସନକୁ ସହଯୋଗ କରିବାକୁ ସହମତ ହୋଇଛନ୍ତି। ସ୍ଥିତି ସୁଧୁରିଲେ ଜାରି ଥିବା ଧାରା ୧୬୩ ଉଠାଇବା ପାଇଁ ଯାଜପୁର ଏସ୍‌ପିଙ୍କୁ ଭେଟି ଅନୁରୋଧ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଶାନ୍ତି କମିଟିର ପ୍ରୟାସ ଓ ପୁଲିସ-ପ୍ରଶାସନର ପଦକ୍ଷେପ ପରେ ଅଞ୍ଚଳରେ ଧୀରେଧୀରେ ଶାନ୍ତି ଫେରିବ ବୋଲି ଆଶା କରାଯାଉଛି। ସୂଚନା ଯୋଗ୍ୟ ପାଣି କୁଲୁପୁଚା ପକାଇବାକୁ କେନ୍ଦ୍ର କରି ଗଣ୍ଡଗୋଳ ଏବଂ ଏହାକୁ କେନ୍ଦ୍ର କରି ଗୋଷ୍ଠୀ କନ୍ଦଳର ରୂପ ନେଇଥିଲା।

## ସୁକିନ୍ଦା ରେଲୱେ ବ୍ରିଜ୍ ଉପରେ ଜଳିଗଲା ସ୍କୁଟି

ସୁକିନ୍ଦା,୧୬।୮ (ସମିସ): ଯାଜପୁର ଜିଲ୍ଲା ସୁକିନ୍ଦା ବ୍ଲକ୍ ଅନ୍ତର୍ଗତ ମାଧପୁର ରେଲୱେ ବ୍ରିଜ୍ ନିକଟରେ ଏକ ବ୍ୟାଟେରି ଚାଳିତ ସ୍କୁଟି (ଚେତକ) ଜଳି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ସୂଚନା ମୁତାବକ, ସୁକିନ୍ଦାଗଡ଼ ପଞ୍ଚାୟତ ବଣ୍ଟନ ଦାୟିତ୍ୱରେ ଥିବା ରିଟେଲର ଜ୍ଞାନେନ୍ଦ୍ର ରାଉତ ସନ୍ଧ୍ୟାରେ ଏକ ଚେତକ ଗାଡ଼ିରେ ଲେମ୍ପୋ ଯାଇ ଫେରୁଥିବା ସମୟରେ ସୁକିନ୍ଦା-ଆଶୋକଝରର ରାସ୍ତାର ମାଧପୁର ରେଲୱେ ବ୍ରିଜ୍ ଉପରେ ଅତିକ୍ରମ କରୁଥିବା ସମୟରେ ସ୍କୁଟିରେ ହଠାତ୍ ନିଆଁ ଲାଗିଥିଲା। ଗାଡ଼ିରେ ନିଆଁ ଲାଗିଥିବା ଜାଣିପାରି ଜ୍ଞାନେନ୍ଦ୍ର ସ୍କୁଟି ଛାଡ଼ି ସୁକିନ୍ଦା ଦମକଳ ବାହିନୀକୁ ଜଣାଇଥିଲେ। ଦମକଳ ବାହିନି ଘଟଣାସ୍ଥଳରେ ପହଞ୍ଚି ନିଆଁକୁ କାବୁ କରିଥିଲେ ମଧ୍ୟ ସ୍କୁଟିଟି ସମ୍ପୂର୍ଣ୍ଣ ଜଳି ନଷ୍ଟ ହୋଇଯାଇଥିଲା। କିଛି ସମୟ ମଧ୍ୟରେ ଏହି ଘଟଣାର ଫଟୋ, ଭିଡିଓ ସାମାଜିକ ଗଣମାଧ୍ୟମରେ ଘୁରି ବୁଲୁଛି। ଏହା ଦେଖି ବ୍ୟାଟେରୀ ଚାଳିତ ଗାଡ଼ି ଚାଳକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଛି।

### ପ୍ରଧାନଶିକ୍ଷକଙ୍କ ଉପରେ ଆକ୍ରମଣ ଘଟଣା

## ଏସ୍‌ପିଙ୍କୁ ଭେଟିଲା ପ୍ରାଥମିକ ଶିକ୍ଷକ ସଂଘ

ପାଣିକୋଇଲି,୧୬।୮ (ସମିସ): ବିଞ୍ଝାରପୁର ଥାନା ଅନ୍ତର୍ଗତ ବରୁଣେଇ ନୋଡ଼ାଲ ବିଦ୍ୟାଳୟର ପ୍ରଧାନଶିକ୍ଷକ ଆର୍ତ୍ତବନ୍ଧୁ ସାହୁଙ୍କୁ ଗତ ୧୧ ତାରିଖ ମଳିଆ ଗ୍ରାମର ରବୀନ୍ଦ୍ର ବାରିକଙ୍କ ପୁଅ ରମେଶ ଓରଫ ବାବୁଲି ବିଦ୍ୟାଳୟ ହତା ଭିତରେ ପଶି ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ମରଣାନ୍ତକ ଆକ୍ରମଣ କରିଥିଲା। ଏଥି ସହିତ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ମଧ ଗାଳି ଓ ଧମକ ଦେଇ ବିଦ୍ୟାଳୟ ପରିସରରେ ଆତଙ୍କ ରାଜ ସୃଷ୍ଟି କରିଥିଲା। ଫଳରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ଭୟଭୀତ ହୋଇଯାଇଥିଲେ। ତେବେ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ତରଫରୁ ବିଞ୍ଝାରପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ କେବଳ ଏକ ମାମଲା ୩୮୭/୨୬ ରୁଜୁ କରିଥିଲେ ହେଁ ଅବଧି କୌଣସି କାର୍ଯ୍ୟାନୁଷ୍ଠାନ କରିନାହିଁ। କୌଣସି ପଦକ୍ଷେପ ନ ନେବାରୁ ଅଭିଯୁକ୍ତ ଖୁଲମଖୁଲା ବୁଲୁଛି। ଫଳରେ ଆହୁରି ଭୟ ଘାରୁଛି। କାର୍ଯ୍ୟାନୁଷ୍ଠାନ ଦାବିରେ ଆଜି ବିଞ୍ଝାରପୁର ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ରବିନାରାୟଣ ମହାନ୍ତି, ସମ୍ପାଦକ ସୁବାସ ଚନ୍ଦ୍ର ନାୟକ, ଦେବେନ୍ଦ୍ର କୁମାର ନାୟକ, ରତନଲାଲ ଭୂୟାଁ, ରଶ୍ମିରଞ୍ଜନ ଧଳ, ସଂଗ୍ରାମ କେଶରୀ ସାମଲ, ବିଦ୍ୟାସାଗର ବେହେରା, ଆର୍ତ୍ତବନ୍ଧୁ ସାହୁଙ୍କ ସମେତ ବହୁ କର୍ମକର୍ତ୍ତାମାନେ ଆରକ୍ଷୀ ଅଧିକ୍ଷକ ଯଶପ୍ରତାପ ଶ୍ରୀମଲଙ୍କୁ ଭେଟି ଏଭଳି ସମ୍ବେଦନଶୀଳ ଘଟଣାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ଦୋଷୀକୁ ତୁରନ୍ତ ଗିରଫ କରିବା ଲାଗି ଦାବି କରିଛନ୍ତି।



## ଘର ମାଲିକଙ୍କ ରକ୍ତଜୁଡୁବୁଡୁ ମୃତଦେହ ଉଦ୍ଧାର

ପାଣିକୋଇଲି,୧୬।୮ (ସମିସ): ପାଣିକୋଇଲି ଥାନା ଅନ୍ତର୍ଗତ ମାଳଆନନ୍ଦପୁର ପଞ୍ଚାୟତ ବଜରପଡା ମୌଜାରେ ଥିବା ଏକ ଘରୁ ଘର ମାଲିକଙ୍କ ଭାଇର ମୃତଦେହ ଉଦ୍ଧାର କରାଯାଇଛି। ପୁଲିସ ଘଟଣାସ୍ଥଳେ ପହଞ୍ଚି ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ କରିବା ସହ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। କିଏ କେଉଁ କାରଣରୁ ହତ୍ୟା କଲା ତାର ତଦନ୍ତ ଜାରି ରଖିଛି। ପ୍ରକାଶଯେ ସାନ ବରୁଣାଇପଦା ଗ୍ରାମର ନିରଞ୍ଜନ ସାମଲ ବଜରପଡ଼ା ମୌଜାରେ ରୁମାପଶି ରାସ୍ତାରେ ଫାର୍ମ ହାଉସ ସହିତ ଏକ ଘର କରିଛନ୍ତି। ପୂର୍ବରୁ ଦୀର୍ଘ ୩୦ ବର୍ଷ ହେବ ତାଙ୍କ ବଡ଼ ବାପା ପୁଅ ଭାଇ ନିର୍ମଳ ସାମଲ (୬୮) ତାଙ୍କ ନିକଟରେ ରହୁଥିଲା। ବଜରପଡା ସ୍ଥିତ ଘରର ଦାୟିତ୍ୱ ମଧ ସେ ବୁଝୁଥିଲେ। ନିର୍ମଳଙ୍କ ସହ ତାଙ୍କର ନୂଆ ଆସିଥିବା ଏକ କର୍ମଚାରୀ ରହୁଥିଲା। ଆଜି ସକାଳୁ ନିରଞ୍ଜନ (ବାଘା) ସେଠାରେ ପହଞ୍ଚି ଦେଖିବା ବେଳକୁ ଘରର ପଛପଟ କବାଟ ଖୋଲାଥିଲା। ଗେଟ ନିକଟରେ ଏକ ଚେୟାର ପଡିଥିଲା। ଡାକିବାରୁ କେହି ଶୁଣିନଥିଲେ। ଘର ଭିତରେ ପଶି ଦେଖିବା ବେଳକୁ ନିର୍ମଳଙ୍କ ମୃତଦେହ ସହ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡିଛି। ନିକଟରେ ଏକ ଟାଙ୍ଗିଆ ରକ୍ତଲଗା ଅବସ୍ଥା ପଡିଛି। କିନ୍ତୁ କର୍ମଚାରୀ ଜଣଙ୍କ ସେଠାରେ ନଥିଲା। ଏନେଇ ପୁଲିସକୁ ଖବର ଦେବା ପରେ ଯାଜପୁରରୋଡ୍ ଏସ୍‌ଡିପିଓ ଶରତ ଚନ୍ଦ୍ର ପାତ୍ର, ଥାନାଧିକାରୀ ପୂର୍ଣ୍ଣଚନ୍ଦ୍ର ପଟ୍ଟାୟତ, ସବଇନ୍ସପେକ୍ଟର ସୁମିତ କୁଜୁର ସଦଳବଳେ ପହଞ୍ଚିଥିଲେ। ପରେ ସାଇନଣ୍ଟିଫିକ ଟିମ୍ ଡକାଇ ତଦନ୍ତ ଆରମ୍ଭ କରିଥିଲେ। ଏନେଇ ଏକ ମାମଲା ୩୦୬/୨୬ ରୁଜୁ କରାଯାଇ ପଞ୍ଚାନାମା କରିଥିଲା। ତାର ବେକ ପଛପଟେ ଗଭୀର ହଣା ଦାଗ ରହିଥିବା ସହ ପିଠିରେ ମଧ ଦାଗ ରହିଥିଲା। ପରେ ପୁଲିସ ବ୍ୟବଚ୍ଛେଦ ପାଇଁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା।

## ତଳେ ପାଣି ଉପରେ ପାଣି ମଝିରେ ବନ୍ୟା ବିପନ୍ନ

# ଘାଇଲା କରୁଛି ପୁରୁଣା ଘାଇ





ଯାଜପୁର, ୧୬।୮ (ସମିସ)

ଯାଜପୁର ଜିଲ୍ଲାରେ ଲଗାଣ ବର୍ଷା ପରେ ଏବେ ଲଗାଣ ବନ୍ୟାରେ ବେହାଲ ହୋଇଛନ୍ତି ଜିଲ୍ଲାବାସୀ। ଜିଲ୍ଲାରେ ପ୍ରବାହିତ ବୈତରଣୀ, ବ୍ରାହ୍ମଣୀ ଏବଂ ଖରସ୍ରୋତା ଏବଂ ଏହାର ଶାଖା ନଦୀର ବନ୍ୟା ଯୋଗୁଁ ଯାଜପୁର, ଦଶରଥପୁର, ବିଞ୍ଝାରପୁର, ବରୀ, ରସୁଲପୁର, ଧର୍ମଶାଳା, କୋରେଇ ବ୍ଲକର ଲକ୍ଷାଧିକ ଲୋକ ପ୍ରଭାବିତ ହୋଇଛନ୍ତି। ବର୍ଷା ଛାଡିବାର ନାଁ ନେଉନଥିବା ବେଳେ ଉପର ମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ଏବେ ବୈତରଣୀ ନଦୀରେ ପୁଣି ବନ୍ୟା ଆସିଛି। ଗତ ବନ୍ୟାରେ ସୃଷ୍ଟି ହୋଇଥିବା ଘାଇ ଅଦ୍ୟାବଧି ମରାମତି ହୋଇନଥିବା ବେଳେ ପୁଣି ବନ୍ୟା ଆସିବା ଫଳରେ ସେହି ଘାଇ ବାଟେ ବନ୍ୟା ଜଳ ପ୍ରବେଶ କରି ବ୍ୟାପକ ଅଞ୍ଚଳ ଜଳମଗ୍ନ କରିଛନ୍ତି। ଘାଇ ମରାମତି ପାଇଁ ଯୁଦ୍ଧକାଳୀନ ଭିତ୍ତିରେ କରାଯିବା ପାଇଁ ସରକାର ନିର୍ଦ୍ଦେଶ ଦେଇଥିଲେ ହେଁ କୌଣସି ଗୋଟିଏ ଘାଇ ମରାମତି ସରିନଥିବାରୁ ପୁଣି ନଦୀକୂଳିଆ ଲୋକେ ବନ୍ୟାର ସମ୍ମୁଖିନ ହୋଇଛନ୍ତି। ଯାହାର ପ୍ରଭାବରେ ଘର ଦ୍ୱାର ଛାଡ଼ି ଲୋକେ ନଦୀବନ୍ଧରେ ଆଶ୍ରୟ ନେଇଛନ୍ତି। ଅନ୍ୟପଟେ ଦିନ ତମାମ ତୁହାକୁ ତୁହା ବର୍ଷା ହେଉଛି। ତଳେ ପାଣି ତ ଉପରେ ପାଣି, ବନ୍ୟା ବିପନ୍ନଙ୍କ ଜୀବନ ଦି କଡ଼ା ହୋଇଯାଇଛି। ସରକାରୀ ରିଲିଫ ଯାହା କିଛି ଥରେ ମିଳିଥିଲା ଆଉ ନାହିଁ। କାଁ ଭାଁ କେଉଁଠି ପ୍ରଶାସନ ପକ୍ଷରୁ

**● ଭୋକ ଉପାସରେ କାଟୁଛନ୍ତି ଜୀବନ**
**● ବୈତରଣୀ ଥମୁଛି, ବ୍ରାହ୍ମଣୀ ଡରାଉଛି**

ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଛି; କିନ୍ତୁ ସେ ସବୁସ୍ଥାନକୁ ବିପନ୍ନମାନେ ପହଞ୍ଚିପାରୁନାହାଁନ୍ତି। ଅନେକ ପରିବାର ନିଜ ନିଜର ଘର ଛାତ ଉପରେ ଆଶ୍ରୟ ନେବାକୁ ବାଧ ହୋଇଛନ୍ତି। ଯେତେବେଳେ ସାଧାରଣ ମଣିଷ ଅତ୍ୟନ୍ତ ଦୟନୀୟ ଜୀବନ କାଟୁଛି ସେତେବେଳେ ଗୃହପାଳିତ ପ୍ରାଣୀଙ୍କ କଥା ପଚାରେ କିଏ। ଗୋଟିଏ ସ୍ଥାନରେ ମଣିଷ ଓ ପଶୁ ଆଶ୍ରୟ ନେଇଥିବା ଦେଖିବାକୁ ମିଳିଛି। ବିଶେଷ କରି ନଦୀ ବନ୍ଧ ଗୁଡିକ ବିପନ୍ନଙ୍କ ପାଇଁ ପାଲଟିଛି ଆଶ୍ରୟସ୍ଥଳୀ। ଆଗାମୀ ଦିନେ ଦୁଇ ଦିନ ବର୍ଷାର ଆକଳନ କରାଯାଉଛି। ଏଥିପାଇଁ ସମ୍ଭାବ୍ୟ ପରିସ୍ଥିତିର ମୁକାବିଲା କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଓଡ୍ରାଫ ଓ ଏନ୍‌ଡିଆରଏଫ ଟିମ୍ ମହଜୁଦ କରାଯାଇଛି। ଜିଲ୍ଲା ପ୍ରଶାସନର ଅଧିକାରୀ ମାନେ ବିଭିନ୍ନ ବନ୍ୟାଞ୍ଚଳ ପରିଦର୍ଶନ କରି ପରିସ୍ଥିତିର ସମୀକ୍ଷା କରି ଯେ କୌଣସି ପରିସ୍ଥିତିର ମୁକାବିଲା ପାଇଁ ପ୍ରଶାସନ ପ୍ରସ୍ତୁତ ଅଛି ବୋଲି ମତ ଦେଇଛନ୍ତି।

### ସୋମବାର ଶିକ୍ଷାନୁଷ୍ଠାନ ଛୁଟି

**ଯାଜପୁର:** ଗତ କିଛି ଦିନ ଧରି ଲଗାଣ ବର୍ଷା ଓ ବନ୍ୟା ପରିସ୍ଥିତି ଲାଗି ରହିଥିବାରୁ ଆସନ୍ତାକାଲି ପାଇଁ ଜିଲ୍ଲାର ସମସ୍ତ ଶିକ୍ଷାନୁଷ୍ଠାନକୁ ବନ୍ଦ ରଖିଛି ଜିଲ୍ଲା ପ୍ରଶାସନ। ଏ ସଂକ୍ରାନ୍ତରେ ଜିଲ୍ଲାପାଳ ଅଫିସ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇ ସମସ୍ତ ଶିକ୍ଷାନୁଷ୍ଠାନକୁ ଅବଗତ କରାଯାଇଛି। ଜିଲ୍ଲାର ବ୍ରାହ୍ମଣୀ, ବୈତରଣୀ ଏବଂ ଖରସ୍ରୋତା ନଦୀରେ ବନ୍ୟା ସ୍ଥିତି ଜାରି ରହିଥିବା ବେଳେ ଆସନ୍ତାକାଲି ଠାରୁ ବର୍ଷାର ପରିମାଣ ବୃଦ୍ଧି ପାଇବାର ଆଶଙ୍କାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା ଜଣାପଡ଼ିଛି।

## ଘାଇ ଦେଇ ଗାଁକୁ ପଶିଲା ବନ୍ୟାଜଳ

**ବିଞ୍ଝାରପୁର/ସିଂହପୁର:** ବିଞ୍ଝାରପୁର ବ୍ଲକ ଦେଇ ପ୍ରବାହିତ ଖରସ୍ରୋତା ନଦୀରେ ଜଳସ୍ତର ପୁଣି ବୃଦ୍ଧି ପାଇବାରୁ ବନ୍ୟା ପରିସ୍ଥିତି ଗମ୍ଭୀର ରୂପ ନେଇଛି। ପୂର୍ବରୁ ନୂଆ ମାହାରା ନିକଟରେ ସୃଷ୍ଟି ହୋଇଥିବା ଘାଇ ଦେଇ ପୁଣି ବନ୍ୟାଜଳ ଗାଁ ଅଞ୍ଚଳକୁ ପ୍ରବେଶ କରୁଥିବାରୁ ହଳଦୀଡିଅ ଓ ଫଳପୁର ଗ୍ରାମର ଲୋକେ ବିପଦରେ ପଡ଼ିଛନ୍ତି। ଗତକାଲିଠାରୁ ଦୁଇ ଗ୍ରାମ ପ୍ରାୟ ସମ୍ପୂର୍ଣ୍ଣ ଜଳବନ୍ଦୀ ହୋଇ ରହିଥିବା ବେଳେ ଗାଁ ଭିତରେ ଅଣ୍ଟାଏ ଉଚ୍ଚର ବନ୍ୟାଜଳ ପ୍ରବାହିତ ହେଉଛି। ବନ୍ୟାଜଳ ଘର ଭିତରକୁ ପଶିଯିବାରୁ ଅନେକ ପରିବାର ଘର ଛାଡ଼ିବାକୁ ବାଧ ହୋଇଛନ୍ତି। କେତେକ ପରିବାର ନିଜ ଜୀବନ ଓ ଛୋଟ ପିଲାମାନଙ୍କ ସୁରକ୍ଷା ପାଇଁ ଘରର ଛାତ ଉପରେ ଆଶ୍ରୟ ନେଇଥିବା ବେଳେ ଅନ୍ୟମାନେ ବାତ୍ୟା ଆଶ୍ରୟସ୍ଥଳୀରେ ରହିଛନ୍ତି। ଚାରିଆଡ଼େ ପାଣି ଘେରି ରହିଥିବାରୁ ଗ୍ରାମବାସୀଙ୍କ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ପରିସ୍ଥିତି ଗମ୍ଭୀର ହେବା ପରେ ଦମକଳ ବାହିନୀ ପକ୍ଷରୁ ବୋଟ୍ ସହାୟତାରେ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଛି। ବିପଦପୂର୍ଣ୍ଣ ଅଞ୍ଚଳରେ ଫସି ରହିଥିବା ଲୋକଙ୍କୁ ବୋଟ୍ ଯୋଗେ ଉଦ୍ଧାର କରାଯାଇ ସୁରକ୍ଷିତ ସ୍ଥାନକୁ ନିଆଯାଉଛି। ବିଶେଷକରି ବୟସ୍କ, ମହିଳା ଓ ଛୋଟ ପିଲାଙ୍କୁ ପ୍ରାଥମିକତା ଦେଇ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଉଥିବା ଜଣାପଡ଼ିଛି। ଅନ୍ୟପଟେ ବନ୍ୟା ଯୋଗୁଁ ଲୋକଙ୍କ ଖାଦ୍ୟ ସମସ୍ୟା ମଧ ଗମ୍ଭୀର ହୋଇଛି। ଦୀର୍ଘ ସମୟ ଧରି ଜଳବନ୍ଦୀ ହୋଇ ରହିଥିବା ଲୋକେ ଭୋକ ଉପାସରେ ଦିନ କାଟୁଥିବା ଅଭିଯୋଗ କରିଛନ୍ତି। ପ୍ରଶାସନ ପକ୍ଷରୁ କେବଳ ଶୁଖିଲା ଚୂଡ଼ା ପ୍ରଦାନ କରାଯାଉଥିବା ବେଳେ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ରନ୍ଧା ଖାଦ୍ୟ, ପିଇବା ପାଣି ଓ ଅନ୍ୟାନ୍ୟ ଆବଶ୍ୟକ ସାମଗ୍ରୀ ଯୋଗାଇ ଦେବାକୁ ଲୋକେ ଦାବି କରିଛନ୍ତି। ବନ୍ୟା ପାଣିରେ ଗୋରୁଗାଈଙ୍କ ଅବସ୍ଥା ମଧ ଦୟନୀୟ ହୋଇପଡ଼ିଛି। ଗାଁରେ ଚାରିଆଡ଼େ ପାଣି ଜମି ରହିଥିବାରୁ ଗୋରୁଗାଈଙ୍କ ପାଇଁ ଖାଦ୍ୟ ଓ ଚାରା ମିଳୁନାହିଁ। ଏହି ଘଟଣାକୁ ନେଇ ବିପନ୍ନ ଗ୍ରାମବାସୀଙ୍କ ମଧ୍ୟରେ ପ୍ରଶାସନ ବିରୋଧରେ ଅସନ୍ତୋଷ ବଢ଼ିଛି। ବନ୍ୟା ବିପଦ ସମ୍ପର୍କରେ ପୂର୍ବରୁ ଅବଗତ ଥିବା ସତ୍ତ୍ୱେ ଆବଶ୍ୟକ ପରିମାଣର ରିଲିଫ୍ ଓ ଖାଦ୍ୟ ସାମଗ୍ରୀ ଯୋଗାଣରେ ଅବହେଳା କରାଯାଉଥିବା କେତେକ ବିପନ୍ନ ଅଭିଯୋଗ କରିଛନ୍ତି। ଲୋକଙ୍କ ଅଭିଯୋଗ ଅନୁଯାୟୀ, ଘାଇ ସୃଷ୍ଟି ହୋଇଥିବା ସ୍ଥାନରେ ତୁରନ୍ତ ପ୍ରତିକାରମୂଳକ ପଦକ୍ଷେପ ନେବା ସହ ବନ୍ୟାଜଳ ନିୟନ୍ତ୍ରଣ ପାଇଁ ଜରୁରୀ ବ୍ୟବସ୍ଥା ଆବଶ୍ୟକ। ବିପନ୍ନଙ୍କୁ ଶୀଘ୍ର ଉଦ୍ଧାର କରିବା ସହ ପର୍ଯ୍ୟାପ୍ତ ଖାଦ୍ୟ, ପାନୀୟ ଜଳ, ଔଷଧ ଓ ପଶୁଖାଦ୍ୟ ଯୋଗାଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।



## ବିପନ୍ନଙ୍କୁ ସାହା ବବି ଦାସ

**କୟାଁଗୋଲା:** ବୈତରଣୀ ଓ କାଣୀ ନଦୀରେ ପୁଣି ବନ୍ୟାଜଳ ବଢ଼ିବା ସହ ଦଶରଥପୁର ବ୍ଲକରେ ବନ୍ୟା ପରିସ୍ଥିତି ଗମ୍ଭୀର ହୋଇଛି। ଏଭଳି ବିପଦ ସମୟରେ ବନ୍ୟା ବିପନ୍ନଙ୍କ ପାଖରେ ପହଞ୍ଚିଛନ୍ତି ପୂର୍ବତନ ମନ୍ତ୍ରୀ ପ୍ରଣବ ପ୍ରକାଶ ଦାସ (ବବି ଦାସ)। ଦଶରଥପୁରର ବିଭିନ୍ନ ବନ୍ୟା ପ୍ରଭାବିତ ଅଞ୍ଚଳକୁ ଯାଇ ସେ ଗ୍ରାଉଣ୍ଡ ଜିରୋରୁ ସ୍ଥିତି ପରଖିବା ସହ ବିପନ୍ନ ଲୋକଙ୍କ ସହ ଆଲୋଚନା କରୁଛନ୍ତି। ବନ୍ୟାଜଳ ଘେରରେ ରହୁଥିବା ପରିବାର, ନଦୀବନ୍ଧର ସ୍ଥିତି ଏବଂ ଲୋକଙ୍କ ସମସ୍ୟା ସମ୍ପର୍କରେ ସେ ସ୍ଥାନୀୟ ଲୋକଙ୍କଠାରୁ ତଥ୍ୟ ନେଉଛନ୍ତି। ବିପନ୍ନମାନଙ୍କ ନିକଟରେ ରିଲିଫ, ଖାଦ୍ୟ, ପାନୀୟଜଳ ଓ ଆବଶ୍ୟକ ସହାୟତା ପହଞ୍ଚୁଛି କି ନାହିଁ, ସେନେଇ ମଧ ସ୍ଥିତି ଅନୁଧ୍ୟାନ କରୁଛନ୍ତି। ଲଗାଣ ବର୍ଷା ହେଉକି ବନ୍ୟା। ତୁରନ୍ତ ପହଞ୍ଚୁଛନ୍ତି ବନ୍ୟା ବିପନ୍ନଙ୍କ ପାଖରେ।



ସରକାରୀ ରିଲିଫକୁ ଅପେକ୍ଷା ନ କରି ନିଜସ୍ୱ ଉଦ୍ୟମରେ ବିପନ୍ନଙ୍କ ପାଖରେ ପାଣି, ବିସ୍କୁଟ, ମହମବତି ଆଦି ଯୋଗାଇ ଦେଉଛନ୍ତି। ସେଥିପାଇଁ ବିପନ୍ନଙ୍କ ପ୍ରଥମ ଡାକରା ପାଲଟିଛନ୍ତି ବବି। ଲୋକଙ୍କ ସହିତ ମିଶି ଘଳିଆ ମାରୁଥିବା ଭିଡିଓ ମଧ ଭାଇରାଲ ହେଉଛି। ବୈତରଣୀ ଓ କାଣୀ ନଦୀର ବନ୍ୟାଜଳ ଯୋଗୁଁ ଦଶରଥପୁର ବ୍ଲକର ଅନେକ ଅଞ୍ଚଳ ପ୍ରଭାବିତ ହୋଇଛି। ନଦୀବନ୍ଧ ଉପରେ ମଧ ବନ୍ୟାଜଳର ଚାପ ବଢ଼ିଥିବା ବେଳେ କେତେକ ସ୍ଥାନରେ ବନ୍ଧ ଧସିବା ଓ ଦୁର୍ବଳ ହେବା ଘଟଣା ଚିନ୍ତା ବଢ଼ାଇଛି। ଏହି ପରିସ୍ଥିତିରେ ବିପନ୍ନଙ୍କ ପାଖରେ ନେତାଙ୍କ ସିଧାସଳଖ ପହଞ୍ଚକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି। ପୂର୍ବରୁ ମଧ ବନ୍ୟା ସମୟରେ ବବି ଦାସ ଦଶରଥପୁର ଅଞ୍ଚଳରେ ପହଞ୍ଚି ବିପନ୍ନଙ୍କ ସହ ଠିଆ ହୋଇଛନ୍ତି।

## ୧୦୦ ଫୁଟ୍ ଧସିଲା ବୈତରଣୀ ନଦୀବନ୍ଧ

**କୟାଁଗୋଲା:** ପୁଣି ଫୁଲିଲା ବୈତରଣୀ। ସାଙ୍ଗକୁ ବଢ଼ିଲା ଏହାର ଶାଖା ନଦୀ କାଣୀର ଜଳସ୍ତର। ଉପରମୁଣ୍ଡରେ ଲଗାଣ ବର୍ଷା ଏବଂ ତଳମୁଣ୍ଡରେ ପୂର୍ବ ବନ୍ୟାର ପାଣି ନିଷ୍କାସିତ ହୋଇନଥିବା ବେଳେ ପୁଣି ନୂଆ ବନ୍ୟା ଆଶଙ୍କା ଦଶରଥପୁରବାସୀଙ୍କ ଚିନ୍ତା ବଢ଼ାଇ ଦେଇଛି। ଏହି ସମୟରେ ଦୁଦୁରାଅଣ୍ଟା କୁଆଁରସାହି ନିକଟରେ ବୈତରଣୀ ନଦୀବନ୍ଧର ପ୍ରାୟ ୧୦୦ ଫୁଟ୍ ଅଞ୍ଚଳ ଧସିଯିବା ଘଟଣା ପରିସ୍ଥିତିକୁ ଆହୁରି ସଙ୍ଗିନ କରିଛି। ପୂର୍ବ ବନ୍ୟାରେ ବୈତରଣୀ ଓ କାଣୀ ନଦୀର ବିଭିନ୍ନ ସ୍ଥାନରେ ଘାଇ ସୃଷ୍ଟି ହୋଇ ଦଶରଥପୁର ବ୍ଲକର ୨୦ଟି ପଞ୍ଚାୟତର ୧୦୦ରୁ ଊର୍ଦ୍ଧ୍ୱ ଗାଁ ପ୍ରଭାବିତ ହୋଇଥିଲା। ଅନେକ ଗାଁରେ ଦିନ ଦିନ ଧରି ବନ୍ୟା ପାଣି ଜମି ରହିଥିଲା। ଚାଷଜମି ବୁଡ଼ିବା ସହ ରାସ୍ତାଘାଟ, ଘରଦ୍ୱାର ଓ ଜନଜୀବନ ଗୁରୁତର ଭାବେ ପ୍ରଭାବିତ ହୋଇଥିଲା। ସେହି ବନ୍ୟାର ଦାଉରୁ ଲୋକେ ସମ୍ପୂର୍ଣ୍ଣ ମୁକୁଳି ନଥିବା ବେଳେ ପୁଣି ନଦୀରେ ପାଣି ବଢ଼ିବା ବିପନ୍ନଙ୍କ ଚିନ୍ତାକୁ ଦ୍ୱିଗୁଣିତ କରିଛି।

ବୈତରଣୀରେ ଜଳସ୍ତର ବଢ଼ିବା ସହ ନଦୀବନ୍ଧ ଉପରେ ପ୍ରବଳ ଚାପ ପଡ଼ିଛି। ଏହାର ପ୍ରଭାବରେ କୁଆଁରସାହି ନିକଟରେ ପ୍ରାୟ ୧୦୦ ଫୁଟ୍ ବନ୍ଧ ଧସିଯାଇଛି। ବନ୍ଧର ଏଭଳି ଅବସ୍ଥା ଦେଖି ନଦୀକୂଳିଆ ଲୋକଙ୍କ ମଧ୍ୟରେ ଭୟ ଓ ଆତଙ୍କ ଦେଖାଦେଇଛି। ବନ୍ଧ ଧସିବା ଖବର ପାଇବା ପରେ ଜଳସମ୍ପଦ ବିଭାଗ ପକ୍ଷରୁ ତୁରନ୍ତ ଯୁଦ୍ଧକାଳୀନ ଭିତ୍ତିରେ



ମରାମତି କାର୍ଯ୍ୟ ଆରମ୍ଭ କରାଯାଇଛି। ବାଲିବସ୍ତା, ବଲ୍ଲା ଓ ଅନ୍ୟାନ୍ୟ ସାମଗ୍ରୀ ସହାୟତାରେ ଧସିଥିବା ବନ୍ଧକୁ ସୁରକ୍ଷିତ କରିବା ପାଇଁ ବିଭାଗୀୟ କର୍ମଚାରୀମାନେ ଦିନରାତି କାମ ଜାରି ରଖିଛନ୍ତି। ଜଳସମ୍ପଦ ବିଭାଗର ମୁଖ୍ୟଯନ୍ତ୍ରୀ ହରେକୃଷ୍ଣ ବେହେରା, ଅଧୀକ୍ଷଣ ଯନ୍ତ୍ରୀ ରତ୍ନାକର ଦଳାଇ, ସହକାରୀ ଯନ୍ତ୍ରୀ ଅନ୍ତର୍ଯ୍ୟାମୀ ମହାନ୍ତି ଓ କନିଷ୍ଠ ଯନ୍ତ୍ରୀ ଅରୁଣ ତ୍ରିପାଠୀ ପ୍ରମୁଖ ଘଟଣାସ୍ଥଳରେ ଡେରା ପକାଇ ମରାମତି କାର୍ଯ୍ୟର ତଦାରଖ କରୁଛନ୍ତି। ଖବର ପାଇ ପୂର୍ବତନ ମନ୍ତ୍ରୀ ପ୍ରଣବ ପ୍ରକାଶ ଦାସ ଏବଂ ଜିଲ୍ଲା ବିଜେଡି ସଭାପତି ସରୋଜ ମହାପାତ୍ର ଘଟଣାସ୍ଥଳରେ ପହଞ୍ଚି ବନ୍ଧ ଅଞ୍ଚଳ ବୁଲି ଦେଖିବା ସହ ଚାଲିଥିବା ମରାମତି କାର୍ଯ୍ୟର ସ୍ଥିତି ଅନୁଧ୍ୟାନ କରିଥିଲେ। ବୈତରଣୀର ଉପରମୁଣ୍ଡରେ ବର୍ଷା ଲାଗି ରହିଥିବାରୁ ନଦୀରେ ନୂଆ ବନ୍ୟାଜଳ ଆସିବା ଆଶଙ୍କା ରହିଛି। ଅନ୍ୟପଟେ ଦଶରଥପୁର ବ୍ଲକର ତଳମୁଣ୍ଡରେ ପୂର୍ବରୁ ଜମିଥିବା ପାଣି ସମ୍ପୂର୍ଣ୍ଣ ନିଷ୍କାସିତ ହୋଇନଥିବାରୁ ବିପନ୍ନଙ୍କ ଦୁର୍ଦ୍ଦଶା ଜାରି ରହିଛି। ଘର ଚାରିପଟେ ପାଣି, ରାସ୍ତା ଉପରେ ପାଣି ଓ ଚାଷଜମିରେ ପାଣି ଜମି ରହିଥିବାରୁ ଲୋକଙ୍କ ସ୍ୱାଭାବିକ ଜୀବନ ଏବେ ବି ବ୍ୟାହତ ହୋଇରହିଛି।

## ବ୍ରାହ୍ମଣୀ ବନ୍ୟାରେ ବରୀ ବ୍ଲକ ଜଳମଗ୍ନ

**ବରୀ :** ଗତ ଜୁଲାଇ ମାସରେ ବନ୍ୟା ଯୋଗୁଁ ବରୀ ବ୍ଲକ ଯଥେଷ୍ଟ ପ୍ରଭାବିତ ହୋଇଥିଲା। ବ୍ରାହ୍ମଣୀ ନଦୀର ବାମପାର୍ଶ୍ୱ କିମ୍ବିରିଆପାଳ ପଞ୍ଚାୟତ ବାଙ୍କସାହି ଠାରେ ୨୦୦ ଫୁଟ ଘାଇ ସୃଷ୍ଟି ହେବା ଯୋଗୁଁ କିମ୍ବିରିଆପାଳ, ଭଳିନୁଆଗାଁ, ଉଦୟପୁର, ମିଳିମିଳାପୁର, ମାଳଦା, ଗୋବିନ୍ଦାବାଟି, ବାଲିଆପାଳ, ବାଇଶିରିଆ, ଭଅଁରା ପଞ୍ଚାୟତ ମାନଙ୍କରେ ବନ୍ୟା ଯୋଗୁଁ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ସେହିପରି ଅଟିରା ପଞ୍ଚାୟତ ଅରୁଆଳ ଓ ଚନ୍ଦନପୁର ଠାରେ ଘାଇ ହେବା ଫଳରେ ବନ୍ୟା ଜଳ ଅରୁଆଳ ଅଟିରା, ରମ୍ଭା, ବରୀ, ଅରଙ୍ଗାବାଦ, ଅନ୍ୟାସୀପୁର, ବାଲିବିଲ, କଳାମାଟିଆ, ଚନ୍ଦନପୁର, ସେରପୁର, ମନ୍ଦାରୀ, ଗମ୍ଭୁ, ରତ୍ନଗିରି ପ୍ରଭୃତି ପଞ୍ଚାୟତ ଜଳମଗ୍ନ ହୋଇଥିଲା। ଖରସ୍ରୋତା ଓ ତନ୍ତୀ ଘାଇ ନଦୀର ବନ୍ୟା ପାଣି ଯୋଗୁଁ ଉଦୟନାଥପୁର, ରାତଲାଙ୍ଗ ମଧୁସୂଦନପୁର, ଅଙ୍ଗାଲୋ, ବୋଦୁଅ, ଭଅଁରା ପଞ୍ଚାୟତର ବ୍ୟାପକ ଅଞ୍ଚଳ ଜଳମଗ୍ନ କରିବା ସହିତ ଚାଷ ଜମି ମଧ ଜଳମଗ୍ନ ହୋଇଥିଲା। ବନ୍ୟା ପରେ ଅସ୍ଥାୟୀ ଘାଇ ମରାମତି କାର୍ଯ୍ୟ ଆରମ୍ଭ ହୋଇଥିଲା ବେଳେ ଗତକାଲି ଅରୁଆଳ ଓ ଆଜି ଚନ୍ଦନପୁର ଘାଇ ଦେଇ ବନ୍ୟାଜଳ ପ୍ରବେଶ କରିଛି। ବରୀବାସୀଙ୍କ ବନ୍ୟା ଦୁଃଖ ସରୁନଥିବା ବେଳ ଦ୍ୱିତୀୟ ବନ୍ୟା ଦେଖା ଦେଇଛି। ବ୍ରାହ୍ମଣୀ ନଦୀରେ ପୁର୍ନବାର ଜଳସ୍ତର ବଢ଼ିବା ଯୋଗୁଁ ସୃଷ୍ଟି ହୋଇଥିବା ଘାଇରେ ବନ୍ୟା ଜଳ ପ୍ରବାହିତ ହୋଇ ବରୀ ଅଞ୍ଚଳ ଜଳମଗ୍ନ ହୋଇଛି। ପ୍ରଥମ ବନ୍ୟାରେ ବରିବାସୀ ଓ ଚାଷୀ ଚାଷୀକୁଳ ଭାଙ୍ଗି ପଡ଼ିଥିବା ବେଳେ ଦ୍ୱିତୀୟ ବନ୍ୟା ବରିବାସୀଙ୍କ ଚିନ୍ତା ବଢ଼ାଇ ଦେଇଛି। ରେଙ୍ଗାଲିରେ ତିନିଟି ଗେଟ ଖୋଲା ଯାଇଥିଲା ବେଳେ ଆସନ୍ତା କାଲି ବରୀ ରେ ବନ୍ୟା ବଡ଼ ରୂପ ନେବାର ଆଶଙ୍କା ଅଛି। ବନ୍ୟା ଜଳ ବଢ଼ିବାର ଆଶଙ୍କା ରହିଥିବାରୁ ବରୀ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିବା ସୂଚନା ମିଳିଛି। ଓଡ୍ରାଫ ଟିମ ବରୀରେ ପହଞ୍ଚିଛନ୍ତି।



## ଧୋଇଗଲା ଆପ୍ରୋଚ୍ ରୋଡ୍

**ରଶୁଲପୁର:** ଖରସ୍ରୋତା ନଦୀରେ ବନ୍ୟାଜଳ ବୃଦ୍ଧି ହେତୁ ଛିଣ୍ଡା ଖରସ୍ରୋତା ନଦୀରେ ବନ୍ୟା ଜଳ ପ୍ରବେଶ କରି ନଦୀରେ ଯାଇଥିବା ଆପ୍ରୋଚ ରୋଡ଼ ଧୋଇନେଇଛି। ଯାହା ଫଳରେ ଟିକରପଡ଼ା ପଞ୍ଚାୟତ ଯୋଗାଯୋଗରୁ ବିଚ୍ଛିନ୍ନ କରିଥିବା ଦେଖାଯାଇଛି। ସୂଚନା ଅନୁଯାଇ ରସୁଲପୁର ବ୍ଲକ ଟିକରପଡ଼ା - ନଠୁଆବର ସଂଯୋଗୀକରଣ ରାସ୍ତାର ଛିଣ୍ଡା ଖରସ୍ରୋତାରେ ଯାଇଥିବା ଆପ୍ରୋଚ ରୋଡ୍‌ଟି ଏବେ ବନ୍ୟା ଜଳରେ ଧୋଇଯିବା ଫଳରେ ଟିକରପଡ଼ା ପଞ୍ଚାୟତର ୩ ଖଣ୍ଡ ଗ୍ରାମ ପୋଡା ଜାଗୁଳେଇ, କୁଜିବରର ମୁଖ୍ୟ ବଜାର ନଠୁଆବର ସହିତ ଯୋଗାଯୋଗ ବିଚ୍ଛିନ୍ନ ହେଇଥିବା ଦେଖାଯାଇଛି। ସ୍ଥାନୀୟ ଜନସାଧାରଣ ଙ୍କ କହିବା ଅନୁଯାଇ ଛିଣ୍ଡା ଖରସ୍ରୋତାର ଉପର ମୁଣ୍ଡ ଟିକରପଡ଼ା ଠାରେ ନିର୍ମାଣଧୀନ ସ୍ଲୁଇସ ଗେଟ କାର୍ଯ୍ୟ ଏବେ ଚାଲୁଥିବା ବେଳେ ସେଠାରେ ଗେଟ୍ ନଥିବାଯୋଗୁଁ ପୂର୍ବ ବନ୍ୟାରେ ଏହି ରୋଡ୍‌ଟି ଧୋଇ ଯାଇଥିଲା। ପୂର୍ତ୍ତ ବିଭାଗ ଏହି ରୋଡ୍‌କୁ ସଠିକ ଭାବରେ ମରାମତି ନକରି କେବଳ କ୍ରସର ଗୁଣ୍ଡ ଏବଂ କାଠ ବଲା ଦେଇ ମରାମତି କରିବା ଯୋଗୁଁ ପୁନର୍ବାର ବନ୍ୟା ଧୋଇ ସେମାନଙ୍କ ଜୀବନ ଜୀବିକା ସହିତ ଖେଳ ଖେଳୁଥିବା ଅଭିଯୋଗ ଶୁଣିବାକୁ ମିଳିଛି। ତେବେ ପଞ୍ଚାୟତ ଏହା ମୁଖ୍ୟ ରାସ୍ତା ହେଇଥିବାବେଳେ ବର୍ତ୍ତମାନ ଉକ୍ତ ପଞ୍ଚାୟତ ଲୋକଙ୍କ ପାଇଁ ଗମନାଗମନରେ ଅନ୍ତରାୟ ସୃଷ୍ଟି ହେଇଥିବା ଦେଖାଦେଇଛି।



## ଯାଜପୁରରେ ପୁନଶ୍ଚ ବନ୍ୟା ସ୍ଥିତି

# ସ୍ଥିତି ସମୀକ୍ଷା କଲେ ଜିଲ୍ଲାପାଳ

ଯାଜପୁର, ୧୬।୮ (ସମିସ)




ଯାଜପୁର ଜିଲ୍ଲାରେ ବୈତରଣୀ, କାଣୀ ଓ ବ୍ରାହ୍ମଣୀ ନଦୀର ବନ୍ୟାଜଳ ପ୍ରବେଶ କରିବା ଯୋଗୁଁ ବନ୍ୟା ପରିସ୍ଥିତି ସଙ୍ଗୀନ ରୂପ ନେଇଛି। ଜିଲ୍ଲା ଜରୁରୀକାଳୀନ ବିଭାଗର ରିପୋର୍ଟ ଅନୁଯାୟୀ, ଜିଲ୍ଲାର ୮ଟି ବ୍ଲକ (ଦଶରଥପୁର, ଯାଜପୁର, କୋରେଇ, ବିଞ୍ଝାରପୁର, ଧର୍ମଶାଳା, ରସୁଲପୁର, ବଡ଼ଚଣା ଓ ବରୀର ୭୯ଟି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ୨୪୨ଟି ଗାଁ ବନ୍ୟା ଦ୍ୱାରା ପ୍ରତ୍ୟେକ୍ଷ ଭାବେ ପ୍ରଭାବିତ ହୋଇଛି। ଏଥିଯୋଗୁଁ ମୋଟ ୧, ୬୮, ୬୫୨ ଜଣ ଜନସାଧାରଣ ବନ୍ୟା କବଳରେ ଥିବା ବେଳେ ପ୍ରଶାସନ ପକ୍ଷରୁ ୪୬, ୫୦୦ ଜଣଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ତେବେ ବର୍ତ୍ତମାନ ସୁଦ୍ଧା କୌଣସି ଜଳବନ୍ଦୀ ଲୋକ ନାହାନ୍ତି କିମ୍ବା କୌଣସି ଜୀବନହାନି ଓ ଘରଭଙ୍ଗା ସୂଚନା ମିଳିନାହିଁ। ବନ୍ୟା ସ୍ଥିତିର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଆଜି ମଧ୍ୟାହ୍ନରେ ଜିଲ୍ଲାପାଳ ଅମ୍ବର କୁମାର କର ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ବିଡିଓ, ତହସିଲଦାର ମାନଙ୍କ ସହ ଆଭାସୀ ମାଧ୍ୟମରେ ସମଗ୍ର ସ୍ଥିତିର ମନିଟରିଂ ଓ ସମୀକ୍ଷା କରିଛନ୍ତି। ବନ୍ୟା ପ୍ରଭାବିତ ଅଞ୍ଚଳରେ ରିଲିଫ୍, ଉଦ୍ଧାର, ପାନୀୟ ଜଳ, ବିଦ୍ୟୁତ୍, ସ୍ୱାସ୍ଥ୍ୟ ଓ ଯୋଗାଯୋଗ ପୁନରୁଦ୍ଧାର କାର୍ଯ୍ୟକୁ ୨୪ ଘଣ୍ଟିଆ ନଜର ରଖି ତ୍ୱରାନ୍ୱିତ କରିବାକୁ ସେ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାପରେ ଆଜି ଅପରାହ୍ନରେ ଜିଲ୍ଲାପାଳ ବରୀ ବ୍ଲକ ଗସ୍ତ କରି କିମ୍ବିରିଆପାଳ ପଞ୍ଚାୟତର ବାଙ୍କସାହି ସ୍ଥିତ ବ୍ରାହ୍ମଣୀ ନଦୀକୂଳ ଓ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ନଦୀବନ୍ଧ ସୁରକ୍ଷା ଓ ରିଲିଫ୍ କାର୍ଯ୍ୟର ଅନୁଧ୍ୟାନ କରିଛନ୍ତି। ଜିଲ୍ଲାପାଳଙ୍କ ପ୍ରତ୍ୟେକ୍ଷ ନିର୍ଦ୍ଦେଶକ୍ରମେ ବନ୍ୟା ପ୍ରଭାବିତ ଦଶରଥପୁର ବ୍ଲକରେ ଆଜି ଏକ ବିଶେଷ ପ୍ରାଣୀ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଯାଇଛି। ଜିଲ୍ଲାରେ ମୋଟ ୭୩, ୫୬୮ ଗୃହପାଳିତ ପଶୁ ପ୍ରଭାବିତ ହୋଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ୪ଟି ଭେଟେରିନାରୀ ଟିମ୍ ମୋବିଲାଇଜ୍ ହୋଇ ୮ଟି କ୍ୟାମ୍ପ ଜରିଆରେ ୨୮୨ଟି ପ୍ରାଣୀଙ୍କୁ ଚିକିତ୍ସା ଓ ଟିକାକରଣ କରିଛନ୍ତି। ଏହାସହ ଗୋଖାଦ୍ୟ ସଂକଟ ଦୂର କରିବା ପାଇଁ ୧୪୬.୧୧ ମେଟ୍ରିକ୍ ଟନ୍ ଗୋଖାଦ୍ୟ ଯୋଗାଣ ପାଇଁ ଏସ୍‌ଆର୍‌ସିଙ୍କ ପାଖରେ ଆବେଦନ କରାଯାଇଛି ଏବଂ କୌଣସି ପଶୁହାନି ହୋଇନାହିଁ। ବିଞ୍ଝାରପୁର ବ୍ଲକ ସମେତ ଜିଲ୍ଲାର ପ୍ରଭାବିତ ଅଞ୍ଚଳରେ ଆଶ୍ରୟ ନେଇଥିବା ବିପନ୍ନଙ୍କ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ମୋଟ ୯୨ଟି ମାଗଣା ରନ୍ଧାଖାଦ୍ୟ କେନ୍ଦ୍ର କାର୍ଯ୍ୟକ୍ଷମ କରାଯାଇଛି। ଜିଲ୍ଲାରେ ଖୋଲାଯାଇଥିବା ୧୦୪ଟି ଆଶ୍ରୟସ୍ଥଳୀରେ ରହୁଥିବା ୪୬, ୫୦୦ ଜଣଙ୍କ ମଧ୍ୟରୁ ୪୫, ୧୪୫ ଜଣ ବିପନ୍ନଙ୍କୁ ଗରମ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଛି। ଏହାବାଦ୍ ପ୍ରଶାସନ ପକ୍ଷରୁ ୨୧୫.୯ କ୍ୱିଣ୍ଟାଲ ଚୁଡ଼ା ଓ ୨୧.୭୫ କ୍ୱିଣ୍ଟାଲ ଗୁଡ଼ ଶୁଖିଲା ଖାଦ୍ୟ ଭାବେ ବଣ୍ଟନ କରାଯାଇଛି। ଦଶରଥପୁର ବ୍ଲକ ତରପଦା ପଞ୍ଚାୟତର ପାଟଣା ଗାଁ ନିକଟରେ କାଣୀ ନଦୀରେ ଏବଂ ବିଞ୍ଝାରପୁର ବ୍ଲକ ଜରୀ ପଞ୍ଚାୟତର ନଉବାଙ୍କ ଗାଁ ନିକଟରେ ବୈତରଣୀ ନଦୀରେ ପୂର୍ବରୁ ଥିବା ୨ଟି ଘାଇ ଦେଇ ବନ୍ୟାଜଳ ପ୍ରବେଶ କରି ଗାଁ ଗୁଡ଼ିକୁ ଜଳମଗ୍ନ କରୁଛି। ଏହା ଯୋଗୁଁ ୪, ୮୦୨ ହେକ୍ଟର ଚାଷଜମି ବନ୍ୟାଜଳରେ ବୁଡ଼ି ରହିଛି। ଜିଲ୍ଲାରେ ୧, ୭୪୫ଟି ନଳକୂପ/ପାନୀୟ ଜଳ ପ୍ରକଳ୍ପ, ୧୨, ୬୪୫ ବିଦ୍ୟୁତ୍ ଉପଭୋକ୍ତା, ୧୪ଟି ସ୍ୱାସ୍ଥ୍ୟକେନ୍ଦ୍ର, ୧୮ଟି ରାସ୍ତା/ପୋଲ ପ୍ରଭାବିତ ହୋଇଥିବା ବେଳେ ୬ଟି ଗାଁର ରାସ୍ତା ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଛି ଏବଂ ୨୦ଟି ସ୍ଥାନରେ ଜଳବନ୍ଦୀ ଓ ପରିମଳ ସମସ୍ୟା ଦେଖାଦେଇଛି। ଲୋକଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ୮ଟି ମେଡିକାଲ୍ ଟିମ୍ ମୁତୟନ କରାଯାଇ ୧୫ଟି ସ୍ୱାସ୍ଥ୍ୟ ଶିବିର ଜରିଆରେ ୫୯୩ ଜଣ ରୋଗୀଙ୍କୁ ଚିକିତ୍ସା କରାଯାଇଛି। ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ବରିଷ୍ଠ ଅଧିକାରୀମାନେ ବନ୍ୟା ପ୍ରଭାବିତ ଅଞ୍ଚଳରେ ସ୍ଥିତି ଅନୁଧ୍ୟାନ କରିବା ସହ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ତଦାରଖ କରୁଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ୨୪ ଘଣ୍ଟିଆ ଜରୁରୀକାଳୀନ ନିୟନ୍ତ୍ରଣ କକ୍ଷ ଜରିଆରେ ବନ୍ୟା ସ୍ଥିତି ଉପରେ କଡ଼ା ନଜର ରଖାଯାଇଛି।



## ଭାସି ଯାଉଥିବା ଯୁବକ ଉଦ୍ଧାର

**ଯାଜପୁର :** ଯାଜପୁର ବ୍ଲକ ଅନ୍ତର୍ଗତ ଏରବାଙ୍ଗ ପଞ୍ଚାୟତ ଶିବାଛକ ନିକଟରେ ଥିବା ଦୁଧେଇ ନାଳ ବାଡ଼ା ବିହୀନ ପୋଲ ଉପରୁ ଜଣେ ଯୁବକ ଭାସିଯାଉଥିବା ବେଳେ ସ୍ଥାନୀୟ ସାହସୀ ଯୁବକଙ୍କ ଦ୍ୱାରା ଉଦ୍ଧାର ହୋଇଥିବା ଜଣାପଡ଼ିଛି। ଘଟଣାରୁ ପ୍ରକାଶ ଯେ ଏହି ପଞ୍ଚାୟତର ଇନ୍ଦାରୋଇ ଗ୍ରାମର ଧିରେନ୍ଦ୍ର ବେହେରାଙ୍କ ପୁଅ ମୁନା ବେହେରା (୨୨) କୌଣସି କାର୍ଯ୍ୟରେ ବାହାରକୁ ଯାଇଥିଲେ। ଶିବାଛକରୁ ନିଜ ଘର ଇନ୍ଦାରୋଇ ଗ୍ରାମକୁ ଫେରୁଥିବା ସମୟରେ ପୋଲ ଉପରେ ଚାଲିଥିବା ବନ୍ୟାଜଳର ପ୍ରଖର ସ୍ରୋତରେ ତଳକୁ ଭାସିଯାଇଥିଲେ। ସ୍ଥାନୀୟ ଲୋକେ ଏହି ଦୃଶ୍ୟ ଦେଖୁଥିଲେ ମଧ କେହି ଯୁବକଙ୍କୁ ଉଦ୍ଧାର କରିବା ପାଇଁ ଆଗେଇ ଆସିନଥିଲେ। ଏହି ସମୟରେ ସାହାସପୁର ଗ୍ରାମର ସହଦେବ ଦଳେଇଙ୍କ ପୁଅ ଦୁନିଆ ଦଳେଇ (୨୭) ଦେବଦୂତ ସାଜି ପାଣି ଭିତରକୁ ଡେଇଁ ପାଖାପାଖି ୧୦୦ ମିଟର ଦୂରରୁ ଯୁବକଙ୍କୁ ଉଦ୍ଧାର କରି ଆଣିଥିଲେ। ଏହି ଘଟଣା ପ୍ରଚାର ହେବା ପରେ ସାହସୀ ଯୁବକ ଦୁନିଆଙ୍କୁ ସମସ୍ତେ ପ୍ରଶଂସା କରୁଥିବା ଦେଖାଯାଇଛି। ଖବର ପାଇ ଯାଜପୁର ସଦର ପୁଲିସ ଘଟଣାସ୍ଥଳରେ ପହଞ୍ଚି ସାଧାରଣ ଲୋକଙ୍କୁ ପୋଲ ଉପରେ ଯାତାୟତ କରିବାକୁ ବାରଣ କରିଥିବା ଦେଖାଯାଇଛି।

# ସମ୍ପାଦକୀୟ



ଜୀବନ ଏକ ପୁଷ୍ପ, ପ୍ରେମ ତାହାର ମଧୁ।
-ଭିକ୍ଟର ହ୍ୟୁଗୋ

ସକାଳ THE SAKALA

## ସଂସଦର ମୌସୁମୀ ଅନୁଭବ

ସଂସଦର ସଦ୍ୟସମାପ୍ତ ମୌସୁମୀ ଅଧିବେଶନ ଶାସକ ଓ ବିରୋଧୀ ଦଳ ପାଇଁ ମିଶ୍ର ଫଳାଫଳ ଦେଇଛି। ଅଥଚ ଭାରତର ନାଗରିକଙ୍କ ପାଇଁ ଆଉ ଏକ ନୈରାଶ୍ୟଜନକ ଅନୁଭବ ଆଣିଛି। 'ପିଆରଏସ୍ ଲେଜିସଲେଟିଭ୍ ରିସର୍ଚ୍ଚ' ତଥ୍ୟାନୁଯାୟୀ ଧାର୍ଯ୍ୟ ମୋଟ ୧୧୪ ଘଣ୍ଟାର ଅଧିବେଶନରୁ ଲୋକସଭା ମାତ୍ର ୧୭.୫ ଘଣ୍ଟା ବା ୧୫% ଏବଂ ରାଜ୍ୟସଭା ୩୭.୩୭ ଘଣ୍ଟା ବା ୩୩ ପ୍ରତିଶତ ଚାଲିପାରିଛି। ଅର୍ଥାତ୍ ଲୋକସଭାର ୯୬.୫ ଘଣ୍ଟା ଏବଂ ରାଜ୍ୟସଭାର ୭୬.୬ ଘଣ୍ଟାର ବହୁମୂଲ୍ୟ ସମୟ ଅପଚୟ ହୋଇଛି। ଲୋକସଭା ସଚିବାଳୟ ଦ୍ୱାରା ୨୦୧୨ରେ କରାଯାଇଥିବା ଏକ ଆନୁମାନିକ ଆକଳନ ଅନୁଯାୟୀ ପ୍ରତି ଗୃହ ପାଇଁ ମିନିଟ୍ ପିଛା ୧.୨୫ ଲକ୍ଷ ଟଙ୍କା ରାଜକୋଷରୁ ଅର୍ଥାତ୍ ଭାରତୀୟ ଟିକସଦାତାଙ୍କ ଅର୍ଥ ଖର୍ଚ୍ଚ ହେଉଛି। ଏହି ଆଧାରରେ ହିସାବ କଲେ ସଦ୍ୟସମାପ୍ତ ଅଧିବେଶନରେ ଉଭୟ ଗୃହରେ ଅସ୍ୱାଭାବିକ ହୋଇଥିବା ମୋଟ ୧୭୩.୧ ଘଣ୍ଟା ପାଇଁ ୧୩୦ କୋଟି ଟଙ୍କା ଅପଚୟ ହୋଇଛି। ଆଜିର ଦିନରେ ହିସାବ କଲେ ଏହି ଖର୍ଚ୍ଚ ଆହୁରି ଅଧିକ ହୋଇପାରେ। ଏହାଦ୍ୱାରା ଜନସ୍ୱାର୍ଥ ସହିତ ଜଡ଼ିତ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନକାଳ ବାତିଲ୍ ହୋଇଯିବା ଫଳରେ ଜନପ୍ରତିନିଧିମାନଙ୍କୁ ଉତ୍ତରଦାୟୀ କରାଯାଇପାରି ନାହିଁ। କେତେକ ବିଧେୟକ ବିନା ଆଲୋଚନାରେ ଏବଂ କେତେକ ବିଲ୍ ଯତ୍‌କିଞ୍ଚିତ ଆଲୋଚନାରେ ପାରିତ ହୋଇଗଲା। ଏହା ସାମଗ୍ରିକ ଭାବେ ସଂସଦୀୟ ଗଣତନ୍ତ୍ର ପ୍ରତି ଶୁଭସଙ୍କେତ ନୁହେଁ।

ସଂସଦରେ ବିରୋଧାଭାସ ସ୍ୱାଭାବିକ। କିନ୍ତୁ ଏହା ସମ୍ପୂର୍ଣ୍ଣ ଗଣତାନ୍ତ୍ରିକ ଭାବରେ ହେବା ଉଚିତ। ଏଥିରେ ଉଭୟ ଶାସକ ଓ ବିରୋଧୀ ଦଳର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଓ କର୍ତ୍ତବ୍ୟ ରହିଛି। କିନ୍ତୁ ଏହି ଦାୟିତ୍ୱ ନିଜ ଉପରକୁ ନେବାକୁ କୌଣସି ପକ୍ଷ ପ୍ରସ୍ତୁତ ନଥିବାରୁ ଏଭଳି ଅବାଞ୍ଛିତ ଅଧ୍ୟାୟମାନ ସଂସଦୀୟ ଗଣତାନ୍ତ୍ରିକ ଇତିହାସର ପୃଷ୍ଠା ମଣ୍ଡନ କରୁଛି। ଭୋଟଦାତାଙ୍କ ପାଇଁ ଗତ ମୌସୁମୀ ଅଧିବେଶନ ହତାଶା ହେବା ପଛରେ ମୁଖ୍ୟ କାରଣ ଥିଲା ଦିଲ୍ଲୀରେ ଆନ୍ଦୋଳନରତ ଛାତ୍ରଛାତ୍ରୀଙ୍କ ଉପରେ ପୁଲିସ୍‌ର ଅନୈତିକ କାର୍ଯ୍ୟାନୁଷ୍ଠାନ ବିରୋଧରେ ପ୍ରତିବାଦ। ଏହାକୁ କେନ୍ଦ୍ର କରି ବିରୋଧୀ ଦଳ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ବିବୃତ୍ତି ଓ ଇସ୍ତଫା ଦାବି କରିଥିବା ବେଳେ ବିଭାଗୀୟ ମନ୍ତ୍ରୀ ଦୀର୍ଘଦିନ ଧରି ଗୃହରେ ଅନୁପସ୍ଥିତ ରହିଲେ। ଏହା ବିରୋଧୀଙ୍କୁ ଆହୁରି ବଳ ଯୋଗାଇଲା। ଅଧିବେଶନର ପ୍ରାରମ୍ଭିକ ପର୍ଯ୍ୟାୟରେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି ଏବଂ ପରବର୍ତ୍ତୀ ସମୟରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଗୃହରେ ଉପସ୍ଥିତି ଓ ଇସ୍ତଫା ଦାବି କରି ବିରୋଧୀ ଦଳ ଉଭୟ ଗୃହକୁ ଅଚଳ କରିଦେଲେ। ଶେଷପର୍ଯ୍ୟାୟରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ୨୪ ଘଣ୍ଟିଆ ବିବୃତ୍ତି ପ୍ରସ୍ତାବକୁ ବିରୋଧୀ ଦଳ ପ୍ରତ୍ୟାଖ୍ୟାନ କଲେ। ତେଣୁ ଶେଷ ଦିନରେ ଗୃହ ମାତ୍ର ୧ ମିନିଟ୍ ଚାଲିପାରିଲା। କିନ୍ତୁ ଏଥିପାଇଁ ଉଭୟେ ଉଭୟଙ୍କ ଉପରେ ଦୋଷ ଲଦିବାରେ ଅବହେଳା କଲେ ନାହିଁ।

ଅଧିବେଶନ ସମାପ୍ତ ପରେ ଉଭୟ ଶାସକ ଓ ବିରୋଧୀ ଦଳ କ'ଣ ପାଇଲେ କ'ଣ ହରାଇଲେ ତାହାକୁ ନେଇ ହିସାବ ନିକାସ କରୁଥିବେ। ଶାସକ ଦଳ ଏଥର ପୁଣି ଥରେ ନିର୍ବାଚନ ମଣ୍ଡଳୀ ସୀମା ପୁନଃନିର୍ଦ୍ଧାରଣ ଏବଂ ମହିଳା ସଂରକ୍ଷଣ ବିଧେୟକକୁ ମିଳିତ ଭାବେ ଉପସ୍ଥାପନ କରି ନିରଙ୍କୁଶ ସଂଖ୍ୟାଗରିଷ୍ଠତା ପ୍ରମାଣ କରିବାର ଯୋଜନାରେ ଥିଲେ। କିନ୍ତୁ ସିଜେପି ଆନ୍ଦୋଳନ ବିରୋଧୀ ପକ୍ଷକୁ ବଳ ଯୋଗାଇଲା ଏବଂ କ୍ରମାଗତ ବିରୋଧ ସରକାରଙ୍କ ଏହି ଯୋଜନାକୁ ଭଣ୍ଡୁର କରିଦେଲା। ଶାସକ ଦଳ ପାଇଁ ଏହା ସବୁଠାରୁ ବଡ଼ ବିଫଳତା ଭାବେ ଗଣାଯାଉଛି। ଏଥିସହିତ ବିରୋଧୀ ଓ ଜନତାଙ୍କ ଦାବି ଆଗରେ ମୁଣ୍ଡନୁଆଁଇ କେନ୍ଦ୍ର ମନ୍ତ୍ରିପରିଷଦର ଜଣେ ସଦସ୍ୟଙ୍କୁ ଏହି ଅଧିବେଶନ କାଳରେ ହିଁ ଇସ୍ତଫା ଦେବାକୁ ପଡ଼ିଲା। ଗତ ବାର ବର୍ଷ ଭିତରେ ଏହା ସରକାରଙ୍କ ପାଇଁ ଆଉ ଏକ ବଡ଼ ପରାଭବ ଭାବେ ରାଜନୈତିକ ବିଶାରଦମାନେ ଚିତ୍ରିତ କରୁଛନ୍ତି। ଅପରପକ୍ଷରେ ଯଦି ଏହି ବିଧେୟକ ଉପସ୍ଥାପିତ ହୋଇଥା'ନ୍ତା ତେବେ ବିରୋଧୀ ଦଳର ନୈତିକ ଓ ରାଜନୈତିକ ପରାଜୟ ହୋଇଥା'ନ୍ତା। ତେଣୁ ହଟ୍ଟଗୋଳ ଜରିଆରେ କୌଣସିମତେ ଉକ୍ତ ବିତର୍କିତ ଓ ବିବାଦୀୟ ବିଧେୟକକୁ ଉପସ୍ଥାପନ ନ କରିବା ପାଇଁ ବିରୋଧୀ ଦଳ ଯେଉଁ ଯୋଜନା କରିଥିଲା ସେଥିରେ ସଫଳ ହେଲେ।

ଏସବୁ ରାଜନୈତିକ ସଫଳତା-ବିଫଳତା, ହାର-ଜିତ ପ୍ରଶ୍ନର ଊର୍ଦ୍ଧ୍ୱରେ ଦେଶର ଭୋଟର, କରଦାତା ଓ ଜନସାଧାରଣ ପ୍ରଭୂତ କ୍ଷତି ସହିଲେ। ଖଣି ଓ ଖଣିଜ (ବିକାଶ ଓ ନିୟାମକ) ସଂଶୋଧନ ବିଧେୟକଟି ବିନା ସମ୍ୟକ ଆଲୋଚନାରେ ଉଭୟ ଗୃହରେ ପାରିତ ହୋଇଯିବା ଫଳରେ ଓଡ଼ିଶା ସମେତ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଭଳି ଖଣିଜ ସମୃଦ୍ଧ ଗରିବ ରାଜ୍ୟମାନେ ବିପୁଳ ରାଜସ୍ୱ ହରାଇବା ନିଶ୍ଚିତ ହୋଇଗଲା। ମୌଳିକ ଅଧିକାର ସମ୍ବନ୍ଧିତ ଦେଶବାସୀଙ୍କ ହଜାର ହଜାର ସମସ୍ୟା ରହିଛି। ଜଳବାୟୁ ପରିବର୍ତ୍ତନ, ବନ୍ୟା ନିୟନ୍ତ୍ରଣ, ପ୍ରଦୂଷଣ ନିରାକରଣ ଭଳି ଆହ୍ୱାନମାନ ଦେଶ ଆଗରେ ରହିଛି। ସ୍ୱାସ୍ଥ୍ୟ ଓ ଶିକ୍ଷାର ଅଧୋଗତି ଘଟିଚାଲିଛି। ଆମେରିକା ବାରମ୍ବାର ଆମ ବାଣିଜ୍ୟ ନୀତି ଓ ସାର୍ବଭୌମତ୍ୱକୁ ବଶମ୍ବଦ କରିବାକୁ ପ୍ରୟାସ କରିଚାଲିଛି। ପଶ୍ଚିମ ଏସିଆରେ ନୂଆ ସାମରିକ ମେଣ୍ଟ ଭାରତର ପ୍ରତିରକ୍ଷା ପ୍ରତି ଆହ୍ୱାନ ସୃଷ୍ଟି କରିଛି। ଏଭଳି ପ୍ରସଙ୍ଗଗୁଡ଼ିକୁ ଅଧିକ ଶାଣିତ ଢଙ୍ଗରେ ଉତ୍ଥାପନ କରି ଶାସକ ଦଳକୁ ଉତ୍ତରଦାୟୀ କରିବା ଆବଶ୍ୟକ ଥିଲା। ଶାସକ ଦଳ ବା ସରକାରଙ୍କୁ ଛନ୍ଦିବା ପାଇଁ ପ୍ରଶ୍ନ ହିଁ ବିରୋଧୀ ଦଳର ଅମୋଘ ଅସ୍ତ୍ର। କକ୍ଷତ୍ୟାଗ, ମୁଲତବୀ ଆଦି ତାଳିପକା ଉଦ୍ୟମ; ଏଥିରେ ସମସ୍ୟାର ଦୀର୍ଘସ୍ଥାୟୀ ସମାଧାନ ହେବ ନାହିଁ। ଶାସକ ଦଳ ମଧ୍ୟ ସଂସଦୀୟ କାର୍ଯ୍ୟାବଳୀକୁ ସୁସଂହତ ଓ ଶୃଙ୍ଖଳିତ କରିବା ଆବଶ୍ୟକ ଥିଲା। ସର୍ବୋପରି ବିରୋଧୀ ଦଳକୁ ବିଶ୍ୱାସକୁ ନେଇଥିଲେ ସଂସଦର ମୌସୁମୀ ଅଧିବେଶନ ଗଣତନ୍ତ୍ର ପ୍ରତି ଅଧିକ ହିତକର ଏବଂ ଭାରତର ନାଗରିକଙ୍କ ପ୍ରତି ଅଧିକ ଆସ୍ୱସ୍ତିକର ହୋଇଥା'ନ୍ତା।

# ବିକଶିତ ଭାରତ ଗଠନରେ ଯୁବପିଢ଼ିଙ୍କ ଭୂମିକା

ଡ ପଦ୍ମଲୋଚନ ରାଉତ



୨୦୪୭ ମସିହା ଭାରତର ସ୍ୱାଧୀନତାର ୧୦୦ ବର୍ଷ ପୂର୍ତ୍ତିର ବର୍ଷ। ଏହି ସମୟ ସୁଦ୍ଧା ଭାରତକୁ ଏକ ବିକଶିତ, ସମୃଦ୍ଧ, ସ୍ୱାବଲମ୍ବୀ ଏବଂ ବିଶ୍ୱରେ ଅଗ୍ରଣୀ ରାଷ୍ଟ୍ରରେ ପରିଣତ କରିବା ଆମର ଜାତୀୟ ସଂକଳ୍ପ। ଏହି ମହାନ ଲକ୍ଷ୍ୟ ସାକାର କରିବାରେ ସବୁଠାରୁ ବଡ଼ ଶକ୍ତି ହେଉଛନ୍ତି ଦେଶର ଯୁବପିଢ଼ି। ଆଜିର ଯୁବକ-ଯୁବତୀମାନେ କେବଳ ଆଗାମୀ ଦିନର ନେତୃତ୍ୱ ନୁହେଁ, ବରଂ ବର୍ତ୍ତମାନର ପରିବର୍ତ୍ତନର ପ୍ରମୁଖ ବାହକ। ସ୍ୱାମୀ ବିବେକାନନ୍ଦ କହିଥିଲେ, 'ଉଠ, ଜାଗ ଏବଂ ଲକ୍ଷ୍ୟ ପ୍ରାପ୍ତ ନହେବା ପର୍ଯ୍ୟନ୍ତ ଅଟକି ରୁହ ନାହିଁ।' ଏହି ବାଣୀ ଆଜିର ଯୁବପିଢ଼ି ପାଇଁ ଏକ ପ୍ରେରଣା। ଯଦି ଯୁବସମାଜ ଜ୍ଞାନ, ଦକ୍ଷତା, ନୈତିକତା ଏବଂ ଦେଶପ୍ରେମକୁ ନିଜର ଆଦର୍ଶ କରି ଆଗେଇ ଯାଆନ୍ତି, ତେବେ ବିକଶିତ ଭାରତ ୨୦୪୭ର ସ୍ୱପ୍ନ ନିଶ୍ଚିତ ଭାବେ ସାକାର ହେବ।

ବିକଶିତ ଭାରତ ୨୦୪୭ର ମୂଳ ଲକ୍ଷ୍ୟ ହେଉଛି ଭାରତକୁ ଆର୍ଥିକ ଭାବେ ସମୃଦ୍ଧ, ବୈଜ୍ଞାନିକ ଭାବେ ଅଗ୍ରଣୀ, ସାମାଜିକ ଭାବେ ସମତାଭିତ୍ତିକ ଏବଂ ସାଂସ୍କୃତିକ ଭାବେ ସଶକ୍ତ ରାଷ୍ଟ୍ରରେ ପରିଣତ କରିବା। ୨୦୪୭ ମସିହାରେ ସ୍ୱାଧୀନତାର ୧୦୦ ବର୍ଷ ପୂର୍ତ୍ତି ସମୟରେ ଏପରି ଏକ ଭାରତ ଗଢ଼ିବାର ସଂକଳ୍ପ ରହିଛି, ଯେଉଁଠାରେ ପ୍ରତ୍ୟେକ ନାଗରିକ ଉନ୍ନତ ଶିକ୍ଷା, ଉତ୍ତମ ସ୍ୱାସ୍ଥ୍ୟସେବା, ରୋଜଗାରର ସୁଯୋଗ, ଆଧୁନିକ ଭିତ୍ତିଭୂମି, ପରିଷ୍କାର ପରିବେଶ ଏବଂ ସମାନ ସୁଯୋଗ ପାଇବେ। ଏହି ଲକ୍ଷ୍ୟ କେବଳ ସରକାରଙ୍କର ନୁହେଁ; ପ୍ରତ୍ୟେକ ନାଗରିକ, ବିଶେଷକରି ଯୁବପିଢ଼ିର ସକ୍ରିୟ ଅଂଶଗ୍ରହଣ ଏହାର ସଫଳତାର ଚାବିକାଠି। କୌଣସି ଦେଶର ବିକାଶର ମୂଳଦୁଆ ହେଉଛି ଗୁଣାତ୍ମକ ଶିକ୍ଷା ଏବଂ କୌଶଳ ବିକାଶ। ଆଜିର ଯୁଗରେ କେବଳ ଡିଗ୍ରୀ ନୁହେଁ; ବରଂ ଜ୍ଞାନ, ଦକ୍ଷତା, ସୃଜନଶୀଳତା, ନବସୃଜନ ଏବଂ ସମସ୍ୟା ସମାଧାନର କ୍ଷମତା ଅତ୍ୟନ୍ତ ଆବଶ୍ୟକ। ଯଦି ଯୁବପିଢ଼ିକୁ ଆଧୁନିକ ଶିକ୍ଷା, ବୈଷୟିକ ପ୍ରଶିକ୍ଷଣ, ଡିଜିଟାଲ୍ କୌଶଳ ଏବଂ ଉଦ୍ୟୋଗୀ ମନୋଭାବ ସହିତ ସଶକ୍ତ କରାଯାଏ, ତେବେ ସେମାନେ କେବଳ ନିଜ ପାଇଁ ନୁହେଁ, ଅନ୍ୟମାନଙ୍କ ପାଇଁ ମଧ୍ୟ ରୋଜଗାରର ସୁଯୋଗ ସୃଷ୍ଟି କରିପାରିବେ। ତେଣୁ ଶିକ୍ଷା ଓ କୌଶଳ ବିକାଶ ହିଁ ବିକଶିତ ଭାରତ ୨୦୪୭ର ସବୁଠାରୁ ଦୃଢ଼ ଭିତ୍ତି।

ବିକଶିତ ଭାରତ ୨୦୪୭ କେବଳ ଏକ ସରକାରୀ ଯୋଜନା ନୁହେଁ, ବରଂ ଏହା ୧୪୦ କୋଟି ଭାରତୀୟଙ୍କ ସାମୂହିକ ସ୍ୱପ୍ନ। ଏହି ସ୍ୱପ୍ନର ପ୍ରଥମ ଦିଗ ହେଉଛି ଆର୍ଥିକ ସମୃଦ୍ଧି। ଭାରତର ଅର୍ଥନୀତିକୁ ଆହୁରି ଶକ୍ତିଶାଳୀ କରିବା ସହିତ ଶିଳ୍ପ, କୃଷି, ସେବା ଏବଂ ପ୍ରଯୁକ୍ତି କ୍ଷେତ୍ରରେ ଉନ୍ନତି ଆଣିବା ଆବଶ୍ୟକ। ଏହାଦ୍ୱାରା ନୂତନ ରୋଜଗାର ସୃଷ୍ଟି ହେବ ଏବଂ ଦାରିଦ୍ର୍ୟ ହ୍ରାସ ପାଇବ। ଦ୍ୱିତୀୟ ଦିଗ ହେଉଛି ସାମାଜିକ ବିକାଶ। ପ୍ରତ୍ୟେକ ନାଗରିକଙ୍କୁ ଉତ୍ତମ ଶିକ୍ଷା, ଗୁଣାତ୍ମକ ସ୍ୱାସ୍ଥ୍ୟସେବା, ନିରାପଦ ପାନୀୟ ଜଳ, ସ୍ୱଚ୍ଛତା ଏବଂ ସମାନ ସୁଯୋଗ ମିଳିବା ଆବଶ୍ୟକ। ବିକାଶର ଲାଭ ସମାଜର ପ୍ରତ୍ୟେକ ବର୍ଗ ପର୍ଯ୍ୟନ୍ତ ପହଞ୍ଚିଲେ ହିଁ ପ୍ରକୃତ ବିକାଶ ସମ୍ଭବ। ତୃତୀୟ ଦିଗ ହେଉଛି ପ୍ରଯୁକ୍ତି ଓ ନବସୃଜନ। କୃତ୍ରିମ ବୁଦ୍ଧିମତ୍ତା (ଏଆଇ), ମହାକାଶ ବିଜ୍ଞାନ, ଡିଜିଟାଲ୍ ପ୍ରଯୁକ୍ତି, ଜୈବ ପ୍ରଯୁକ୍ତି ଏବଂ ଗବେଷଣା କ୍ଷେତ୍ରରେ ଭାରତକୁ ବିଶ୍ୱର ଅଗ୍ରଣୀ ଦେଶମାନଙ୍କ ମଧ୍ୟରେ ସ୍ଥାନ ଦେବା ଆବଶ୍ୟକ। ନବସୃଜନ ହିଁ ଭବିଷ୍ୟତର ଅର୍ଥନୀତିର ମୂଳ ଆଧାର ହେବ। ଚତୁର୍ଥ ଦିଗ ହେଉଛି ପରିବେଶ ସୁରକ୍ଷା ଓ ସ୍ଥାୟୀ ବିକାଶ। ବିକାଶ ସହିତ ପ୍ରକୃତିର ସନ୍ତୁଳନ ରକ୍ଷା କରିବା ଅତ୍ୟନ୍ତ ଜରୁରୀ। ସ୍ୱଚ୍ଛ ଶକ୍ତିର ବ୍ୟବହାର, ବୃକ୍ଷରୋପଣ, ଜଳ ସଂରକ୍ଷଣ ଏବଂ ପ୍ରଦୂଷଣ ନିୟନ୍ତ୍ରଣ ଦ୍ୱାରା ଆଗାମୀ ପିଢ଼ି ପାଇଁ ଏକ ସୁନ୍ଦର ଭାରତ ଗଢ଼ାଯାଇପାରିବ।

ଶେଷରେ, ବିକଶିତ ଭାରତ ୨୦୪୭ର ଲକ୍ଷ୍ୟ ସେତେବେଳେ ସଫଳ ହେବ, ଯେତେବେଳେ ପ୍ରତ୍ୟେକ ନାଗରିକ ନିଜ କର୍ତ୍ତବ୍ୟକୁ ସଚେତନତାର ସହିତ ପାଳନ କରିବେ ଏବଂ ଦେଶହିତକୁ ସର୍ବୋପରି ସ୍ଥାନ ଦେବେ। ବିଶେଷକରି ଯୁବପିଢ଼ି ନିଜର ଜ୍ଞାନ, ଶକ୍ତି ଏବଂ ସୃଜନଶୀଳତା ଦ୍ୱାରା ଏହି ସ୍ୱପ୍ନକୁ ସାକାର କରିପାରିବେ।

ଶିକ୍ଷା ହେଉଛି ଏକ ଜାତିର ମେରୁଦଣ୍ଡ। ଯେଉଁ ଦେଶର ଶିକ୍ଷା ବ୍ୟବସ୍ଥା ଯେତେ ଉନ୍ନତ, ସେହି ଦେଶ ସେତେ ଦ୍ରୁତ ଅଗ୍ରଗତି କରେ। ବିକଶିତ ଭାରତ ୨୦୪୭ର ସ୍ୱପ୍ନକୁ ସାକାର କରିବା ପାଇଁ କେବଳ ପୁସ୍ତକଗତ ଜ୍ଞାନ ପର୍ଯ୍ୟାପ୍ତ ନୁହେଁ; ବ୍ୟବହାରିକ ଜ୍ଞାନ, ବୈଷୟିକ କୌଶଳ, ନୈତିକ ଶିକ୍ଷା ଏବଂ ନବସୃଜନର ମନୋଭାବ ମଧ୍ୟ ସମାନ ଗୁରୁତ୍ୱପୂର୍ଣ୍ଣ। ଆଜିର ବିଶ୍ୱ ଦ୍ରୁତଗତିରେ ବଦଳୁଛି। କୃତ୍ରିମ ବୁଦ୍ଧିମତ୍ତା, ରୋବୋଟିକ୍ସ, ଡାଟା ସାଇନ୍ସ, ସାଇବର ସୁରକ୍ଷା ଏବଂ ଡିଜିଟାଲ୍ ପ୍ରଯୁକ୍ତି ନୂତନ ରୋଜଗାରର ସୁଯୋଗ ସୃଷ୍ଟି କରୁଛି। ତେଣୁ ଯୁବପିଢ଼ିଙ୍କୁ ସମୟୋପଯୋଗୀ କୌଶଳରେ ପ୍ରଶିକ୍ଷିତ କରିବା ଅତ୍ୟନ୍ତ ଆବଶ୍ୟକ। କୌଶଳ ବିକାଶର ଅର୍ଥ କେବଳ ଚାକିରି ପାଇବା ନୁହେଁ; ବରଂ ନିଜେ ଉଦ୍ୟୋଗୀ ହେବା, ନୂତନ ଉଦ୍ୟମ ଆରମ୍ଭ କରିବା ଏବଂ ଅନ୍ୟମାନଙ୍କ ପାଇଁ ରୋଜଗାରର ସୁଯୋଗ ସୃଷ୍ଟି କରିବା। ଷ୍ଟାର୍ଟଅପ୍, ଡିଜିଟାଲ୍ ଉଦ୍ୟୋଗ ଏବଂ ନବସୃଜନ ମାଧ୍ୟମରେ ଯୁବକମାନେ ଭାରତର ଅର୍ଥନୀତିକୁ ନୂଆ ଦିଗ ଦେଇପାରିବେ। ଏହା ସହିତ ଶିକ୍ଷାର ଉଦ୍ଦେଶ୍ୟ କେବଳ ଜୀବିକା ଅର୍ଜନ ନୁହେଁ; ଏହା ଜଣେ ଉତ୍ତମ ନାଗରିକ ସୃଷ୍ଟି କରିବା। ସତ୍ୟନିଷ୍ଠା, ଶୃଙ୍ଖଳା, ଦେଶପ୍ରେମ, ସହାନୁଭୂତି ଏବଂ ସାମାଜିକ ଦାୟିତ୍ୱ ଭଳି ଗୁଣ ଶିକ୍ଷା ମାଧ୍ୟମରେ ବିକଶିତ ହୁଏ। ଏହି ମୂଲ୍ୟବୋଧ ସମ୍ପନ୍ନ ଯୁବପିଢ଼ି ହିଁ ବିକଶିତ ଭାରତର ସତ୍ୟ ସ୍ଥପତି ହୋଇପାରିବେ। ତେଣୁ କୁହାଯାଇପାରେ ଯେ, ଶିକ୍ଷା ଓ କୌଶଳ ବିକାଶ ହେଉଛି ବିକଶିତ ଭାରତ ୨୦୪୭ର ଦୁଇଟି ସବୁଠାରୁ ଶକ୍ତିଶାଳୀ ସ୍ତମ୍ଭ। ଯେଉଁ ଦେଶର ଯୁବପିଢ଼ି ଶିକ୍ଷିତ, ଦକ୍ଷ, ଚରିତ୍ରବାନ ଏବଂ ଆତ୍ମବିଶ୍ୱାସୀ, ସେହି ଦେଶ ବିଶ୍ୱରେ ନେତୃତ୍ୱ ନେବାକୁ ସକ୍ଷମ ହୁଏ।

ଶେଷରେ ମୁଁ ଏତିକି କହିବାକୁ ଚାହେଁ ଯେ, ବିକଶିତ ଭାରତ ୨୦୪୭ କେବଳ ଏକ ସ୍ୱପ୍ନ ନୁହେଁ; ଏହା ହେଉଛି ୧୪୦ କୋଟି ଭାରତୀୟଙ୍କ ଆଶା, ଆକାଂକ୍ଷା ଓ ସାମୂହିକ ସଂକଳ୍ପ। ଏହି ମହାନ ଲକ୍ଷ୍ୟ ପୂରଣ ପାଇଁ ଯୁବପିଢ଼ି ହେଉଛି ସବୁଠାରୁ ବଡ଼ ଶକ୍ତି। ଆଜିର ଯୁବମାନେ ହିଁ ଆସନ୍ତାକାଲିର ଭାରତର ନିର୍ମାତା। ଆମର ଗୌରବମୟ ପରମ୍ପରା, ମହାନ ସଂସ୍କୃତି ଓ ସ୍ୱାଧୀନତା ସଂଗ୍ରାମର ଆଦର୍ଶରୁ ପ୍ରେରଣା ନେଇ ଯୁବପିଢ଼ିକୁ ଜ୍ଞାନ, କୌଶଳ, ନୈତିକତା ଓ ଦେଶପ୍ରେମର ସହିତ ଆଗକୁ ବଢ଼ିବାକୁ ହେବ। କେବଳ ସମସ୍ୟାକୁ ଦେଖିବା ନୁହେଁ, ବରଂ ସମାଧାନର ଅଂଶ ହେବାକୁ ହେବ। ନିଜର ସ୍ୱପ୍ନକୁ ରାଷ୍ଟ୍ରର ସ୍ୱପ୍ନ ସହିତ ଯୋଡ଼ିବାକୁ ହେବ।

ବିକଶିତ ଭାରତ ଗଠନ ପାଇଁ ଆମକୁ ଏପରି ଯୁବଶକ୍ତି ଆବଶ୍ୟକ, ଯେଉଁମାନେ ବିଜ୍ଞାନରେ ଆଧୁନିକ, ଚିନ୍ତାଧାରାରେ ସକାରାତ୍ମକ, ଆଚରଣରେ ନୈତିକ ଓ କାର୍ଯ୍ୟରେ ନିଷ୍ଠାବାନ ହେବେ। ଯେଉଁ ଯୁବମାନେ ନିଜର ଅଧିକାର ସହିତ ନିଜର କର୍ତ୍ତବ୍ୟକୁ ମଧ୍ୟ ବୁଝିବେ, ସେମାନେ ହିଁ ଭାରତକୁ ବିଶ୍ୱର ଅଗ୍ରଣୀ ରାଷ୍ଟ୍ରରେ ପରିଣତ କରିପାରିବେ। ଆସନ୍ତୁ, ଆମେ ସମସ୍ତେ ମିଶି ଏକ ଏପରି ଭାରତ ଗଢ଼ିବାର ସଂକଳ୍ପ ନେବା, ଯେଉଁ ଭାରତ ଜ୍ଞାନରେ ସମୃଦ୍ଧ, ବିଜ୍ଞାନରେ ଶକ୍ତିଶାଳୀ, ସଂସ୍କୃତିରେ ଗୌରବମୟ, ନୈତିକତାରେ ଉଚ୍ଚ ଏବଂ ବିଶ୍ୱକୁ ମାର୍ଗଦର୍ଶନ ଦେବାରେ ସକ୍ଷମ ହେବ।

ଜୟହିନ୍ଦ। ଜୟ ଭାରତ।

(ଆସୋସିଏଟ୍ ପ୍ରଫେସର୍)
ଅରୁଣାଚଳ ପ୍ରଦେଶ, ମୋ: ୯୬୭୮୦୯୧୩୦୦

# ଲାଞ୍ଚୁଆଙ୍କୁ ଏନ୍‌କାଉଣ୍ଟର

ହିଫ୍‌ଜୁର ରହେମାନ୍

ଆଜିକାଲି ସକାଳ ହେଉ କି ସନ୍ଧ୍ୟାରେ ପାର୍କରେ ପ୍ରବଳ ଭିଡ଼। କିଏ ବ୍ୟାୟାମ କରିବାକୁ ଯାଉଛନ୍ତି ତ ଆଉ କିଏ ପିଲାମାନଙ୍କୁ ଧରି ବୁଲାବୁଲି କରିବାକୁ ଯାଉଛନ୍ତି। କେହି କେହି ଟାଇମ ପାସ୍ କରିବାକୁ ବି ଯାଆନ୍ତି। କିନ୍ତୁ ଆଉ ଗୋଟିଏ ବର୍ଗର ଲୋକଙ୍କୁ ମଧ୍ୟ ଦେଖିବାକୁ ମିଳେ। ସେମାନେ ବ୍ୟାୟାମ କରନ୍ତି ନାହିଁ କି ଚଲାଚଲି କରନ୍ତି ନାହିଁ। ସେମାନେ ପାର୍କର କେଉଁ ଗୋଟିଏ କୋଣରେ ମେଳି କରି ଗପସପ କରନ୍ତି। ଗପସପ ମାନେ ଯାଡ୍ଡୁ ସିଆଡ୍ଡୁ ନୁହେଁ, ଏକଦମ୍ ସାମାଜିକ ଓ ରାଜନୈତିକ ପ୍ରସଙ୍ଗ ଉପରେ ଆଲୋଚନା କରନ୍ତି। ଏମାନେ ହେଉଛନ୍ତି ସିନିଅର ସିଟିଜନ। ସେମାନଙ୍କ ମଧ୍ୟରେ ଅଛନ୍ତି ଚାକିରିରୁ ଅବସର ନେଇଥିବା ଅଫିସର, କର୍ମଚାରୀ ଏବଂ କିଛି ବ୍ୟବସାୟୀ ଓ ସାମାଜିକ କର୍ମୀ।

ସେଦିନ ରବିବାର ହୋଇଥାଏ। ଅପରାହ୍ନ ସମୟ। ରାଜଧାନୀର ଗୋଟିଏ ପାର୍କରେ ଭାରି ଭିଡ଼। ପାର୍କର ଗୋଟିଏ କୋଣରେ ୧୦ରୁ ୧୫ ଜଣ ସିନିଅର ସିଟିଜନ ବସି କୌଣସି ଏକ ପ୍ରସଙ୍ଗରେ ସରଗରମ ଆଲୋଚନା କରୁଥାଆନ୍ତି। ପ୍ରତିଦିନ ଖବରକାଗଜରେ ବାହାରୁଥିବା ବିଭିନ୍ନ ଖବର ଉପରେ ଚର୍ଚ୍ଚା ଆଲୋଚନା କରନ୍ତି। ସେଦିନ ଆଲୋଚନାର ବିଷୟବସ୍ତୁ ଥିଲା ଦୁର୍ନୀତି। ଦୁର୍ନୀତି ଓ ଦୁର୍ନୀତିଖୋର ବାବୁମାନଙ୍କୁ ମୃଦୁଭାଷାରେ ଗାଳିଗୁଲଜ କରି ଯିଏ ଯେମିତି ପାରିଲା ବର୍ଷିବାକୁ ଲାଗିଲା। ନିଷ୍ଠୁର, ଚୋର, ଡକାୟତ, ଅମଣିଷ, ଅଲାଜୁକ, ସମାଜ ପାଇଁ କଳଙ୍କ...। ଏମାନଙ୍କ ଯୋଗୁଁ ସମାଜ ନଷ୍ଟ ହେଉଛି। ଘର ସଂସାର ଉଜୁଡ଼ି ଯାଉଛି। ପରିବାରରେ ଅଶାନ୍ତି ଲାଗି ରହୁଛି। ଝିଅ ବାହା ହୋଇପାରୁ ନାହାନ୍ତି। ବୁଢ଼ାବୁଢ଼ୀଙ୍କୁ ଭତ୍ତା ମିଳୁନି। ଅବସର ପରେ ବି ପେନସନ୍ ପାଇବା ଲାଗି ଦୌଡ଼ିଦୌଡ଼ି ନୟାନ୍ତ ହେବାକୁ ପଡୁଛି। କୋଡ଼ିଏ ତିରିଶ ହଜାର ଟଙ୍କା ଦରମାରେ ଚାକିରି କରି କୋଟି କୋଟି ଟଙ୍କାର ସଂପତ୍ତି ଠୁଳ କରୁଛନ୍ତି। ଘରୁ ନଗଦ କୋଟି କୋଟି ଟଙ୍କା ଓ ସୁନାଗହଣା ମିଳୁଛି। ଏତେ ଟଙ୍କା ମିଳୁଛି ଯେ ମେସିନ ବି ଗଣିପାରୁ ନାହିଁ। ବିଭିନ୍ନ ସ୍ଥାନରେ ଜାଗାବାଡ଼ି ଓ କୋଠା କରି ମାଲାମାଲ। ଭିଜିଲାନ୍ସ ସେମାନଙ୍କୁ ଧରୁଛି। କିଛିମାସ ପରେ ପୁଣି ଜେଲରୁ ବାହାରି ଚାକିରି ପାଇଯାଉଛନ୍ତି। ଏମାନେ ସୁଧୁରିବେ ନାହିଁ। ଏମାନେ ଆତଙ୍କବାଦୀଙ୍କ ଠାରୁ ବି ଭୟଙ୍କର। ସେମାନେ ହେଉଛନ୍ତି ଦେଶଦ୍ରୋହୀ। ପୁଲିସ ସେମାନଙ୍କୁ ଏନକାଉଣ୍ଟର କରିବା ଦରକାର। ରାସ୍ତାରେ ଲଙ୍ଗଳା କରି ଚଳାଇବା ଦରକାର। ତା'ପରେ ଯାଇ ଏମାନେ ସାବାଡ୍ ହେବେ।



ଲାଞ୍ଚୁଆଙ୍କୁ ଏନ୍‌କାଉଣ୍ଟର କଥାକୁ ନେଇ ସେମାନେ ଦୁଇ ଗୋଷ୍ଠୀ ହୋଇଗଲେ। ଗୋଟିଏ ଗୋଷ୍ଠୀ ତାଳି ମାରି ଏହାକୁ ସମର୍ଥନ କରୁଥିବା ବେଳେ ଆଉ ଏକ ଗୋଷ୍ଠୀ ଏହାର ବିରୋଧ କରିଥିଲେ। କିନ୍ତୁ ଯେଉଁ ବ୍ୟକ୍ତି ଜଣକ ଏନ୍‌କାଉଣ୍ଟର କଥା ଉଠାଇଲେ, ସେ ତା'ର କାରଣ ବି ଦର୍ଶାଇଲେ। ଡାକ୍ତରଖାନାରେ ଜନ୍ମଠାରୁ ଆରମ୍ଭ କରି ମୃତ୍ୟୁ ପ୍ରମାଣପତ୍ର ପାଇବା ପର୍ଯ୍ୟନ୍ତ କେମିତି ଦହଗଞ୍ଜ ହେବାକୁ ପଡୁଛି, ତାହାର ଗୋଟି ଗୋଟି କରି ଗଣତି କରିଥିଲେ। ତାଙ୍କର ଯୁକ୍ତି ଶୁଣି ସମସ୍ତେ ସ୍ତବ୍ଧ ହୋଇଗଲେ।

ଏଭଳି ଲାଞ୍ଚୁଆଙ୍କ ସଂପର୍କରେ ପ୍ରତିଦିନ ଖବରକାଗଜମାନଙ୍କରେ ଖବର ବାହାରୁଛି। ଏହା ଲୋକମାନଙ୍କ ପାଇଁ ଦେହସୁହା ହୋଇଗଲାଣି ଏବଂ ଲାଞ୍ଚୁଆମାନଙ୍କୁ ବି ଫରକ ପଡୁନି। କିନ୍ତୁ ସେମାନଙ୍କ ଯୋଗୁଁ ଦେଶର ଭାବମୂର୍ତ୍ତି ବିଶ୍ୱସ୍ତରରେ ତଳ ତଳକୁ ଖସି ଚାଲିଛି। ଟ୍ରାନପରେନ୍ସି ଇଣ୍ଟରନ୍ୟାସନାଲର ରିପୋର୍ଟ ଅନୁଯାୟୀ ୨୦୨୫ରେ ଦୁର୍ନୀତିଗ୍ରସ୍ତ ରାଷ୍ଟ୍ର ତାଲିକାରେ ଭାରତର ସ୍ଥାନ ଥିଲା ୯୧। ୧୮୨ଟି ଦେଶକୁ ନେଇ ହୋଇଥିବା ସର୍ଭେରେ ୧୦୦ ମାର୍କରୁ ଭାରତକୁ ମିଳିଛି ୩୯। ଆମ ରାଜ୍ୟରେ ମଧ୍ୟ ଦୁର୍ନୀତିର ଚେର ଚାରିଆଡ଼େ ମାଡ଼ିଗଲାଣି। ପ୍ରତିଦିନ ଭିଜିଲାନ୍ସ ଟିମ୍ ଚଢ଼ଉ କରି ନାକେଦମ। ଯେତେ ଚଢ଼ଉ ହେଉଛି, ଦୁର୍ନୀତି ସେତେ ବଢ଼ି ବଢ଼ି ଚାଲିଛି। ମୁଖ୍ୟମନ୍ତ୍ରୀ ବିଧାନସଭାରେ ଦେଇଥିବା ତଥ୍ୟ ଅନୁଯାୟୀ ଜାନୁଆରୀ ୨୦୦୨୪ରୁ ଡିସେମ୍ବର ୨୦୨୫ ମଧ୍ୟରେ ରାଜ୍ୟରେ ସରକାରୀ ଅଧିକାରୀମାନଙ୍କ ବିରୋଧରେ ୪୧୬ଟି ମାମଲା ଧରାପଡ଼ିଥିଲା।

ତେବେ ରାଜ୍ୟରେ ଭିଜିଲାନ୍ସ ଇତିହାସରେ ଯେଉଁ କଥାଟି ସବୁଠାରୁ ବେଶି ଆଲୋଡ଼ନ ସୃଷ୍ଟି କରିଛି, ତାହାହେଲା ଜଣେ ସରକାରୀ ଅଧିକାରୀଙ୍କ ଘରୁ ୪ କୋଟିରୁ ଅଧିକ ନଗଦ ଟଙ୍କା ଜବତ ହେବା ଘଟଣା। ଏହି କରିତକର୍ମା ଅଫିସର ଜଣକ ହେଉଛନ୍ତି ଖଣି ବିଭାଗର ଜଣେ ଡେପୁଟି ଡାଇରେକ୍ଟର। ଗତ ଫେବୃଆରୀ ମାସର କଥା। ଭିଜିଲାନ୍ସ ଚଢ଼ଉ ବେଳେ ତାଙ୍କ ଭୁବନେଶ୍ୱର ଘରୁ ମିଳିଥିଲା ନଗଦ ୪ କୋଟି ୨୭ ଲକ୍ଷ ଟଙ୍କା। ଏହି ଟଙ୍କାକୁ ଏକାଧିକ ଟ୍ରଲି ବ୍ୟାଗ ଏବଂ ପଲିଥିନ ପ୍ୟାକେଟରେ ଲୁଚାଇ ରଖାଯାଇଥିଲା। ଘର ଭିତରୁ ଏତେ ପରିମାଣର ଟଙ୍କା ମିଳିବା ଥିଲା ଭିଜିଲାନ୍ସ ଇତିହାସରେ ପ୍ରଥମ ଘଟଣା। କୁହାଯାଉଛି ଯେ ୨୨ ବର୍ଷ ପୂର୍ବେ ମାସିକ ୮ ହଜାର ଟଙ୍କା ଦରମାରେ ସେ କୁଆଡ଼େ ଚାକିରି ଆରମ୍ଭ କରିଥିଲେ। ଏହି ଖବର ସେତେବେଳେ ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିଲା। ଏଭଳି ଲାଞ୍ଚୁଆ ଅଧିକାରୀଙ୍କ ନେଇ ରାଜ୍ୟକୁ ଲଜ୍ଜିତ ହେବାକୁ ପଡ଼ିଥିଲା। ଲୋକମାନଙ୍କର କଷ୍ଟ ଉପାର୍ଜିତ ଅର୍ଥକୁ ହଡ଼ପ କରୁଥିବା ଏଭଳି ଦୁର୍ନୀତିଖୋରଙ୍କୁ ପାନେ ଦେବା ପାଇଁ ସରକାର ଏମିତି କଠୋର ଆଇନ ଆଣନ୍ତୁ ଯେ ଭବିଷ୍ୟତରେ ଅନ୍ୟମାନେ ଲାଞ୍ଚ ନେବାକୁ ଭୟ କରିବେ। ଏନକାଉଣ୍ଟର କ'ଣ, ଏମାନଙ୍କୁ ଫାଶୀଦଣ୍ଡ ମିଳିଲେ ବି କମ୍।

ଭୁବନେଶ୍ୱର, ମୋ: ୯୯୩୭୦୫୯୯୫୪

# ଆମ ବୃକ୍ଷଲତା ଆମ ଜୀବନ

ସୌଭାଗ୍ୟସୁନ୍ଦର

## କେନ୍ଦୁ

(Coromandel ebony or East Indian ebony- Diospyros melanoxylon)

ପ୍ରକୃତି-ପରିବେଶ

କେନ୍ଦୁ ଇବୋନି କିମ୍ବା ପୂର୍ବ ଭାରତୀୟ ଇବୋନି, ଭାରତ ଓ ଶ୍ରୀଲଙ୍କାର ଏକ ମୂଳଜାତ ଉଦ୍ଭିଦ। ଏହା ଏକ ମଧ୍ୟମ ଆକାରର ବୃକ୍ଷ, ଯାହା୨୫ ମିଟର ଉଚ୍ଚତା ପର୍ଯ୍ୟନ୍ତ ବଢ଼ିଥାଏ ଏବଂ ଶାଖାଗୁଡ଼ିକ ଲୋମଶ, ରଙ୍ଗ ବାଦାମୀ ହଳଦିଆ। ଏହାର ଶୁଷ୍କ ଛାଲି କଠିନ, ଧୂସର ରଙ୍ଗର, ଫାଟି ଫାଟି ଯାଇଥାଏ। ପତ୍ରଗୁଡ଼ିକ ସରଳ, ଅଣ୍ଡାକାର କିମ୍ବା ଲମ୍ବା। ଫୁଲଗୁଡ଼ିକ ଫିକା ନୀଳଲୋହିତ ରଙ୍ଗର। ଫଳଟିର ବାହ୍ୟ ଆବରଣ ନୀଳ-ସବୁଜ ଏବଂ ଭିତରେ ଏହା ହଳଦିଆ। ଫୁଲ ଓ ଫଳ ଧରିଥାଏ ଜାନୁଆରୀରୁ ଜୁନ୍ ପର୍ଯ୍ୟନ୍ତ। ଫଳଗୁଡ଼ିକ ମଣିଷ ଏବଂ ବନ୍ୟପ୍ରାଣୀଙ୍କ ପାଇଁ ଖାଦ୍ୟଯୋଗ୍ୟ, ବିଶେଷକରି ବାଦୁଡ଼ି ଓ ହର୍ଣ୍ଣବିଲ୍ ବା ଗେଣ୍ଡାଳିଆ ଜାତୀୟ ପକ୍ଷୀ ସମୂହ ଏହି ଫଳ ଅଧିକ ଖାଇଥା'ନ୍ତି।

କେନ୍ଦୁ ଗଛକୁ ଆୟୁର୍ବେଦ ଓ ୟୁନାନୀ ଶାସ୍ତ୍ରରେ ଲିପିବଦ୍ଧ କରାଯାଇଛି ଏବଂ ବିଭିନ୍ନ ରୋଗରେ ଏହାର ବହୁମୁଖୀ ବ୍ୟବହାର ବିଷୟରେ ମଧ୍ୟ ଉଲ୍ଲେଖ ରହିଛି। ଏହାକୁ ଭାରତୀୟ ପାରମ୍ପରିକ ଔଷଧରେ ବହୁଳ ଭାବରେ ଡାଇରିଆ, କଲେରା, ଡିସେଣ୍ଟେରୀ, ଛାଡ଼ି ଛାଡ଼ି ହେଉଥିବା ଜ୍ୱର, ରକ୍ତସ୍ରାବ ମାଡ଼ି, ବ୍ରୋଙ୍କାଇଟିସ୍, କାର୍ବଙ୍କଲ୍ସ, କାଶ, କ୍ରାମ୍ପ, ନିମୋନିଆ, ସିଫିଲିସ୍ ବା ସଂକ୍ରମଣ ଯୌନ ବ୍ୟାଧି, ଟ୍ୟୁମର ଇତ୍ୟାଦି ବିଭିନ୍ନ ରୋଗର ଚିକିତ୍ସା ପାଇଁ ବ୍ୟବହାର କରାଯାଏ। କେନ୍ଦୁ ଫଳରୁ ମଦ ପ୍ରସ୍ତୁତ ହୋଇପାରିବ। ଓଡ଼ିଶା, ମଧ୍ୟପ୍ରଦେଶ, ଛତିଶଗଡ଼ ଓ ଝାଡ଼ଖଣ୍ଡର ସ୍ଥାନୀୟ ବଜାରରେ ଗ୍ରୀଷ୍ମ ଋତୁରେ ଏହା ଏକ ସ୍ୱାଦିଷ୍ଟ ଖାଦ୍ୟ ଭାବେ ଉପଲବ୍ଧ। ଫଳର ମାଂସଳ ଅଂଶ ହଳଦିଆ, ନରମ, ଅଠାଳିଆ ଓ ମିଠା। ଏହା ଶର୍କରା, ପ୍ରୋଟିନରେ ଭରପୂର ଏବଂ ଏଥିରେ ଭିଟାମିନ୍ ଏ ଓ ସି, ଫାଇବର ବା ତନ୍ତୁ ଏବଂ ବିଶୋଧକ ଶକ୍ତି ରହିଛି। ଫଳର ବି-କ୍ୟାରୋଟିନ୍, ଟେର୍ପେନୋଇଡ୍ସ, ଫ୍ଲୋଭାନୋଇଡ୍ସ, ସାପୋନିନ୍ ଓ ଟାନିନ୍ ଭଳି ଅନେକ ଜୈବ ରସାୟନ ବା ଫାଇଲୋକେମିକାଲ୍ସ ଏହାର ପୁଷ୍ଟିକର ମୂଲ୍ୟକୁ ଲାଭଯୋଗ୍ୟ କରିଥାଏ। ପାଚିଲା ଫଳଗୁଡ଼ିକ ଅଲିଗୋସାକାରାଇଡ୍ସ, ଫ୍ୟୁମାରିକ୍ ଏସିଡ୍, ଗାଲିକ୍ ଏସିଡ ଇତ୍ୟାଦିର ଗୁରୁତ୍ୱପୂର୍ଣ୍ଣ ଉତ୍ସ। ପତ୍ରରେ ମୂଲ୍ୟବାନ ଫ୍ଲାଭୋନ୍ ଥାଏ। ପତ୍ରରେ ମିଳୁଥିବା ପେଣ୍ଟାସାଇକ୍ଲିକ୍ ଟ୍ରାଇଟରପେନ୍ସରେ ଆଣ୍ଟିମାଇକ୍ରୋବାୟଲ୍ ବା ଅଣୁଜୀବ ପ୍ରତିରୋଧୀ ଗୁଣ ଥାଏ; ଛାଲିରେ ଆଣ୍ଟିହାଇପରଗ୍ଲାଇସେମିକ୍ ବା ଉଚ୍ଚ ରକ୍ତଶର୍କରା ନିୟନ୍ତ୍ରଣ ଗୁଣ ସହିତ ଆଣ୍ଟିପ୍ଲାଜମୋଡିଆଲ୍ ପ୍ରଭାବ ଥିବା ଦେଖାଯାଏ, ଯାହା ମଶା ଦେହରେ ଥିବା ମ୍ୟାଲେରିଆ ରୋଗ ଜୀବାଣୁ ପ୍ଲାଜମୋଡିଆମ୍ ଫାଲସିପାରମ୍‌କୁ ନିପାତ କରେ।

ଗ୍ରୀଷ୍ମ ଋତୁରେ ମାଟିରୁ ବାହାରୁଥିବା ସକ୍କର ବା ଶୋଷକ ଦ୍ୱାରା ତାଜା ପତ୍ର ଉତ୍ପାଦନ ହୁଏ। କେନ୍ଦୁ ଗଛ ତଳେ ନିଆଁ ଲଗାଇ ମଧ୍ୟ ଏହାକୁ ବୃଦ୍ଧି କରାଯାଏ। କାଣ୍ଡ ଓ ଡାଳକୁ କାଟିବା ଫଳରେ ଅପେକ୍ଷାକୃତ ବଡ଼ ଏବଂ ପତଳା ପତ୍ର ଉତ୍ପାଦନକୁ ପ୍ରୋତ୍ସାହିତ କରେ, ଯଦିଓ ବାରମ୍ବାର ଏପରି କରିବା ଦ୍ୱାରା ଗଛର ବୃଦ୍ଧି ବାଧାପ୍ରାପ୍ତ ହୋଇପାରେ। ତାଜା ପତ୍ରଗୁଡ଼ିକୁ ହାତରେ ବାଛି ପ୍ରାୟ ୧୦ ଦିନ ପାଇଁ ସୂର୍ଯ୍ୟ କିରଣ ରେ ଶୁଖାଯାଏ। ଆଦିବାସୀ ଏବଂ ଅଣ-ଆଦିବାସୀ ସ୍ଥାନୀୟ ଲୋକ କେନ୍ଦୁ ପତ୍ର ତୋଳନ୍ତି, ଯାହା ପାଇଁ ସେମାନେ ଭଲ ପାରିଶ୍ରମିକ ପାଆନ୍ତି। ପତ୍ରଗୁଡ଼ିକ ଅତ୍ୟନ୍ତ ମୂଲ୍ୟବାନ ଏବଂ ଭାରତୀୟ ବିଡ଼ି ତିଆରି କରିବା ପାଇଁ ତମାଖୁକୁ ଗୁଡ଼ାଇବା ଲାଗି ବ୍ୟବହାର କରାଯାଏ (ସ୍ଥାନୀୟ ଭାବରେ ଏହାକୁ ପାରମ୍ପରିକ ସିଗାରେଟ୍ ଭାବରେ ବିବେଚନା କରାଯାଏ)। ଏହାର ଘନ, ଗାଢ଼ କାଠ ଏହାର ସ୍ଥାୟିତ୍ୱ ଏବଂ ସୌନ୍ଦର୍ଯ୍ୟ ପାଇଁ ମୂଲ୍ୟବାନ, ଯାହା ଏହାକୁ କାରିଗରମାନଙ୍କ ମଧ୍ୟରେ ଏକ ପ୍ରିୟ କରିଥାଏ। ଝାଡ଼ଖଣ୍ଡ ଓ ଓଡ଼ିଶାର ଆଦିବାସୀମାନେ ହକି ଷ୍ଟିକ୍ ତିଆରି କରିବାରେ ମଧ୍ୟ କେନ୍ଦୁ ଗଛ ବ୍ୟବହାର କରନ୍ତି। ଏହାର ଉଚ୍ଚମାନର କାଠ ଫର୍ଣ୍ଣିଚର ଏବଂ ବାଦ୍ୟଯନ୍ତ୍ର ପାଇଁ ବ୍ୟବହୃତ ହୁଏ।

କେନ୍ଦୁର ସାଂସ୍କୃତିକ ଓ ପୌରାଣିକ ପୃଷ୍ଠଭୂମି ଉପରେ ଉଲ୍ଲେଖ ମଧ୍ୟ ଅଛି। ମୁଣ୍ଡା ଲୋକଙ୍କ ମତରେ, ପ୍ରାଚୀନ ସେଙ୍ଗେଲ ଦେଆ (ଅଗ୍ନି ବର୍ଷା କରିବାର ଏକ ଘଟଣା) ସମୟରେ ସେମାନଙ୍କ ପୂର୍ବପୁରୁଷମାନେ ଏହି ଗଛର ଖୋଳରେ ଆଶ୍ରୟ ନେଇଥିଲେ। ଏହି ଗଛକୁ ସହଜରେ ଦହନଶୀଳ ନୁହେଁ ବୋଲି ବିବେଚନା କରାଯାଏ। ତେଣୁ ଧାନ ରୋପଣ ପରେ ଜନଜାତି ଭବିଷ୍ୟତରେ ସେଙ୍ଗେଲ ଦେଆର ଯେକୌଣସି ଘଟଣାରୁ ଫସଲକୁ ରକ୍ଷା କରିବା ପାଇଁ କ୍ଷେତରେ ଏହାର ଏକ ଡାଳ ଲଗାନ୍ତି। ଗଛର ସ୍ଥାନ ଏବଂ ଉପସ୍ଥିତି ଅନୁସାରେ ଅନେକ ଗ୍ରାମ ନାମକରଣ କରାଯାଇଛି, ଯଥା କେନ୍ଦୁଝର, କେନ୍ଦୁଗୁଡ଼ା, କେନ୍ଦୁପଦର, କେନ୍ଦୁମୁଣ୍ଡା ଇତ୍ୟାଦି।

ଭୁବନେଶ୍ୱର, ମୋ: ୯୭୭୭୮୦୦୪୦୮

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୁନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଗାନ୍ଧୀମାର୍ଗରେ ତ୍ରିରଙ୍ଗା ଉଡ଼ାଇ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା

# ୨୦୨୭ ସୁଦ୍ଧା ସବୁ ଗାଁକୁ ସଡ଼କ, ପାଣି ଓ ବିଜୁଳି

ଭୁବନେଶ୍ୱର,୧୬।୮ (ସମିସ): ରାଜଧାନୀ ଭୁବନେଶ୍ୱରର ଗାନ୍ଧୀ ମାର୍ଗରେ ରାଜ୍ୟସ୍ତରୀୟ ୮୦ତମ ସ୍ୱାଧୀନତା ଦିବସ ଉତ୍ସାହ ଓ ଉଦ୍ଦୀପନାର ସହ ପାଳିତ ହୋଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନଚରଣମାଝୀଜାତୀୟପତାକାଉତ୍ତୋଳନକରିବା

- ନବମ-ଦଶମ ଛାତ୍ରଛାତ୍ରୀଙ୍କୁ ମାଗଣା ବହି
- ସରକାରୀ ଚାକିରି ବୟସ ସୀମା ୪୨କୁ ବୃଦ୍ଧି
- ହଟିବ ସିଭିଲ୍ ସର୍ଭିସ ପରୀକ୍ଷାର ସର୍ବାଧିକ ସୁଯୋଗ ସୀମା



ସହ ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ନିଃଶୁଳ୍କ ପାଠ୍ୟପୁସ୍ତକ ଯୋଗାଇ ଦିଆଯିବାକୁ ଘୋଷଣା କରିଛନ୍ତି। ଏହାସହ ସରକାରୀ ଚାକିରି ଆଶାୟୀଙ୍କ ସର୍ବାଧିକ ବୟସ ସୀମାକୁ ୩୨ରୁ ୪୨ ବର୍ଷକୁ ବୃଦ୍ଧି କରାଯାଇଛି। ଓଡ଼ିଶା ସିଭିଲ୍ ସର୍ଭିସ୍ ପରୀକ୍ଷାରେ ଥିବା ସର୍ବାଧିକ ୬ଟି ସୁଯୋଗ ସୀମାକୁ ମଧ୍ୟ ହଟାଇ ଦିଆଯିବା ସହ ଆଶାୟୀମାନେ ୪୨ବର୍ଷ ବୟସ ସୀମା ପର୍ଯ୍ୟନ୍ତ ପରୀକ୍ଷା ଦେଇ ପାରିବେ ବୋଲି ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ ଗ୍ରାମାଞ୍ଚଳର ମୌଳିକ ଭିତ୍ତିଭୂମି ସୁଧାର ପାଇଁ 'ମିଶନ ପାୱାର' ମାଧ୍ୟମରେ ୨୦୨୭ ଶେଷ ସୁଦ୍ଧା ସବୁ ଗାଁକୁ ସଡ଼କ, ବିଜୁଳି ଓ ପାନୀୟ ଜଳ ଯୋଗାଣ ସୁନିଶ୍ଚିତ କରିବା ଲକ୍ଷ୍ୟ ରଖାଯାଇଛି। ଓଡ଼ିଶାରେ 'କେଜିରୁ ପିଜି' ଶିକ୍ଷାକୁ ସମ୍ପୂର୍ଣ୍ଣ ନିଃଶୁଳ୍କ କରିବା ଦିଗରେ ସରକାର ଆଗେଇ ଚାଲିଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୨,୨୦୦ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ନିର୍ମାଣ କରାଯିବ। ଗତ ଦୁଇ ବର୍ଷରେ ୨୬ ହଜାର ଶିକ୍ଷକ ନିଯୁକ୍ତି ହୋଇଥିବା ବେଳେ ଆଉ ୪୫ ହଜାର ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଛି। ଉଚ୍ଚ ଶିକ୍ଷା କ୍ଷେତ୍ରରେ ଉପାନ୍ତ ଜିଲ୍ଲାଗୁଡ଼ିକରେ ୧୮ଟି ନୂଆ ସରକାରୀ ମହାବିଦ୍ୟାଳୟ ଓ ୪ଟି ନୂଆ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ହୋଇଛି। ଯାଜପୁର, ତାଳଚେର ଓ କନ୍ଧମାଳରେ ମେଡିକାଲ କଲେଜ ସହ ଆଉ ୪ଟି ଆଧୁନିକ ମେଡିକାଲ କଲେଜ, ୭ଟି ନର୍ସିଂ କଲେଜ, ୩ଟି ଆୟୁର୍ବେଦିକ ଓ ୨ଟି ହୋମିଓପାଥିକ୍ ମେଡିକାଲ କଲେଜ ଖୋଲାଯିବ।

ଉତ୍ସବରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଦେଓରଞ୍ଜନ କୁମାର ସିଂହ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ପୁଲିସ ଡିଜି ୱାଇ ବି ଖୁରାନିଆ ପ୍ରମୁଖ ଉପସ୍ଥିତ ଥିଲେ।

## ଶଙ୍ଖ ଭବନରେ ବିଜେଡି ପକ୍ଷରୁ ୮୦ତମ ସ୍ୱାଧୀନତା ଦିବସ ପାଳିତ

# ଜାତୀୟ ପତାକା ଉତ୍ତୋଳନ କଲେ ନବୀନ ପଟ୍ଟନାୟକ

ଭୁବନେଶ୍ୱର,୧୬।୮ (ସମିସ): ବିଜୁ ଜନତା ଦଳ ପକ୍ଷରୁ ଶଙ୍ଖ ଭବନରେ ୮୦ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହାପରେ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। ଦେଶର ଏକତା, ଅଖଣ୍ଡତା ଓ ସମୃଦ୍ଧିକୁ ଏକତ୍ରିତ ରଖିବା ପାଇଁ ସମସ୍ତେ ପ୍ରୟାସ ଜାରି ରଖିବାକୁ ଆହ୍ୱାନ ଜଣାଇଥିଲେ। ସମ୍ପୂର୍ଣ୍ଣ ଶଙ୍ଖ ଭବନ ପରିସର ବିଭିନ୍ନ ଦେଶାତ୍ମକବୋଧ ସ୍ଲୋଗାନରେ ପ୍ରକମ୍ପିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ଜିଲ୍ଲାର ବିଧାୟକ, ନିର୍ବାଚନମଣ୍ଡଳୀ, ବ୍ଲକ ଓ ପୌରାଞ୍ଚଳର ଦଳୀୟ ପଦାଧିକାରୀ, ଜନପ୍ରତିନିଧି, କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

କାର୍ଯ୍ୟକ୍ରମ ପ୍ରାରମ୍ଭରେ ଦେଶମାତୃକାର ସ୍ୱାଧୀନତା ପାଇଁ ଜୀବନ ବଳିଦାନ ଦେଇଥିବା ମହାନ ସ୍ୱାଧୀନତା ସଂଗ୍ରାମୀ ମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସଂଗ୍ରାମୀ ବରପୁତ୍ର ମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ଫଟୋ ଚିତ୍ରରେ ପୁଷ୍ପ ଅର୍ପଣ ପୂର୍ବକ ସମ୍ମାନ ପ୍ରଦର୍ଶନ କରାଯାଇଥିଲା। ସ୍ୱାଧୀନତା ସଂଗ୍ରାମୀଙ୍କ ଅତୁଳନୀୟ ତ୍ୟାଗ, ସଂଘର୍ଷ ଓ ବଳିଦାନକୁ ସ୍ମୃତି ଚାରଣ କରାଯାଇଥିଲା। ଦେଶର ଏକତା, ଅଖଣ୍ଡତାକୁ ସୁଦୃଢ଼ ରଖିବାକୁ ଉପସ୍ଥିତ ସମସ୍ତେ ପ୍ରତିଶ୍ରୁତିବଦ୍ଧ ହୋଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ପ୍ରସନ୍ନ ଆଚାର୍ଯ୍ୟ, ଡ. ସଂଘମିତ୍ରା ମିଶ୍ର, ଅଶୋକ ପଣ୍ଡା, ଅନନ୍ତ ନାରାୟଣ ଜେନା, ସୁଶାନ୍ତ ରାଉତ, ସୁଲୋଚନା ଦାସ, ସୁଲତା ଦେଓ, ସୁଦାମ ମାର୍ଣ୍ଡି, ପ୍ରଦୀପ ଅମାତ୍, ସ୍ନେହାଙ୍ଗିନୀ ଛୁରିଆ, ଚିନ୍ମୟ ସାହୁ, ଇପ୍ସିତା ସାହୁ, ମୁନ୍ନା ଖାନ୍, ପ୍ରଣବ ବଳବନ୍ତରାୟ, ମନ୍ମଥ ରାଉତରାୟ, ରାଜେନ୍ଦ୍ର ସାହୁ, ଭୃଗୁ ବକ୍ସିପାତ୍ର, ଶର୍ମିଷ୍ଠା ସେଠୀ, ବିଜୟ ନାୟକ, ଡ. ଲେନିନ ମହାନ୍ତି, ଡ. ପ୍ରିୟବ୍ରତ ମାଝୀ, ସୁମିତ୍ରା ଜେନା, ଗୀତା ବସ୍ତିଆ, ମିନତୀ ବେହେରା, ଦୁର୍ଗା ସାମନ୍ତରାୟ, ରମାରଞ୍ଜନ ବଳିୟାରସିଂହଙ୍କ ସହ ବହୁ ଯୁବ, ଛାତ୍ର, ମହିଳା ଏବଂ ଅନ୍ୟାନ୍ୟ ନେତୃବର୍ଗ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।





**NOTICE**

By virtue of an affidavit sworn before Notary Public, Champua, dated 29.05.2026, I, **MIHIR SEN GHANA**, Address At/Po- Haladia, Via- Sukruli, P.S.- Raruan, District- Mayurbhanj, Odisha, PIN- 757039, declare that I have changed the name of my son from **KALPESH KUMAR GHANA** to **KARUNYA KALPESH GHANA.** Henceforth, he shall be known as **KARUNYA KALPESH GHANA** for all purposes.

**(MIHIR SEN GHANA)**


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ନାଳ ଖୋଲୁଥିବା ବେଳେ...

ଅପରାଧରୁ ମିଳିଥିବା ଧନ କି ନୁହେଁ, ତାହା ନେଇ ତଦନ୍ତ ଚାଲିଛି। ଭଣ୍ଡାରର ପ୍ରକୃତ ମାଲିକ କିଏ ଏବଂ ଏହା ଉପରେ କାହାର ଆଇନଗତ ଅଧିକାର ରହିବ, ତାହା ତଦନ୍ତ ପରେ ସ୍ପଷ୍ଟ ହେବ। ଭଣ୍ଡାର ମିଳିଥିବାରୁ ଛାତ୍ରଙ୍କୁ ପୁରସ୍କାର ମିଳିବାର ଆଶା ମଧ୍ୟ ରହିଛି।

### ୧୩ ହଜାର ଫୁଟରେ...

ବୃଦ୍ଧି କରିଥିବା ଏହି ତିନି ଯୁବକଙ୍କ ସଫଳତା ସମଗ୍ର ଦେଶ ପାଇଁ ଏକ ଗର୍ବ ଓ ଗୌରବର ବିଷୟ ହୋଇପାରିଛି। ଏତେ ସଂଖ୍ୟକ ଡାଇଭର୍ ଗୋଟିଏ ବିମାନରୁ ଏକାଠି ବାହାରିବା ସାଧାରଣତଃ ଅତ୍ୟନ୍ତ ବିରଳ ଅଟେ। ବିଦେଶରେ ରହି ମଧ୍ୟ ଭାରତୀୟ ପତାକାକୁ ବିଶ୍ୱ ଦରବାରରେ ଗୌରବାନ୍ୱିତ କରିଥିବାରୁ ଏହି ତିନି ଜଣ ପ୍ରବାସୀ ଭାରତୀୟ ସମଗ୍ର ଦେଶର ପ୍ରଶଂସା ଭାଜନ ହୋଇଛନ୍ତି। ଏହି ସଫଳତା ଭାରତୀୟ ସ୍କାଏଡାଇଭିଂ ସମାଜ ପାଇଁ ଏକ ବଡ଼ ମାଇଲଖୁଣ୍ଟ ସାବ୍ୟସ୍ତ ହୋଇଛି।

### ଦୁଇ ଦିନ...

୧୮ ତାରିଖରେ ମଧ୍ୟ ରାଜ୍ୟର ବିଭିନ୍ନ ସ୍ଥନରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର କହିଛି। ଅନ୍ୟପଟେ ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି, ଅଗଷ୍ଟ ଶେଷ ସପ୍ତାହରେ (ବିଶେଷ କରି ଅଗଷ୍ଟ ୨୫ ରୁ ୨୮ ମଧ୍ୟରେ) ବଙ୍ଗୋପସାଗରରେ ଆଉ ଏକ ନୂତନ ଘୂର୍ଣ୍ଣିବଳୟ/ ଲଘୁଚାପ ସୃଷ୍ଟି ହେବାର ପୂର୍ବାନୁମାନ କରାଯାଉଛି। ବର୍ତ୍ତମାନ ସକ୍ରିୟ ଥିବା ଲଘୁଚାପ (୧୫-୧୯ ଅଗଷ୍ଟ) ଆଭ୍ୟନ୍ତରୀଣ ଭାରତକୁ ଅତିକ୍ରମ କରିବା ପରେ ୨୦ ରୁ ୨୪ ଅଗଷ୍ଟ ମଧ୍ୟରେ ବାୟୁମଣ୍ଡଳୀୟ ସାମୟିକ ବିରାମ ରହିବ। ଏହାପରେ ମୌସୁମୀ ଟ୍ରଫ୍‌ର ପୂର୍ବ ଭାଗ ପୁନର୍ବାର ସକ୍ରିୟ ହୋଇ ଉତ୍ତର-ପଶ୍ଚିମ ଏବଂ ସଂଲଗ୍ନ କେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ଜଳୀୟବାଷ୍ପ ଓ ବାୟୁସଂଚାଳନକୁ ବୃଦ୍ଧି କରିବ। ବିଭିନ୍ନ ମଡେଲ୍‌ରୁ ଜଣାପଡୁଛି, ୨୪-୨୬ ଅଗଷ୍ଟ ମଧ୍ୟରେ କେନ୍ଦ୍ରୀୟ ଏବଂ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇ ଏହା ପ୍ରଭାବରେ ୨୬-୨୮ ରେ ଏକ ଲଘୁଚାପ ସୃଷ୍ଟି ହେବ। ଏହି ସମ୍ଭାବ୍ୟ ନୂତନ ଲଘୁଚାପଟି ପଶ୍ଚିମ-ଦକ୍ଷିଣପଶ୍ଚିମ ଦିଗକୁ ଗତି କରିବାର ପ୍ରାରମ୍ଭିକ ସଙ୍କେତ ରହିଛି, ଯାହା ଉତ୍ତର-କେନ୍ଦ୍ରୀୟ ଓଡ଼ିଶା ଏବଂ ସଂଲଗ୍ନ ଉପକୂଳ ଅଞ୍ଚଳକୁ ମୁଖ୍ୟତଃ ପ୍ରଭାବିତ କରିପାରେ। ଏହା ପ୍ରଭାବରେ ୨୫ ରୁ ୨୯ ଅଗଷ୍ଟ ମଧ୍ୟରେ ରାଜ୍ୟରେ ପୁନର୍ବାର ବ୍ୟାପକ ବର୍ଷା ଆରମ୍ଭ ହେବ ବୋଲି ପ୍ରଫେସର ପଶୁପାଳକ ପୂର୍ବାନୁମାନ କରିଛନ୍ତି। ଅନ୍ୟପଟେ ବର୍ତ୍ତମାନର ନୂତନ ଲଘୁଚାପଟି ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ଓଡ଼ିଶା ଦେଇ ଛତିଶଗଡ଼ ଆଡ଼କୁ ଗତି କରିବ। ଏହାର ପ୍ରଭାବରେ ୧୬ ରୁ ୧୯ ଅଗଷ୍ଟ ମଧ୍ୟରେ ଉପକୂଳ, କେନ୍ଦ୍ରୀୟ ଏବଂ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ବ୍ୟାପକ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।

ପ୍ରକାଶ ଥାଉକି, ଜୁନ୍ ମାସ ୧ ତାରିଖରୁ ଅଗଷ୍ଟ ୧୬ ସୁଦ୍ଧା ରାଜ୍ୟରେ ହାରାହାରି ୭୫୯ ମି.ମି. ବର୍ଷା ରହିଥାଏ। କିନ୍ତୁ ଏହି ସମୟ ମଧ୍ୟରେ ଏ ବର୍ଷ ୯୫୩ ମିଲିମିଟର ବର୍ଷା ରେକର୍ଡ କରାଯାଇଛି, ଯାହାକି ସ୍ୱାଭିବକ ତୁଳନାରେ ୨୭ ପ୍ରତିଶତ ଅଧିକ ରହିଛି। ନବରଙ୍ଗପୁର, ଗଜପତି ଓ କଳାହାଣ୍ଡି ଜିଲ୍ଲାରେ ଅପେକ୍ଷାକୃତ କମ୍ ବର୍ଷା ହୋଇଛି। ଅନ୍ୟ ସମସ୍ତ ଜିଲ୍ଲାରେ ସ୍ୱାଭାବିକ ନଚେତ୍ ସ୍ୱାଭାବିକଠାରୁ ଅଧିକ ବର୍ଷା ରେକର୍ଡ କରାଯାଇଛି। ଲଘୁଚାପ ବର୍ଷାକୁ ଦୃଷ୍ଟିରେ ଏହି ତିନି ଦିନ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ନ ଯିବାକୁ ସବୁ ଜିଲ୍ଲାପାଳ ଓ ମତ୍ସ୍ୟ ଓ ପ୍ରାଣୀ ସଂପଦ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁଠି ନଦୀରେ ଜଳସ୍ରୋତ ରହିଛି, ଲୋକମାନେ ନଦୀ ବନ୍ଧରେ ପାଣି ଦେଖିବା ପାଇଁ ଭିଡ଼ ଜମାଉଛନ୍ତି, ସେମାନେ ସେସବୁ ସ୍ଥାନରେ ଫଟୋ ବା ସେଲ୍ଫି ଆଦି ନେବାର ନଜରକୁ ଆସୁଛି। ସେଥିରୁ ନିବୃତ୍ତ ରହିବା ସହିତ ଯଥେଷ୍ଟ ସାବଧାନତା ଅବଲମ୍ବନ କରିବା ପାଇଁ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଛନ୍ତି।

### ବିପଦ ସଙ୍କେତ...

ଦେଇ ବନ୍ୟାଜଳ ବାହାରି ଭଣ୍ଡାରିପୋଖରୀ ଓ ଧାମନଗର ବ୍ଲକ୍‌ର ଅଧିକାଂଶ ପଞ୍ଚାୟତରେ ରାସ୍ତାଘାଟ ଓ ଚାଷଜମିକୁ ଜଳମଗ୍ନ କରିଛି। ଏହାଦ୍ୱାରା ଅନେକ ଅଞ୍ଚଳରେ ଯାତାୟାତ ଓ ଚାଷବାସ ପ୍ରଭାବିତ ହୋଇଛି।

ସେହିପରି ସାଳନ୍ଦୀ ନଦୀ ଓ ଏହାର ଉପନଦୀ ନାଳିଆରେ ବନ୍ୟା ଯୋଗୁଁ ଭଦ୍ରକ ବ୍ଲକ୍‌ର ବିଭିନ୍ନ ଅଞ୍ଚଳରେ ମଧ୍ୟ ବନ୍ୟା ପରିସ୍ଥିତି ଉପୁଜିଛି। ଅନେକ ସ୍ଥାନରେ ରାସ୍ତାଘାଟ ଓ ଚାଷଜମିରେ ବନ୍ୟାଜଳ ପ୍ରବେଶ କରିଥିବା ଜଣାପଡ଼ିଛି। ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲା ଓ ବ୍ଲକ୍ ପ୍ରଶାସନ ପକ୍ଷରୁ ଆବଶ୍ୟକ ପ୍ରସ୍ତୁତି କରାଯାଇଛି। ସେହିଭଳି ସାଳନ୍ଦୀ ଓ ଏହାର ଶାଖା ନଦୀ ବନ୍ୟା ପାଣି ଆସିବା ଫଳରେ ତିହିଡ଼ି ବ୍ଲକ୍‌ରେ ୩ୟ ବନ୍ୟା ଆସି ୭ ପଞ୍ଚାୟତ ପରିସ୍ଥିତି ଉଦ୍‌ବେଗଜନକ ହୋଇପଡ଼ିଛି। ବିଶେଷକରି ବାହ୍ୟଜଗତରୁ ଗୋବିନ୍ଦପୁର, ବାରସର ପଞ୍ଚାୟତ ଆଦି ବିଚ୍ଛିନ୍ନ ହୋଇଛି। ଅନୁରୂପଭାବେ ବନ୍ୟା ଯୋଗୁଁ ଚାନ୍ଦବାଲି ବ୍ଲକ୍‌ର ୪ ପଞ୍ଚାୟତ ଆରଡ଼ି, ନାନ୍ଦପୁର, ଓଳଗ ଓ ସୁନ୍ଦରପୁର ପଞ୍ଚାୟତ ଅଧୀନ ୨୪ଟି ଗାଁରେ ପୂର୍ବର ୨ଟି ବନ୍ୟା ପ୍ରଭାବ ହ୍ରାସ ପାଇ ନ ଥିବାବେଳେ ପୁଣି ୩ୟ ବନ୍ୟା ସ୍ଥିତି ଲୋକଙ୍କୁ ନାକେଦମ୍ କରିଛି। ବିଶେଷକରି ବନ୍ୟାବିପନ୍ନଙ୍କୁ ଅବିରତ ବର୍ଷା ଅଧିକ କଲବଲ କରୁଥିବା ପରିଲକ୍ଷିତ ହୋଇଛି।

ଭଦ୍ରକ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରେ ଲଗାତାର ବର୍ଷା ଓ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ରବିବାର ଏକ ଜରୁରୀ ନିର୍ଦ୍ଦେଶ ଜାରି କରିଛନ୍ତି। ଜିଲ୍ଲାର ସମସ୍ତ ବିଭାଗ ଓ କାର୍ଯ୍ୟାଳୟର ଅଧିକାରୀ ଏବଂ କର୍ମଚାରୀଙ୍କୁ ପୂର୍ବରୁ ମଞ୍ଜୁର ହୋଇଥିବା ସମସ୍ତ ପ୍ରକାର ଛୁଟି ତତ୍କାଳ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ବାତିଲ୍ କରାଯାଇଛି। ନିର୍ଦ୍ଦେଶାନୁସାରେ, ଛୁଟିରେ ଥିବା ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ତୁରନ୍ତ ନିଜ ଡ୍ୟୁଟିରେ ଯୋଗଦେଇ ନିଜ ନିଜ ମୁଖ୍ୟାଳୟରେ ଉପଲବ୍ଧ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅନୁମତି ବିନା କୌଣସି ଅଧିକାରୀ କିମ୍ବା କର୍ମଚାରୀ ମୁଖ୍ୟାଳୟ ଛାଡ଼ିପାରିବେ ନାହିଁ। ଜିଲ୍ଲାରେ ବର୍ତ୍ତମାନ ବନ୍ୟା ପରିସ୍ଥିତି ମଧ୍ୟରେ ଏହି ପଦକ୍ଷେପ ରିଲିଫ୍, ଉଦ୍ଧାର, ନିରୀକ୍ଷଣ ଓ ଜରୁରୀ ସେବାକୁ ଅବିରତ ରଖିବା ଉଦ୍ଦେଶ୍ୟରେ ନିଆଯାଇଛି। ରାଜ୍ୟରେ ପୁଣି ଲଘୁଚାପ ଯୋଗୁଁ ଭାରୀ ବର୍ଷାର ଚେତାବନୀ ଥିବାରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସତର୍କତା ବଢ଼ାଯାଇଛି। ସେହିଭଳି ମତ୍ସ୍ୟଜୀବୀଙ୍କ ପାଇଁ ସତର୍କତା ସୂଚନା ଜାରି କରାଯାଇଛି। ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଓ ସଂଲଗ୍ନ ପଶ୍ଚିମବଙ୍ଗ-ଉତ୍ତର ଓଡ଼ିଶା ଉପକୂଳ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଝଟକା ପବନ ସହିତ ଅଶାନ୍ତ ପାଗ ରହିବାର ଆଶଙ୍କା ରହିଛି। ପବନର ବେଗ ଘଣ୍ଟା ପ୍ରତି ୪୦ରୁ ୫୦ କି.ମି. ଏବଂ ଝଟକା ସହ ୬୦ କି.ମି. ପର୍ଯ୍ୟନ୍ତ ପହଞ୍ଚିପାରେ। ଏହି ସମୟରେ ସମୁଦ୍ର ଅଶାନ୍ତରୁ ଅତ୍ୟନ୍ତ ଅଶାନ୍ତ ରହିବାର ସମ୍ଭାବନା ରହିଛି। ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ମତ୍ସ୍ୟଜୀବୀମାନଙ୍କୁ ଉତ୍ତର-ପଶ୍ଚିମ ଓ ସଂଲଗ୍ନ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ସମେତ ଓଡ଼ିଶା ଉପକୂଳରେ ସମୁଦ୍ରକୁ ନ ଯିବାକୁ ପରାମର୍ଶ ଦିଆଯାଇଛି। ବର୍ତ୍ତମାନ ସମୁଦ୍ରରେ ଥିବା ମତ୍ସ୍ୟଜୀବୀମାନେ ତୁରନ୍ତ ଉପକୂଳକୁ ଫେରିଆସିବାକୁ କୁହାଯାଇଛି।

### ପୂର୍ବତନ ମନ୍ତ୍ରୀଙ୍କ...

ପୁଲିସ ସୂତ୍ରରୁ ପ୍ରକାଶ ଯେ ଆଶିଷ ବାନାର୍ଜୀଙ୍କ ଝୁଲନ୍ତା ମୃତଦେହ ଆଜି ସକାଳେ ବୀରଭୂମ ଜିଲ୍ଲା ସ୍ଥିତ ଦଳୀୟ କାର୍ଯ୍ୟାଳୟରୁ ଉଦ୍ଧାର କରାଯାଇଛି। ତାଙ୍କ ମୃତଦେହ ନିକଟରୁ ଏକ ଚିଠି ଜବତ ହୋଇଛି, ଯେଉଁଥିରେ ସେ ନିଜକୁ ନିର୍ଦ୍ଦୋଷ ଏବଂ ଦୁର୍ନୀତିମୁକ୍ତ ବୋଲି କହିଛନ୍ତି। ସେ ୨୦୦୧ ରୁ ୨୦୨୬ ପର୍ଯ୍ୟନ୍ତ କ୍ରମାଗତ ୨୫ ବର୍ଷ ଧରି ରାମପୁରହାଟରୁ ୫ ଥର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ତେବେ ୨୦୨୬ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ସେ ଭାରତୀୟ ଜନତା ପାର୍ଟିର ଧ୍ରୁବ ସାହାଙ୍କଠାରୁ ପରାଜିତ ହୋଇଥିଲେ। ଆତ୍ମହତ୍ୟାର ମାତ୍ର ଗୋଟିଏ ଦିନ ପୂର୍ବରୁ ଗତକାଲି ସେ ସ୍ଥାନୀୟ ସ୍ୱାଧୀନତା ଦିବସ ସମାରୋହରେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ।

ମୃତଦେହ ନିକଟରୁ ମିଳିଥିବା ହାତଲେଖା ଚିଠିରେ ସେ ଲେଖିଛନ୍ତି ଯେ, ନିଜର ଦୀର୍ଘ ରାଜନୈତିକ ଜୀବନ ମଧ୍ୟରେ ସେ କୌଣସି ପ୍ରକାର ଦୁର୍ନୀତି ସହ ଜଡ଼ିତ ନଥିଲେ। ତାରାପୀଠ ରାମପୁରହାଟ ଉନ୍ନୟନ ପ୍ରାଧିକରଣର ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିବା ସମୟରେ ଟେଣ୍ଡର, ଚେକ୍ ପ୍ରଦାନ କିମ୍ବା ନକ୍ସା ମଞ୍ଜୁରୀ ଭଳି କୌଣସି ନିଷ୍ପତ୍ତିରେ ତାଙ୍କର ଭୂମିକା ନଥିଲା। ତାଙ୍କ ଭାବମୂର୍ତ୍ତିକୁ କ୍ଷୁଣ୍ଣ କରିବାକୁ ଅପଚେଷ୍ଟା କରାଯାଉଛି। ରାଜନୀତିରେ ପ୍ରବେଶ କରିବା ତାଙ୍କର ବଡ଼ ଭୁଲ ଥିଲା। ରାଜନୀତିରେ ନ ଯୋଗଦେବା ଲାଗି ସେ ତାଙ୍କ ପରିବାରକୁ ପରାମର୍ଶ ଦେଇଛନ୍ତି।

ଆଶିଷଙ୍କ ଆତ୍ମହତ୍ୟା ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ମମତା ବାନାର୍ଜୀ। ସେ କହିଛନ୍ତି, ଆଶିଷ ଜଣେ ସଚ୍ଚୋଟ ନେତା ଥିଲେ। କିନ୍ତୁ ବିଭିନ୍ନ ମିଥ୍ୟା ମାମଲାରେ ଫସାଇ ତାଙ୍କୁ ହଇରାଣ କରାଯାଉଥିଲା। ରାଜନୈତିକ ଶତ୍ରୁତା ପାଇଁ ଜଣେ ମଣିଷ ପ୍ରତି ଏପରି ଅମାନବୀୟ ଅତ୍ୟାଚାର କରାଯିବା ଠିକ୍ ନୁହେଁ। ତେବେ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଏହାକୁ ଖଣ୍ଡନ କରିଛନ୍ତି। ସେ କହିଛନ୍ତି ଯେ ଆଶିଷଙ୍କ ବିରୋଧରେ କୌଣସି ପୁଲିସ ମାମଲା ନଥିଲା କି ତାଙ୍କ ଉପରେ କୌଣସି ଚାପ ନଥିଲା।

### ସୁଅ ମୁହଁରେ...

ପଠାଇଛନ୍ତି। ବାଲେଶ୍ୱର ଜିଲ୍ଲାକୁ ଆଇଏଏସ୍ କେ ସୁଦର୍ଶନ ଚକ୍ରବର୍ତ୍ତୀ, ଯାଜପୁର ଜିଲ୍ଲାକୁ ପି ଅନ୍ୱେଷା ରେଡ୍ଡୀଙ୍କ ସମେତ ଭଦ୍ରକ ଜିଲ୍ଲାକୁ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ସୁଧାଂଶୁ ମୋହନ ସାମଲଙ୍କୁ ଜିଲ୍ଲାପାଳମାନଙ୍କୁ ବନ୍ୟା ପରିଚାଳନାରେ ସହାୟତା ଓ ପରାମର୍ଶ ନେଇ ନିର୍ଦ୍ଦେଶ ଦିଆଯାଇଛି।

ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କ ସୂଚନା ଅନୁସାରେ ଆଗାମୀ ୪୮ ଘଣ୍ଟା ଗୁରୁତ୍ୱପୂର୍ଣ୍ଣ। ବୈତରଣୀ, ବୁଢ଼ାବଳଙ୍ଗ, ଲୋୟର ବ୍ରାହ୍ମଣୀ ଓ ସୁବର୍ଣ୍ଣରେଖା ଅବବାହିକାରେ ୨୬ରୁ ୩୭ ମିମି ବର୍ଷାର ଅନୁମାନ ରହିଛି। ଲୋୟର ମହାନଦୀ ଅବବାହିକାରେ ମଧ୍ୟ ଏହି ଦୁଇ ଦିନ ୧୧ରୁ ୨୫ ମିମି ବର୍ଷା ପୂର୍ବାନୁମାନ ରହିଛି। ତେଣୁ ବର୍ଷା କେତେ ହେବ, ଉପରମୁଣ୍ଡର ବର୍ଷା ଓ ଜଳଭଣ୍ଡାରରୁ ଆସୁଥିବା ପାଣି ମିଶି ତଳମୁଣ୍ଡରେ ଜଳସ୍ତର କେତେ ବଢ଼ାଇବ ତାହା ଉପରେ ନଜର ରହିଛି। ବୈତରଣୀର ଆଖୁଆପଦା ଓ ଜଳକାର ମାଥାନିରେ ବିପଦ ସଙ୍କେତ ଅତିକ୍ରମ କରିଥିବାରୁ ତଳମୁଣ୍ଡର ଅଞ୍ଚଳଗୁଡ଼ିକୁ ଏବେ ସତର୍କ ରହିବାକୁ ହେବ। ତେଣୁ ଆଗାମୀ ୨୪ରୁ ୪୮ ଘଣ୍ଟା ଓଡ଼ିଶାର ନଦୀ ଅବବାହିକା ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ ରବିବାର ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ରାଜ୍ୟରେ ସୃଷ୍ଟି ହୋଇଥିବା ବନ୍ୟା ସ୍ଥିତିର ସମୀକ୍ଷା କରିଥିବା ଏସ୍‌ଆରସିଙ୍କ କାର୍ଯ୍ୟାଳୟରୁ ସୂଚନା ଦିଆଯାଇଛି। ଏବେ ସୁଦ୍ଧା ଏହି ଜିଲ୍ଲାର ୪୯ ଟି ବ୍ଲକ, ୩୩୧ ଗ୍ରାମ ପଞ୍ଚାୟତ, ୯୪୭ ଟି ଗ୍ରାମ, ୫ଟି ସହରାଞ୍ଚଳରେ ବସବାସ କରୁଥିବା ୫ ଲକ୍ଷ ୧୫ ହଜାର ଲୋକ ପ୍ରଭାବିତ ହୋଇଥିବା ବେଳେ ୨ ଲକ୍ଷ ୩୭ ହଜାର ଲୋକଙ୍କୁ ନିରାପଦ ଉଚ୍ଚ ସ୍ଥାନକୁ ସ୍ଥାନାନ୍ତରଣ କରାଯାଇଛି। ବନ୍ୟା ପ୍ରଭାବିତ ଅଞ୍ଚଳରେ ବହୁ ଗାଁରେ ପାଣି ପଶିଥିବାରୁ ପ୍ରାୟ ୭୫ ହଜାର ବିଜୁଳି ଉପଭୋକ୍ତାଙ୍କୁ ବିଜୁଳି ସରବରାହ ବନ୍ଦ କରାଯାଇଥିବା ସୂଚନା ମିଳିଛି। ନଦୀବନ୍ଧ ଗୁଡ଼ିକୁ ଦିନରାତି ନିରିକ୍ଷଣ କରାଯାଉଛଥିବା ବେଳେ ଯେଉଁଠି ଘାଇ ସୃଷ୍ଟି ହେବାର ଆଶଙ୍କା ରହିଛି, ସେସବୁ ସ୍ଥାନକୁ ସତର୍କ ଦୃଷ୍ଟି ରଖାଯାଇଥିବା, ବାଲିବସ୍ତା ଦ୍ୱାରା ବନ୍ୟା ନିୟନ୍ତ୍ରଣ କରାଯିବା ନେଇ ପଦକ୍ଷେପ ନିଆଯାଉଛି। ଅନ୍ୟପଟେ ଜଳ ସମ୍ପଦ ବିଭାଗ ତରଫରୁ ବାଲେଶ୍ୱରରେ ଜଣେ ଅତିରିକ୍ତ ସର୍ବୋଚ୍ଚ ଯନ୍ତ୍ରୀ ନିୟୋଜନ କରାଯାଇଛି। ସେହିପରି ଅନ୍ୟ ପ୍ରଭାବିତ ଜିଲ୍ଲାକୁ ବିଭାଗର ଜଣେ ଜଣେ ବରିଷ୍ଠ ଅଧିକ୍ଷଣ ଯନ୍ତ୍ରୀଙ୍କୁ ପଠାଯାଇଥିବା ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ କହିଛନ୍ତି। ବନ୍ୟା ପ୍ରଭାବିତ ଅଞ୍ଚଳକୁ ତୁରନ୍ତ ଆର୍ଥିକ ସହାୟତା ଯୋଗାଇ ଦେବା ପାଇଁ ଜିଲ୍ଲାପାଳମାନଙ୍କୁ ରାଜସ୍ୱ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଥିବା ବେଳେ ସଂପୃକ୍ତ ଜିଲ୍ଲାରେ ପରିସ୍ଥିତି ନ ସୁଧୁରିବା ପର୍ଯ୍ୟନ୍ତ ଅଧିକାରୀମାନଙ୍କ ଛୁଟିକୁ ବାତିଲ କରାଯାଇଥିବା ସୂଚନା ମିଳିଛି।

### ୧୦୦ ମିଟର ଧସିଲା...

ରାସ୍ତାରେ ଯାତାୟାତକୁ ନେଇ ଆଶଙ୍କା ସୃଷ୍ଟି ହୋଇଛି। ବର୍ତ୍ତମାନ ଯାନବାହନକୁ ରାସ୍ତାର ଅନ୍ୟ ପାର୍ଶ୍ୱର୍ ଦେଇ ଚଳାଚଳ କରାଯାଉଥିବା ଜଣାପଡ଼ିଛି। ଯଜାତି କେଶରୀ ସ୍ୱାଇଁ, ରବୀନ୍ଦ୍ର ପ୍ରଧାନ ଓ ମନୋରଞ୍ଜନ ମହାପାତ୍ରଙ୍କ ମାଲିକାନାରେ ଥିବା ତିନୋଟି ଟ୍ରକ୍ ଏହି ଘଟଣାରେ ଧସିଥିବା ଜଣାପଡ଼ିଛି।

ଅନ୍ୟପକ୍ଷରେ ଏହି ୮୦୦ କୋଟିର ପ୍ରକଳ୍ପ ଏମିତି ଭୁଶୁଡ଼ି ପଡ଼ିବାକୁ ନେଇ ନାନା ପ୍ରଶ୍ନ ଉଙ୍କିମାରିଛି। ଚଣ୍ଡିଖୋଲ-ପାରାଦୀପ ଜାତୀୟ ରାଜପଥ ୫୩କୁ ୮ ଲେନ୍ ବିଶିଷ୍ଟ ରାଜପଥରେ ସମ୍ପ୍ରସାରଣ କରାଯାଉଛି। ପ୍ରାୟ ୮୦୦ କୋଟି ଟଙ୍କାର ଏହି ପ୍ରକଳ୍ପରେ ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ରାସ୍ତାର ଏଭଳି ଧସିବା ଘଟଣା ନିର୍ମାଣର ଗୁଣବତ୍ତାକୁ ନେଇ ବଡ଼ ପ୍ରଶ୍ନ ଠିଆ କରିଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ହେଉଛି, ରାସ୍ତାକଡ଼ରେ ମାଟି ଭର୍ତ୍ତି ଓ ସଂଘନୀକରଣ ଠିକ୍ ଭାବେ ହୋଇନଥିବାରୁ ବର୍ଷାଜଳର ପ୍ରଭାବରେ ମାଟି ଧସିଥାଇପାରେ। ରାସ୍ତା ନିର୍ମାଣରେ ପାଉଁଶ, ଜିପସମ୍ ଆଦି ସାମଗ୍ରୀ ବ୍ୟବହାର ନେଇ ମଧ୍ୟ କେତେକ ଅଭିଯୋଗ ଉଠିଛି। ତେବେ ଏହି ଅଭିଯୋଗଗୁଡ଼ିକର ସତ୍ୟତା ବିଧିବଦ୍ଧ ଯାଞ୍ଚ ପରେ ହିଁ ସ୍ପଷ୍ଟ ହୋଇପାରିବ। ସ୍ଥାନୀୟ ବାସିନ୍ଦାଙ୍କ କହିବାନୁଯାୟୀ, ଧସିଥିବା ଅଂଶରେ ପ୍ରାୟ ଏକ ମାସ ପୂର୍ବରୁ ପିଚୁ କାମ ହୋଇଥିଲା। ନୂଆ ପିଚୁ ରାସ୍ତାର ପାଖ ଅଂଶ ମଧ୍ୟ ଧସିଯିବା ପରେ ନିର୍ମାଣର ଗୁଣବତ୍ତା ଓ ରାସ୍ତାର ଭିତ୍ତି କାମକୁ ନେଇ ସନ୍ଦେହ ଅଧିକ ଘନୀଭୂତ ହୋଇଛି। ଅନ୍ୟପକ୍ଷରେ, ଲଗାଣ ବର୍ଷା ହିଁ ରାସ୍ତା ଧସିବାର ପ୍ରମୁଖ କାରଣ ବୋଲି ଟ୍ରକ୍ ମାଲିକମାନେ କହିଛନ୍ତି। ଘଟଣା ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ରାସ୍ତା ନିର୍ମାଣ କରୁଥିବା ଏଆର୍‌ଏସ୍‌ଏସ୍ ସଂସ୍ଥାର ପ୍ରୋଜେକ୍ଟ ମ୍ୟାନେଜରଙ୍କୁ ଲୋକେ ଅଟକ ରଖି ପ୍ରତିବାଦ କରିଥିବା ଜଣାପଡ଼ିଛି। ନିର୍ମାଣ କାମର ଗୁଣବତ୍ତା ଯାଞ୍ଚ, ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଏବଂ ଧସିଥିବା ରାସ୍ତାକୁ ବୈଜ୍ଞାନିକ ଭାବେ ପୁନଃନିର୍ମାଣ କରିବାକୁ ଦାବି ହୋଇଛି। ରାସ୍ତା ଧସିବା ପଛରେ ପ୍ରକୃତ କାରଣ କ'ଣ ତାର ତଦନ୍ତ କରିବାକୁ ଦାବି ହୋଇଛି।

### ଓଡ଼ିଶାରୁ ହଜିଯିବ...

ଓଡ଼ିଶା ପ୍ରାକୃତିକ ଖଣିଜ ସମ୍ପଦରେ ଭରପୂର। ଲୁହାପଥର, ବକ୍ସାଇଟ୍, କୋଇଲା ଏବଂ ଅନ୍ୟାନ୍ୟ ମୂଲ୍ୟବାନ ଖଣିଜ ରାଜ୍ୟର ଅର୍ଥନୀତିକୁ ସମୃଦ୍ଧ କରୁଥିବା କୁହାଯାଉଥିଲେ ମଧ୍ୟ ରାଜ୍ୟବାସୀ ଏଥିପାଇଁ ବହୁମୂଲ୍ୟ ଦେଉଛନ୍ତି। ଖଣି ପ୍ରକଳ୍ପଠାରୁ ଆରମ୍ଭ କରି ବୃହତ ଶିଳ୍ପ, ଖଣି ଆଦି ପାଇଁ ପାଇଁ ଦିନକୁ ଦିନ ଜଙ୍ଗଲ ଜମିର ଚାହିଦା ବଢ଼ିବାରେ ଲାଗିଛି। ଏହାର ସିଧାସଳଖ ପରିଣାମ ସ୍ୱରୂପ ରାଜ୍ୟର ସବୁଜ ଆଚ୍ଛାଦନ କମିବାରେ ଲାଗିଛି ଏବଂ ପରିବେଶୀୟ ସନ୍ତୁଳନ ସମ୍ପୂର୍ଣ୍ଣ ଭାବେ ବିଗିଡ଼ିବାରେ ଲାଗିଛି।

୧୦ ହଜାରରୁ ଅଧିକ ହେକ୍ଟର ଜଙ୍ଗଲ ଜମି ନଷ୍ଟ ହେବା ଅର୍ଥ କେବଳ ଲକ୍ଷଲକ୍ଷ ଗଛ କଟାରେ ସୀମିତ ନାହିଁ; ଜଙ୍ଗଲ ଧ୍ୱଂସ ଯୋଗୁଁ ଜୀବଜନ୍ତୁ, ପକ୍ଷୀ, ଜଳସ୍ରୋତ ଓ ଜଳଉତ୍ସ, ମାଟିର ଉର୍ବରତା ଏବଂ ଜୈବ ବିବିଧତା ମଧ୍ୟ ପ୍ରଭାବିତ ହେବ। ବିଶେଷକରି ଜଙ୍ଗଲ ଉପରେ ପ୍ରତ୍ୟକ୍ଷ ଭାବେ ନିର୍ଭରଶୀଳ ଥିବା ରାଜ୍ୟର ଆଦିବାସୀ ଓ ଗ୍ରାମୀଣ ସମୁଦାୟ ପାଇଁ ଜଙ୍ଗଲ କେବଳ କାଠ ବା ଗଛର ସମୂହ ନୁହେଁ; ବରଂ ଏହା ସେମାନଙ୍କର ସାଂସ୍କୃତିକ ପରିଚୟ ଏବଂ ଜୀବନଜୀବିକାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସାରା ବିଶ୍ୱ ଯେତେବେଳେ ଜଳବାୟୁ ପରିବର୍ତ୍ତନ, ବର୍ଦ୍ଧିତ ତାପମାତ୍ରା, ଭୟଙ୍କର ଜଳସଙ୍କଟ ଏବଂ ପ୍ରାକୃତିକ ବିପର୍ଯ୍ୟୟକୁ ନେଇ ଗଭୀର ଚିନ୍ତିତ, ସେତେବେଳେ ଓଡ଼ିଶାରେ ବିପୁଳ ପରିମାଣର ଜଙ୍ଗଲ ଓ ଜଙ୍ଗଲ ଜମି ଲିଜ୍ ପରିବେଶ ବିଜ୍ଞାନୀମାନଙ୍କୁ ଚିନ୍ତାରେ ପକାଇଛି। ଏହିପରି ଭାବରେ ବିକାଶର ନାଁରେ ଯଦି ଜଙ୍ଗଲ ଉଜାଡ଼ିବା ଅବ୍ୟାହତ ରହେ, ତେବେ ଆଗାମୀ ପିଢ଼ି ପାଇଁ ଓଡ଼ିଶାରେ କେବଳ ଧୂଳିଝଡ଼, ଟାଙ୍ଗରା ମାଟି ଏବଂ ପ୍ରଦୂଷିତ ପରିବେଶ ବ୍ୟତୀତ ଆଉ କିଛି ରହି ନ ଥିବ ବୋଲି ପରିବେଶ ବିଜ୍ଞାନୀମାନେ ସତର୍କ କରାଇ ଦେଇଛନ୍ତି।


**ପଶ୍ଚିମ ରେଳବାଇ – ରତଲାମ ମଣ୍ଡଳ**

ସଂଖ୍ୟା : W/623/NIT/1 **ଇ-ଟେଣ୍ଡରିଂ ବିଜ୍ଞପ୍ତି** ତାରିଖ: ୧୩.୦୮.୨୦୨୬

ମଣ୍ଡଳ ରେଳ ପ୍ରବନ୍ଧକ/ମଣ୍ଡଳ କାର୍ଯ୍ୟାଳୟ (କାର୍ଯ୍ୟଲେଖା ଶାଖା), ପଶ୍ଚିମ ରେଳବାଇ ପକ୍ଷରୁ ନିମ୍ନଲିଖିତ କାର୍ଯ୍ୟ ପାଇଁ "ଖୋଲା ଟେଣ୍ଡର" ଇ-ଟେଣ୍ଡର ମାଧ୍ୟମରେ ୱେବସାଇଟ୍ www.ireps.gov.in ରେ ଆମନ୍ତ୍ରଣ କରାଯାଉଛି। ବିବରଣୀ ଏହିପରି–

କ୍ରମିକ ନଂ.: ୧, ଇ-ଟେଣ୍ଡର ନଂ.: RTM-2026-27-80, କାର୍ଯ୍ୟର ନାମ: ୧. Palia – ହାଇଲେଭଲ୍ ପ୍ଲାଟଫର୍ମ ସହିତ ୩.୬୫ ମିଟର ଚଉଡ଼ା FOB ନିର୍ମାଣ। ୨. Ajod – HL ପ୍ଲାଟଫର୍ମ ସହିତ ୩.୬୫ ମିଟର ଚଉଡ଼ା କଭର୍ଡ FOB ନିର୍ମାଣ ଏବଂ ୩. Gautampura – HL ପ୍ଲାଟଫର୍ମ ସହିତ ୩.୬୫ ମିଟର ଚଉଡ଼ା କଭର୍ଡ FOB ନିର୍ମାଣ। ଆନୁମାନିକ ମୂଲ୍ୟ: ଟ. ୧୦,୦୩,୧୬,୦୧୭.୦୮, ବୟନା ରାଶି: ଟ. ୨୦,୦୬,୩୦୦/-, ଟେଣ୍ଡର ଦସ୍ତାବିଜର ମୂଲ୍ୟ: Nil, କାର୍ଯ୍ୟ ସମାପ୍ତି ଅବଧି: ୧୫ ମାସ, ୱେବସାଇଟ୍‌ରେ ଅପଲୋଡ୍ ତାରିଖ: ୧୨.୦୮.୨୦୨୬, ଟେଣ୍ଡର ଖୋଲିବା ତାରିଖ: ୦୩.୦୯.୨୦୨୬।

କ୍ରମିକ ନଂ.: ୨, ଇ-ଟେଣ୍ଡର ନଂ.: RTM-2026-27-81, କାର୍ଯ୍ୟର ନାମ: Chanderiya-Ratlam Section – Mandsaur-Dalauda ଷ୍ଟେସନ ମଧ୍ୟରେ LC ନଂ. ୧୫୪ (କି.ମି. ୨୯୬/୧୩-୧୫) ବଦଳରେ ସବୱେ (RUB) ନିର୍ମାଣ। ଆନୁମାନିକ ମୂଲ୍ୟ: ଟ. ୧୧,୯୨,୨୪,୦୮୨.୯୬, ବୟନା ରାଶି: ଟ. ୨୩,୮୪,୫୦୦/-, ଟେଣ୍ଡର ଦସ୍ତାବିଜର ମୂଲ୍ୟ: Nil, କାର୍ଯ୍ୟ ସମାପ୍ତି ଅବଧି: ୧୫ ମାସ, ୱେବସାଇଟ୍‌ରେ ଅପଲୋଡ୍ ତାରିଖ: ୧୨.୦୮.୨୦୨୬, ଟେଣ୍ଡର ଖୋଲିବା ତାରିଖ: ୦୮.୦୯.୨୦୨୬।

କ୍ରମିକ ନଂ.: ୩, ଇ-ଟେଣ୍ଡର ନଂ.: RTM-2026-27-82, କାର୍ଯ୍ୟର ନାମ: ରତଲାମ ଡିଭିଜନ – ବିଭିନ୍ନ ସ୍ଥାନରେ ହାଇୱେ/ରାସ୍ତା ଉପରେ ଥିବା ROB ଗୁଡ଼ିକର ଆପ୍ରୋଚ୍‌ରେ ସୁରକ୍ଷା ଫେନ୍ସିଂ ୱାଲ୍/କ୍ରାଶ୍ ବ୍ୟାରିଅର୍ ବ୍ୟବସ୍ଥା କରିବା। ଆନୁମାନିକ ମୂଲ୍ୟ: ଟ. ୬,୫୩,୫୫,୭୨୪.୫୪, ବୟନା ରାଶି: ଟ. ୧୩,୦୭,୧୦୦/-, ଟେଣ୍ଡର ଦସ୍ତାବିଜର ମୂଲ୍ୟ: Nil, କାର୍ଯ୍ୟ ସମାପ୍ତି ଅବଧି: ୧୮ ମାସ, ୱେବସାଇଟ୍‌ରେ ଅପଲୋଡ୍ ତାରିଖ: ୧୨.୦୮.୨୦୨୬, ଟେଣ୍ଡର ଖୋଲିବା ତାରିଖ: ୧୧.୦୯.୨୦୨୬। କ୍ରମିକ ନଂ.: ୪, ଇ-ଟେଣ୍ଡର ନଂ.: RTM-2026-27-83, କାର୍ଯ୍ୟର ନାମ: ରତଲାମ ଡିଭିଜନ – ୧୦,୦୦୦ରୁ ଅଧିକ TVU ଥିବା LC ଗେଟ୍‌ଗୁଡ଼ିକର ଇଣ୍ଟରଲକିଂ ସମ୍ବନ୍ଧରେ ରିଲେ ହଟ୍‌ର ବ୍ୟବସ୍ଥା (୩ଟି LC), ବିଦ୍ୟୁତ କାର୍ଯ୍ୟ ସମେତ। ଆନୁମାନିକ ମୂଲ୍ୟ: ଟ. ୬୯,୨୬,୯୮୯.୫୦, ବୟନା ରାଶି: ଟ. ୧,୩୮,୫୦୦/-, ଟେଣ୍ଡର ଦସ୍ତାବିଜର ମୂଲ୍ୟ: Nil, କାର୍ଯ୍ୟ ସମାପ୍ତି ଅବଧି: ୦୬ ମାସ, ୱେବସାଇଟ୍‌ରେ ଅପଲୋଡ୍ ତାରିଖ: ୧୨.୦୮.୨୦୨୬, ଟେଣ୍ଡର ଖୋଲିବା ତାରିଖ: ୦୩.୦୯.୨୦୨୬। ବିସ୍ତୃତ ଟେଣ୍ଡର ସୂଚନା, ଯୋଗ୍ୟତା ମାନଦଣ୍ଡ ଏବଂ ଅନ୍ୟାନ୍ୟ ସର୍ତ୍ତାବଳୀ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ। AK/5/1/205

Like us on: facebook.com/WesternRly | Follow us on: X.com/WesternRly



**OFFICE OF THE PRINCIPAL**
**PANCHAYAT HIGHER SECONDARY SCHOOL, PHIRINGIA**
**KANDHAMAL, ODISHA, 762011**
Mail-pjcpprincipal@gmail.com

**WALK –IN – INTERVIEW**

FOR ENGAGEMENT OF GUEST/CONTRACTUAL LECTURERS & OFFICE STAFFS

A walk in interview for engagement and empanelment of guest/contractual faculties and Office Staffs (Non-teaching) for Higher Secondary Classes (+2) of Panchayat Higher Secondary School, Phiringia, Kandhamal will be held on **Date. 31.08.26** in the premises of Panchayat Higher Secondary School, Phiringia for the session 2026-27 or till the vacancies are filled up whichever is earlier as detailed below.

| Sl.No | Date | Reporting Time | Post | Minimum Qualification |
|---|---|---|---|---|
| 1 | 31.08.26 | 11.00 A.M | Lecturer In Education, | 55% of Marks in PG (Education) degree or 50% with B. Ed |
| 2 | 31.08.26 | 11.00 Noon | Lecturer in Odia | 55% of Marks in PG degree |
| 3 | 31.08.26 | 12.00 Noon | Jr. Clerk | Any Bachelors Degree |
| 4 | 31.08.26 | 12.00 Noon | Peon | Any Bachelors Degree |

Interested Candidates may attend the interview in between **11.00 AM to 2.00 PM** with their complete Bio-data, all original certificates and Xerox copies of their qualifications from Matriculation onwards, two passport size photo copies, Experience certificate and an identity proof on the scheduled date.

No TA/DA is admissible for attending the interview. The appointments are purely temporary and the remuneration for the said posts will be consolidated. The Principal reserves all the rights to cancel part or whole of the walk in interview at any moment without assigning any reason there off.

Principal
PRINCIPAL
Panchayat Higher Secondary School
Phiringia, Kandhamal, Odisha, 762011



**LOST**

I, **Niharika Purohit,** W/o- Kalpeswar Purohit, resident at- Gayatree Mandir Lane, Mahaveer Pada, Bhawanipatana, Dist Kalahandi, Odisha - 756100, I do hereby declare that, I have lost original land Patta vide **Thana No. 165, Khatian No-171/1901** and **Khata No- 171/2699,** in favour of **Diptimayee Panda,** W/o- Late Subhendu Kumar Panda on dated - **05.08.2026 at 11 am.** That time I was going to revenue office Bhawanipatna. If anyone finds this documents, kindly contact **Niharika Purohit, Mob. No- 8249226769.**

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar Affidavit C.F.No. 73 on dated 14/08/2026, I **BHANU PRADHAN**, W/o Bhaba Pradhan resident of At./Po- Damasahi, P.S: Sarankul, Dist: Nayagarh, Odisha, PIN: 752092, declare that I have changed my name from **KUNI PRADHAN (Old Name)** to **BHANU PRADHAN (New Name)**. Henceforth, I shall be known as **BHANU PRADHAN** for all purposes.

Sd- **BHANU PRADHAN**

**AFFIDAVIT**

I, Sk Sajid Ali, age 43 years, S/o- Sk Yakub Ali, Vill- Maheswarpur, Po/ps - Barhambarda, Dist- Jajpur, Odisha, declared this affidavit No-2686, dtd - 14/8/2026 now onwards I shall be known as **Sk Sajid Ali** for all future purposes

**AFFIDAVIT**
**Change of Name (Minor)**

By virtue of an affidavit before the Executive Magistrate, Keonjhar, **Dated. 12/08/2026,** I, Tutu Naik, At-Satasinga, Baniapat, P.O.-Keonjhar, Pin-758001, Dist.-Keonjhar, do hereby declare that I have changed the name of my minor daughter from Kirtika Naik to **Kritika Naik.** Henceforth, she shall be known as **Kritika Naik** for all future purposes.

**Sd/- Tutu Naik**

**AFFIDAVIT**

By Virtue of an affidavit before the Executive Magistrate, Tentulikhunti, Dtd. 31.07.2026, **No.251**, I, **KALABATI JHADIA**, W/o **JAYARAM JHADIA**, Village-Murka, P.O.-Padepadar, P.S.-Thuamul Rampur, Dist.-Kalahandi, do hereby declare that I have changed my minor sons name from **GOPINATH JHADIA** to **KISPAR JHADIA**. Henceforth, he shall be known as **KISPAR JHADIA** for all purposes.

**Sd/- KALABATI JHADIA**

**AFFIDAVIT**

By virtue of an affidavit before the Executive Magistrate, Tentulikhunti, Dist: Nabarangpur, dtd. 14.08.2026, **No.274**, I, **KUNI JANI**, Vill-Khandiaguda, Post-Tentulikhunti, Dist-Nabarangpur-764070, do hereby declare that I have changed the name my minor daughter's name from **CHUMKI JANI** to **CHUMUKI JANI**. Henceforth, she shall be known as **CHUMUKI JANI**

**Sd/- Kuni Jani**

## ଭଦ୍ରକରେ ୮୦ତମ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳିତ

# ‘ସ୍ୱାଧୀନତା ଆନ୍ଦୋଳନରେ ଭଦ୍ରକର ଭୂମିକା ସ୍ୱର୍ଣ୍ଣାକ୍ଷରେ ଲିପିବଦ୍ଧ’

ଭଦ୍ରକ,୧୬।୮ (ସମିସ)

ଭଦ୍ରକରେ ୮୦ତମ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ସ୍ଥାନୀୟ ଭଦ୍ରକ ସ୍ୱୟଂଶାସିତ କଲେଜ ଖେଳ ପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରି ସମବେତ ଜନତାଙ୍କୁ ଉଦ୍‌ବୋଧନ ଦେଇଥିଲେ। ଭାରତୀୟ ସ୍ୱାଧୀନତା ଆନ୍ଦୋଳନରେ ଭଦ୍ରକ ଜିଲ୍ଲାର ବଳିଷ୍ଠ ଭୂମିକା ଇତିହାସର ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି। ସ୍ୱାଧୀନତା ଆନ୍ଦୋଳନର ଅନ୍ୟତମ ମହାରଥୀ ଡ. ହରେକୃଷ୍ଣ ମହତାବ, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର, ନୀଳମଣି ରାଉତରାୟ, ବାଞ୍ଛାନିଧି ମହାନ୍ତିଙ୍କ ସାରସ୍ୱତ ସିଦ୍ଧି ଓ ସାଧନାର ତପୋବନ ଭଦ୍ରକ ଜିଲ୍ଲା ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ଥିଲା ବୋଲି ଜିଲ୍ଲାପାଳ ତାଙ୍କ ବକ୍ତବ୍ୟରେ କହିଥିଲେ। ସେହିଭଳି ଇରମ ଗୁଳିକାଣ୍ଡ, ଭଣ୍ଡାରିପୋଖରୀ ଥାନା ପୋଡ଼ି, ଲୁଣିଆ ଗଣହତ୍ୟା ଇତିହାସ ପୃଷ୍ଠାରେ କିମ୍ବଦନ୍ତୀ ଭଳି ଆଜି ବି ବିଦ୍ୟମାନ। ଇତିହାସ ଇରମ ଗୁଳିକାଣ୍ଡକୁ ୨ୟ ଜାଲିଆନୱାଲାବାଗ ହତ୍ୟାକାଣ୍ଡର ଆଖ୍ୟା ପ୍ରଦାନ କରି ଭଦ୍ରକ ମାଟିକୁ ମହିମା ମଣ୍ଡିତ କରିଛି। ଆଜି ମଧ ଭଦ୍ରକର ଗାନ୍ଧୀ ବାଳାଶ୍ରମ ଓ ମହତାବ କୋଠି




### କଲେଜ ପଡ଼ିଆ କାଦୁଅ ପଚପଚ; ହୋଇପାରିଲାନି ପରେଡ୍

ସ୍ୱାଧୀନତା ସଂଗ୍ରାମ ଇତିହାସର ମୂକସାକ୍ଷୀ ଭାବେ ଦଣ୍ଡାୟମାନ। ଏପରି ପ୍ରଭାବଶାଳୀ ତଥା ଗୌରବ ମଣ୍ଡିତ ଭଦ୍ରକ ଜିଲ୍ଲା ମାଟିକୁ ପ୍ରଣାମ ଜଣାଇ ଏହାର ସେବା କରିବା ପାଇଁ ସୁଯୋଗ ମିଳିଥିବାରୁ ନିଜକୁ ସେ ଧନ୍ୟ ମନେ କରିଥିବା କହିଥିଲେ। ଜିଲ୍ଲାପାଳଙ୍କ ସହ ଭଦ୍ରକ ଏସ୍‌ପି ମନୋଜ ରାଉତ ଉପସ୍ଥିତ ଥିଲେ।

ଜିଲ୍ଲା ସ୍ତରୀୟ ପରେଡ୍‌ରେ ସମୁଦାୟ ୪୩ଟି କଣ୍ଟିଜେଣ୍ଟ, ୪ଟି ସାଂସ୍କୃତିକ ଦଳ ଓ ଗୋଟିଏ ତାଏକ୍ୱୋଣ୍ଡୋ ଦଳ ଅଂଶ ଗ୍ରହଣ କରିଥିଲେ। ତେବେ ଗୁରୁତ୍ୱପୂର୍ଣ୍ଣ କଥା, କଲେଜ ଖେଳ ପଡ଼ିଆ ବର୍ଷା ପାଣିରେ କାଦୁଅ ପଚପଚ ହୋଇପଡ଼ିବାରୁ ଜିଲ୍ଲାପାଳଙ୍କ ଖୋଲା ଜିପ୍‌ରେ ପଡ଼ିଆ ବୁଲିବା କାର୍ଯ୍ୟ ହୋଇପାରି ନ ଥିଲା କି ପରେଡ୍ ପାଇଁ ପ୍ରସ୍ତୁତ ହୋଇ ପଡ଼ିଆରେ ଛିଡ଼ା ହୋଇଥିବା ୪୩ଟି ଦଳ ପରେଡ୍ କରିପାରି ନ ଥିଲେ। କେବଳ ୪ଟି ସାଂସ୍କୃତିକ ଟିମ୍ ତାଏକ୍ୱୋଣ୍ଡୋ ଟିମ୍ ସେମାନଙ୍କ କଳା ନୈପୁଣ୍ୟ ପ୍ରଦର୍ଶନ କରିଥିଲେ। ସକାଳ ୫ଟାରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ଡାକବାଜି ଯନ୍ତ୍ର ଦ୍ୱାରା ରାମଧୂନ୍ ପରିକ୍ରମା କରାଯାଇଥିଲା। ମୁଖ୍ୟ ଚିକିତ୍ସାଳୟରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଫଳ ବଣ୍ଟନ କରାଯାଇଥିଲା। ଚାରୁ ଓ କାରୁକଳା ମହାବିଦ୍ୟାଳୟ ଦ୍ୱାରା ସଂସ୍କୃତି ଭବନଠାରେ ଚିତ୍ରକଳା ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା। ଡଗମୁଣ୍ଡସ୍ଥିତ କୁଷ୍ଠ କଲୋନୀ ଅନ୍ତେବାସୀଙ୍କୁ ସାଳନ୍ଦୀ ହସ୍ପିଟାଲ ପରିସରରେ ମଧ୍ୟାହ୍ନ ଭୋଜନ ପ୍ରଦାନ କରାଯାଇଥିଲା। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହିଦ ସ୍ମୃତି ଭବନଠାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ, ମୁଖ୍ୟବକ୍ତା ଅଭୟ ସୁତାର, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଜଗବନ୍ଧୁ ସାହୁ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରଶ୍ମିରାଣୀ ନିମାକା, ଡ. ପ୍ରଭାସ ମହାନ୍ତି, ରୋଟାରୀ କ୍ଲବ୍ ମିଡ୍ ଟାଉନ୍ ସଦସ୍ୟ ଅତିସ ବେହେରା ଉପସ୍ଥିତ ରହି ସ୍ୱାଧୀନତା ଦିବସ ଉପଲକ୍ଷେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମଧୁସ୍ମିତା ମହାପାତ୍ର ସଂଯୋଜନା କରିଥିଲେ। ସୂଚନା ଓ ଲୋକ ସମ୍ପର୍କ ବିଭାଗର କର୍ମକର୍ତ୍ତା ମିନାକ୍ଷୀ ଗରାବଡ୍ଡୁ, ଲିସା ରାଉତ, ପ୍ରଫୁଲ୍ଲ ଦାସ ଓ ମାନସ ସହଯୋଗ କରିଥିଲେ।

## ମାକ୍ରୋୱେଭ୍ ଟେକ୍ନୋଲୋଜିରେ ସ୍ୱାଧୀନତା ଦିବସ

ଭଦ୍ରକ,୧୬।୮ (ସମିସ): ଭଦ୍ରକସ୍ଥିତ ମାକ୍ରୋୱେଭ୍ ଟେକ୍ନୋଲୋଜିରେ ୮୦ତମ ସ୍ୱାଧୀନତା ଦିବସ ପାଳିତ ହୋଇଛି। ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ ମୁଖ୍ୟଅତିଥିଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି କାର୍ଯ୍ୟକ୍ରମର ପ୍ରମୁଖ ଆକର୍ଷଣ ଥିଲା ନବସଂଶୋଧିତ ‘ବନ୍ଦେ ମାତରମ୍’ ଗୀତର ସମୂହ ପରିବେଷଣ କରାଯାଇଥିଲା। ଛାତ୍ରଛାତ୍ରୀ ଓ କର୍ମଚାରୀମାନଙ୍କ ଦ୍ୱାରା ଦେଶଭକ୍ତିର ଭାବନାରେ ଗାଇଥିବା ଏହି ଗୀତ ସମଗ୍ର ପରିବେଶକୁ ଦେଶପ୍ରେମରେ ଭରି ଦେଇଥିଲା। ମାକ୍ରୋୱେଭ୍ ଟେକ୍ନୋଲୋଜିର ଛାତ୍ରଛାତ୍ରୀ ଓ କର୍ମଚାରୀମାନଙ୍କ ପକ୍ଷରୁ ମଧ ଏକ ମନୋରମ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ ଆୟୋଜିତ ହୋଇଥିଲା। ଦେଶଭକ୍ତିମୂଳକ ଗୀତ, ନୃତ୍ୟ ଓ ବିଭିନ୍ନ ସାଂସ୍କୃତିକ ପରିବେଷଣ ମାଧମରେ



ଛାତ୍ରଛାତ୍ରୀମାନେ ଦେଶର ଏକତା, ଅଖଣ୍ଡତା ଓ ସାଂସ୍କୃତିକ ବିବିଧତାର ବାର୍ତ୍ତା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧରେ ନିର୍ଦ୍ଦେଶିକା ନମ୍ରତା ରାୟ, ପରିଚାଳନା ନିର୍ଦ୍ଦେଶକ ମନୋଜ ରାୟ, ପ୍ରକଳ୍ପ ମୁଖ୍ୟ ସମରେନ୍ଦ୍ର ପୁହାଣ, ରଶ୍ମିରଞ୍ଜନ ବେହେରା, ଶୁଭସ୍ମିତା ମଲ୍ଲିକ, ରଶ୍ମିପ୍ରଭା ରାଉଳ, ମଧୁସ୍ମିତା ନାୟକ, ରାଜ କିଶୋର ମହାନ୍ତି, ରେବତୀ ବେହେରା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଫେକରରେ ୮୦ତମ ସ୍ୱାଧୀନତା ଦିବସ





ଭଦ୍ରକ,୧୬।୮ (ସମିସ): ବେଦାନ୍ତ ଗ୍ରୁପ୍ କମ୍ପାନୀର ଫେକର(ଫେରୋ ଆଲୟଜ୍ କର୍ପୋରେସନ୍ ଲିମିଟେଡ୍) ପକ୍ଷରୁ ଏହାର ପ୍ଲାଣ୍ଟ ଓ ଖଣି ସମେତ ଭଦ୍ରକ ଏବଂ ସୁକିନ୍ଦା ଅଞ୍ଚଳର ବିଦ୍ୟାଳୟଗୁଡ଼ିକରେ ୮୦ତମ ସ୍ୱାଧୀନତା ଦିବସକୁ ବହୁତ ଉତ୍ସାହର ସହିତ ପାଳନ କରିଛି। ଏହି ଅବସରରେ କର୍ମଚାରୀ, ବ୍ୟାବସାୟିକ ଅଂଶୀଦାର, ଛାତ୍ର ଏବଂ ସାମୁଦାୟିକ ସଦସ୍ୟମାନଙ୍କୁ ଦେଶପ୍ରେମ, ଏକତା ଏବଂ ସମାନ ଉଦ୍ଦେଶ୍ୟର ଏକ ସ୍ପନ୍ଦନଶୀଳ ପ୍ରଦର୍ଶନରେ ଏକାଠି କରାଯାଇଥିଲା। ଫେକର ସିଇଓ ମନୋଜ କେଶରୀଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ ସହିତ ଉତ୍ସବ ଆରମ୍ଭ ହୋଇଥିଲା। ପରେ ଦିବସର ଗୁରୁତ୍ୱ ଏବଂ ଦେଶର ପ୍ରଗତିରେ ଯୋଗଦେବାରେ ନାଗରିକ ଏବଂ ସଂଗଠନଗୁଡ଼ିକର ସାମୂହିକ ଦାୟିତ୍ୱ ଉପରେ ଏକ ଅଭିଭାଷଣ ଦିଆଯାଇଥିଲା। ସ୍ୱାଧୀନତା ଦିବସ କେବଳ ଆମର ସ୍ୱାଧୀନତାର ଉତ୍ସବ ନୁହେଁ ବରଂ ଦେଶ ଏବଂ ଆମେ ସେବା କରୁଥିବା ସମ୍ପ୍ରଦାୟଗୁଡ଼ିକ ପ୍ରତି ଆମର ଦାୟିତ୍ୱର ସ୍ମରଣ କରାଇଥାଏ। ଫେକରରେ ଆମେ ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟ, ସମ୍ପ୍ରଦାୟ ବିକାଶ ଏବଂ ଆମ ଚାରିପାଖରେ ଏକ ସକାରାତ୍ମକ ପ୍ରଭାବ ସୃଷ୍ଟି କରି ଭାରତର ଅଭିବୃଦ୍ଧିକୁ ସମର୍ଥନ କରିବାକୁ ପ୍ରତିବଦ୍ଧ ବୋଲି ସିଇଓ ଶ୍ରୀ କେଶରୀ ତାଙ୍କ ବକ୍ତବ୍ୟରେ କହିଥିଲେ।

# ବିଭିନ୍ନ ସ୍ଥାନରେ ୮୦ତମ ସ୍ୱାଧୀନତା ଦିବସ ପାଳନ

### ବାରିକପୁର

ଭଣ୍ଡାରିପୋଖରୀ ବ୍ଲକ୍‌ର ବିଭିନ୍ନ ସ୍ଥାନରେ ୮୦ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଯଦିଓ ବୈତରଣୀ ବନ୍ୟା ଯୋଗୁଁ କିଛି ସ୍ଥାନରେ ପତାକା ଉଡ଼ିପାରି ନ ଥିଲା, କିନ୍ତୁ ଅନ୍ୟାନ୍ୟ ସବୁଠି ଭାବଉଦ୍ଦୀପନାର ସହିତ ସ୍ୱାଧୀନତା ଦିବସ ପାଳିତ ହୋଇଛି। ବ୍ଲକ୍ ପ୍ରଶାସନ ପକ୍ଷରୁ ଆୟୋଜିତ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟ




ଅତିଥି ଭାବେ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଏଥିରେ ବିଡିଓ ଦେବଦତ ଦାଶଙ୍କ ସମେତ ବ୍ଲକ୍ ଅଧକ୍ଷା ସୁମତୀ ସେଠୀ, ଜିଲ୍ଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ ଓ ବ୍ଲକ୍‌ର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ମେଡିକାଲଠାରେ ଡା. ସରୋଜ କୁମାର ରାଉଳ, ଥାନାରେ ଥାନା ଅଧିକାରିଣୀ ରାଜଲକ୍ଷ୍ମୀ ନାୟକ, ତହସିଲ୍‌ଠାରେ ତହସିଲ୍‌ଦାର ରୋଜାଲିନ୍ ବେହେରା ପ୍ରମୁଖ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସ୍ଥାନୀୟ ଯୁକ୍ତ ଦୁଇ କଲେଜଠାରେ ଅଧକ୍ଷ କୃପାସିନ୍ଧୁ ସେଠୀ ଓ ଶିକ୍ଷାବିତ୍ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ଆଖୁଆପଦା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ବିଭୂତିଭୂଷଣ ମହାନ୍ତି, ମଞ୍ଜୁରୀରୋଡ୍ ଉଚ୍ଚ ବିଦ୍ୟାଳୟଠାରେ ପ୍ରଧାନଶିକ୍ଷକ କୈଳାସ ଚନ୍ଦ୍ର ଜେନା, ଶରତ ଚନ୍ଦ୍ର କଲ୍‌ଚରାଲ ଏକାଡେମୀଠାରେ ପଦ୍ମନାଭ ଦାସ, ବରିଷ୍ଠ ନାଗରିକ ମଞ୍ଚର ସଭାପତି ପୂର୍ଣ୍ଣଚନ୍ଦ୍ର ଦାସ, ପୁରାତନ ବିଦ୍ୟାର୍ଥୀ ପରିଷଦଠାରେ ଶକ୍ତିଧର ନାୟକ, ମହେଶ୍ୱର ବେହେରା, ରାଜେନ୍ଦ୍ରପୁର ବିଦ୍ୟାଳୟଠାରେ ରବୀନ୍ଦ୍ର ନାଥ ଗୁଡ଼ି, ରହଣିଆ ପିଏମ୍‌ଶ୍ରୀ ବିଦ୍ୟାଳୟଠାରେ ପ୍ରଧାନଶିକ୍ଷକ ଦେବଦତ ଜେନା ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହାଛଡ଼ା ନାଆମୀ ମହାବିଦ୍ୟାଳୟ, ବାରିକପୁର ଡିଗ୍ରୀ କଲେଜ ସମେତ ବିଭିନ୍ନ ବିଦ୍ୟାଳୟ, ସମବାୟ ସମିତି, ପଞ୍ଚାୟତ କାର୍ଯ୍ୟାଳୟ ଓ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି।

### ଭଦ୍ରକ: ଜିଲ୍ଲା ବିଜେଡି କାର୍ଯ୍ୟାଳୟ



ଭଦ୍ରକ ଜିଲ୍ଲା ବିଜେଡି କାର୍ଯ୍ୟାଳୟ "ବିଜୁ ଭବନ'ରେ ୮୦ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଜାତୀୟ ପତାକା ଉତ୍ତୋଳନ କରି ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ବକ୍ତବ୍ୟ ରଖିଥିଲେ। ସେହିଭଳି ଜିଲ୍ଲା କାର୍ଯ୍ୟାଳୟରେ ଥିବା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ପତାକା ଉତ୍ତୋଳନରେ ଅନ୍ୟମାନଙ୍କ ମଧରେ ଭଦ୍ରକ ଜିଲ୍ଲା ପରିଷଦ ଅଧକ୍ଷ ପ୍ରଫୁଲ୍ଲ ଜେନା, ରାଜ୍ୟ ବିଜେଡି ସହସମ୍ପାଦକ ତଥା ଭଦ୍ରକ ବ୍ଲକ୍ ଉପାଧ୍ୟକ୍ଷ ମୁକୁନ୍ଦଦେବ ସାମଲ, ଜିଲ୍ଲା ଯୁବ ବିଜେଡି ସଭାପତି ରାକେଶ କୁମାର ପଣ୍ଡା, ଜିଲ୍ଲା ମହିଳା ବିଜେଡି କାର୍ଯ୍ୟକାରୀ ସଭାପତି ଦେବୀଦତା ମହାନ୍ତି, ବିଜେଡି ଭଦ୍ରକ ବ୍ଲକ୍ ସଭାପତି ପ୍ରଫୁଲ୍ଲ ନାୟକ, ପ୍ରାକ୍ତନ୍ ଟାଉନ ବିଜେଡି ସଭାପତି ତାହେର ମହମ୍ମଦ, ପଙ୍କଜ ବଳ, ନାରୀନେତ୍ରୀ ମମତା ନାୟକ, ଯୁବନେତା ସୂର୍ଯ୍ୟକୁମାର ଦାସ ପ୍ରମୁଖ ବହୁ କାର୍ଯ୍ୟକତା ଉପସ୍ଥିତ ଥିଲେ।

### ଧାମନଗର ମିଡିଆ କ୍ଲବ୍

ଧାମନଗର ବ୍ଲକ୍ ଓ ଏନ୍‌ଏସି ଅଞ୍ଚଳରେ ୮୦ତମ ସ୍ୱାଧୀନତା ଦିବସ ସରକାରୀ ବେସରକାରୀ ଶିକ୍ଷାନୁଷ୍ଠାନ ଓ ବିଭିନ୍ନ ସଂଗଠନ ପକ୍ଷରୁ ଦେଶାତ୍ମବୋଧଭାବ ଓ ଆନନ୍ଦ ଉଲ୍ଲାସର ସହ ପାଳନ କରାଯାଇଛି। ଏହି ଅବସରରେ ଶନିବାର ସକାଳେ ଏନ୍‌ଏସି ଅନ୍ତର୍ଗତ ଶ୍ୟାମପୁର ମେଡିକାଲ ସମ୍ମୁଖରେ ଥିବା ଧାମନଗର




ମିଡିଆ କ୍ଲବ୍ କାର୍ଯ୍ୟାଳୟଠାରେ ସାଧାରଣ ସମ୍ପାଦକ ସୁଶାନ୍ତ ରାଉତ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରି ସ୍ୱାଧୀନତା ଦିବସ ଆନନ୍ଦ ଉଲ୍ଲାସର ସହ ପାଳନ କରିଛନ୍ତି। ଏହି ପବିତ୍ର ଦିବସରେ ମିଡିଆ କ୍ଲବ୍ ତରଫରୁ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଏବଂ ମେଡିକାଲ ଅଫିସର ଡାକ୍ତର ମନ୍ମୟ ସାମନ୍ତସିଂହାରଙ୍କ ତତ୍ତ୍ୱାବଧାନରେ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସାଧୀନ ପ୍ରସୂତି ମହିଳା ଓ ରୋଗୀମାନଙ୍କୁ ଫଳ ଓ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମିଡିଆ କ୍ଲବ୍ ଉପସଭାପତି ସେକ୍ ଜାଫର ଅଲ୍ଲୀ, କୋଷାଧକ୍ଷ ପ୍ରଶାନ୍ତ ଦ୍ୱିବେଦୀ, ସହସମ୍ପାଦକ ଦୁର୍ଗାପ୍ରସାଦ ମହାପାତ୍ର, ସଦସ୍ୟ ଦୀନକୃଷ୍ଣ ମହାପାତ୍ର, କୁମାରେଶ ଖିଲାର, ମାନସ ମହାପାତ୍ର, ଏମ୍‌ଡି ଜାବିର ବାବୁ, ପ୍ରଦ୍ୟୁମ୍ନ କୁମାର ନାୟକ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ସାମ୍ବାଦିକ ସେକ୍ ସନାଉଲ୍ଲା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

### ତିହିଡ଼ି ବିଜେଡି କାର୍ଯ୍ୟାଳୟ

ତିହିଡ଼ି ବ୍ଲକ୍ ବିଜେଡି କାର୍ଯ୍ୟାଳୟରେ ୮୦ତମ ସ୍ୱାଧୀନତା ଦିବସ ପାଳନ ହୋଇଯାଇଛି। ଏହି ଅବସରରେ ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାଏ ପତାକା ଉତ୍ତୋଳୋନ କରିଥିଲେ। ପରେ ଦଳୀୟ କର୍ମୀ ଓ କାର୍ଯ୍ୟକର୍ତ୍ତାମାନେ ତିହିଡ଼ି ବଜାର ପରିକ୍ରମା ସହ ମେଡିକାଲରେ ଥିବା ରୋଗୀଙ୍କୁ ଫଳ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ୍ ବିଜେଡି ସଭାପତି ସୁରେନ୍ଦ୍ର ନାୟକ, ପୂର୍ବତନ ବିଧାୟକ



ରାଜେନ୍ଦ୍ର ଦାସ, ବ୍ଲକ୍ ଅଧକ୍ଷା ଅବନ୍ତୀ ବାସ, ଜିଲ୍ଲା ମହିଳା ବିଜେଡି ସଭାନେତ୍ରୀ ବିଦ୍ୟୁଲତା ନାୟକ, ବରିଷ୍ଠ ନେତା କମଳାକାନ୍ତ ଦାସ, ବିଶ୍ୱଜିତ୍ ବେହେରା, ପ୍ରାକ୍ତନ ସରପଞ୍ଚ କୀର୍ତ୍ତନ ନାୟକ, ଯୁବନେତା ସଂଗ୍ରାମ କେଶରୀ ଦାସ, ଗଣେଶ ନାୟକ, ସରପଞ୍ଚ ତାପସ ବେହେରା, ସୁରେନ୍ଦ୍ର ନାୟକ, ବିଷ୍ଣୁ କହଁର, ଅନିରୁଦ୍ଧ ବାରିକ, ବିଷ୍ଣୁଚରଣ ମହାନ୍ତି, ଉମାକାନ୍ତ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

### ଭଦ୍ରକ: ରୋଭର୍ସ କ୍ଲବ୍



ଭଦ୍ରକ ପୁରୁଣା ବଜାରସ୍ଥିତ ରୋଭର୍ସ କ୍ଲବ୍‌ରେ ୮୦ତମ ସ୍ୱାଧୀନତା ଦିବସ ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ହାଜି ଅବୁ ହୋସେନ ଜାତୀୟ ପତାକା ଉତ୍ତୋଳନ କରିଥିଲେ। କ୍ଲବ୍‌ର ସଭାପତି ହରି ନନ୍ଦୀ, ଫେଲୋସିପ୍ ଅଧକ୍ଷ ଏସ୍‌ଏମ୍ ଫାରୁକ୍, ସହିଲ୍ ଅହେମ୍ମଦ, ହାଜି ଅବୁ ସୁଫିଆନ, ପପୁ ପ୍ରମୁଖ ସଭ୍ୟ ଉପସ୍ଥିତ ଥିଲେ।

### ଭଦ୍ରକ: ଏନ୍‌ଆର୍‌ଆଇ ଇଣ୍ଟରନ୍ୟାସ୍‌ନାଲ ସ୍କୁଲ

ଭଦ୍ରକ ଆରଡ଼ି ଛକସ୍ଥିତ ଅନ୍ୟତମ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଏନ୍‌ଆର୍‌ଆଇ ଇଣ୍ଟରନ୍ୟାସ୍‌ନାଲ ସ୍କୁଲରେ ୮୦ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଚରମ୍ପା ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ସୌରେଶ ଚନ୍ଦ୍ର ମହାନ୍ତି ମୁଖ୍ୟ ଅତିଥି ରୂପେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ସ୍କୁଲ୍ ଚେୟାରମ୍ୟାନ୍ କମଳା ସାହୁ, ଚେୟାରମ୍ୟାନ୍ ନରେନ୍ଦ୍ର ପ୍ରସାଦ ସାହୁ, ନିର୍ଦ୍ଦେଶକ



ଗୌରାଙ୍ଗ ଚରଣ ନାଥ, ଅଧକ୍ଷ ବିବେକାନନ୍ଦ ସେନାପତି, ଅଶ୍ୱିନୀ କୁମାର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ସ୍ୱାଧୀନତା ଦିବସ ଓ ସଂଗ୍ରାମୀମାନଙ୍କ ବିଷୟରେ ଆଲୋଚନା କରିଥିଲେ। "ସ୍ୱାଧୀନତା ଅମର ସହିଦମାନଙ୍କର ତ୍ୟାଗ ଓ ବଳିଦାନର ଫଳ' ଏହାକୁ ଆମେ ବଞ୍ଚାଇ ରଖିବା ବୋଲି ସେମାନେ ମତବ୍ୟକ୍ତ କରିଥିଲେ। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବକ୍ତୃତା, ନାଚ, ଗୀତ ଆଦି ପରିବେଷଣ କରାଯାଇଥିଲା।

### ବନ୍ତ/ଆଗରପଡ଼ା

୮୦ତମ ସ୍ୱାଧୀନତା ଦିବସ ଆଗରପଡ଼ାସ୍ଥିତ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପାଳନ କରାଯାଇ ପତାକା ଉତ୍ତୋଳନ, ପ୍ରଭାତଫେରି, ସାଂସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥିଲା। ଆଗରପଡ଼ା ଥାନା ଓ ରାୟ ଆଣ୍ଡ ରାୟ ଜିମ୍ ସେଣ୍ଟରରେ ଥାନାଧିକାରୀ ରାଜେଶ ସେଠୀ, କଳିଙ୍ଗ କମ୍ପ୍ୟୁଟର୍ସରେ ନିର୍ଦ୍ଦେଶକ ବିନୋଦ ଧଳସାମନ୍ତ, ପୁରୁଷଣ୍ଡ ସେବା ସମବାୟ ସମିତିରେ ସଭାପତି ପ୍ରଶାନ୍ତ



ଦାଶ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ମନୋଜ ପତି, ବିଜେପି କାର୍ଯ୍ୟାଳୟରେ ରାଜୀବ ଲୋଚନ ରାୟ, ସରକାରୀ ବାଳିକା ହାଇସ୍କୁଲରେ ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ମହାନ୍ତି, କୃଷ୍ଣଚରଣ ବିଦ୍ୟାମନ୍ଦିରରେ ଶରତ ଜେନା, ଡାଏଟ୍‌ରେ ଅଧକ୍ଷ କାର୍ତ୍ତିକେଶ୍ୱର ରାଉଳ, କଲେଜରେ ଅଧକ୍ଷ ଶାନ୍ତନୁ ଜେନା, ରାଜୟୁଥ୍ କ୍ଲବ୍‌ରେ ସଭାପତି ବିଜୟ ମହାନ୍ତି, ରୟାଲ ଇଗଲ କ୍ଲବ୍‌ରେ ବିଜ୍ଞାନଭୂଷଣ ମହାନ୍ତି, ବିଟିପୁର ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ସୁଭଦ୍ରା ସିଂହ, ବଡ଼ବମହିଁଷଗୋଠ ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ବିନୋଦିନୀ ମହାନ୍ତି, ସାନରାଉତରାପୁର ଗ୍ରାମରେ ବିଜୟ ମଲ୍ଲିକ ପତାକା ଉତ୍ତୋଳନ କରିବା ସହିତ ଅଭିବାଦନ ଗ୍ରହଣ କରିଥିଲେ।

### ଆରଡ଼ି ସରସ୍ୱତୀ ଶିଶୁମନ୍ଦିର

ବନ୍ୟା ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ବି ସରସ୍ୱତୀ ଶିଶୁମନ୍ଦିର ଆରଡ଼ିଠାରେ ୮୦ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟ ପ୍ରାଙ୍ଗଣରେ ସମ୍ପାଦକ ସ୍ୱାଧୀନ କୁମାର ଦାସ ମୁଖ୍ୟ ଅତିଥି ରୂପେ ପତାକା ଉତ୍ତୋଳନ କରିଥିଲେ। ସମ୍ମାନିତ ଅତିଥି ଭାବେ ପହଣା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଦିଲ୍ଲୀପ ଶେଖର ନାୟକ ଯୋଗଦେଇ ପିଲାମାନଙ୍କୁ ଦେଶ ସ୍ୱାଧୀନତାର ପୂର୍ବବର୍ତ୍ତୀ ଓ ପରବର୍ତ୍ତୀ ସ୍ଥିତି ସମ୍ପର୍କରେ ଅବଗତ କରାଇଥିଲେ। ଛାତ୍ରଛାତ୍ରୀମାନେ ଭାରତ ମାତା, ମହାତ୍ମା ଗାନ୍ଧୀ, ସୁଭାଷଚନ୍ଦ୍ର ବୋଷ, ସହିଦ ଭଗତ ସିଂଙ୍କ ଭଳି ବେଶରେ ସଜ୍ଜିତ ହୋଇ ଶୋଭାବର୍ଦ୍ଧନ କରୁଥିଲେ। ପତାକା ଉତ୍ତୋଳନ ପରେ ଛାତ୍ରଛାତ୍ରୀମାନେ ଏକ ଶୋଭାଯାତ୍ରାରେ ବିଦ୍ୟାଳୟଠାରୁ ବାହାରି ପହଣା ଗ୍ରାମ ଦେଇ ଆରଡ଼ି ଫାଣ୍ଡି ପର୍ଯ୍ୟନ୍ତ ଯାଇଥିଲେ। ଅନ୍ୟମାନଙ୍କ ମଧରେ ପ୍ରଧାନ ଗୁରୁଜୀ ବିଭୂତିଭୂଷଣ ବିଶ୍ୱାଳ, ସହକାରୀ ଗୁରୁଜୀ ନିରଞ୍ଜନ ସାହୁ ଓ ଗୁରୁମା’ଙ୍କ ସହିତ ବହୁ ଯୁବକ ଓ ଗୁରୁଜନ ଉପସ୍ଥିତ ଥିଲେ।



# ଧାମନଗରର ବିଭିନ୍ନ ସ୍ଥାନରେ ସ୍ୱାଧୀନତା ଦିବସ

ଧାମନଗର ବ୍ଲକ୍ ଓ ଏନ୍‌ଏସି ଅଞ୍ଚଳରେ ୮୦ତମ ସ୍ୱାଧୀନତା ଦିବସ ସରକାରୀ, ବେସରକାରୀ ଅଫିସ, ଶିକ୍ଷାନୁଷ୍ଠାନ ଓ ବିଭିନ୍ନ ସଂଗଠନ ପକ୍ଷରୁ ପାଳିତ ହୋଇଯାଇଛି। ଧାମନଗର ବ୍ଲକ୍ ସମ୍ମୁଖରେ ବିଡିଓ ବନବିହାରୀ ଦିହାଙ୍କ ଉପସ୍ଥିତିରେ ଅଧକ୍ଷା ଶର୍ମିଷ୍ଠା ବେହେରା ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ତହସିଲ୍ କାର୍ଯ୍ୟାଳୟରେ ତହସିଲ୍‌ଦାର ଜ୍ଞାନରଞ୍ଜନ ସାହୁ, ଏନ୍‌ଏସି ଅଧକ୍ଷା ନିବେଦିତା ଜେନା, ସିଡିପିଓ ଅଫିସରେ ଭାରପ୍ରାପ୍ତ ଅଧିକାରିଣୀ ଶର୍ମିଷ୍ଠା ମଲ୍ଲିକ, ବ୍ଲକ୍ ଗୋଷ୍ଠୀ କୃଷି କାର୍ଯ୍ୟାଳୟଠାରେ ଅଧିକାରିଣୀ ଅନୁରାଧା ପଣ୍ଡା, ଉଦ୍ୟାନ କୃଷି ଭବନ କାର୍ଯ୍ୟାଳୟରେ ମହେନ୍ଦ୍ର ଭୂୟାଁ, ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡା. ମନ୍ମୟ ସାମନ୍ତସିଂହାର, ସହରାଞ୍ଚଳ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡା. ଦୀପକ ନାୟକ, ଜଳସମ୍ପଦ ବିଭାଗ କାର୍ଯ୍ୟାଳୟରେ ଏସ୍‌ଡିଓ ଶମ୍ଭୁନାଥ ମଲ୍ଲିକ ପତାକା ଉତ୍ତୋଳନ କରିଛନ୍ତି। ସେହିପରି ଧାମନଗର ଏସ୍‌ଡିପିଓ ବିଷ୍ଣୁଚରଣ ବାରିକ,




ଥାନାରେ ଆଇଆଇସି ଶୁଭ୍ରଜିତ ଦାଶ, ବ୍ଲକ୍ ଶିକ୍ଷାଧିକାରୀ କାର୍ଯ୍ୟାଳୟରେ ଏବିଇଓ ଭୀମସେନ ହୋ, ଧାମନଗର ସରକାରୀ ହାଇସ୍କୁଲରେ ସହକାରୀ ଶିକ୍ଷକ ଭାସ୍କର ଦାସ, ବାଳିକା ଉଚ୍ଚ ବିଦ୍ୟାଳୟରେ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଅର୍ଚ୍ଚିତାରାଣୀ ବେହେରା, ଫିଡର ପ୍ରାଥମିକ ବିଦ୍ୟାଳୟରେ ଏବିଇଓ ସେକ ନେଜାମୁଦ୍ଦିନ, ଜାଗୁଲାଇ ନୋଡାଲ ସରକାରୀ ଉ.ପ୍ରା. ବିଦ୍ୟାଳୟରେ ପ୍ରଧାନଶିକ୍ଷକ ସୁରେନ୍ଦ୍ର ସେଠୀ, ମହେନ୍ଦ୍ର ନୋଡାଲ ସ୍କୁଲରେ ପ୍ରଧାନଶିକ୍ଷୟିତ୍ରୀ ସନ୍ଧ୍ୟା କାମିନୀ ବିଶ୍ୱାଳ, ମଦ୍ରାସା ଗୌସିୟା ରୌଫିୟାଠାରେ ଅଧକ୍ଷ ସୟଦ ଫାରୁକ୍ ରଜା ହବିବି, ମଦ୍ରାସା ତାହେରିଆ ହନିଫିଆରେ ହେଡମୋଲବି ସେକ୍ ନସିରୁଦ୍ଦିନ(ରାଜା ସାର୍), ମଦ୍ରାସା ହାବିବିୟା କୁଦ୍ଦୁସିଆଠାରେ ପ୍ରତିଷ୍ଠା ଗୋଲାମ ଜିଲାନି ହବିବି, ବିବିସିସି ବ୍ୟାଙ୍କ ସମ୍ମୁଖରେ ମୁଖ୍ୟ ଶାଖା ପରିଚାଳକ ସୁଶାନ୍ତ ପୁହାଣ, ଓକିଲ ସଂଘ ପକ୍ଷରୁ ସଭାପତି ଅଶୋକ ଦାସ, ବରିଷ୍ଠ ନାଗରିକ ପରିଷଦ ସଭାଗୃହ ସମ୍ମୁଖରେ ସମ୍ପାଦକ ଶଚିକାନ୍ତ ପଣ୍ଡା, ଅଗ୍ନିଶମ କାର୍ଯ୍ୟାଳୟରେ ଅଧିକାରୀ ତ୍ରିନାଥ ନାୟକ, ବିଜେପି କାର୍ଯ୍ୟାଳୟରେ ନଗର ସଭାପତି ପ୍ରଶାନ୍ତ କୁମାର ପରିଡ଼ା, ବିଜେଡି ତରଫରୁ ନଗର ସଭାପତି ବିଜୟକେତନ ସାହୁ, କଂଗ୍ରେସ ପକ୍ଷରୁ ନଗର ସଭାପତି ପ୍ରମୋଦ ସ୍ୱାଇଁ, ମହତାବ ସେବା ସଦନ ପରିସରରେ ପରିଚାଳକ ବାସୁଦେବ ତ୍ରିପାଠୀ, ପ୍ରେସ୍ କ୍ଲବ୍ ସମ୍ମୁଖରେ କାର୍ଯ୍ୟକାରିଣୀ ସଭାପତି କୃଷ୍ଣ ଚନ୍ଦ୍ର ଜେନା, ନିତ୍ୟାନନ୍ଦ ପାଠାଗାରରେ ପରିଚାଳକ ରସାନନ୍ଦ ମହାପାତ୍ର ଜାତୀୟ ପତାକା ଉତ୍ତୋଳନ କରିଛନ୍ତି। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଜାତୀୟ ପତାକା ଧରି ପ୍ରଭାତଫେରି ସହ ଜାତୀୟ ସଙ୍ଗୀତ ଗାନ କରି ବିଭିନ୍ନ ସ୍ଲୋଗାନ ଦେଇ ବଜାର ପରିକ୍ରମା କରିବା ପରେ ବିଦ୍ୟାଳୟକୁ ଫେରିଯାଇଥିଲେ।

### ସହିଦନଗର

ଶନିବାର ୮୦ତମ ସ୍ୱାଧୀନତା ଦିବସ ଅବସରରେ ଡିଡିଏ ପ୍ରେସ୍ କ୍ଲବ୍ ପକ୍ଷରୁ ଜାତୀୟ ପତାକା ଉତ୍ତୋଳନ କରାଯାଇ ଦେଶମାତୃକା ପ୍ରତି ଶ୍ରଦ୍ଧା ନିବେଦନ କରାଯାଇଥିଲା। ଏହି ଅବସରରେ ବରିଷ୍ଠ ସାମ୍ବାଦିକ କୈକୁଣ୍ଠ ସାହୁ, ସନ୍ତୋଷ ସାହୁ, ମାନସ ପରିଡ଼ା, କାଳନ୍ଦୀ ବେହେରା, ପଙ୍କଜ କୁମାର ଦାସ, ଶ୍ରୀକାନ୍ତ ସାହୁ, ରଜତ ଲେଙ୍କା, ଦୀପକ ବେହେରାଙ୍କ ସମେତ ଡିଡିଏ ପ୍ରେସ୍ କ୍ଲବ୍‌ର ସଦସ୍ୟମାନେ ଉପସ୍ଥିତ ଥିଲେ। ପତାକା ଉତ୍ତୋଳନ ପରେ ଉପସ୍ଥିତ ସମସ୍ତେ ଜାତୀୟସଙ୍ଗୀତ ଗାନ କରିବା ସହ ଦେଶର ସ୍ୱାଧୀନତା ସଂଗ୍ରାମୀ ଓ ବୀର ସହିଦମାନଙ୍କୁ ସ୍ମରଣ କରିଥିଲେ। ଦେଶର ଏକତା, ଅଖଣ୍ଡତା ଓ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସୁଦୃଢ଼ କରିବା ସହ ସମାଜ ପ୍ରତି ସାମ୍ବାଦିକମାନଙ୍କ ଦାୟିତ୍ୱକୁ ଆହୁରି ନିଷ୍ଠାର ସହ ପାଳନ କରିବାକୁ ଉପସ୍ଥିତ ସଦସ୍ୟମାନେ ଆହ୍ୱାନ ଦେଇଥିଲେ।



# ଦାଉ ସାଧୁଛି ବୈତରଣୀ ଓ ସାଳନ୍ଦୀ; ପୁଣି ଏକ ବନ୍ୟା

ଆରଡ଼ି,୧୬।୮ (ସମିସ)

ଗତ ୨୦ ଦିନ ଧରି ବନ୍ୟା ଜନିତ ବିପଦ ଲାଗି ରହିଛି ଜିଲ୍ଲାରେ। ବୈତରଣୀ ଓ ସାଳନ୍ଦୀ ନଦୀର ବନ୍ୟାଜଳ ନାକେଦମ୍ କଲାଣି ଜିଲ୍ଲାବାସୀଙ୍କୁ। କେତେବେଳେ ବୈତରଣୀର ବନ୍ୟାଜଳ ବିପଦ ସଂକେତ ଉପରେ ତ କେତେବେଳେ ସାଳନ୍ଦୀର ବନ୍ୟାଜଳ ବିପଦ ସଂକେତ ଉପରେ। ଉପର ମୁଣ୍ଡରେ ଘନଘନ ବର୍ଷା ଫଳରେ ଏହି ୨ ନଦୀର ଜଳସ୍ତର ସବୁବେଳେ ବଢ଼ିକି ରହୁଛି। ଗତ ୨୦ ଦିନ ମଧ୍ୟରେ ୩ଟି ବନ୍ୟାକୁ ସାମ୍ନା କଲେଣି

## ଧାନ ଚାଷ ସମ୍ପୂର୍ଣ୍ଣ ନଷ୍ଟ; ଚାଷୀ ତଳିତଳାନ୍ତ

ଆରଡ଼ି ଅଞ୍ଚଳ ବାସିନ୍ଦା। ପ୍ରଥମ ୨ଟି ବନ୍ୟାଜଳ ସମ୍ପୂର୍ଣ୍ଣ ଛାଡ଼ି ନ ଥିବାବେଳେ ପୁଣି ବୈତରଣୀ ନେଇ ଆସିଛି ଆଉ ଏକ ବଡ଼ ବନ୍ୟା। ତା' ସାଙ୍ଗକୁ ୩ ଦିନ ଧରି ଲଗାଣ ବର୍ଷା ଚାଲୁଥିବାରୁ ସ୍ଥିତି ଆହୁରି ସଙ୍ଗୀନ ହୋଇପଡ଼ିଛି। କୁଆଖିଆ ଆରଡ଼ି ଜାତୀୟ ରାଜପଥ ୨୦ରେ ବୋଡ଼କଠାରୁ ଷାଠିବାଙ୍କୁଡ଼ା ପର୍ଯ୍ୟନ୍ତ ରାସ୍ତା ବୁଡ଼ି ୪ ଫୁଟ୍ ଉଚ୍ଚରେ ବନ୍ୟାଜଳ ପ୍ରବାହିତ ହେଉଛି। ଫଳରେ ଯୋଗାଯୋଗ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି।

ଭଦ୍ରକ-ଆରଡ଼ି ରାଜ୍ୟ ରାଜପଥରେ ବି ସୂର୍ଯ୍ୟପୁର, ପାୟସାହି ଓ ଅସୁରାଳି ଆଦି ସ୍ଥାନରେ




ବନ୍ୟାଜଳ ରାସ୍ତା ଉପରେ ପ୍ରବାହିତ ହେଉଥିବାରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଆରଡ଼ି, ନାନ୍ଦପୁର, ଓଳଗ ଓ ସୁନ୍ଦରପୁର ପଞ୍ଚାୟତର ୨୪ଟି ଗ୍ରାମ ବର୍ତ୍ତମାନ ପୂରା ଜଳବନ୍ଦିରେ ଅଛି। ମୁଆଁ ଘୋଷରା ଓ ଭୂଇଁପୁର ଘୋଷରାରେ ୮ ଫୁଟ୍ ଉଚ୍ଚରେ ବନ୍ୟାଜଳ ପ୍ରବାହିତ ହେଉଛି। ଆରଡ଼ିରେ ଥିବା ପୁଲିସ ଫାଣ୍ଡି, ବ୍ୟାଙ୍କ, ଡାକ୍ତରଖାନା, ବସ୍‌ଷ୍ଟାଣ୍ଡ, ପାନ୍ଥଶାଳା ସବୁଆଡ଼େ ପାଣି ପଶିଛି। ବିଶେଷକରି ମୁଆଁ, ସନ୍ତରା, ପହଣା, ଖଟୁଆପାଟଣା, ବୋଡ଼କ, ପାରିଡିହା, ବାଙ୍କାମୁହାଁ, ନାନ୍ଦପୁର, ଶୀତଳପୁର, ପାଳଟପୁର ଓ ଆରଡ଼ି ଆଦି ଗ୍ରାମଗୁଡ଼ିକରେ ବ୍ୟାପକ କ୍ଷତି ହୋଇଛି। ପ୍ରାୟତଃ ସବୁ ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକରେ ପାଣି ପଶିଛି। ଚାଷ ଜମି କଥା ନ କହିବା ଭଲ। ୨୦ ଦିନ ଧରି ତଳି ରୁଆଗୁଡ଼ିକ ପାଣିରେ ରହି ସମ୍ପୂର୍ଣ୍ଣ ପଚିଯାଇଛି। ଆରଡ଼ି ଅଞ୍ଚଳରେ ଧାନ ଚାଷ ସମୂଳେ ନଷ୍ଟ ହୋଇଯାଇଛି। ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗିଯାଇଛି। ନଳକୂଅଗୁଡ଼ିକ ପାଣିରେ ବୁଡ଼ି ରହିଥିବାରୁ ପାନୀୟ ଜଳ ନିମନ୍ତେ ହତାଶ ଅଞ୍ଚଳବାସୀ। ଗୋରୁଗାଈମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଶୈବପୀଠ ନିକଟରେ ଥିବାରୁ ବୁଲା ଷଣ୍ଢମାନେ ବିଶେଷ ଭାବେ ପ୍ରଭାବିତ ହୋଇଛନ୍ତି। ମାଟି ଘରଗୁଡ଼ିକ ସବୁ ଭାଙ୍ଗିଯାଇଛି।

ଆଖି ଯେତେବାଟ ପାଉଛି ସବୁଆଡ଼େ ଖାଲି ପାଣି ଆଉ ପାଣି। ଉପର ମୁଣ୍ଡରେ ଆହୁରି ବର୍ଷା ଲାଗି ରହିଥିବାରୁ ତଳିଆ ଅଞ୍ଚଳରେ ଆହୁରି ଅଧିକ ପାଣି ହେବାର ସୂଚନା ମିଳୁଛି। ସମୁଦ୍ରରେ ଉଚ୍ଚ ଜୁଆର ଆସୁଥିବାରୁ ପାଣି ଟାଣୁନାହିଁ। ଫଳରେ ବନ୍ୟାଜଳ ଆହୁରି ୫ ଦିନ ପର୍ଯ୍ୟନ୍ତ ଏହିଭଳି ବୁଡ଼ିକି ରହିବ। ପାଣିପାଗ ବିଭାଗ ତରଫରୁ ପୁଣି ଏକ ଲଘୁଚାପର ସୂଚନା ଥିବାରୁ ସ୍ଥିତି ଆହୁରି ଗମ୍ଭୀର ହେବାର ପରିସ୍ଥିତି ଦେଖାଦେଇଛି। ଷଣ୍ଢଗୁଡ଼ିକ ବି ବନ୍ୟାଜଳରେ ଫସିକି ରହିଛନ୍ତି। ସରକାର ଓ ପ୍ରଶାସନ ପୂର୍ବ ବନ୍ୟାରେ କ୍ଷତିଗ୍ରସ୍ତ ଲୋକଙ୍କୁ ଏ ଯାଏ ପାଲ ଖଣ୍ଡେ ଦେଇପାରିଲା ନାହିଁ। ରିଲିଫ୍ ତ ସାତ ସପନ। ସରକାର ବନ୍ୟା ମୁକାବିଲା କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଅଞ୍ଚଳବାସୀ ଏ ଦୁର୍ଦ୍ଦିନ ସମୟରେ ଭାଗ୍ୟକୁ ଆଦରି ରହିବା ଛଡ଼ା ଆଉ କିଛି ଚାରା ନାହିଁ।

● ବୈତରଣୀ ଟଳମଳ

# ଆକଳନ ପୂର୍ବରୁ ବୁଡ଼ିଲା କଣ୍ଟି ଏସ୍‌କେପ୍



ବାରିକପୁର,୧୬।୮ (ସମିସ): ଚଳିତ ବର୍ଷା ବୈତରଣୀ ନଦୀ ବନ୍ୟା ଭଣ୍ଡାରିପୋଖରୀ ବ୍ଲକ୍‌ବାସୀଙ୍କୁ ଡରାଉଛି। ୧୫ଦିନ ମଧ୍ୟରେ ଦୁଇ ଦୁଇ ଥର ବନ୍ୟା ଯିବା ପରେ ପୁଣି ଆଉ ଏକ ବନ୍ୟା ନେଇ ଆଶଙ୍କା କରାଯାଉଛି। ଦୁଇଦିନ ପୂର୍ବରୁ ଦେଖାଦେଇଥିବା ବନ୍ୟା ପାଣି ଏବେସୁଦ୍ଧା ବିଭିନ୍ନ ସ୍ଥାନରୁ କମି ନ ଥିବାବେଳେ ରବିବାର ହଠାତ୍ କଣ୍ଟି ଏସ୍‌କେପ୍ ବୁଡ଼ିଯିବାରୁ ଲୋକମାନେ ଭୟଭୀତ ହୋଇଯାଇଛନ୍ତି। ବୈତରଣୀ ଏବେ ଟଳମଳ ଅବସ୍ଥାରେ ରହିଛି। ସୂଚନା ମୁତାବକ, ଗତ ୨୪ଘଣ୍ଟା ଧରି ବର୍ଷା ଲାଗି ରହିବାରୁ ନଦୀରେ ଜଳସ୍ତର ବୃଦ୍ଧି ପାଇଥିଲା। ସକାଳ ୮ଟା ବେଳେ ଆଖୁଆପଦାଠାରେ ୧୮.୩୩ ମିଟର ବିପଦ ସଂକେତ ଟପି ବନ୍ୟାଜଳ ୧୮.୪୦ ଯାଏଁ ଛୁଇଁଥିଲା। ଏହି ସମୟ ମଧ୍ୟରେ ହଠାତ୍ କଣ୍ଟି ଏସ୍‌କେପ ବୁଡ଼ିଯାଇ ଖୋଳା ନାଳରେ ବନ୍ୟାଜଳ ନିଷ୍କାସନ ହୋଇଥିଲା। ଯାହାକୁ ନେଇ କୁରିଗାଁ, ରହଣିଆ, ଷୋଳମପୁର, ନପଙ୍ଗ, ମାଳଦା ପ୍ରମୁଖ ପଞ୍ଚାୟତର ଲୋକମାନେ ଅସ୍ତବ୍ୟସ୍ତ ହୋଇ ପଡ଼ିଥିଲେ। ଆନିକଟ ତଳକୁ ନଦୀ ନିମ୍ନ ଭାଗରେ ନଦୀରେ ପାଣି ପରିପୂର୍ଣ୍ଣ ଥିବାରୁ ଜଳସମ୍ପଦ ବିଭାଗ ପକ୍ଷରୁ ସୂଚିତ ହେଉଥିବା ବିପଦ ସଂକେତର ନିର୍ଦ୍ଦିଷ୍ଟ ଆକଳନ ପୂର୍ବରୁ ଏସ୍‌କେପ୍ ବୁଡ଼ିଯାଇଥିଲା। ଯାହାକୁ ନେଇ ବିଭାଗୀୟ ଅଧିକାରୀମାନେ ଆଶ୍ଚର୍ଯ୍ୟ ଚକିତ ହୋଇଥିଲେ। ବନ୍ୟା ଆଶଙ୍କା କରି ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ ଓ ବିଡିଓ ଦେବଦତ୍ତ ଦାସଙ୍କ ସମେତ ଅନ୍ୟାନ୍ୟ ପଦାଧିକାରୀମାନେ କ୍ଷେତ୍ରକୁ ଆସି ସ୍ଥିତି ଅନୁଧ୍ୟାନ କରିଥିବା ଜଣାପଡ଼ିଛି।

# ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ୍; ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା

ଭଦ୍ରକ,୧୬।୮ (ସମିସ): ଭଦ୍ରକ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରେ ଲଗାତାର ବର୍ଷା ଓ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ରବିବାର ଏକ ଜରୁରୀ ନିର୍ଦ୍ଦେଶ ଜାରି କରିଛନ୍ତି। ଜିଲ୍ଲାର ସମସ୍ତ ବିଭାଗ ଓ କାର୍ଯ୍ୟାଳୟର ଅଧିକାରୀ ଏବଂ କର୍ମଚାରୀଙ୍କୁ ପୂର୍ବରୁ ମଞ୍ଜୁର ହୋଇଥିବା ସମସ୍ତ ପ୍ରକାର ଛୁଟି ତତ୍କାଳ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ବାତିଲ୍ କରାଯାଇଛି। ନିର୍ଦ୍ଦେଶାନୁସାରେ, ଛୁଟିରେ ଥିବା ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ତୁରନ୍ତ ନିଜ ଡ୍ୟୁଟିରେ ଯୋଗଦେଇ ନିଜ ନିଜ ମୁଖ୍ୟାଳୟରେ ଉପଲବ୍ଧ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅନୁମତି ବିନା କୌଣସି ଅଧିକାରୀ କିମ୍ବା କର୍ମଚାରୀ ମୁଖ୍ୟାଳୟ ଛାଡ଼ିପାରିବେ ନାହିଁ। ଜିଲ୍ଲାରେ ବର୍ତ୍ତମାନ ବନ୍ୟା ପରିସ୍ଥିତି ମଧ୍ୟରେ ଏହି ପଦକ୍ଷେପ ରିଲିଫ୍, ଉଦ୍ଧାର, ନିରୀକ୍ଷଣ ଓ ଜରୁରୀ ସେବାକୁ ଅବିରତ ରଖିବା ଉଦ୍ଦେଶ୍ୟରେ ନିଆଯାଇଛି। ରାଜ୍ୟରେ ପୁଣି ଲଘୁଚାପ ଯୋଗୁଁ ଭାରୀ ବର୍ଷାର ଚେତାବନୀ ଥିବାରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସତର୍କତା ବଢ଼ାଯାଇଛି। ସେହିଭଳି ମତ୍ସ୍ୟଜୀବୀଙ୍କ ପାଇଁ ସତର୍କତା ସୂଚନା ଜାରି କରାଯାଇଛି। ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଓ ସଂଲଗ୍ନ ପଶ୍ଚିମବଙ୍ଗ-ଉତ୍ତର ଓଡ଼ିଶା ଉପକୂଳ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଝଟକା ପବନ ସହିତ ଅଶାନ୍ତ ପାଗ ରହିବାର ଆଶଙ୍କା ରହିଛି। ପବନର ବେଗ ଘଣ୍ଟା ପ୍ରତି ୪୦ରୁ ୫୦ କି.ମି. ଏବଂ ଝଟକା ସହ ୬୦ କି.ମି. ପର୍ଯ୍ୟନ୍ତ ପହଞ୍ଚିପାରେ। ଏହି ସମୟରେ ସମୁଦ୍ର ଅତ୍ୟନ୍ତ ଅଶାନ୍ତ ରହିବାର ସମ୍ଭାବନା ରହିଛି। ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ମତ୍ସ୍ୟଜୀବୀମାନଙ୍କୁ ଉତ୍ତର-ପଶ୍ଚିମ ଓ ସଂଲଗ୍ନ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ସମେତ ଓଡ଼ିଶା ଉପକୂଳରେ ସମୁଦ୍ରକୁ ନ ଯିବାକୁ ପରାମର୍ଶ ଦିଆଯାଇଛି। ବର୍ତ୍ତମାନ ସମୁଦ୍ରରେ ଥିବା ମତ୍ସ୍ୟଜୀବୀମାନେ ତୁରନ୍ତ ଉପକୂଳକୁ ଫେରିଆସିବାକୁ କୁହାଯାଇଛି।

# ବୈତରଣୀ ଓ ଗେଙ୍ଗୁଟିରେ ପୁଣି ବନ୍ୟା; ଧାମନଗର ବେହାଲ



ଦୋବଲ,୧୬।୮ (ସମିସ): ଧାମନଗର ବ୍ଲକ୍ ଅଞ୍ଚଳରେ ବନ୍ୟା ବିଭୀଷିକା ଆଣିଦେଇଛି ଅସହ୍ୟ ଦୁର୍ଦ୍ଦଶା। ଧାମନଗର ବ୍ଲକ୍‌କୁ ପୁଣି ଘେରିଛି ବନ୍ୟା। ବୈତରଣୀ ସମେତ ବିଭିନ୍ନ ନଦୀରେ ଜଳସ୍ତର ବୃଦ୍ଧି ପାଇବାରୁ ବ୍ଲକର ବହୁ ଅଞ୍ଚଳରେ ପାଣି ପଶି ଲୋକଙ୍କ ଦୁର୍ଦ୍ଦଶା ବଢ଼ିଛି। ଗତ ୪ଦିନ ମଧ୍ୟରେ ଦ୍ୱିତୀୟ ଥର ପାଇଁ ବୈତରଣୀ ଓ ଏହାର ଶାଖା ନଦୀ ଗେଙ୍ଗୁଟିର ଜଳସ୍ତର ହଠାତ୍ ବୃଦ୍ଧି ପାଇବାରୁ ସମଗ୍ର ଅଞ୍ଚଳରେ ଆଶଙ୍କା ଓ ନିରାଶା ଖେଳିଯାଇଛି। ଆନନ୍ଦପୁର ପଞ୍ଚାୟତର ଉତେଇପୁରଠାରେ ଥିବା ମଲ୍ଲିମାହାରା ଏସ୍‌କେପ୍ ଏବଂ ସୋହଡ଼ା ପଞ୍ଚାୟତର ଗୌରାଙ୍ଗପୁର ଏସ୍‌କେପ୍ ଦେଇ ବନ୍ୟାଜଳ ପ୍ରବଳ ବେଗରେ ଧାମନଗର ବ୍ଲକ୍‌ର ତଳିଆ ଅଞ୍ଚଳଗୁଡ଼ିକୁ ମାଡ଼ି ଆସିଛି। ଫଳରେ ଗାଁ ଗାଁରେ ପାଣି ପଶିବା ସହ ପରିସ୍ଥିତି ଅତ୍ୟନ୍ତ ସଙ୍ଗୀନ ହୋଇପଡ଼ିଛି। ବୈତରଣୀ ସିଷ୍ଟମ୍‌ରେ ଗତ ୧୪ ତାରିଖରେ ଆସିଥିବା ତୃତୀୟ ପର୍ଯ୍ୟାୟ ବନ୍ୟାର ପ୍ରକୋପ ଶାନ୍ତ ନ ହେଉଣୁ, ଏହି ଚତୁର୍ଥ ପର୍ଯ୍ୟାୟ ଜଳବୃଦ୍ଧି ଲୋକଙ୍କ ମେରୁଦଣ୍ଡ ଭାଙ୍ଗିଦେଇଛି। କରଦା, ସୋହଡ଼ା ଓ ପଧାନି ପଞ୍ଚାୟତର ବିସ୍ତୀର୍ଣ୍ଣ ଅଞ୍ଚଳ ବର୍ତ୍ତମାନ ସମ୍ପୂର୍ଣ୍ଣ ଜଳମଗ୍ନ। ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ ଜଳସମ୍ପଦ ବିଭାଗର ଉଚ୍ଚାଧିକାରୀଙ୍କ ସହ ସୋହଡ଼ା ପଞ୍ଚାୟତର ଷେଣ୍ଢପୁରଠାରେ ପହଞ୍ଚି ବୈତରଣୀର ସ୍ଥିତି ସମୀକ୍ଷା କରିଥିଲେ। ଏହାପରେ ସେ ମଲ୍ଲିମାହାରା ଓ ଗୌରାଙ୍ଗପୁର ଏସ୍‌କେପ୍ ପରିଦର୍ଶନ କରିବା ସହ ନିଜେ ଉପସ୍ଥିତ ରହି ଲୋକଙ୍କୁ ଶୁଖିଲା ଖାଦ୍ୟ ବାଣ୍ଟିଥିଲେ।

## ୩୧ ପଞ୍ଚାୟତରେ ଉଜୁଡ଼ିଗଲା ଧାନ ଓ ପନିପରିବା

# ଅନେକ ଗାଁ ବାହ୍ୟଜଗତରୁ ବିଚ୍ଛିନ୍ନ

ଧୂଷୁରୀ/ଅସୁରାଳି,୧୬।୮ (ସମିସ): ପୂର୍ବ ବନ୍ୟାର ଦୁର୍ଦ୍ଦଶାରୁ ଲୋକେ ଏଯାଏଁ ମୁକୁଳି ପାରି ନ ଥିବାବେଳେ ୨୦ ଦିନ ମଧ୍ୟ ନ ପୂରୁଣୁ ଧାମନଗର ବ୍ଲକ୍‌ରେ ୩୧ ପଞ୍ଚାୟତର ୧୫୩ ରାଜସ୍ୱ ଗ୍ରାମ ଏବଂ ଲକ୍ଷାଧିକ ଲୋକ ବନ୍ୟାରେ ପ୍ରଭାବିତ ହେଲେ। ବନ୍ୟା ପାଇଁ ଚାଷଠାରୁ ବାସ ସବୁ ଉଜୁଡ଼ିଗଲା। ବହୁ ପଞ୍ଚାୟତର ଗାଁଗୁଡ଼ିକ ବାହ୍ୟଜଗତରୁ ବିଚ୍ଛିନ୍ନ ହେଲା। ବନ୍ୟା ସିନା ଛାଡ଼ିଛି, ହେଲେ ବହୁ ଗ୍ରାମ ଏବଂ ଚାଷ ଜମିରେ ପାଣି ଏକ ମାସ ହେବ ଜମାହୋଇଛି। ଜମିରେ ଧାନ ତଳି, ପନିପରିବା ସବୁ ଉଜୁଡ଼ିଗଲା। ଏବେ ବି ଚାଷ ଜମିରେ ପେଟେ ପାଣି। ବୈତରଣୀ, କୋଚିଲା, ନାଳିଆ, ଗେଙ୍ଗୁଟି, ରେବ, କପାଳୀ ଆଦି ନଦୀରେ ବନ୍ୟା ଆସି ହସାନାବାଦ, ଅର୍ଜ୍ଜୁନପୁର, ନଦୀଗାଁ, ସାହସପୁର, ବାମକୁରା, ପାଳସାହି, ରଇପୁର, କାସିମପୁର, ଅସୁରାଳି, ଗୋବିନ୍ଦପୁର, ଗଡ଼ିଆଳି, କଲ୍ୟାଣୀ,





ଫତେପୁର, ଧୂଷୁରୀ ଏନ୍‌ଏସି, କଟସାହି, ଖପରପଦା ଆଦି ପଞ୍ଚାୟତର ଦୁଃଖ ନ କହିବା ଭଲ। ଏ ପର୍ଯ୍ୟନ୍ତ ମାସେ ହେଲା ଧାମନଗରରେ ବନ୍ୟା ଛାଡ଼ି ଯାଉନାହୁଁ ସବୁ ଉଜୁଡ଼ିଗଲା। କଟସାହି ପଞ୍ଚାୟତର ଛତିଶ ନନ୍ଦର, ଗୋହିରାପଦା, ବାଟିଟାଙ୍କି ଓ ଖପରପଦା ପଞ୍ଚାୟତର ଲୁଣିଆ ଏବଂ ଖପରପଦା ଗ୍ରାମର ଚାଷ ଜମିରେ ପେଟେ ପାଣି ଛିଡ଼ା ହୋଇଛି। ମାସେ ହେଲା କଟସାହି ପଞ୍ଚାୟତର ପଥରଡିହ-ମୁଦୁଲି ସାହି ରାସ୍ତାରେ ଏବେବି ଆଣ୍ଠୁଏ ପାଣି। ଏହି ବନ୍ୟାରେ ଧାମନଗରର ଚାଷୀ ଅଧିକ କ୍ଷତିଗ୍ରସ୍ତ ହୋଇଛନ୍ତି। ଧାମନଗର ବ୍ଲକ୍‌ରେ ୧୦ ହଜାର ହେକ୍ଟରରୁ ଉର୍ଦ୍ଧ୍ୱ ଚାଷ ଜମି ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବାବେଳେ ୨ ହଜାରରୁ ଉର୍ଦ୍ଧ୍ୱ ଫସଲ ନଷ୍ଟ ହୋଇଛି। ମାଛ, କୁକୁଡ଼ା, ଛତୁ ଚାଷ କଥା ନ କହିବା ଭଲ। ଏଭଳି ସ୍ଥିତିରେ ଆତଙ୍କିତ ଅବସ୍ଥାରେ ଅଛନ୍ତି ଧାମନଗରବାସୀ। ସରକାରଙ୍କ ସହାୟତାକୁ ଅନାଇ ବସିଛନ୍ତି ଚାଷୀକୁଳ।

# ଭାଉଜଙ୍କ ସୁନା ଅଳଙ୍କାର ଚୋରି କରି ଦିଅର ଗିରଫ




ଭଦ୍ରକ/ବାରିକପୁର,୧୬।୮ (ସମିସ): ଭାଉଜ ଘର ଖାଲି ଥିବାର ସୁଯୋଗ ନେଇ ଝରକା ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନା ଓ ରୁପା ଅଳଙ୍କାର ଚୋରି ଅଭିଯୋଗରେ ପୁଲିସ ସମ୍ପୃକ୍ତ ଦିଅରକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଭଣ୍ଡାରିପୋଖରୀ ବ୍ଲକ୍ ଜଳମଣ୍ଡୁଆ ପଞ୍ଚାୟତ କରଞ୍ଜି ଗୁଣୁପୁର ଗ୍ରାମର ଗୋବିନ୍ଦ ସାହୁ। ତାଙ୍କଠାରୁ ଚୋରି ହୋଇଥିବା ସମସ୍ତ ସୁନା ଓ ରୁପା ଅଳଙ୍କାର ପୁଲିସ ଜବତ କରିଛି।



ପୁଲିସ ସୂଚନା ଅନୁଯାୟୀ, ଗ୍ରାମର ବଳରାମ ସାହୁଙ୍କ ସ୍ତ୍ରୀ ହିରାବତୀ ସାହୁ ଅସୁସ୍ଥ ହେବାରୁ ଦମ୍ପତି ଚିକିତ୍ସା ପାଇଁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ଯାଇଥିଲେ। ଘର ଖାଲି ଥିବାର ସୁଯୋଗ ନେଇ ଅନ୍ୟତ୍ର ରହୁଥିବା ବଳରାମଙ୍କ ସାନଭାଇ ଗୋବିନ୍ଦ ଘରର ପଛ ଝରକା ଭାଙ୍ଗି ଭିତରେ ପଶିବା ସହିତ ସୁନା ଓ ରୁପା ଅଳଙ୍କାର ନେଇଯାଇଥିବା ଅଭିଯୋଗ ହୋଇଥିଲା। ଚୋରି ସାମଗ୍ରୀର ମୂଲ୍ୟ ପ୍ରାୟ ୧୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଜଣାପଡ଼ିଛି। ଧାମନଗର ଥାନାରେ ଅଭିଯୋଗ ହେବା ପରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଥିଲା। ଚୋରି ପରଠାରୁ ଫେରାର୍ ଥିବା ଗୋବିନ୍ଦଙ୍କୁ ଶନିବାର ଅପରାହ୍ଣ ପ୍ରାୟ ୩ଟାରେ ନାରାୟଣପୁର ବଜାରରୁ ପୁଲିସ କାବୁ କରିଥିଲା। ପଚରାଉଚରା ପରେ ତାଙ୍କଠାରୁ ସମସ୍ତ ସୁନା ଓ ରୁପା ଅଳଙ୍କାର ଜବତ କରାଯାଇଥିବା ପୁଲିସ ପକ୍ଷରୁ କୁହାଯାଇଛି। ରବିବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ତେବେ ଧାମନଗର ପୁଲିସର ଖୁବ୍ କମ୍ ସମୟରେ ଚୋରି ସୁନା ଗହଣା ଉଦ୍ଧାର ସହ ଅଭିଯୁକ୍ତକୁ ଗିରଫ କରିବାରେ ସକ୍ଷମ ହୋଇଥିବା ଜଣାଯାଇଛି।

# ଯୁବକଙ୍କ ଉନ୍ମତ କାଣ୍ଡ; ଫିଙ୍ଗିଦେଲେ ମଧ୍ୟାହ୍ନଭୋଜନ




ବାରିକପୁର,୧୬।୮ (ସମିସ): ଭଣ୍ଡାରିପୋଖରୀ ନାଆମୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସ୍ୱାଧୀନତା ଦିବସ ଦିନ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଗ୍ରାମର ଜଣେ ଯୁବକ ଭାଗ୍ୟପ୍ରକାଶ ମହାପାତ୍ର ବିଦ୍ୟାଳୟ ମଧ୍ୟକୁ ପ୍ରବେଶ କରି ବିଶୃଙ୍ଖଳା ସୃଷ୍ଟି କରିବା ସହିତ ପତାକା ଉତ୍ତୋଳନ ପାଇଁ ଅନୁଷ୍ଠିତ ସଭାକୁ ଭଣ୍ଡୁର କରିଥିଲା। ପରେ ଛାତ୍ରଛାତ୍ରୀଙ୍କ ପାଇଁ ବଢ଼ାଯାଇଥିବା ମଧ୍ୟାହ୍ନଭୋଜନକୁ ଫିଙ୍ଗି ଦେଇଥିଲା। ଏହାଛଡ଼ା ଛୋଟ ଛୋଟ ପିଲାମାନଙ୍କୁ ଯୁବକ ଜଣକ ଧମକଚମକ ଦେଇ ଭୟଭୀତ କରିଥିଲା। ସେଠାରେ ଉପସ୍ଥିତ ଥିବା ଶିକ୍ଷକ ଓ କମିଟି ସଦସ୍ୟମାନେ ଯେତେ ବୁଝାସୁଝା କରିଥିଲେ ମଧ ସେ କୌଣସି କଥା ଶୁଣି ନ ଥିଲା। ଶେଷରେ ଗ୍ରାମବାସୀମାନେ ବିଦ୍ୟାଳୟର ଏକ ପ୍ରକୋଷ୍ଠରେ ବନ୍ଦ କରି ପୁଲିସକୁ ଖବର ଦେଇଥିଲେ। ସ୍ଥାନୀୟ ପୁଲିସ ପହଞ୍ଚି ଯୁବକକୁ ଫାଣ୍ଡିକୁ ନେଇଥିବାବେଳେ ବିଦ୍ୟାଳୟ ପକ୍ଷରୁ ଏନେଇ ଏକ ଅଭିଯୋଗ ମଧ କରାଯାଇଥିବା ଜଣାପଡ଼ିଛି।

# ଆଜି ଭଦ୍ରକ ଜିଲ୍ଲାରେ ୫ଟି ବ୍ଲକ୍‌ର ସମସ୍ତ ବିଦ୍ୟାଳୟ ଛୁଟି ଘୋଷଣା

ଭଦ୍ରକ,୧୭।୮ (ସମିସ): ଲଗାତାର ପ୍ରବଳ ବର୍ଷା ଓ ଜିଲ୍ଲାରେ ସୃଷ୍ଟି ହୋଇଥିବା ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଛାତ୍ରଛାତ୍ରୀମାନଙ୍କ ସୁରକ୍ଷା ପାଇଁ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ନିର୍ଦ୍ଦେଶକ୍ରମେ ସୋମବାର ଜିଲ୍ଲାର ୫ଟି ବ୍ଲକ୍ ବାସୁଦେବପୁର, ଭଣ୍ଡାରିପୋଖରୀ, ଚାନ୍ଦବାଲି, ଧାମନଗର ଓ ତିହିଡ଼ିର ବନ୍ୟା ପ୍ରଭାବିତ ଅଞ୍ଚଳର ସମସ୍ତ ବିଦ୍ୟାଳୟ ଛୁଟି ଘୋଷଣା କରାଯାଇଛି। ଅଭିଭାବକମାନଙ୍କୁ ପ୍ରଶାସନକୁ ସହଯୋଗ କରିବା ସହ ପିଲାମାନଙ୍କୁ ସୁରକ୍ଷିତ ସ୍ଥାନରେ ରଖିବାକୁ ଅନୁରୋଧ କରାଯାଇଛି। ଏତଦ୍‌ବ୍ୟତୀତ, ସମସ୍ତ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ଏବଂ କର୍ମଚାରୀଙ୍କୁ ଯେକୌଣସି ଜରୁରୀ ପରିସ୍ଥିତିର ମୁକାବିଲା ପାଇଁ ସଜାଗ ରହିବା ସହ ପ୍ରଶାସନର ଆବଶ୍ୟକତା ଅନୁଯାୟୀ ତୁରନ୍ତ ଦାୟିତ୍ୱ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ଗଲାନି ବୋଟ୍; ହାତ ଟେକିଦେଲା ପ୍ରଶାସନ

# ଗୁରୁତର ରୋଗୀଙ୍କୁ ଭରା ପାଣିରେ ଆଣିଲେ ଗାଁ ଲୋକ

ବାରିକପୁର,୧୬।୮ (ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ରହଣିଆ ପଞ୍ଚାୟତ ନୌରଙ୍ଗପୁରଠାରେ ଜଣେ ଯୁବକଙ୍କୁ କୌଣସି ଏକ ବିଷଧର ସାପ କାମୁଡ଼ିଥିଲା। ସୂଚନା ମୁତାବକ, ବନ୍ୟା ପାଣି ଘେରରେ ଥିବା ଉକ୍ତ ଗାଁର ମନୋଜ ପରିଡ଼ା (୩୪)ଙ୍କୁ ଗତ ୧୪ତାରିଖ ସନ୍ଧ୍ୟାରେ ସାପ କାମୁଡ଼ିଥିଲା। ଗାଁ ଚାରିପଟ ବନ୍ୟା ଜଳ ଘେରି ରହିଥିବାବେଳେ ଯୁବକ ଜଣଙ୍କୁ ରାତ୍ରେ ଯାଏଁ ମୁଖ୍ୟ ରାସ୍ତାକୁ ଆଣି ମେଡିକାଲ ନେବା ପରିବାର ବର୍ଗଙ୍କ ପକ୍ଷେ କଷ୍ଟକର ହୋଇଥିଲା। ସ୍ଥାନୀୟ ଲୋକେ ପ୍ରାୟ ୨ ଘଣ୍ଟା ଚେଷ୍ଟା କରିଥିଲେ ସୁଦ୍ଧା ଗାଁକୁ ଯାଇ ଆହତଙ୍କୁ ଉଦ୍ଧାର କରିବା ପାଇଁ ନିକଟରେ ଥିବା ବୋଟ୍ ରାଜି ହୋଇ ନ ଥିଲା। ପ୍ରଶାସନ ମଧ ହାତ ଟେକି ଦେଇଥିଲା। ପରିଶେଷରେ ଗାଁର ଯୁବକ ଚିତ୍ରାନନ୍ଦ ରାଉତ, ବିଷ୍ଣୁ ଚରଣ ରାଉତ ଓ ସୁଶାନ୍ତ ପରିଡ଼ା ଆହତ ଯୁବକଙ୍କୁ କାନ୍ଧରେ ବସାଇ ଭରା ପାଣିରେ ମୁଖ୍ୟ ରାସ୍ତା ଯାଏଁ ଆଣିଥିଲେ। ସେଠାରୁ ବ୍ଲକ୍ ଗାଡ଼ି ଯୋଗେ ତାଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ମେଡିକାଲରେ ଯୁବକଙ୍କୁ ଦୁଇଦିନ ଧରି ଚିକିତ୍ସା କରାଯାଇଥିଲା। ସୁସ୍ଥ ହେବା ପରେ ତାଙ୍କୁ ଘରକୁ ପଠାଇ ଦିଆଯାଇଥିବା ଜଣାପଡ଼ିଛି। ଏଠାରେ ପ୍ରଶ୍ନ ଉଠୁଛି ବନ୍ୟା ବିପତ୍ତି ସମୟରେ ଗୁରୁତର ରୋଗୀଙ୍କୁ ପ୍ରଶାସନ ଉଦ୍ଧାର ନ କରିବା ବ୍ୟବସ୍ଥାଗତ ତ୍ରୁଟି ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ବଜ୍ରପାତରେ ଜଳିଗଲା ଗୁହାଳ; ୨ ଗୋରୁ ମୃତ

ଚାନ୍ଦବାଲି,୧୬।୮ (ସମିସ): ଶନିବାର ରାତିରୁ ଚାନ୍ଦବାଲି ଅଞ୍ଚଳରେ ଲାଗିରହିଛି ବର୍ଷା ସାଙ୍ଗକୁ ବଜ୍ରପାତ। ଏହି ବଜ୍ରପାତରେ ଯଶୀପୁର ଗ୍ରାମ ପଞ୍ଚାୟତର ଯଶୀପୁର ଗ୍ରାମର ବିଜୟ ବେହେରାଙ୍କ ଗୁହାଳ ଉପରେ ବଜ୍ରପାତ ହେବାରୁ ନିଆଁ ଲାଗିଯାଇଥିଲା। ଫଳରେ ଗୋରୁ ଗୁହାଳ ଜଳିବାକୁ ଲାଗିଥିଲା। ଏଥିରେ ଥିବା ୨ଟି ଗୋରୁ ଜୀବନ୍ତ ଦଗ୍ଧ ହୋଇଥିବାବେଳେ ୨ଟି ଗୋରୁ ଆହତ ହୋଇଛନ୍ତି। ଖବର ପାଇ ଗଡି ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ।

# କେନାଲରେ ଭାସି ଜଣେ ମୃତ

ତିହିଡ଼ି,୧୬।୮ (ସମିସ): ତିହିଡ଼ି ବ୍ଲକ୍ ସିନ୍ଦୋଳ ପଞ୍ଚାୟତ ଅଧୀନ ନୂଆସାହି ଗାଁର ପାଣିରେ ପଡ଼ି ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଛି। ମୃତକ ଜଣକ ମୁରଲୀ ମଳିକଙ୍କ ପୁଅ ଉପାସୀ ମଳିକ(୫୬) ବୋଲି ଜଣାଯାଇଛି। ଗତ ୨ ସପ୍ତାହ ଧରି ବନ୍ୟା ଯୋଗୁଁ ଗାଁ ସମେତ ବିଲବାଡ଼ି ଓ ରାସ୍ତାଘାଟରେ ପାଣି ଜମି ରହିଛି। ଅଗଷ୍ଟ ୧୫ ସ୍ୱାଧୀନତା ଦିବସ ଉପଲକ୍ଷେ ଉତ୍ସବ ପାଳନ ନିମନ୍ତେ ଉପାସୀ ସାଇକଲ ଯୋଗେ ତିହିଡ଼ି ଆସୁଥିଲେ। ଗାଁରୁ ୨ କିମି ଆସିବା ପରେ ବାଟରେ ରାସ୍ତାକଡ଼ରେ ଥିବା କେନାଲରେ ସେ ପଡ଼ି ଯାଇଥିଲେ। ସାଇକଲଟି ରାସ୍ତାକଡ଼ରେ ପଡ଼ିଥିବା ନେଇ ସେହି ବାଟେ ଯାଉଥିବା ଲୋକେ ଅଟକି ଉପାସୀଙ୍କୁ ଉଦ୍ଧାର କରି ତିହିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକ ଜଣେ ଦିନମଜୁରିଆ ଭାବେ କାମ କରି ପରିବାର ପ୍ରତିପୋଷଣ କରନ୍ତି। ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ତିହିଡ଼ି ବ୍ଲକ୍‌ରେ ୩ୟ ବନ୍ୟା; ୭ ପଞ୍ଚାୟତ ପରିସ୍ଥିତି ଉଦ୍‌ବେଗଜନକ

# ବାହ୍ୟଜଗତରୁ ବିଚ୍ଛିନ୍ନ ଗୋବିନ୍ଦପୁର, ବାରସର ପଞ୍ଚାୟତ

ତିହିଡ଼ି,୧୬।୮ (ସମିସ)

ତିହିଡ଼ି ବ୍ଲକ୍‌ରେ ସୃଷ୍ଟି ହୋଇଥିବା ବନ୍ୟା ପରିସ୍ଥିତି ଏବେ ଉଦ୍‌ବେଗଜନକ ହୋଇଛି। ଗାଁ ଦାଣ୍ଡରେ ବନ୍ୟା ପାଣି ଲହଡ଼ି ଭାଙ୍ଗୁଛି। ତେବେ ପାଣି ବଢ଼ିବାରେ ଲାଗିଥିବାରୁ ଲୋକମାନେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ତିହିଡ଼ି ବ୍ଲକ୍ ଅଧୀନ ୭ ପଞ୍ଚାୟତରେ ବନ୍ୟା ପରିସ୍ଥିତି ଉଦ୍‌ବେଗଜନକ ହୋଇଥିବାବେଳେ ପଞ୍ଚାୟତର ବିପନ୍ନ ଏବଂ ୨ଶହ ଗାଈଗୋରୁଙ୍କୁ ସ୍ଥାନାନ୍ତରିତ କରାଯାଇଛି। ତହସିଲ୍‌ଦାର ସୁଭାଶିଷ ସାହୁ, ବିଡିଓ ନିରଞ୍ଜନ ବାରିକ ବନ୍ୟାଞ୍ଚଳକୁ ଯାଇ ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ବିପନ୍ନମାନଙ୍କୁ ଥଇଥାନ ଓ ସହାୟତା କରିବା ସଙ୍ଗେସଙ୍ଗେ ତୁରନ୍ତ କ୍ଷୟକ୍ଷତିର ଆକଳନ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ବାରୋ ପଞ୍ଚାୟତରେ ଗୋପାଳିଆ କେନାଲ ବନ୍ଧ ଟପି ବନ୍ୟା ପାଣି ସୁଅ ଛୁଟିବାରେ ଲାଗିଛି। କେନାଲ



ବନ୍ଧର ୬ଟି ସ୍ଥାନରେ ଏପ୍ରକାର ପରିସ୍ଥିତି ଉପୁଜିଛି। କେନାଲ ବନ୍ଧ ଦବିଯାଇଥିବା ସ୍ଥାନରେ ବନ୍ୟା ପାଣିର ସ୍ରୋତ ଛୁଟି ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଜଳମଗ୍ନ କରିଛି। ସାଳନ୍ଦୀ ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ ପଦ୍ମପ୍ରିୟ ସାମଲ ଘଟଣାସ୍ଥଳକୁ ଯାଇ ପରିସ୍ଥିତି ଅନୁଧ୍ୟାନ କରିଥିବାବେଳେ ତୁରନ୍ତ ବାଲିବସ୍ତା ପକାଇ ପାଣି ରୋକିବାକୁ ସ୍ଥାନୀୟ ବିପନ୍ନ ଦାବି ଜଣାଇଛନ୍ତି। ବାରୋ ସମେତ ବିଲଣା, ତଳଗୋପବିନ୍ଧା, ବୋଡ଼କ ପଞ୍ଚାୟତର ଅଧିକାଂଶ ଗ୍ରାମ ପାଣି ଘେରରେ ରହିଥିବା ଜଣାଯାଇଛି। ଏହାଛଡ଼ା ମୁକ, କାଁପଡ଼ା, ଶ୍ୟାମସୁନ୍ଦରପୁର ପଞ୍ଚାୟତରେ ମଧ ଲୋକମାନେ ବନ୍ୟାରେ ପ୍ରଭାବିତ ହୋଇଛନ୍ତି। ବାରୋ ପଞ୍ଚାୟତର ବଳିଆରପୁର, ଦହପାଣିଆ, ଖାଲସାସାହି, ଶାସନଖାସ, କଲ୍ୟାଣ ନଗର ଇତ୍ୟାଦି ଗ୍ରାମରେ ଏବଂ ବିଲଣା ପଞ୍ଚାୟତର ବିଲଣା ଶାସନ, ଗଳଗଣ୍ଡପୁର, ଲଞ୍ଜାତରା, ଭଞ୍ଜସାହି ଆଦି ଗ୍ରାମକୁ ବନ୍ୟାଜଳ ପ୍ରବେଶ କରିଛି। ଏହି ୨ଟି ପଞ୍ଚାୟତର ବିପନ୍ନଙ୍କୁ ବାରୋ ହାଇସ୍କୁଲ, ପ୍ରାଥମିକ ସ୍କୁଲକୁ ସ୍ଥାନାନ୍ତରିତ କରାଯାଇଛି। ସମସ୍ତ ବିପନ୍ନଙ୍କ ପାଇଁ ରନ୍ଧା ଖାଦ୍ୟ ବ୍ୟବସ୍ଥା କରାଯାଇଛି। ସେହିପରି ହାଇସ୍କୁଲରେ ୨ଶହ ଗାଈଗୋରୁଙ୍କୁ ଥଇଥାନ କରାଯାଇଛି। ସେମାନଙ୍କ ପାଇଁ ୫୫୦ କ୍ୱିଣ୍ଟାଲ ଗୋ-ଖାଦ୍ୟ ଯୋଗାଇ ଦିଆଯାଇଛି। ବୋଡ଼କ ଓ ତଳଗୋପବିନ୍ଧା ପଞ୍ଚାୟତର ବହୁ ଗ୍ରାମରେ ମଧ ବନ୍ୟା ପାଣି ପ୍ରବେଶ କରିଛି। ଗ୍ରାମ ରାସ୍ତାସବୁ ବୁଡ଼ିଯାଇଥିବାରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ବନ୍ୟା ପ୍ଲାବିତ ପଞ୍ଚାୟତଗୁଡ଼ିକରେ ୬ହଜାର ହେକ୍ଟର ଚାଷ ଜମି ଜଳମଗ୍ନ ହୋଇ ରହିଥିବାରୁ ଧାନ ଫସଲ ଉଜୁଡ଼ି ଯିବାର ଆଶଙ୍କା ଉପୁଜିଛି। ପ୍ରାୟ ୮୦ପ୍ରତିଶତ ଚାଷ କାର୍ଯ୍ୟ ସରିଯାଇଥିବା ବେଳେ ଏପ୍ରକାର ପରିସ୍ଥିତି ଯୋଗୁଁ ଚାଷୀମାନଙ୍କ ଆର୍ଥିକ ଅବସ୍ଥା ଶୋଚନୀୟ ହେବା ନିଶ୍ଚିତ ହୋଇଛି।

# ସେଉ ବୁନ୍ଦି ଦେଇ ଘରେ କଳାକନା ବୁଲାଇଲେ

ଚାନ୍ଦବାଲି,୧୬।୮ (ସମିସ): ସ୍ୱାଧୀନତା ଦିବସରେ ଚାନ୍ଦବାଲି ସହରରେ ଘଟିଛି ଏକ ଚାଞ୍ଚଲ୍ୟକର ଲୁଟ୍ ଘଟଣା। ଚାନ୍ଦବାଲିସ୍ଥିତ କାଳୀମନ୍ଦିର ନିକଟରେ ଥିବା ଅବସରପ୍ରାପ୍ତ ଶିକ୍ଷକ ପ୍ରମୋଦ ତ୍ରିପାଠୀଙ୍କ ଘରେ ଏହି ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁସାରେ, ପ୍ରମୋଦ ତ୍ରିପାଠୀ ଘରେ ନ ଥିବା ସମୟରେ ୨ଜଣ ଅଜଣା ଯୁବକ ଘରେ ପ୍ରବେଶ କରିଥିଲେ। ପ୍ରଥମେ ସେମାନେ ଘର ମାଲିକାଣୀ ପ୍ରମିଳା ତ୍ରିପାଠୀଙ୍କୁ ସେଉ ଓ ବୁନ୍ଦି ଦେବା ପରେ ତାଙ୍କ ହାତଗୋଡ଼ ବାନ୍ଧି ଘରେ ଥିବା ସୁନା ଗହଣା ଲୁଟି ନେଇଥିବା କୁହାଯାଉଛି। ଘଟଣାରେ ଲୁଟ୍ ହୋଇଥିବା ସୁନା ଗହଣାର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ପରିବାର ପକ୍ଷରୁ ଜଣାପଡ଼ିଛି। ୨ ଅଜଣା ଯୁବକଙ୍କ ଏଭଳି ଯୋଜନାବଦ୍ଧ ଲୁଟ୍ ଘଟଣାକୁ ନେଇ ଅଞ୍ଚଳରେ ଆତଙ୍କ ଖେଳିଯାଇଛି। ଖବର ପାଇ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଲୁଟେରାଙ୍କ ପରିଚୟ ଓ ସେମାନଙ୍କ ଗତିବିଧି ସମ୍ପର୍କରେ ସୁରାକ୍ ପାଇଁ ଆଖପାଖ ଅଞ୍ଚଳର ସିସିଟିଭି ଫୁଟେଜ୍ ଯାଞ୍ଚ କରାଯାଉଥିବା ଜଣାପଡ଼ିଛି।

ସକାଳ THE SAKALA



www.sakalaepaper.com

## ଆନନ୍ଦପୁର ରିଂରୋଡରେ ଘାଇହେବା ଘଟଣା

# ଜଳସମ୍ପଦ ବିଭାଗ ନାମରେ ଏତଲା

ଆନନ୍ଦପୁର,୧୬।୮ (ସମିସ)



ବୈତରଣୀ ନଦୀର ଉପରେ ମୁଣ୍ଡରେ ଲଗାଣ ବର୍ଷା ଯୋଗୁ ନଦୀର ଜଳସ୍ତର ବିପଦ ସଙ୍କେତ ଅତିକ୍ରମ କରି ଜୁଲାଇ ୨୮ ତାରିଖ ବିଳମ୍ବିତ ରାତିରେ ଆନନ୍ଦପୁର ରିଂରୋଡରେ ୫୦ ଫୁଟରୁ ଅଧିକ ଲମ୍ବର ଘାଇ ସୃଷ୍ଟି ହୋଇଥିଲା। ଏଥିରେ ପୌରାଞ୍ଚଳର ୩ଟି ୱାର୍ଡ ବହୁମାତ୍ରାରେ କ୍ଷତିଗ୍ରସ୍ତ ହୋଇଥିଲା। ଏହି ଘାଇରେ ଗାଡ଼ି ଭାସିଯାଇ ପୁଅର ମୃତ୍ୟୁ ହୋଇଥିବା ବେଳେ ବାପ ଗୁରୁତର ହୋଇଥିଲେ। ଏହି ଘଟଣା ରାଜ୍ୟରେ ଏକ ଚର୍ଚ୍ଚାର ବିଷୟ ହେବାସହ ଚଳିତ ବୈତରଣୀ ବନ୍ୟା ପ୍ରଥମ ମୃତ୍ୟୁ ନେଇଥିଲା। ବନ୍ଧ ଭାଙ୍ଗିବା ପରେ ଏକପ୍ରକାର ସ୍ପଷ୍ଟ ହୋଇଛି ଯେ, କେବଳ କାଗଜପତ୍ରରେ ନଦୀ ବନ୍ଧ ମରାମତି ହେଉଥିଲା ବୋଲି ଦୁର୍ନୀତି ବିରୋଧୀ ପ୍ରତିଶୀଳ ମଞ୍ଚର ଆବାହକ ଯଜ୍ଞ ପ୍ରସାଦ ସାହୁ କହିଛନ୍ତି। ଏନେଇ ଆନନ୍ଦପୁର ଥାନାରେ ଜଳ ସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟଯନ୍ତ୍ରୀଙ୍କ ସମେତ ବିଭାଗୀୟ ଅଧିକାରୀଙ୍କ ବିରୋଧରେ ଏତଲା ଦେଇ ଶ୍ରୀ ସାହୁ ନିଜ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଗତ ଜୁଲାଇ ୨୮ ତାରିଖ ବନ୍ଧ ଭାଙ୍ଗିବା ପରେ ବିଭାଗ ଏହାର ମରାମତି ପାଇଁ ଆଦୌ ତତ୍ପର ନ ଥିଲା। ଅଗଷ୍ଟ ୩ ତାରିଖରେ ବିଭାଗୀୟ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଘଟଣାସ୍ଥଳ ପରିଦର୍ଶନ କରିବା ସହ ୭ ଦିନ ମଧ୍ୟରେ ଏହାର ମରାମତି ଶେଷ ହେବ ବୋଲି ଗଣମାଧ୍ୟମକୁ ସୂଚନା ଦେଇଥିଲେ। ସେହିପରି କେନ୍ଦୁଝର ସାଂସଦ ଅନନ୍ତ ନାୟକ ଘାଇସ୍ଥଳ ପରିଦର୍ଶନ କରି ତୁରନ୍ତ ମରାମତି ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅପରପକ୍ଷରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ମନ୍ତ୍ରୀ ରବି ନାରାୟଣ ନାୟକ ଗତ ୫ ତାରିଖରେ ଘଟଣାସ୍ଥଳ ପରିଦର୍ଶନ କରିବା ସହ ତୁରନ୍ତ ଘାଇ ମରାମତି ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଘଟଣା ଘଟିବାର ୧୫ ଦିନ ପରେ ଘାଇ ମରାମତି ହୋଇ ନଥିବା କାରଣରୁ ଗତ ୧୩ ତାରିଖ ରାତି ୭ଟା ପରେ ପୁଣି ଆନନ୍ଦପୁର ସହରକୁ ବନ୍ୟା ପାଣି ପଶିଥିଲା। ଏଥିରେ ଦ୍ୱିତୀୟ ଥର ଧନ, ସମ୍ପତି ନଷ୍ଟ ହୋଇଥିଲା। ଶାସକ ଗୋଷ୍ଠି ନେତା ଙ୍କ ପ୍ରରୋଚନା ରେ ଦଳୀୟ କର୍ମୀଙ୍କ ଦ୍ୱାରା ଘାଇ ମରାମତି ମହଙ୍ଗା ପଡିଲା ଏବଂ ଏହି ଘାଇ ବିଭାଗୀୟଅଧିକାରୀ କୃତ ବୋଲି ଶ୍ରୀ ସାହୁ କଟାକ୍ଷ କରି କହିଛନ୍ତି। ପୌରାଞ୍ଚଳର ଯେଉଁ ୩ଟି ୱାର୍ଡ ଏହି ଘାଇ ଯୋଗୁଁ ବିଶେଷ କ୍ଷତିଗ୍ରସ୍ତ ହୋଇଛନ୍ତି ସେମାନଙ୍କୁ ଏପର୍ଯ୍ୟନ୍ତ କୌଣସି ସରକାରୀ ସହାୟତା ମିଳିନାହିଁ। ବିଭାଗୀୟ ଅଧିକାରୀଙ୍କୁ ମୌସୁମୀ ଆସିବା ଓ ବନ୍ୟା ସମ୍ପର୍କରେ ଢେର୍ ପୂର୍ବରୁ ସୂଚନା ଥିଲା। ତେବେ କାର୍ଯ୍ୟରେ ଅବହେଳା ଓ ସୂଚନାକୁ ଅଣଦେଖା କରିବା ଯୋଗୁ ଏଭଳି ଭୟଙ୍କର ପରିସ୍ଥିତି ସୃଷ୍ଟି ହୋଇଛି। ବନ୍ଧର ସୁରକ୍ଷା କଥା ଚିନ୍ତା ନକରି କାର୍ଯ୍ୟରେ ଅବହେଳା କରିଥିବାରୁ ଅଭିଯୁକ୍ତ ଅଧିକାରୀମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଶ୍ରୀ ସାହୁ ଦାବି କରିଛନ୍ତି। ନିଜେ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ୭ ଦିନର ମହଲତ ନେଇଥିବା ବେଳେ କାର୍ଯ୍ୟ ଆଶାନୁରୂପକ ଭାବେ ଆରମ୍ଭ ହୋଇ ନଥିଲା। ଯେଉଁଥିପାଇଁ ପୁନର୍ବାର ଏଭଳି ଅବସ୍ଥା ଆନନ୍ଦପୁର ସହରବାସୀଙ୍କୁ ଭୋଗିବାକୁ ପଡ଼ିଲା। ଅପରପକ୍ଷରେ କେନ୍ଦୁଝର ସାଂସଦ ଅନନ୍ତ ନାୟକ ଓ ମନ୍ତ୍ରୀ ଶ୍ରୀ ରବି ନାୟକଙ୍କ ନିର୍ଦ୍ଦେଶକୁ ଅଧିକାରୀମାନେ ଅମାନ୍ୟ କରିବା ସେମାନଙ୍କ ପାରିବାପଣିଆକୁ ପଦାରେ ପକାଇଥିବା ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

## କ୍ଷତିଗ୍ରସ୍ତ ପରିବାରଙ୍କୁ ଭେଟିଲେ ପୂର୍ବତନ ବିଧାୟକ



ମୋରଡା,୧୬।୮(ସମିସ): ଲଗାଣ ବର୍ଷାରେ ମୋରଡା, ରାସଗୋବିନ୍ଦପୁର ଓ ଶୁଳିଆପଦା ବ୍ଲକର ବହୁ ଲୋକଙ୍କ ଘରେ ପାଣି ପଶି ଥିବାବେଳେ ଖାଇବାକୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ମୋରଡା ନିର୍ବାଚନମଣ୍ଡଳୀର ବିଜୁ ଜନତା ଦଳର ପୂର୍ବତନ ବିଧାୟକ ରାଜକିଶୋର ଦାସ ମୋରଡା ବ୍ଲକର ବିଭିନ୍ନ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିଛନ୍ତି। ହଲଦୀପାଳ ପଞ୍ଚାୟତର ସମାରୁଡ଼ିହିରେ ବହୁ ପରିବାର କେନାଲ ପାଣି ଦ୍ୱାରା ପ୍ରଭାବିତ ହୋଇଥିବାବେଳେ ରାସ୍ତାରେ ପାଲ ଟାଙ୍ଗି ରହିଥିଲେ। ଶ୍ରୀ ଦାସ ସମାରୁଡ଼ିହି ଗାଁକୁ ଯାଇ ଲୋକଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରିଥିବାବେଳେ ବିଡିଓଙ୍କୁ କହି ରନ୍ଧା ଖାଦ୍ୟ ଯୋଗାଇଛନ୍ତି। ଶ୍ରୀ ଦାସଙ୍କ ସହିତ କ୍ଷିତୀଶ ମହାନ୍ତ, ରାମାଇ ମାରାଣ୍ଡି, ଅମୁଲ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## କର୍କଟ ରୋଗୀଙ୍କ ପାଇଁ ପ୍ଲେଟଲେଟ ଦାନ




ବାରିପଦା, ୧୬।୮(ସମିସ): ସ୍ୱାଧୀନତା ଦିବସ ଅବସରରେ ବାରିପଦାର ନିୟମିତ ରକ୍ତଦାତା ଡଃ ନିରୋଜ କୁମାର ପୋଥାଳ କଟକସ୍ଥ ଶ୍ରୀରାମଚନ୍ଦ୍ର ଭଞ୍ଜ (ଏସସିବି) ମେଡିକାଲ କଲେଜ ଓ ହସ୍ପିଟାଲରେ ଜଣେ କର୍କଟ ରୋଗୀଙ୍କ ଜୀବନ ବଞ୍ଚାଇବା ଉଦ୍ଦେଶ୍ୟରେ ସେ ନିଜର ପ୍ଲେଟଲେଟ ଦାନ କରିଛନ୍ତି। ଡଃ ନିର୍ମଳା ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବେଧାନରେ ସୌଭାଗ୍ୟ ମଞ୍ଜରୀ ଦ୍ୱିବେଦୀଙ୍କ ଦ୍ୱାରା ଏହି ପ୍ଲେଟଲେଟ ସଂଗ୍ରହ ପ୍ରକ୍ରିୟା ସମ୍ପାଦିତ ହୋଇଥିଲା। ଏ ସମୟରେ କଟକର ବିଶିଷ୍ଟ ସମାଜସେବୀ ଲଳିତ ରାୟ, ଦେବୀ ପ୍ରସନ୍ନ ଜେନା ଓ ରବୀନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ରହି ଡଃ ପୋଥାଳଙ୍କୁ ଉତ୍ସାହିତ କରିବା ସହ ସହଯୋଗ କରିଥିଲେ। ଡଃ ପୋଥାଳ ପୂର୍ବରୁ ବହୁବାର ବାରିପଦାରୁ କଟକ ଓ ଭୁବନେଶ୍ୱର ଆସି ଡେଙ୍ଗୁ, କ୍ୟାନ୍ସର ଓ ବୋନ୍-ମେରୋ ରୋଗରେ ଆକ୍ରାନ୍ତ ଗୁରୁତର ରୋଗୀଙ୍କ ପାଇଁ ନିୟମିତ ଭାବେ ପ୍ଲେଟଲେଟ ଓ ରକ୍ତ ଦାନ କରିଆସୁଛନ୍ତି।

## ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କଲେ ମନ୍ତ୍ରୀ



ରାସଗୋବିନ୍ଦପୁର, ୧୬।୮ (ସମିସ): ଲଗାଣ ବର୍ଷା ଓ ବନ୍ୟାରେ ରାସଗୋବିନ୍ଦପୁର ବ୍ଲକର ବିଭିନ୍ନ ଅଞ୍ଚଳ ପ୍ରଭାବିତ ହୋଇଥିବା ବେଳେ ରବିବାର ଅପରାହ୍ନରେ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ସ୍ଥିତି ସମୀକ୍ଷା କରିଛନ୍ତି ଗ୍ରାମ୍ୟ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର। ମନ୍ତ୍ରୀ ପ୍ରଥମେ ମୋରଡ଼ା ନିର୍ବାଚନମଣ୍ଡଳୀର ମୋରଡ଼ା ବ୍ଲକର ବନ୍ୟା ପ୍ରଭାବିତ ଗ୍ରାମ ପରିଦର୍ଶନ କରିବା ପରେ ରାସଗୋବିନ୍ଦପୁର ବ୍ଲକର ବିଭିନ୍ନ ବନ୍ୟାଞ୍ଚଳରେ ପହଞ୍ଚିଥିଲେ। ସାନନଦୀର ବନ୍ୟାରେ ପ୍ରଭାବିତ ସାରୁମୂଳ, ପାରୁଳିଆ, ପୁରୁଣାପାଣି, ରାଇଡିହା, ଚିଙ୍ଗଡ଼ାବନ୍ଧ ଗୋବରା ଓ ପରମା ଖାଲ ଅଞ୍ଚଳର ସମେତ ବିଭିନ୍ନ ସ୍ଥାନରେ ସ୍ଥିତି ଅନୁଧ୍ୟାନ କରିଥିଲେ।"ସେହିପରି ଜାମ୍ବୀରା ନଦୀର ବନ୍ୟା ଯୋଗୁଁ ପ୍ରଭାବିତ ରାଘବପୁର ପଞ୍ଚାୟତର ଏକତାଳି, ଭଇରଙ୍ଗୀ, ଡୁଟାପଡ଼ା ପଞ୍ଚାୟତର ହାଣ୍ଡିଧୁଆ, ସାନମାଣିଦା ପଞ୍ଚାୟତର ପିଙ୍ଗୁଡ଼ି ଓ ଖୁଣ୍ଟାପାଳ ପଞ୍ଚାୟତର ଗମ୍ଭାରିଆ ଆଦି ଅଞ୍ଚଳକୁ ମନ୍ତ୍ରୀ ପରିଦର୍ଶନ କରିଥିବା ଜଣାପଡ଼ିଛି। ଏହି ଅବସରରେ ବନ୍ୟାରେ କ୍ଷତିଗ୍ରସ୍ତ ପରିବାର ଓ ସ୍ଥାନୀୟ ଲୋକଙ୍କ ସହ ମନ୍ତ୍ରୀ ଆଲୋଚନା କରି ସେମାନଙ୍କ ସମସ୍ୟା ଶୁଣିଥିଲେ। କ୍ଷତିଗ୍ରସ୍ତ ପରିବାରଙ୍କୁ ତୁରନ୍ତ ସରକାରୀ ସହାୟତା ପ୍ରଦାନ କରାଯିବା ସହ ବନ୍ୟାରେ ଭାଙ୍ଗିଯାଇଥିବା ଘାଇ ଓ ରାସ୍ତାଗୁଡ଼ିକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରାଯିବ ବୋଲି ସେ ଜନସାଧାରଣଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ପରିଦର୍ଶନ ସମୟରେ ରାସଗୋବିନ୍ଦପୁର ବିଡିଓ ଅନନ୍ତ କୁମାର ହାଁସଦା, ତହସିଲଦାର ଉପେନ୍ଦ୍ର କୁମାର ଦାସଙ୍କ ସମେତ ମୟୂରଭଞ୍ଜ ଜଳସେଚନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ବନ୍ୟା ପରବର୍ତ୍ତୀ ପୁନରୁଦ୍ଧାର ଓ ରାସ୍ତାଘାଟ ମରାମତି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ନେଇ ମନ୍ତ୍ରୀ ଅଧିକାରୀମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

## ଉଦଳା ନିର୍ବାଚନମଣ୍ଡଳୀ ବିଜୁ ଜନତା ଦଳ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ

# ବାଲିଆପାଳଠାରୁ ବିଜୟୱାଡ଼ା ପର୍ଯ୍ୟନ୍ତ ନୂତନ ରେଳପଥ ନିର୍ମାଣ ଦାବି




ଉଦଳା,୧୬।୮(ସମିସ): ବାଲିଆପାଳଠାରୁ ବିଜୟୱାଡ଼ା ୧୦୫୦ କିମି ନୂତନ ରେଳପଥ ନିର୍ମାଣ ନିମନ୍ତେ ଆଜି ଉଦଳା ବିଜୁ ଜନତା ଦଳ ପକ୍ଷରୁ ଉଦଳା ବିଜୁ ଜନତା କାର୍ଯ୍ୟାଳୟରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଉକ୍ତ ସମ୍ମିଳନୀ ପୂର୍ବତନ ଉଦଳା ବିଧାୟକ ଶ୍ରୀନାଥ ସରେନଙ୍କ ନେତୃତ୍ୱରେ ହୋଇଥିବାବେଳେ କେନ୍ଦ୍ରୀୟ ଓଡ଼ିଶା ରେଳପଥ କ୍ରିୟାନୁଷ୍ଠାନ କମିଟିର ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ। ଉକ୍ତ ରେଳପଥ ଓଡ଼ିଶାର ବାଲିଆପାଳଠାରୁ ଭାୟା ବସ୍ତା, ହରିପୁର, ମେରଦା, ବେତନଟୀ, ବଡ଼ସାହି, ଉଦଳା, କପ୍ତିପଦା, ଶରତ, ଦେିତାରୀ, ଘଟଗାଁ, ବୌଦ୍ଧ, ସୁବର୍ଣ୍ଣପୁର (ସୋନପୁର), ଭବାନୀପାଟଣା, ନବରଙ୍ଗପୁର, ବାଲିମେଳା, ମାଲକାନାଗିରି, ଭେଲାରପଡ୍ଡୁ, ଟି. ନରସାପୁରମ ଓ ଓନଜଭିଡ଼ ହୋଇ ଆନ୍ଧ୍ରର ବିଜୟୱାଡ଼ା ପର୍ଯ୍ୟନ୍ତ ନୂତନ ରେଳ ଲାଇନ ନିର୍ମାଣ ନେଇ ସରକାରଙ୍କ ଦୃଷ୍ଟି ଗୋଚର କରିବା ସହିତ କେମିତି ସମ୍ଭବପର ହେଇପାରିବ ଆଲୋଚନା କରାଯାଇଥିଲା। ଉକ୍ତ ରେଳପଥ ଦ୍ୱାରା ଆମ ରାଜ୍ୟ ଓଡ଼ିଶାର ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଛତିଶଗଡ଼ ଓ ଆନ୍ଧ୍ରପ୍ରଦେଶ ସମେତ ବଙ୍ଗୋପସାଗର ସୀମା ପାଖକୁ ଲାଗି ଏକାଧିକ ରେଳ ଲାଇନ ଥିବାବେଳେ କେନ୍ଦ୍ରୀୟ ଓଡ଼ିଶାର ଦୂରଦୂର ପର୍ଯ୍ୟନ୍ତ ରେଳ ଲାଇନ୍ ନ ଥିବା ଦୁର୍ଭାଗ୍ୟଜନକ। କେନ୍ଦ୍ରୀୟ ଓଡ଼ିଶା ମଧ୍ୟଦେଇ ବାଲିଆପାଳ (ବଙ୍ଗୋପସାଗର ସମୁଦ୍ର କୂଳ)ଠାରୁ ଆନ୍ଧ୍ରର ବିଜୟୱାଡ଼ା ପର୍ଯ୍ୟନ୍ତ ନୂତନ ରେଳ ଲାଇନ କରାଗଲେ ଓଡ଼ିଶାର ମେଡ଼ିକାଲ କଲେଜ, ଆଇଆଇଟି, ଏଆଇଆଇଏମଏସ, ଇଂଜିନିୟରିଂ କଲେଜ, ସରକାରୀ ଓ ବେସରକାରୀ +୨, +୩ କଲେଜ, ବିଶ୍ୱବିଦ୍ୟାଳୟ, ଡିପ୍ଲୋମା, ନର୍ସି କଲେଜ, ଜଙ୍ଗଲଜାତ ଦ୍ରବ୍ୟର ବଜାର, ପାହାଡ଼ ପର୍ବତମାଳା, ଝରଣା, ଖଣି, ପାଣି, ଜଙ୍ଗଲ, ବନ୍ଦର, ବିମାନ ବନ୍ଦରର ସଂଯୋଗ, ଛୋଟ ବଡ଼ ସହର ଗଢି ଉଠିବା, ଅଭୟାରଣ୍ୟ, ଜୀବ ସଂରକ୍ଷଣ ବ୍ୟବସ୍ଥା, ଜଳ ପ୍ରପାତ, ଜଳ ଭଣ୍ଡାର, ଗମନାଗମନର ସୁବିଧା ଓ ସୁଯୋଗ ସୃଷ୍ଟି ହେବ। ଓଡ଼ିଶାର ପ୍ରତ୍ୟେକଟି କୋଣ ଅନୁକୋଣର ବ୍ୟକ୍ତିଙ୍କ ଆର୍ଥିକ ମେରୁଦଣ୍ଡ ସୁଦୃଢ ହେବ। ତେଣୁ ବାଲିଆପାଳରୁ ବିଜୟୱାଡା ରେଳ ଲାଇନ ନିର୍ମାଣ କରାଯିବା ଉଚିତ ବୋଲି ମତ ପ୍ରକାଶ ପାଇଛି।

## ବନ୍ୟାଞ୍ଚଳରେ ଇନରହୁଇଲ କ୍ଲବ ପକ୍ଷରୁ ଖାଦ୍ୟ ବଣ୍ଟନ



ବାରିପଦା, ୧୬।୮(ସମିସ): ବନ୍ୟା ପ୍ରପୀଡ଼ିତଙ୍କ ପାଇଁ ବାରିପଦା ସହରାଞ୍ଚଳର ତଳି ଅଞ୍ଚଳରେ ବାରିପଦା ଇନରହୁଇଲ କ୍ଲବ ସଦସ୍ୟା ପ୍ରଶାସନ ସହଯୋଗରେ ରନ୍ଧା ଖାଦ୍ୟ ସହ ପାଉଁରୁଟି, ବିସ୍କୁଟ ଭଳି ଶୁଖିଲା ଖାଦ୍ୟ ଓ ପାଣି ବଣ୍ଟନ କରିଥିଲେ। ସଭାପତି ସୁପ୍ରୀତି ଦଳବେହେରାଙ୍କ ନେତୃତ୍ୱରେ ସଂପାଦିକା ସଂଯୁକ୍ତା ଚାନ୍ଦ, କୋଷାଧ୍ୟକ୍ଷା ଶ୍ରାବଣୀ ଦାସ, ଉପସଭାପତି ନର୍ମଦା ନାୟକ, ଦୁର୍ଗାବତୀ ମହାପାତ୍ର, ପ୍ରାକ୍ତନ ସଭାପତି ପ୍ରଭାତି ମହାପାତ୍ର, ସଂଯୁକ୍ତା ଦାଶ, ସୁମନ ଅଗ୍ରୱାଲ, କବିତା ଦାସ ପ୍ରମୁଖ ଦେଉଳସାହି ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଆଶ୍ରୟ ନେଇଥିବା ବନ୍ୟା ପ୍ରପୀଡ଼ିତ ଲୋକଙ୍କୁ ବଣ୍ଟନ କରିଥିଲେ।

## ବନ ବିଭାଗ ପକ୍ଷରୁ ଟର୍ଚ୍ଚ ଲାଇଟ ବଣ୍ଟନ



ତୁରୁମୁଙ୍ଗା,୧୬।୮(ସମିସ): ହାତୀ ଉପଦ୍ରବରେ କ୍ଷତିଗ୍ରସ୍ତ କେନ୍ଦୁଝର ଜିଲ୍ଲା ପାଟଣା ବନାଞ୍ଚଳର ମଙ୍ଗଳପୁର, ଏରେଣ୍ଡେଇ ଓ କୁଆପଶି ଗ୍ରାମରେ ବନ ବିଭାଗ ପକ୍ଷରୁ କ୍ଷୟକ୍ଷତିର ଆକଳନ କରାଯାଇଛି। ଅନୁକମ୍ପା ଆପ୍ ମାଧ୍ୟମରେ ହାତୀପଲଙ୍କ ଦ୍ୱାରା ହୋଇଥିବା ଘର ଓ ଅନ୍ୟାନ୍ୟ କ୍ଷୟକ୍ଷତିର ତଥ୍ୟ ସଂଗ୍ରହ କରାଯାଇଛି। ହାତୀ ଉପଦ୍ରବ ଅଞ୍ଚଳରେ ରାତି ସମୟରେ ଲୋକଙ୍କ ସୁରକ୍ଷା ପାଇଁ ଟର୍ଚ୍ଚ ଲାଇଟ୍ ଯୋଗାଇଦେବା ଦାବିରେ ଗତ ଶୁକ୍ରବାର ଉତ୍ତ୍ୟକ୍ତ ଗ୍ରାମବାସୀ ରାସ୍ତାରୋକ କରିଥିଲେ। ସେତେବେଳେ ବନ ବିଭାଗ ପକ୍ଷରୁ ଦାବି ପୂରଣର ପ୍ରତିଶ୍ରୁତି ଦିଆଯାଇଥିଲା। ପ୍ରତିଶ୍ରୁତି ଅନୁଯାୟୀ ରବିବାର କ୍ଷତିଗ୍ରସ୍ତ ଅଞ୍ଚଳର ଲୋକଙ୍କୁ ବନ ବିଭାଗ ପକ୍ଷରୁ ଟର୍ଚ୍ଚ ଲାଇଟ୍ ପ୍ରଦାନ କରାଯାଇଛି। ସେହିପରି ହାତୀ ଆକ୍ରମଣରେ ରଜନୀ ମହାରଣାଙ୍କ ଘର ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିବାରୁ ତାଙ୍କୁ ଆଶ୍ରୟ ପାଇଁ ବନ ବିଭାଗ ପକ୍ଷରୁ ପଲିଥିନ୍ ପ୍ରଦାନ କରାଯାଇଛି। ସାଂସଦ ପ୍ରତିନିଧିଙ୍କ ଉପସ୍ଥିତିରେ ଏହି ସହାୟତା ପ୍ରଦାନ କରାଯାଇଥିଲା। ପାଟଣା ବନପାଳ ନିରଞ୍ଜନ ସେଠୀ, ଖିରେଇଟାଙ୍ଗିରୀ ବନପାଳ ପୂର୍ଣ୍ଣଚନ୍ଦ୍ର ମହାନ୍ତ ଓ ଗୋରାଣ୍ଡିଯୋଡି ବନରକ୍ଷୀ ସାଗରିକା ବେଜ୍ କ୍ଷତିଗ୍ରସ୍ତ ଗ୍ରାମଗୁଡ଼ିକରେ ପହଞ୍ଚି ଲୋକଙ୍କୁ ଟର୍ଚ୍ଚ ଲାଇଟ୍ ପ୍ରଦାନ କରିଥିଲେ। ହାତୀ ଉପଦ୍ରବ ଯୋଗୁଁ ଭୟଭୀତ ହୋଇ ରହୁଥିବା ଗ୍ରାମବାସୀଙ୍କ ସୁରକ୍ଷା ଓ ରାତ୍ରିକାଳୀନ ଯାତାୟାତରେ ଏହି ଟର୍ଚ୍ଚ ଲାଇଟ୍ ସହାୟକ ହେବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।

## ବିପଦ ସଙ୍କେତ ଉପରେ ଜମ୍ବୀରା ନଦୀ

# ପୁଣି ବନ୍ୟା ଆଶଙ୍କା, ଆତଙ୍କିତ ତଳି ଅଞ୍ଚଳବାସୀ



ରାସଗୋବିନ୍ଦପୁର,୧୬।୮ (ସମିସ): ଲଗାଣ ବର୍ଷା ଯୋଗୁଁ ରାସଗୋବିନ୍ଦପୁର ବ୍ଲକ ମଧ୍ୟବର୍ତ୍ତୀ ଅଞ୍ଚଳ ଦେଇ ପ୍ରବାହିତ ଜମ୍ବୀରା ନଦୀର ଜଳସ୍ତର ପୁଣି ବିପଦ ସଂକେତ ଉପରରେ ପ୍ରଭାବିତ ହେଉଛି। ମାଥାନୀଠାରେ ନଦୀର ଜଳସ୍ତର ବିପଦ ସଂକେତ ଉପରେ ପ୍ରବାହିତ ହେଉଥିବା ଖବର ମିଳିବା ପରେ ନଦୀକୂଳ ଓ ତଳି ଅଞ୍ଚଳରେ ରହୁଥିବା ଲୋକଙ୍କ ମଧ୍ୟରେ ଭୟ ଓ ଆଶଙ୍କା ବଢ଼ିଛି। ଗତ ୧୩ ତାରିଖରେ ଜମ୍ବୀରା ନଦୀରେ ଆସିଥିବା ବନ୍ୟା ପରିସ୍ଥିତିରୁ ଲୋକେ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ମୁକୁଳି ପାରିନଥିବା ବେଳେ ପୁଣି ଲଗାଣ ବର୍ଷା ଆରମ୍ଭ ହୋଇଛି। ଫଳରେ ତଳି ଅଞ୍ଚଳବାସୀ ପୁଣି ଏକ ବଡ଼ ବନ୍ୟାର ଆଶଙ୍କାରେ ପ୍ରମାଦ ଗଣୁଛନ୍ତି। ପାଣିପାଗ ବିଭାଗ ପକ୍ଷରୁ ମୟୂରଭଞ୍ଜ ଜିଲ୍ଲାରେ ପ୍ରବଳ ବର୍ଷା ନେଇ ପୂର୍ବ ସୂଚନା ଜାରି ହୋଇଥିବା ବେଳେ ରାସଗୋବିନ୍ଦପୁର ଅଞ୍ଚଳରେ ମଧ ତୁହାକୁ ତୁହା ବର୍ଷା ଲାଗିରହିଛି। ଏହି ବର୍ଷା ଜାରି ରହିଲେ ଜମ୍ବୀରା ନଦୀର ଜଳସ୍ତର ଆହୁରି ବଢ଼ି ଆଉ ଏକ ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ଅନ୍ୟପକ୍ଷରେ, ବନ୍ୟା ପରିସ୍ଥିତି ମୁକାବିଲା ପାଇଁ ପ୍ରଶାସନ ସଜାଗ ରହିଥିବା ବିଡିଓ ଅନନ୍ତ ହାଁସଦା ସୂଚନା ଦେଇଛନ୍ତି। ଆବଶ୍ୟକ ପଡ଼ିଲେ ତଳି ଅଞ୍ଚଳର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର ଓ ଆବଶ୍ୟକ ସହାୟତା ଯୋଗାଇଦେବା ପାଇଁ ପ୍ରଶାସନ ପ୍ରସ୍ତୁତ ଥିବା କୁହାଯାଇଛି। ଜମ୍ବୀରା ନଦୀର ଜଳସ୍ତର ଉପରେ ପ୍ରଶାସନ ପକ୍ଷରୁ ନିରନ୍ତର ନଜର ରଖାଯାଇଥିବା ବେଳେ ନଦୀକୂଳିଆ ଅଞ୍ଚଳର ଲୋକଙ୍କୁ ସତର୍କ ରହିବାକୁ ଅନୁରୋଧ କରାଯାଇଛି।

## ଲଗାଣ ବର୍ଷାରେ ବ୍ୟାପକ କ୍ଷୟକ୍ଷତି



ତୁରୁମୁଙ୍ଗା,୧୬।୮(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ୍ ଅଞ୍ଚଳରେ ଲଗାଣ ବର୍ଷା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଅବିଶ୍ରାନ୍ତ ବର୍ଷା ଫଳରେ ବିଭିନ୍ନ ସ୍ଥାନରେ ମାଟି ଓ ଟାଇଲି ଘର ଭାଙ୍ଗିବା ସହବ୍ୟାପକ କ୍ଷୟକ୍ଷତି ଘଟିଛି। ବଡ଼ପାଟଣା ପଞ୍ଚାୟତ ସାଧୁପଡ଼ା ଗ୍ରାମର ନୀର ମହାନ୍ତଙ୍କ ଟାଇଲ ଘରଟି ପ୍ରବଳ ବର୍ଷାରେ ସମ୍ପୂର୍ଣ୍ଣ ଭାଙ୍ଗି ମାଟିରେ ମିଶିଯାଇଛି। ମୁରୁସୁଆଁ ପଞ୍ଚାୟତ ଅନ୍ତର୍ଗତ ଡେଣୁଆଁ ଗ୍ରାମର ସୁରେଶ ମାଟିଆଙ୍କ ଗୁହାଳ ଘରଟି ମଧ୍ୟ ଲଗାଣ ବର୍ଷାରେ ଭୁଶୁଡ଼ି ପଡ଼ିଛି। ପାଟଣା ତହସିଲ ଅଞ୍ଚଳରେ ସମୁଦାୟ ୧୮ ଟି ଘର ଭାଙ୍ଗିଥିବା ରାଜସ୍ୱ ବିଭାଗ ପକ୍ଷରୁ ସୂଚନା ମିଳିଛି। ବର୍ଷା ଜାରି ରହିଥିବା ସହ ଆସନ୍ତା କାଲି କେନ୍ଦୁଝର ଜିଲ୍ଲାକୁ ପ୍ରବଳ ବର୍ଷା ହେବାନେଇ ପାଣି ପାଗ ବିଭାଗ ପକ୍ଷରୁ ରେଡ଼ ୱାର୍ଣ୍ଣି ଜାରି କରାଯାଇଥିବାରୁ ଅଞ୍ଚଳର ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ଘରବାଡ଼ି ଓ ସମ୍ପତ୍ତି କ୍ଷତିଗ୍ରସ୍ତ ହେବାର ଆଶଙ୍କା ରହିଛି। ସମସ୍ତ ପ୍ରକାର ସ୍ଥିତି ପାଇଁ ପ୍ରଶାସନ ସଜାଗ ହେବା ସହ ଲୋକଙ୍କୁ ସଚେତନ ରହିବା ପାଇଁ ପରାମର୍ଶ ଦେଇଛି।

## ଅଟଳ ବିହାରୀ ବାଜପେୟୀଙ୍କ ପୁଣ୍ୟତିଥିରେ ସ୍ମୃତିସଭା



ତୁରୁମୁଙ୍ଗା,୧୬।୮(ସମିସ): ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ପୁଣ୍ୟତିଥି ଅବସରରେ ରବିବାର ତୁରୁମୁଙ୍ଗାସ୍ଥିତ ବିଜେପି କାର୍ଯ୍ୟାଳୟରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକଙ୍କ ନେତୃତ୍ୱରେ ଆୟୋଜିତ ଏହି ସ୍ମୃତିସଭାରେ ଉପସ୍ଥିତ ନେତା ଓ କର୍ମୀମାନେ ସ୍ୱର୍ଗତ ବାଜପେୟୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପୂର୍ବତନ ଜିଲ୍ଲା ସଭାପତି ରାଧାକାନ୍ତ ମହାନ୍ତ, ବିଧାୟକଙ୍କ ଚମ୍ପୁଆ ବ୍ଲକ ପ୍ରତିନିଧି ଭାବଗ୍ରାହୀ ମହାନ୍ତ, ସମାଜସେବୀ ଅନିଲ ଚାୱାଡାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଓ ବିଜେପି କର୍ମୀ ଯୋଗଦେଇଥିଲେ।

## ବିଶୋଇ ବଜାରରେ ଆଲୋକୀକରଣ ବ୍ୟବସ୍ଥାର ଲୋକାର୍ପଣ



ବିଶୋଇ,୧୬।୮(ସମିସ): ବିଶୋଇ ପଞ୍ଚାୟତ କାର୍ଯ୍ୟାଳୟ ଆନୁକୂଲ୍ୟରେ ବିଶୋଇ ଓ କାଦୁଆଣି ଗ୍ରାମରେ ଆଲୋକୀକରଣ ବ୍ୟବସ୍ଥାର ଲୋକାର୍ପଣ ସହିତ ଏହାର ଶୁଭ ଉଦଘାଟନ କରାଯାଇଛି। ଏହି ପରିପ୍ରେକ୍ଷୀରେ ସ୍ୱାଧୀନତା ଦିବସ ଅବସରରେ ବିଶୋଇ ବଜାରରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଶୋଇ ପଞ୍ଚାୟତର ସମସ୍ତ ୱାର୍ଡସଭ୍ୟଙ୍କ ଉପସ୍ଥିତରେ ବିଶୋଇ ସରପଞ୍ଚ କରୁଣା ସାଗର ମାରାଣ୍ଡି ଏହି ପ୍ରକଳ୍ପର ଲୋକାର୍ପଣ କରିବା ସହିତ ସୁଇଚ ଟିପି ଏହାର ଶୁଭ ଉଦଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟା ବିନ୍ଧୁ ସ୍ମିତ। ଦେଓ, ବରିଷ୍ଠ ଆଇନଜିବୀ ସଞ୍ଜୀବ ମାହାନ୍ତି, ପଞ୍ଚାୟତ ସମିତି ସଦସ୍ୟ କାଶୁ ମାଝୀ ସମେତ ବିଶୋଇ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଓ ଜନ ସାଧାରଣ ଉପସ୍ଥିତ ଥିଲେ। ବିଶୋଇ ବଜାରକୁ ସମ୍ପୂର୍ଣ୍ଣ ଆଲୋକୀକରଣ କରିବା ପାଇଁ ଜନସାଧାରଣଙ୍କ ବହୁତ ଦିନର ଦାବି ରହି ଆସୁଥିବାବେଳେ ବିଶୋଇ ସରପଞ୍ଚ କରୁଣା ସାଗର ମାର୍ଣ୍ଡିଙ୍କ ଉଦ୍ୟମକ୍ରମେ ପଞ୍ଚାୟତ ପାଣ୍ଠି ବିନିଯୋଗରେ ଏହି ଆଲୋକୀକରଣ ବ୍ୟବସ୍ଥା ସମ୍ଭବ ହୋଇପାରିଛି। ଏହି ପ୍ରକଳ୍ପରର ବିଶୋଇ ବଜାର, ବିଶୋଇ ବଜାର ଠାରୁ ବିଶୋଇ ଗାଁ ମିନି ଷ୍ଟାଡିୟମ ଏବଂ ଆଦର୍ଶ ଗ୍ରାମ ମାନ୍ୟତା ପାଇଥିବା କାଦୁଆଣି ଗ୍ରାମରେ ଷ୍ଟ୍ରିଟ ଲାଇଟ ଦ୍?ାରା ଆଲୋକୀକରଣର ବ୍ୟବସ୍ଥା କରାଯାଇଛି। ଆଗାମୀ ଦିନରେ ପଞ୍ଚାୟତର ଅନ୍ୟ ଗ୍ରାମ ରେ ଏହି ବ୍ୟବସ୍ଥାର ଶୁଭାରମ୍ଭ କରାଯିବ ବୋଲି ସରପଞ୍ଚ କହିଛନ୍ତି।

# ବଉଳା ନାଳ ଉପରେ ବାଉଁଶ ପୋଲ ନିର୍ମାଣ କଲେ ଗାଁ ଯୁବକ

ହାଟଡ଼ିହୀ,୧୬।୮ (ସମିସ)



ଦୀର୍ଘମାସ ବିତିଥିଲେ ସୁଦ୍ଧା ପ୍ରଶାସନ ପକ୍ଷରୁ ବଉଳା ନାଳ ଉପରେ ପୋଲଟିଏ ନିର୍ମାଣ ହୋଇ ନ ପାରିବାରୁ ମଲ୍ଲିପଶି ଓ ବଉଳା ଗାଁର ଉଭୟ ଯୁବଗୋଷ୍ଠୀ ମିଶି ଏକ ଅସ୍ଥାୟୀ ବାଉଁଶ ପୋଲ ନିର୍ମାଣ କରି ପ୍ରଶାସନର ଅବହେଳାକୁ ନିନ୍ଦା କରିଛନ୍ତି। ପ୍ରତିବର୍ଷ ଏହି ବର୍ଷାଋତୁରେ ବଉଳା ନାଳ

## ପୋଲ ନିର୍ମାଣ କରିବାରେ ଫେଲ୍ ମାରିଲା ପ୍ରଶାସନ

ଜଳପୂର୍ଣ୍ଣ ହୋଇଯାଏ। ବଢ଼ିଲା ନାଳରେ ପଶି ଯା'ଆସ କରିବାରେ ଗାଁ ଲୋକମାନେ ନାହିଁ ନ ଥିବା ଅସୁବିଧା ଭୋଗିଥା'ନ୍ତି। ନାଳ ଉପରେ ପୋଲ ନିର୍ମାଣ ପାଇଁ ଗତ ଦୁଇବର୍ଷ ପୂର୍ବରୁ ଟେଣ୍ଡର ସରିଥିଲେ ସୁଦ୍ଧା ବନବିଭାଗର ଅନୁମତି ଅଭାବରୁ ତାହା ନିର୍ମାଣ ହୋଇପାରୁନି। ଯାହାକି, କେନ୍ଦୁଝର ଜିଲ୍ଲାର ମଲ୍ଲିପଶି ଓ ମୟୁରଭଞ୍ଜ ଜିଲ୍ଲାର ବଉଳା ଗାଁ ଲୋକେ ବିଶେଷ ଭାବେ ହଇରାଣ ହେଉଛନ୍ତି। ହାଟଡ଼ିହୀ ବ୍ଲକର ଶେଷସୀମାରେ ରହିଥିବା କେ.ବାଲିପାଳ ପଞ୍ଚାୟତର ଅପହଞ୍ଚ ଇଲାକାରେ ଏହି ମଲ୍ଲିପଶି ଗାଁ ଅବସ୍ଥିତ। ସେଠାକୁ ଯିବା ହେଲେ ଭଲ ରାସ୍ତାଟିଏ ନ ଥିବାବେଳେ ବିନା ପୋଲର ବଉଳା ନାଳ ଗାଁ ଲୋକଙ୍କ ପାଇଁ ଅସୁବିଧାର ମୁଖ୍ୟ କାରଣ ସାଜିଛି। ଏହି ମଲ୍ଲିପଶି ଗାଁରେ ୫ଶହରୁ ଉର୍ଦ୍ଧ୍ୱ ଲୋକ ବସବାସ କରନ୍ତି। ସେମାନେ କୌଣସି କାର୍ଯ୍ୟନେଇ ନିଜ ପଞ୍ଚାୟତ କିମ୍ବା ଅନ୍ୟ କୌଣସି ସ୍ଥାନକୁ ଯିବା ପାଇଁ ଚାହିଁଲେ ବାମପାର୍ଶ୍ୱରେ ରହିଥିବା ବଉଳା ନାଳ ଏବଂ ଦକ୍ଷିଣ ପାର୍ଶ୍ୱରେ ମାଟିଆବୁଆ ନାଳ ସେମାନଙ୍କ ଦୁଃଖର କାରଣ ସାଜିଛନ୍ତି। ଜରୁରୀକାଳୀନ ସ୍ଥିତିରେ ରୋଗୀକୁ ମେଡିକାଲ ନେବା ପାଇଁ ନାଳ ପାର କରି ଖଟିଆ ସାହାଯ୍ୟରେ ବୁହା ହୋଇ ଭଲ ରାସ୍ତାଯାଏଁ ନିଆ ହୋଇଥାଏ କ୍ଷ ଜଙ୍ଗଲିଆ ରାସ୍ତାରେ ଜୀବଜନ୍ତୁଙ୍କ ଭୟ ଲାଗି ରହୁଥିବା ବେଳେ ଏଭଳି ଦୁଃଖ ସେମାନଙ୍କ ପାଇଁ ଅଭିଶପ୍ତ ପାଲଟିଛି। ଏଭଳି ଅସୁବିଧାକୁ ଲକ୍ଷ୍ୟକରି ଉଭୟ ଜିଲ୍ଲାର ଗାଁ ଯୁବଗୋଷ୍ଠୀଙ୍କ ମଧ୍ୟରେ କାହ୍ନୁ କଶିମାଳ, ପଦ୍ମଲୋଚନ ବିନିଶିଆ, ବାପି ନାଏକ, ଦେବ ବିନିଶିଆ, ଆଦିତ୍ୟ ବିନିଶିଆ, ବନ୍ଧୁଆ ନାଏକ, ସତ୍ୟବାନ ବିନିଶିଆଙ୍କ ସମେତ ଗାଁର ଅନ୍ୟ ଯୁବକମାନେ ଏହି ବଉଳା ନାଳ ଉପରେ ବାଉଁଶ ଦ୍ୱାରା ଏକ ଅସ୍ଥାୟୀ ପୋଲ ନିର୍ମାଣ କରିଛନ୍ତି। ସେମାନଙ୍କ ପ୍ରତି ପ୍ରଶାସନର ଅବହେଳାକୁ ଯୁବଗୋଷ୍ଠୀ ଏବଂ ଗ୍ରାମବାସୀ ଘୋର ନିନ୍ଦା କରିଛନ୍ତି। ଆଗାମୀ ନିର୍ବାଚନ ପୂର୍ବରୁ ଏହି ନାଳ ଉପରେ ପୋଲଟିଏ ନିର୍ମାଣ ନହେଲେ ଭୋଟ୍ ବର୍ଜନ ଭଳି ନିଷ୍ପତ୍ତି ଗ୍ରହଣ କରିବାକୁ ସେମାନେ ବାଧ୍ୟ ହେବେ ବୋଲି କହିଛନ୍ତି।



## ଆଜିର ରାଶିଫଳ

**ମେଷ:** ଆର୍ଥିକ ସମସ୍ୟା ଦେଖାଦେବ। ଖାଦ୍ୟପାନୀୟ ପ୍ରତି ଧ୍ୟାନ ରଖିବେ। ମହିଳାଙ୍କଠାରେ ଆଣ୍ଠୁଗଣ୍ଠି ସମସ୍ୟା ଦେଖାଦେବ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ ।

**ବୃଷ:** ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ। ବ୍ୟବସାୟରେ ସମସ୍ୟାକୁ ସାମ୍ନା କରିବେ। ଆର୍ଥିକ କ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ହେବ। ମନ ପ୍ରସନ୍ନ ରହିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ମିଥୁନ:** ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ବିଦେଶ ଯାତ୍ରା ଯୋଗ ରହିଛି। ପରିବାର ସହିତ ହସଖୁସିରେ ସମୟ ଅତିବାହିତ କରିବେ।

**କର୍କଟ:** ଶାନ୍ତ ଓ ଖୁସି ମନରେ ସମସ୍ତ କାମ ପୂରା କରିବେ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ଜୀବନସାଥୀଙ୍କ ସହ ବୁଲିବାକୁ ଯିବେ। ଆଇଟି କ୍ଷେତ୍ରରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

**ସିଂହ:** ବ୍ୟବସାୟରେ ବିରୋଧୀଙ୍କୁ ସାମ୍ନା କରିବେ। ନୂଆ କାମରେ ବନ୍ଧୁ ତଥା ପରିବାର ସଦସ୍ୟଙ୍କ ସହଯୋଗ ମିଳିବ। ବିବାହ ପ୍ରସ୍ତାବ ସ୍ଥିର ହେବ। ଦେବ କାର୍ଯ୍ୟରେ ମନୋଯୋଗ ଦେବେ।

**କନ୍ୟା:** ବ୍ୟବସାୟରୁ ଲାଭ ମିଳିବ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ବାପାଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ବିଦ୍ୟାର୍ଥୀ ପ୍ରବେଶିକା ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ।

**ତୁଳା:** କୋର୍ଟକଚେରୀ ମାମଲାରେ ବିଜୟ ଲାଭ କରିବେ। ପାରିବାରିକ ବିବାଦ ଦେଖା ଦେବ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିବେ। ଦୂର ସ୍ଥାନକୁ ଯାତ୍ରା ଯୋଗ ଅଛି।

**ବିଛା:** ଅନଲାଇନ୍ ବ୍ୟବସାୟୀଙ୍କୁ ଲାଭ ମିଳିବ। ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖା ଦେବ। ଭାଇ-ଭଉଣୀଙ୍କ ସମ୍ପର୍କ ମଜଭୁତ ହେବ। ଦାମ୍ପତ୍ୟ ଜୀବନ ଅଶାନ୍ତି ଭିତରେ ଗତି କରିବ।

**ଧନୁ:** କର୍ମ ଚଞ୍ଚଳ ରହିବେ। ଧାର୍ମିକ କାର୍ଯ୍ୟ ପ୍ରତି ରୁଚି ବଢ଼ିବ। ଅଫିସ୍ କାର୍ଯ୍ୟରେ ସମସ୍ୟା ଆସିବ। ସମୟ ପୂର୍ବରୁ କାମ ଶେଷ କରିବେ। ଆୟର ନୂତନ ମାର୍ଗ ଉନ୍ମୋଚନ ହେବ।

**ମକର:** ଆୟଠୁ ଅଧିକ ବ୍ୟୟ ହେବ। ପରିବାର ସଦସ୍ୟଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ସ୍ୱାସ୍ଥ୍ୟ ପ୍ରତି ସଚେତନ ହେବେ। ଅଯଥା ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**କୁମ୍ଭ:** ଧାର କରଜରୁ ଦୂରେଇ ରହିବେ। ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳ ହେବେ। ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ମୀନ:** ଦିନଟି ବ୍ୟସ୍ତତା ଭିତରେ କଟିବ। ପରିବାରରେ ହସଖୁସିର ପରିବେଶ ରହିବ। ଖେଳାଳୀଙ୍କ ପାଇଁ ଅନୁକୂଳ ସମୟ। ଧନଲାଭ ଯୋଗ ଅଛି। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

## ଆଜିର ଐତିହ୍ୟ

- ୧୮୫୮ - ହାୱାଇରେ ପ୍ରଥମ ବ୍ୟାଙ୍କ ଖୋଲାଗଲା।
- ୧୯୧୭- ଇଟାଲୀ ତୁର୍କୀ ବିପକ୍ଷରେ ଯୁଦ୍ଧ ଘୋଷଣା କଲା।
- ୧୯୭୮ - ତିନିଜଣ ଆମେରିକୀୟ ହଟ୍ ଏୟାର୍ ବେଲୁନ୍‌ରେ ଆଟ୍‌ଲାଣ୍ଟିକ୍ ସାଗର ପାର୍ ହେଲେ।
- ୧୯୮୨- ସର୍ବପ୍ରଥମେ ଜର୍ମାନୀରେ ସିଡି କମ୍ପାକ୍ଟ ଡିସ୍କ ଉପଲବ୍ଧ ହେଲା।
- ୧୯୯୩- ପ୍ରଥମ ଥର ସାଧାରଣ ଲୋକଙ୍କୁ ବକିଂହାମ୍ ପ୍ୟାଲେସ୍ ଭିତରକୁ ଯିବା ପାଇଁ ଅନୁମତି ଦିଆଗଲା।

## ପୋଖରୀରେ ପାଞ୍ଚବର୍ଷ



ପଶ୍ଚିମବଙ୍ଗ ମୁର୍ସିଦାବାଦ ଜିଲ୍ଲାର ୧୬ ବର୍ଷ ବୟସ୍କ ଇକବାଲ ଶେଖ୍ ଏକ ବିରଳ ରୋଗରେ ପୀଡ଼ିତ, ଯେଉଁଥିପାଇଁ ତାଙ୍କୁ ବିଗତ ପାଞ୍ଚ ବର୍ଷ ହେଲାଣି ପୋଖରୀରେ ରହିବାକୁ ପଡୁଛି। ପାଣିରୁ ବାହାରକୁ ଆସିବା କ୍ଷଣି ତାଙ୍କ ଶରୀରରେ ପ୍ରବଳ ଜଳାପୋଡ଼ା ଅନୁଭୂତ ହୁଏ। ଅପରପକ୍ଷରେ ଦୀର୍ଘ ସମୟ ଧରି ସେ ପାଣିରେ ରହୁଥିବାରୁ ତାଙ୍କ ଆଙ୍ଗୁଠିଗୁଡ଼ିକ ପଚିବାକୁ ଲାଗିଲାଣି ଏବଂ ଚର୍ମ ଧଳା ପଡ଼ିଯାଇଛି। ତାଙ୍କ ପରିବାରର ଆର୍ଥିକ ସ୍ତରରେ ସ୍ୱଚ୍ଛଳ ନ ଥିବାରୁ ଇକବାଲଙ୍କର ଚିକିତ୍ସା ମଧ୍ୟ ହୋଇପାରୁନାହିଁ। ଇକବାଲ ଏକ ରୋଗ ଯୋଗୁଁ ପୋଖରୀରେ ରହିବାକୁ ବାଧ୍ୟ ହେଉଛନ୍ତି। ପାଣିରୁ ବାହାରକୁ ଆସିବା କ୍ଷଣି ତାଙ୍କ ଶରୀରରେ ଅସହ୍ୟ ଜଳାପୋଡ଼ା ହୁଏ, ଯେଉଁଥିପାଇଁ ସେ ନିଜ ଘରଦ୍ୱାର ଛାଡ଼ି ପୋଖରୀ ଭିତରେ ଜୀବନ ବିତାଉଛନ୍ତି। ପାଣିରୁ ବାହାରିଲେ ତାଙ୍କର ମୃତ୍ୟୁ ହୋଇଯିବ ବୋଲି ସେ କହୁଛନ୍ତି। ଯେଉଁ ବୟସରେ ପିଲାମାନେ ସ୍କୁଲ୍ ଯାଆନ୍ତି ଏବଂ ଖେଳକୁଦ କରନ୍ତି, ସେହି ବୟସରେ ଇକବାଲ୍ ଘଣ୍ଟା ଘଣ୍ଟା ଧରି ପୋଖରୀରେ ପହଁରୁଥାନ୍ତି। ତାଙ୍କ ପରିବାର ଲୋକେ କୁହନ୍ତି ଯେ, ଯଦି ସେ ପାଣିରୁ ସାମାନ୍ୟ ମଧ୍ୟ ବାହାରକୁ ଆସେ, ତେବେ ତାଙ୍କ ଶରୀରରେ ଜଳାପୋଡ଼ା ଆରମ୍ଭ ହୋଇଯାଏ। ସେ କେବଳ ୪-୫ ଘଣ୍ଟା ନୁହେଁ, ବରଂ ସପ୍ତାହ ସାରା ପାଣି ଭିତରେ ହିଁ ରହିଥାଏ। କେହି ଗୁଣି ଗାରେଡ଼ି କରି ତାଙ୍କର ଏପରି ପରିସ୍ଥିତି କରିଥିବା ଇକବାଲ କୁହନ୍ତି। ଅନ୍ୟ ପକ୍ଷରେ ଡାକ୍ତରଙ୍କ କହିବା କଥା, ଏହା ଏକ ଗୁରୁତର ଏବଂ ବିରଳ ଚର୍ମ ରୋଗ। ୨୪ ଘଣ୍ଟା ପାଣିରେ ରହିବା ହେତୁ ଇକବାଲ୍‌ଙ୍କ ହାତ-ଗୋଡ଼ ଏବଂ ସମଗ୍ର ଶରୀରର ଚର୍ମ ପଚି ଯାଇ ଧଳା ପଡ଼ିଯାଇଛି। ଦିନରାତି ପାଣିରେ ରହିବା ଯୋଗୁଁ ତାଙ୍କର ସର୍ଦ୍ଦିକାଶ ସମସ୍ୟା ମଧ୍ୟ ଦେଖିବାକୁ ମିଳିଛି। ଯେଉଁ ପାଣିରୁ ଗୋଟିଏ ପଟେ ତାଙ୍କୁ ଆଶ୍ୱାସନା ମିଳୁଛି, ଅନ୍ୟପଟେ ସେହି ପାଣି ହିଁ ତାଙ୍କ ପାଇଁ ସମସ୍ୟା ପାଲଟିଛି। ଏହାସତ୍ତ୍ୱେ ମଧ୍ୟ ସେ ପାଣିରୁ ସାମାନ୍ୟ ସମୟ ପାଇଁ ବି ବାହାରେ ରହିପାରୁନାହାଁନ୍ତି। ଇକବାଲ୍‌ଙ୍କ ଏହି ଖବର ଧୀରେ ଧୀରେ ଆଖପାଖ ଅଞ୍ଚଳରେ ବ୍ୟାପିବାରେ ଲାଗିଛି। ଲୋକେ ତାଙ୍କୁ ଦେଖିବା ପାଇଁ ଆସୁଛନ୍ତି ଏବଂ ପୋଖରୀ ନିକଟରେ ଭିଡ଼ ଜମୁଛି। ଅନେକ ଲୋକ ତାଙ୍କୁ ଖାଇବା ପାଇଁ ଚୁଡ଼ା କିମ୍ବା ବିସ୍କୁଟ୍ ଦେଇଦିଅନ୍ତି, ଯାହାକୁ ସେ ପୋଖରୀ ଭିତରେ ଥାଇ ଖାଇଥାନ୍ତି। ସ୍ଥାନୀୟ ଲୋକଙ୍କ ପରାମର୍ଶ କ୍ରମେ ସେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ମଧ୍ୟ ଯାଇଥିଲେ, ହେଲେ ସେଠାରେ ତାଙ୍କୁ କୌଣସି ସମାଧାନ ମିଳିଲା ନାହିଁ। ଇକବାଲ୍ କୁହନ୍ତି ଯେ, ତାଙ୍କ ଘରର ଆର୍ଥିକ ସ୍ଥିତି ଏତେ ସ୍ୱଚ୍ଛଳ ନୁହେଁ ଯେ, ସେ କୌଣସି ଘରୋଇ ହସ୍ପିଟାଲକୁ ଯାଇ ଚିକିତ୍ସା କରାଇପାରିବେ। ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ମଧ୍ୟ ତାଙ୍କୁ କୌଣସି ବିଶେଷ ଆଶ୍ୱାସନା ମିଳିଲା ନାହିଁ। ଏବେ କିଛି ସ୍ଥାନୀୟ ଲୋକ ତାଙ୍କୁ ସାହାଯ୍ୟ କରିବା ପାଇଁ ପାଣ୍ଠି ସଂଗ୍ରହ କରୁଛନ୍ତି, ଏଥିସହିତ ପ୍ରଶାସନ ନିକଟରେ ମଧ୍ୟ ତାଙ୍କ ଚିକିତ୍ସା ପାଇଁ ଗୁହାରି କରୁଛନ୍ତି।

## ବନ୍ଦ ହୋଇନି ଭି. ଶାନ୍ତାରାମଙ୍କ ବାୟୋପିକ୍





ଗତ ବର୍ଷ ଡିସେମ୍ବରରେ ହିନ୍ଦୀ ସିନେମା ଜଗତର ଦିବଂଗତ ଫିଲ୍ମ ନିର୍ମାତା ଭି. ଶାନ୍ତାରାମଙ୍କ ଉପରେ ଏକ ବାୟୋପିକ୍ ନିର୍ମାଣ ପାଇଁ ଘୋଷଣା କରାଯାଇଥିଲା। ଫିଲ୍ମର ଟାଇଟଲ୍ ରହିଥିଲା 'ଭି. ଶାନ୍ତାରାମ: ଦି ରିବେଲ୍ ଅଫ୍ ଇଣ୍ଡିଆନ୍ ସିନେମା'। ସିଦ୍ଧାନ୍ତ ଚତୁର୍ବେଦୀଙ୍କୁ ଏଥିରେ ମୁଖ୍ୟ ଭୂମିକା ପାଇଁ ଚୟନ କରାଯାଇଥିଲା। ଏପ୍ରିଲ୍ ୨୦୨୬ ମସିହାରେ ଏହି ସିନେମାର ସୁଟିଂ ଆରମ୍ଭ ହେବାର ଥିଲା, ହେଲେ ତାହା ଏଯାବତ୍ ହୋଇ ପାରିନାହିଁ। ଏଭଳି ପରିସ୍ଥିତିରେ ଫିଲ୍ମଟିକୁ ଆଉ ନିର୍ମାଣ କରାଯିବ ନାହିଁ ବୋଲି ଚର୍ଚ୍ଚା ହେବାକୁ ଲାଗିଲା। ଏବେ ଖୋଦ୍ ନିର୍ଦ୍ଦେଶକ ଅଭିଜିତ୍ ଶିରୀଶ ଏହି ଚଳଚ୍ଚିତ୍ର ବନ୍ଦ ହୋଇଯିବା ଖବରକୁ ଖଣ୍ଡନ କରିଛନ୍ତି। ଏନେଇ ଅଭିଜିତଙ୍କ କହିବା କଥା, "ଫିଲ୍ମ ନିର୍ମାଣ ସାମାନ୍ୟ ବିଳମ୍ବ ହୋଇଛି। ଆସନ୍ତା ବର୍ଷ ଏହାର ସୁଟିଂ ଆରମ୍ଭ ହେବ। ଆମେ ପ୍ରଥମେ ଏପ୍ରିଲରେ ସୁଟିଂ ଆରମ୍ଭ କରିବାକୁ ଯୋଜନା କରିଥିଲୁ। ଆମର ଯୋଜନା ଥିଲା ଯେ ଯଦି ବର୍ଷା ହୁଏ, ତେବେ ଇନଡୋର ସୁଟିଂ କରିବୁ। ଆମର ଦୁଇ ମାସ ବିଳମ୍ବ ହୋଇଗଲା ଏବଂ ସମ୍ପୂର୍ଣ୍ଣ ସେଡ୍ୟୁଲ୍ ବିଗିଡ଼ିଗଲା। ଆମେ ଏକ ନୂଆ ତାରିଖରେ ଆସନ୍ତା ବର୍ଷ ସୁଟିଂ ଆରମ୍ଭ କରିବାକୁ ଯୋଜନା କରୁଛୁ।" ଏବେ ନିର୍ମାତାମାନେ ସୁଟିଂ ଆରମ୍ଭ ହେବା ମାତ୍ରେ ପ୍ରଥମେ ଆଉଟଡୋର ସୁଟିଂ କରିବା ପାଇଁ ଯୋଜନା କରିଛନ୍ତି। ସେହିପରି ବର୍ଷା ଦିନ ଆସିଲେ, ସେହି ସମୟରେ ଇନଡୋର ସୁଟିଂ ହେବ। ସିଦ୍ଧାନ୍ତଙ୍କ ବିପକ୍ଷରେ ଏଥିରେ ତମନ୍ନା ଭାଟିଆ ନଜର ଆସିବେ। ନିର୍ଦ୍ଦେଶକ ଏହା ମଧ୍ୟ କହିଛନ୍ତି ଯେ, ଫିଲ୍ମରେ ସିଦ୍ଧାନ୍ତ ଏବଂ ତମନ୍ନା ଭାଟିଆଙ୍କ ବ୍ୟତୀତ ଆଉ କିଛି ବଡ଼ କଳାକାର ମଧ୍ୟ ସାମିଲ ହେବେ। ତେବେ ସେ ଅନ୍ୟ କଳାକାରଙ୍କ ନାଁ ପ୍ରକାଶ କରି ନାହାନ୍ତି। ସିଦ୍ଧାନ୍ତଙ୍କ କାମ କଥା କହିବାକୁ ଗଲେ ଚଳିତ ବର୍ଷ ଫେବୃଆରୀ ମାସରେ ତାଙ୍କ ଫିଲ୍ମ 'ଦୋ ଦିୱାନେ ସହର ମେଁ' ମୁକ୍ତିଲାଭ କରିଥିଲା। ଏହି ଫିଲ୍ମରେ ତାଙ୍କ ବିପକ୍ଷରେ ମୃଣାଳ ଠାକୁର ନଜର ଆସିଥିଲେ।


## ପିଲାଙ୍କ ଫୋନ୍ ନିଶା ଦୂର ପାଇଁ...



ଆଜିକାଲି କୁନି କୁନି ପିଲାମାନେ ବି ଘଣ୍ଟା ଘଣ୍ଟା ଧରି ସ୍ମାର୍ଟଫୋନ୍ ବ୍ୟବହାର କରୁଥିବାର ଦେଖାଯାଉଛି। ପିଲାମାନଙ୍କର ଏଭଳି ଅଭ୍ୟାସ ଯୋଗୁ ଅଭିଭାବକମାନେ ବେଶ୍ ଚିନ୍ତାରେ ରୁହନ୍ତି। ସୋସିଆଲ ମିଡିଆରେ 'ଅଙ୍କଲ ଏ ଜୁନ୍' ନାମରେ ଜଣାଶୁଣା ୟାନ୍ ଝେଙ୍ଗଜୁନ୍ ଏବେ ଚୀନ୍‌ର ଅଭିଭାବକମାନଙ୍କର ପ୍ରିୟ ମଣିଷ ପାଲଟି ଯାଇଛନ୍ତି। ୟାନ୍ ନିଜର ଏକ ନିଆରା ଭିଡିଓ ସିରିଜ୍ ଯୋଗୁଁ ଇଣ୍ଟରନେଟ୍‌ରେ ଖୁବ୍ ଭାଇରାଲ୍ ହୋଇଛନ୍ତି। ସେ ପୁରୁଣା ଓଭରକୋଟ୍ ପିନ୍ଧି, ହାତରେ ଲାଉଡସ୍ପିକର୍ ଏବଂ ଏକ ଠେଲାଗାଡ଼ି ଧରି ଗଳିଗଳି ବୁଲନ୍ତି। ସେ ଲାଉଡ୍‌ସ୍ପିକର୍‌ରେ ଯେଉଁ ପିଲାମାନେ ଜିଦ୍ କରୁଛନ୍ତି, କାନ୍ଦୁଛନ୍ତି କିମ୍ବା ଘଣ୍ଟା ଘଣ୍ଟା ଧରି ମୋବାଇଲ ବ୍ୟବହାର କରୁଛନ୍ତି, ସେମାନଙ୍କୁ ସେ 'ରିସାଇକଲ୍' ପାଇଁ ନେଇଯିବେ ବୋଲି ଘୋଷଣା କରନ୍ତି। ୟାନ୍ ଯେତେବେଳେ ଏହି ଅଭିନୟର ଭିଡିଓ ସୋସିଆଲ ମିଡିଆରେ ଅପଲୋଡ୍ କଲେ, ତାହା ଚୀନ୍‌ର ଅଭିଭାବକମାନଙ୍କୁ ଖୁବ୍ ପସନ୍ଦ ଆସିଲା। କାରଣ ପ୍ରତ୍ୟେକ ବାପାମାଆ ନିଜ ପିଲାଙ୍କ ମୋବାଇଲ୍ ଅଭ୍ୟାସକୁ ନେଇ ଚିନ୍ତିତ ଥିଲେ। ଦେଖୁଦେଖୁ ସାରା ଦେଶରେ ବାପାମାଆମାନେ ନିଜ ପିଲାଙ୍କୁ ସୁଧାରିବା ପାଇଁ ତାଙ୍କ ଭିଡିଓ ଦେଖାଇ ଡରାଇବା ଆରମ୍ଭ କଲେ। ସମୟକ୍ରମେ ସେ ଇଣ୍ଟରନେଟ୍‌ରେ ଏକ ବଡ଼ ପ୍ୟାରେଣ୍ଟିଂ ଟ୍ରେଣ୍ଡ ପାଲଟିଗଲେ। ତାଙ୍କର ଫଲୋଅର୍ସ ସଂଖ୍ୟା ମଧ୍ୟ ବଢ଼ି ପ୍ରାୟ ୧୬ ଲକ୍ଷ ହୋଇଗଲା। ପିଲାମାନେ ତାଙ୍କୁ ନିଜର ଶତ୍ରୁ ବୋଲି ଭାବନ୍ତି। ଏହି ଉପାୟ ବାପାମାଆଙ୍କୁ ତୁରନ୍ତ ଆଶ୍ୱସ୍ତି ଦେଉଥିଲେ ମଧ୍ୟ ଶିଶୁ ମନସ୍ତତ୍ତ୍ୱବିତ୍ ଏବଂ ଶିକ୍ଷକମାନେ ଏହାକୁ ବିରୋଧ କରୁଛନ୍ତି। ସେମାନଙ୍କ ମତରେ, ପିଲାଙ୍କୁ ଏଭଳି ଭୟଭୀତ କରିବା ଦ୍ୱାରା ଏହା ସେମାନଙ୍କ ମାନସିକ ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପକାଇଥାଏ।

## ଆସ୍ଥା

## ସକାଳର ୭ କାମ



**ସନାତନ ଧର୍ମ ଓ ଜ୍ୟୋତିଷ ଶାସ୍ତ୍ରରେ ସକାଳ ସମୟ ଅର୍ଥାତ୍ ବ୍ରାହ୍ମ ମୁହୂର୍ତ୍ତକୁ ଅତ୍ୟନ୍ତ ଶୁଭ ବୋଲି କୁହାଯାଇଛି। ଦିନର ଆରମ୍ଭ ଯେମିତି ହୁଏ, ଏହାର ପ୍ରଭାବ ପୂରା ଦିନର ଶକ୍ତି, ଚିନ୍ତାଧାରା ଓ କାର୍ଯ୍ୟ ଉପରେ ପଡ଼ିଥାଏ। ବାସ୍ତୁ ଅନୁସାରେ, ସକାଳୁ ଉଠି କିଛି ବିଶେଷ କାମ ନିୟମିତ କରିବା ଦ୍ୱାରା ସକାରାତ୍ମକ ଶକ୍ତି ବଢ଼େ ଓ ଉନ୍ନତିର ମାର୍ଗ ଖୋଲିଥାଏ।**

- ସକାଳୁ ଆଖି ଖୋଲିବା ମାତ୍ରେ ପ୍ରଥମେ ନିଜ ହାତକୁ ଦର୍ଶନ କରନ୍ତୁ। ମାନ୍ୟତା ଅଛି କର ଦର୍ଶନରେ ମା' ଲକ୍ଷ୍ମୀ, ମା' ସରସ୍ୱତୀ, ଭଗବାନ ବିଷ୍ଣୁଙ୍କ ଆଶୀର୍ବାଦ ପ୍ରାପ୍ତ ହୁଏ। ଏହି ଛୋଟ ପ୍ରାରମ୍ଭ ଦିନର ଆରମ୍ଭକୁ ପବିତ୍ର କରିଥାଏ। ନିୟମିତ ଏହାକୁ କଲେ ଆତ୍ମବିଶ୍ୱାସ ବୃଦ୍ଧି ପାଏ।
- ଶଯ୍ୟାରୁ ଓହ୍ଲାଇ ଭୂମିରେ ପାଦ ରଖିବା ପୂର୍ବରୁ ଧରିତ୍ରୀ ମାତାଙ୍କୁ କ୍ଷମା ମାଗି ପ୍ରଣାମ କରନ୍ତୁ। ଏହା ପ୍ରକୃତି ପ୍ରତି ସମ୍ମାନର ପ୍ରତୀକ। ଏହା ଦ୍ୱାରା ଅହଂକାର କମେ ଏବଂ ଦିନ ବିନମ୍ର ଭାବ ସହିତ ଆରମ୍ଭ ହୋଇଥାଏ।
- ସ୍ନାନ ପରେ ସୂର୍ଯ୍ୟ ଦେବଙ୍କୁ ତମ୍ବା ପାତ୍ରରେ ଜଳ ଅର୍ଘ୍ୟ ଅର୍ପଣ କରନ୍ତୁ। ଧାର୍ମିକ ମାନ୍ୟତା ଅଛି ଯେ, ଏହା ଦ୍ୱାରା ଆତ୍ମବିଶ୍ୱାସ, ଉର୍ଜା ଓ ମାନସମ୍ମାନ ବୃଦ୍ଧି ପାଏ। ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେବା ସ୍ୱାସ୍ଥ୍ୟ ଲାଗି ଉତ୍ତମ।
- ଦିନର ଆରମ୍ଭ ଇଷ୍ଟ ଦେବଙ୍କ ନାଁରୁ କରିବା ଉଚିତ। କିଛି ମିନିଟ୍ ଧ୍ୟାନ ଓ ମନ୍ତ୍ର ଜପ କରିବା ଦ୍ୱାରା ମନ ଶାନ୍ତ ରହେ ଏବଂ ସକାରାତ୍ମକ ଚିନ୍ତାଧାରା ବିକଶିତ ହୁଏ। ଏହାଦ୍ୱାରା ଅନାବଶ୍ୟକ ଚିନ୍ତା ମଧ୍ୟ କମ୍ ହୁଏ। କାମ ଉପରେ ଧ୍ୟାନ କେନ୍ଦ୍ରିତ କରିବା ସହଜ ହୋଇଯାଏ।
- ତୁଳସୀ ଗଛକୁ ଶୁଦ୍ଧ ଓ ପବିତ୍ର ବୋଲି ବିବେଚନା କରାଯାଏ। ଘରେ ତୁଳସୀ ଗଛ ଥିଲେ ସକାଳେ ତୁଳସୀ ମାତାଙ୍କୁ ସ୍ମରଣ ପୂର୍ବକ ଜଳ ଅର୍ପଣ କରନ୍ତୁ। ଏହା ଦ୍ୱାରା ଘରେ ସୁଖ-ଶାନ୍ତି ଓ ସକାରାତ୍ମକ ପରିବେଶ ବଜାୟ ରହେ।
- ମାତା-ପିତା ଓ ଗୁରୁଙ୍କ ଆଶୀର୍ବାଦ ଜୀବନରେ ଉନ୍ନତିର ମାର୍ଗକୁ ପ୍ରଶସ୍ତ କରିଥାଏ। ସକାଳୁ ଏମାନଙ୍କ ଆଶୀର୍ବାଦ ନେବା ଶୁଭ ବୋଲି କୁହାଯାଏ। ଏହା ଦ୍ୱାରା ଆତ୍ମବିଶ୍ୱାସ ଓ କାର୍ଯ୍ୟ କ୍ଷମତା ବୃଦ୍ଧି ପାଏ।
- ସକାଳୁ କେବେ ବି ନକାରାତ୍ମକ ଚିନ୍ତାଧାରା ମନରେ ଆଣନ୍ତୁ ନାହିଁ। କ୍ରୋଧ ତଥା ବିବାଦରୁ ଦିନର ଆରମ୍ଭ କରନ୍ତୁ ନାହିଁ। ସ୍ନାନ ବିନା ପୂଜା କରନ୍ତୁ ନାହିଁ।

## କେଉଁମାନଙ୍କୁ ସୁନା ମନା



**ଜ୍ୟୋତିଷ ଶାସ୍ତ୍ରରେ ସୁନା ଧାରଣକୁ ନେଇ କିଛି ନିୟମ ଅଛି। ମାନ୍ୟତା ଅଛି ଯେ, ଏହି ନିୟମକୁ ପାଳନ କରିବା ଦ୍ୱାରା ଶୁଭ ପରିଣାମ ମିଳେ। ଜ୍ୟୋତିର୍ବିଦଙ୍କ ମତରେ, ସୁନାକୁ ଆବଶ୍ୟକତା ଓ ଲାଭ ଅନୁସାରେ ପିନ୍ଧିବା ଉଚିତ। କାରଣ ସୁନା ଶରୀର, ଚିନ୍ତାଧାରା ଓ ସ୍ୱାସ୍ଥ୍ୟକୁ ସିଧାଳସଳଖ ପ୍ରଭାବିତ କରେ।**

ଯେଉଁମାନଙ୍କ ଜାତକରେ ଗୁରୁ ଗ୍ରହ ସ୍ଥିତି ଅଶୁଭ ଓ ଖରାପ ହୋଇଥାଏ, ସେମାନଙ୍କୁ ସୁନା ଧାରଣ କରିବାକୁ ଜ୍ୟୋତିଷ ଶାସ୍ତ୍ର ଅନୁସାରେ ବାରଣ କରାଯାଇଛି। ଜାତକରେ ଗୁରୁ ସ୍ଥିତି ଖରାପ ଥିଲେ ଓ ସୁନା ଧାରଣ କଲେ ଗମ୍ଭୀର ପରିଣାମ ପ୍ରାପ୍ତ ହେବା କୁହାଯାଏ। ସେହିପରି ଯେଉଁମାନେ ଲୁହା, କୋଇଲା, ଶନି ସମ୍ବନ୍ଧିତ ଜିନିଷ କାରବାର କରନ୍ତି, ସେମାନଙ୍କୁ ସୁନା ସୁଟ୍ କରି ନ ଥାଏ। ଏଭଳି ଲୋକ ସୁନା ଧାରଣରୁ ଦୂରତ୍ୱ ରକ୍ଷା କରିବା ଉଚିତ। ଏହାବାଦ୍ ସୁନାକୁ ଅଣ୍ଟାରେ ଧାରଣ କରିବା ଅନୁଚିତ। ନାଲି ସୂତାରେ ପିଲାଙ୍କୁ ସୁନା ଘୁଙ୍ଗୁର ପିନ୍ଧାଇ ହେବ। ସୁନା ଧାରଣ କରୁଥିବା ଲୋକେ ସ୍ୱଚ୍ଛତା ଓ ପବିତ୍ରତା ଉପରେ ବିଶେଷ ଧ୍ୟାନ ରଖିବା ଉଚିତ। ସୁନା ଧାରଣ କରୁଥିବା ବ୍ୟକ୍ତି ତାମସିକ ଜିନିଷରୁ ଦୂରେଇ ରହିବା ଉଚିତ। ସୁନା ଧାରଣ କରି ମାଂସ ତଥା ନିଶା ସେବନ କଲେ ଦେବଗୁରୁ ବୃହସ୍ପତି ଅଶୁଭ ଫଳ ପ୍ରଦାନ କରନ୍ତି। ମେଷ, କର୍କଟ, ସିଂହ ଓ ଧନୁ ରାଶି ପାଇଁ ସୁନା ଧାରଣ ଶୁଭ। ବିଛା ଓ ମୀନ ରାଶି ବ୍ୟକ୍ତି ବିଶେଷ ସୁନା ଧାରଣ କଲେ ମଧ୍ୟମ ଫଳ ମିଳେ। ସେହିପରି ବୃଷ, ମିଥୁନ, କନ୍ୟା, କୁମ୍ଭ ରାଶିକୁ ସୁନା ସୁଟ୍ କରି ନ ଥାଏ। ତୁଳା ଓ ମକର ରାଶି ପାଇଁ ସୁନା ଧାରଣ ଭଲ ନୁହେଁ ବୋଲି କୁହାଯାଏ। ତେବେ ଯେଉଁମାନଙ୍କ ଜାତକରେ ବୃହସ୍ପତି ଅନୁକୂଳ ଥାନ୍ତି, ସେମାନଙ୍କ ପାଇଁ ସୁନା ଧାରଣ ଲାଭକାରୀ।

## ମନିପ୍ଲାଣ୍ଟ ଶୁଖି ଯାଉଥିଲେ...



**ବାସ୍ତୁ ଶାସ୍ତ୍ରରେ କିଛି ଗଛକୁ ଶୁଭ ବୋଲି କୁହାଯାଇଛି। ସେଥିରୁ ଅନ୍ୟତମ ମନିପ୍ଲାଣ୍ଟ। ତେବେ ମନିପ୍ଲାଣ୍ଟ ଶୁଖିଗଲେ ଏହାକୁ ଅଣଦେଖା କରିବା ଅନୁଚିତ। ମନପ୍ଲାଣ୍ଟ ଶୁଖିଯିବାକୁ ଶୁଭ ସଙ୍କେତ ବୋଲି କୁହାଯାଏ ନାହିଁ।**

ବାସ୍ତୁ ମାନ୍ୟତାନୁସାରେ, ଶୁଖିଲା ମନିପ୍ଲାଣ୍ଟ ଆଗାମୀ ଦିନରେ ଆର୍ଥିକ ସମସ୍ୟା ଦେଖା ଦେବାକୁ ଇଙ୍ଗିତ କରେ। ଏହାଦ୍ୱାରା ଅଯଥା ଖର୍ଚ୍ଚ ବଢ଼ିବା ଆଶଙ୍କା ଥାଏ। ବାସ୍ତୁ ଅନୁସାରେ ଶୁଖିଲା ତଥା ଝାଉଁଳି ପଡ଼ିଥିବା ମନିପ୍ଲାଣ୍ଟ ରହିବା ଭଲ ନୁହେଁ। ଏହା ଉନ୍ନତିକୁ ରୋକିଥାଏ। ଏହାସହ ବ୍ୟବସାୟ ଓ ଚାକିରିକୁ ନେଇ କିଛି ସମସ୍ୟା ଦେଖା ଦେବା ଦିଗକୁ ବି ଏହା ଇଙ୍ଗିତ କରେ। ବାସ୍ତୁ ଶାସ୍ତ୍ର ଅନୁସାରେ, ଶୁଖିଲା ମନିପ୍ଲାଣ୍ଟର ଅର୍ଥ ଆଗାମୀ ଦିନରେ ଘରେ କଳି ଝଗଡ଼ା ପରିବେଶ ବି ସୃଷ୍ଟି କରିପାରେ। ଫଳରେ ଘରେ ଚାପ ଓ ଅଶାନ୍ତିର ପରିବେଶ ସୃଷ୍ଟି ହୁଏ। ସେହିପରି ମନିପ୍ଲାଣ୍ଟର ପତ୍ର ଶୁଖିଗଲେ ଘରର ଉନ୍ନତି ଉପରେ ଏହା ବାଧା ପକାଏ ବୋଲି ଜଣାପଡ଼େ। ତେଣୁ ମନିପ୍ଲାଣ୍ଟ ଶୁଖିବାକୁ ଅଣଦେଖା କରିବା ଅନୁଚିତ।

## ବ୍ୟବସାୟରେ ବାଧା ଦୂରର ଉପାୟ



**ପ୍ରତ୍ୟେକ ବ୍ୟବସାୟୀ ନିଜ ବ୍ୟବସାୟରେ ଉନ୍ନତି ଚାହାନ୍ତି। ଏନେଇ ଅନେକ କିଛି ଉପାୟ ମଧ୍ୟ ଗ୍ରହଣ କରିଥାନ୍ତି। ସେହିପରି ବେଳେ ବେଳେ ବ୍ୟବସାୟରେ ବାଧା ମଧ୍ୟ ଦେଖା ଦିଏ। ଏହାକୁ କିଭଳି ଦୂର କରି ହେବ, ସେ ସମ୍ପର୍କରେ ଜାଣିବା।**

- ପ୍ରତି ବୁଧବାର ଗଣେଶଙ୍କ ପୂଜା କରନ୍ତୁ। ଦୋକାନ ଖୋଲିବା ପୂର୍ବରୁ ଗଣେଶ ମନ୍ତ୍ର ଜପ କରନ୍ତୁ। ୧୦୮ ଥର ମନ୍ତ୍ର ଜପକୁ ଶୁଭ ବୋଲି କୁହାଯାଏ। ଏହାସହ ବ୍ୟବସାୟରେ ବାଧା ଦୂର କରିବାର ପ୍ରାର୍ଥନା କରନ୍ତୁ।
- ପ୍ରତି ମାସ ୧ ତାରିଖରେ ମୁଖ୍ୟ ପ୍ରବେଶ ଦ୍ୱାରରେ ହଳଦୀ ତଥା ସିନ୍ଦୂରରେ ସ୍ୱସ୍ତିକ ଚିହ୍ନ କରନ୍ତୁ। ଏହାପରେ ଦୀପକୁ ମା' ଲକ୍ଷ୍ମୀ ଏବଂ ଭଗବାନ ଗଣେଶଙ୍କ ନାମ ସ୍ମରଣ କରନ୍ତୁ। ଏହାସହ ବ୍ୟବସାୟରେ ନିରନ୍ତର ଉନ୍ନତି ହେବା ପ୍ରାର୍ଥନା କରନ୍ତୁ।
- ସକାଳୁ ଦୋକାନ ଖୋଲିବା ପରେ କର୍ପୂର ଓ ଧୂପକୁ ପୂରା ଦୋକାନ ପରିସରରେ ବୁଲାନ୍ତୁ। ଏହାଦ୍ୱାରା ସକାରାତ୍ମକ ଶକ୍ତି ସଂଚାର ହୁଏ।
- ଶନିବାର କଳା ରାଶି, ସୋରିଷ ତେଲ ଶନିଦେବଙ୍କୁ ଅର୍ପଣ କରନ୍ତୁ। ଏହାସହ ଶନିଦେବଙ୍କୁ ସ୍ମରଣ କରନ୍ତୁ।
- ପ୍ରତିଦିନ ଦୋକାନରେ ମହାଲକ୍ଷ୍ମୀଙ୍କ ମନ୍ତ୍ରର ଏକ ମାଳା ଜପ କରନ୍ତୁ। ସଚ୍ଚୋଟତା ଓ ସକାରାତ୍ମକ ଚିନ୍ତାଧାରା ସହିତ କାର୍ଯ୍ୟ କରନ୍ତୁ।

## ଏଫ୍ଆଇଏଚ୍ ପୁରୁଷ ହକି ବିଶ୍ୱକପ୍

# ଶୀର୍ଷସ୍ଥାନ ଲାଗି ଭାରତ-ଇଂଲଣ୍ଡ ମୁକାବିଲା




ଆମଷ୍ଟଲଭିନ୍,୧୬।୮ (ଏଜେନ୍ସି)

ଦୁର୍ବଳ ୱେଲ୍ସକୁ ୩-୧ ଗୋଲରେ ପରାସ୍ତ କରି ଭାରତ ଏଠାରେ ଶନିବାର ଆରମ୍ଭ ହୋଇଥିବା ହକି ବିଶ୍ୱକପ୍‌ର ପୁରୁଷ ବିଭାଗରେ ଅଭିଯାନ ଆରମ୍ଭ କରିଛି। ବିଜୟୀ ଦଳ ପକ୍ଷରୁ ଅଧିନାୟକ ହରମନପ୍ରୀତ୍ ସିଂ ଡବଲ ଗୋଲ ସ୍କୋର କରିଥିଲାବେଳେ ସଞ୍ଜୟ ରାଣା ଗୋଟିଏ ଗୋଲ ଦେଇଥିଲେ। କିନ୍ତୁ ଏହି ମ୍ୟାଚ୍‌ରେ ଭାରତର ପ୍ରଦର୍ଶନ ଆଦୌ ସନ୍ତୋଷଜନକ ହୋଇନାହିଁ। ଆସନ୍ତାକାଲି ପୁଲ୍-ଡି'ରେ ଖେଳାଯିବାକୁ ଥିବା ଦ୍ୱିତୀୟ ରାଉଣ୍ଡ ମୁକାବିଲାରେ ଭାରତ ଓ ଇଂଲଣ୍ଡ ପରସ୍ପର ସହ ମୁକାବିଲା କରିବେ। ଏହି ମୁକାବିଲାରେ ଯେଉଁ ଦଳ ବିଜୟୀ ହେବ ସେହି ଦଳ ପୁଲ୍‌ରେ ଶୀର୍ଷସ୍ଥାନ ହାସଲ କରିବ। କିନ୍ତୁ ନୂଆ ଫର୍ମାଟ ଅନୁଯାୟୀ ଉଭୟ ଦଳ ଯଦି ପୁଲ୍‌ରୁ ଦ୍ୱିତୀୟ ରାଉଣ୍ଡକୁ ଉନ୍ନୀତ ହେବେ, ତେବେ ବିଜୟୀ ଦଳର ସେମିଫାଇନାଲ ଖେଳିବା ସୁଯୋଗ ରହିବ। ନୂଆ ନିୟମ ଅନୁଯାୟୀ ବିଜୟୀ ଦଳ କ୍ରସ୍ ଓଭରରେ ଗୋଟିଏ ବିଜୟରୁ ଖେଳ ଆରମ୍ଭ କରିବ। ଅର୍ଥାତ ଦଳ କୌଣସି ମ୍ୟାଚ୍ ନ ଖେଳି ଗୋଟିଏ ବିଜୟର ପୂରା ପଏଂଟ ସହ ଖେଳିବ।

ଏଥର ପ୍ରତ୍ୟେକ ପୁଲ୍‌ରୁ ୨ଟି ଲେଖାଏଁ ଦଳ କ୍ରସ୍ ଓଭରରୁ ଯିବେ। କ୍ରସ୍ ଓଭରରୁ ଉନ୍ନୀତ ହୋଇଥିବା ୮ଟି ଦଳକୁ ଦୁଇଟି ଗ୍ରୁପ୍‌ରେ ଭାଗକରାଯିବ। ଗୋଟିଏ ପୁଲ୍‌ରୁ ଯୋଗ୍ୟତା ଅର୍ଜନ କରିଥିବା ଦଳ ମଧ୍ୟରୁ ବିଜୟୀ ଦଳକୁ କ୍ରସ୍ ଓଭରରେ ଗୋଟିଏ ବିଜୟର ପୂରା ପଏଂଟରୁ ଖେଳ ଆରମ୍ଭ କରିବେ। ଏହାର ଅର୍ଥ ଭାରତ ଓ ଇଂଲଣ୍ଡ ଗୋଟିଏ ପୁଲ୍‌ରୁ ଯୋଗ୍ୟତା ଅର୍ଜନ କରିବେ। ଏମାନଙ୍କ ମଧ୍ୟରେ ହୋଇଥିବା ପୁଲ୍ ମୁକାବିଲାରେ ବିଜୟୀ ଦଳ କ୍ରସ୍ ଓଭର ଗ୍ରୁପରେ ପୂରା ପଏଣ୍ଟରୁ ଖେଳ ଆରମ୍ଭ କରିବ। ଏହି କାରଣ ଯୋଗୁଁ ଇଂଲଣ୍ଡ ବିପକ୍ଷ ମୁକାବିଲା ଭାରତ ଲାଗି ଗୁରୁତ୍ୱପୂର୍ଣ୍ଣ। ଅନ୍ୟ ପକ୍ଷରେ ଦୀର୍ଘ ୩୨ ବର୍ଷ ହେଲା ବିଶ୍ୱକପ୍‌ରେ ଇଂଲଣ୍ଡକୁ ହରାଇ ନାହିଁ ଭାରତ। ଇଂଲଣ୍ଡ ମଧ୍ୟ ପ୍ରଥମ ରାଉଣ୍ଡରେ ପାକିସ୍ତାନକୁ ୪-୧ ଗୋଲରେ ହରାଇ ଚଳିତବର୍ଷ ୧୮ଟି ମ୍ୟାଚ୍‌ରେ ଅପରାଜେୟ ରହିଛି। ଏଣୁ ଇଂଲଣ୍ଡକୁ ହରାଇବାକୁ ହେଲେ ଭାରତକୁ ତାହାର ଖେଳରେ ଉନ୍ନତି ଆଣିବାକୁ ହେବ। ୱେଲ୍ସ ବିପକ୍ଷରେ ଭାରତ ଗୋଲ ଦେବାକୁ ବିଶେଷ ସୁଯୋଗ ସୃଷ୍ଟି କରିପାରି ନାହିଁ। ଯଦିବି ସୁଯୋଗ ଅଭିଷେକ ଓ ସୁଖଜିତ ସୁଯୋଗ ସୃଷ୍ଟି କରିଥିଲେ ତାହାକୁ ଗୋଲରେ ପରିଣତ କରିବା ଭାରତୀୟଙ୍କ ପକ୍ଷେ ସମ୍ଭବ ହୋଇ ନାହିଁ। ଏଭଳି ସ୍ଥଳେ ଇଂଲଣ୍ଡକୁ ହରାଇବାକୁ ହେଲେ ଭାରତକୁ ନିଶ୍ଚିତ ଭାବେ ଉନ୍ନତ ଖେଳିବାକୁ ହେବ।

## ମହିଳା ଦଳର ଚୀନ୍ ସହ ଡ୍ର




ଆଜି ଖେଳାଯାଇଥିବା ମହିଳା ବିଶ୍ୱକପ୍‌ର ପୁଲ-ଡି'ର ଏକ ମୁକାବିଲାରେ ଚୀନ୍ ସହ ଭାରତ ୨-୨ ଗୋଲରେ ମ୍ୟାଚ୍ ଡ୍ର ରଖିଛି। ଏହା ଫଳରେ ଉଭୟ ଦଳ ପଏଣ୍ଟ ଭାଗ କରିଛନ୍ତି। ଭାରତ ପକ୍ଷରୁ ନବନୀତ କୌର ଓ ପେନାଲ୍ଟି କର୍ଣ୍ଣରରୁ ଦୀପିକା ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଦଳ ଆଗୁଆ ଗୋଲ କରିଥିଲେ ମଧ୍ୟ ଏହି ମୁକାବିଲାକୁ ଜିତି ପାରି ନ ଥିଲା। ଚୀନ୍ ପକ୍ଷରୁ ପେନାଲ୍ଟି ଷ୍ଟ୍ରୋକ୍‌ରୁ ଝାଙ୍ଗ ୟିଙ୍ଗ୍ ଓ ପେନାଲ୍ଟି କର୍ଣ୍ଣରରୁ ମା ନିଙ୍ଗ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଆସନ୍ତା ୧୮ ତାରିଖରେ ଭାରତ ତାହାର ଦ୍ୱିତୀୟ ମୁକାବିଲା ଦକ୍ଷିଣ ଆଫ୍ରିକା ସହ ଖେଳିବ। ପୁଲ୍‌ରେ ପ୍ରଥମ ଦୁଇଟି ସ୍ଥାନ ଅଧିକାର କରିଥିବା ଦଳ କ୍ରସ୍ ଓଭରକୁ ଖେଳିବା ଲାଗି ଯୋଗ୍ୟତା ଅର୍ଜନ କରିବେ।

## ଇଂଲଣ୍ଡ ନିକଟରୁ ପାକିସ୍ତାନ ପରାସ୍ତ

ଆମଷ୍ଟଲଭିନ୍,୧୬।୮ (ଏଜେନ୍ସି): ପୁରୁଷ ହକି ବିଶ୍ୱକପ୍‌ର ପ୍ରଥମ ଦିନରେ ୪ଥରର ବିଶ୍ୱ ଚାମ୍ପିଅନ ପାକିସ୍ତାନ ୧-୪ ଗୋଲରେ ଇଂଲଣ୍ଡ ନିକଟରୁ ପରାଜିତ ହୋଇଛି। ଏହି ଦିନ ବେଲଜିୟମର ୱାଭରେଠାରେ ପୁଲ-ବି'ରେ ୨ଟି ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ଡିଫେଣ୍ଡିଂ ଚାମ୍ପିଅନ ଜର୍ମାନୀ ୫-୧ ଗୋଲରେ ମାଲେସିଆକୁ ଏବଂ ଆୟୋଜକ




ତଥା ଟାଇଟଲ ହଟ ଫେବରାଇଟ ବେଲଜିୟମ ୩-୨ ଗୋଲରେ ଫ୍ରାନ୍ସକୁ ପରାସ୍ତ କରିଛନ୍ତି। ଆଜି ଦ୍ୱିତୀୟ ଦିନରେ ଖେଳାଯାଇଥିବା ପୁଲ୍-ସି'ର ପ୍ରଥମ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ୩-୨ ଗୋଲରେ ଆୟର୍ଲାଣ୍ଡକୁ ପରାସ୍ତ କରିଛି।

■ ମହିଳା ବିଶ୍ୱକପ୍ ହକି

## ଅଷ୍ଟ୍ରେଲିଆ, ନେଦରଲ୍ୟାଣ୍ଡସର ବିଜୟ

ଆମଷ୍ଟଲଭିନ୍,୧୬।୮ (ଏଜେନ୍ସି): ମହିଳା ବିଶ୍ୱକପ୍ ହକିର ପ୍ରଥମ ଦିନ ଖେଳରେ ଅଷ୍ଟ୍ରେଲିଆ ଓ ନେଦରଲ୍ୟାଣ୍ଡସ ପରି ଶକ୍ତିଶାଳୀ ଦଳ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ଆମଷ୍ଟଲଭିନ୍‌ଠାରେ ଶନିବାର ଖେଳାଯାଇଥିବା ପୁଲ୍-ବି'ରେ ଅଷ୍ଟ୍ରେଲିଆ ୨-୦ ଗୋଲରେ ଜାପାନକୁ ଓ ନେଦରଲ୍ୟାଣ୍ଡସ ୨-୦ ଗୋଲରେ ଚିଲିକୁ ହରାଇ ବିଜୟ ଅଭିଯାନ ଆରମ୍ଭ କରିଛି। ପୁଲ୍-ବି'ର ପ୍ରଥମ ମ୍ୟାଚ୍‌ରେ ଜର୍ମାନୀ ୩-୦ ଗୋଲରେ ସ୍କଟଲାଣ୍ଡକୁ ପରାସ୍ତ କରିଛି। ଏହି ପୁଲ୍‌ରେ ଆର୍ଜେଣ୍ଟିନା ଓ ଆମେରିକା ମଧ୍ୟରେ ଖେଳ ୧-୧ ଗୋଲରେ ଡ୍ର ରହିଛି। ଆଜି ପୁଲ-ସି ଓ ଡି'ରେ ୨ଟି ଲେଖାଏଁ ମ୍ୟାଚ୍ ଖେଳାଯାଉଛି। ପୁଲ୍-ଡି'ର ପ୍ରଥମ ମ୍ୟାଚ୍‌ରେ ଇଂଲଣ୍ଡ ୪-୦ ଗୋଲର ବଡ଼ ବ୍ୟବଧାନରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ଏହି ପୁଲ୍‌ରେ ଭାରତ ସହ ଚୀନ୍ ୨-୨ ଗୋଲରେ ମ୍ୟାଚ୍ ଡ୍ର ରଖିବାରେ ସମର୍ଥ ହୋଇଛି। ବେଲଜିୟମ୍‌ର ୱାଭରେଠାରେ ପୁଲ୍-ସି'ରେ ବେଲ୍‌ଜିୟମ ସହ ନ୍ୟୁଜିଲାଣ୍ଡ ଓ ସ୍ପେନ୍ ସହ ଆୟର୍ଲାଣ୍ଡର ମୁକାବିଲା ଜୋରଦାର ହୋଇଛି।

## ଅଷ୍ଟ୍ରେଲିଆର ବିଶ୍ୱରେକର୍ଡ ଭାଙ୍ଗିଲା ସ୍ପେନ୍

ମାଡ୍ରିଦ୍,୧୬।୮ (ଏଜେନ୍ସି): ପୁରୁଷ ଅନ୍ତର୍ଜାତୀୟ କ୍ରିକେଟରେ କ୍ରମାଗତ ସର୍ବାଧିକ ମ୍ୟାଚ୍ ଜିତିବାରେ ସ୍ପେନ୍ ବିଶ୍ୱରେକର୍ଡ ପ୍ରତିଷ୍ଠା କରିଛି। ଟି-୨୦ ବିଶ୍ୱକପ୍ ୟୁରୋପ୍ ସବ୍ ରିଜିଓନାଲ କ୍ୱାଲିଫାୟରରେ ଫିନ୍‌ଲାଣ୍ଡକୁ ୮ ୱିକେଟରେ ପରାସ୍ତ କରି ସ୍ପେନ୍ କ୍ରମାଗତ ୨୧ତମ ବିଜୟ ହାସଲ କରିଛି। ଏହା ଫଳରେ ଅଷ୍ଟ୍ରେଲିଆ ନାମରେ ଥିବା କ୍ରମାଗତ ୨୦ତମ ବିଜୟର ରେକର୍ଡକୁ ଅତିକ୍ରମ କରିଯାଇଥିଲା। ୨୦୨୩ରେ ଅଷ୍ଟ୍ରେଲିଆ ଏହି ରେକର୍ଡ ଅତିକ୍ରମ କରିଥିଲାବେଳେ ଏହିବର୍ଷଠାରୁ ସ୍ପେନ୍‌ର ଜୟଯାତ୍ରାର ରେକର୍ଡ ଆରମ୍ଭ ହୋଇଥିଲା।

## ପୁଣି ହାରିଲେ ଭେନସ ୱିଲିୟମ୍ସ

ମାସନ,୧୬।୮ (ଏଜେନ୍ସି): ୭ଥରର ଗ୍ରାଣ୍ଡ ସ୍ଲାମ୍ ଚାମ୍ପିଅନ ଆମେରିକାର ଭେନସ ୱିଲିୟମ୍ସ ଏଠାରେ ଚାଲିଥିବା ସିନ୍‌ସିନାଟି ଓପନ ଟେନିସ ଟୁର୍ଣ୍ଣାମେଣ୍ଟର ପ୍ରଥମ ରାଉଣ୍ଡରେ ପରାଜିତ ହୋଇଛନ୍ତି। ଏହା ଫଳରେ ପ୍ରତିଯୋଗିତାମୂଳକ ଟେନିସକୁ ପ୍ରତ୍ୟାବର୍ତ୍ତନ କରିବାକୁ ଚେଷ୍ଟା ଚଳାଇଥିବା ଭେନସଙ୍କର ଏହା କ୍ରମାଗତ ୧୩ତମ ପରାଜୟ। କଲମ୍ବିଆର ଏମିଲିଆନା ଆରାଙ୍ଗୋ ୬-୨, ୬-୨ ସିଧାସଳଖ ସେଟ୍‌ରେ ୪୬ ବର୍ଷୀୟା ଭେନସଙ୍କୁ ପରାସ୍ତ କରିଥିଲେ। ଦ୍ୱିତୀୟ ରାଉଣ୍ଡରେ ଡିଫେଣ୍ଡିଂ ଚାମ୍ପିଅନ ଇଗା ସ୍ୱିଆଟେକଙ୍କ ସହ ଆରାଙ୍ଗୋଙ୍କର ମୁକାବିଲା ହେବ।

## ଗଲ୍ ଲଢ଼େଇ: ପାଡିକଲଙ୍କ ପ୍ରଥମ ଟେଷ୍ଟ ଶତକ

ଗଲ୍, ୧୬।୮ (ଏଜେନ୍ସି): ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଏଠାରେ ଚାଲିଥିବା ପ୍ରଥମ ଟେଷ୍ଟ ମୁକାବିଲାର କ୍ରମାଗତ ୨ୟ ଦିନରେ ବର୍ଷା ବାଧକ ସାଜିଛି। ବର୍ଷା, ଅସହ୍ୟ ଗରମ ଓ ଶ୍ରୀଲଙ୍କା ସ୍ପିନରଙ୍କ ପ୍ରତିବନ୍ଧକ ସତ୍ତ୍ୱେ ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ପ୍ରଥମ ଇନିଂସରେ ଭାରତ ୯ ୱିକେଟ୍ ହରାଇ ୪୬୦ ରନ୍‌ର ବିଶାଳ ସ୍କୋର୍ କରିଛି। ଦଳ ପକ୍ଷରୁ ନଂ-୩ରେ ବ୍ୟାଟିଂ କରିଥିବା ଦେବଦତ୍ତ ପାଡିକଲ ଟେଷ୍ଟ ଜୀବନରେ ପ୍ରଥମ ଶତକ ହାସଲ କରିବା ସହ ସର୍ବାଧିକ ୧୬୭ ରନ୍ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଲୋକେଶ ରାହୁଲ ୮୨ ଓ ଧ୍ରୁବ ଜୁରେଲ ୫୧ ରନ୍‌ର ସହାୟତା ଦେଇଛନ୍ତି।

ଅଧିନାୟକ ଶୁଭମନ ଗିଲ୍ ୨ଟି ଚୌକା ସହ ୧୬ ,ବାମହାତି ପନ୍ତ ୩୯,




ଯଶସ୍ୱୀ ଜୟସ୍ୱାଲ ୩୨ ଓ ମାନବ ସୂତାର ୨୪ ରନ୍‌ର ଉପଯୋଗୀ ସହାୟତା ଦେଇଥିଲେ। ଦେବଦତ୍ତ ପାଡିକଲ ୨୩୦ ବଲ୍‌ରୁ ଗୋଟିଏ ଛକା ଓ ୧୫ଟି ଚୌକା ସହ ୧୬୭ ରନ୍‌କରି ଆଉଟ୍ ହୋଇଥିଲେ।। କେ.ଏଲ୍. ରାହୁଲ ଗୋଟିଏ ଛକା ଓ ୧୦ଟି ଚୌକା ସହ ୮୨ ରନ୍‌କରି ବିଦାୟ ନେଇଥିଲେ। ଧ୍ରୁବ ଜୁରେଲ ଗୋଟିଏ ଛକା ଓ ୪ଟି ଚୌକା ସହ ୫୧ ରନ୍ କରିଥିଲେ। ଶ୍ରୀଲଙ୍କାର ତାରକା ବାମହାତି ସ୍ପିନର ପ୍ରବାଥ ଜୟସୂରିୟା ୪ଟି ଓ ଡେବ୍ୟୁଟାଣ୍ଟ ଅଫ୍‌ସ୍ପିନର କେଶର ନୁୱାନ୍ତା ୩ଟି ୱିକେଟ୍ ନେଇଛନ୍ତି। ବର୍ଷା ଯୋଗୁଁ ପ୍ରଥମ ଦିନରେ ୭୩ ଓଭର ଖେଳ ହୋଇଥିବା ବେଳେ ୨ୟ ଦିନରେ ମାତ୍ର ୪୩ ଓଭର ଖେଳ ସମ୍ଭବ ହୋଇଛି। ପ୍ରଥମ ଦୁଇ ଦିନ ଖେଳ ଭାରତର ନିୟନ୍ତ୍ରଣରେ ରହିଛି।

## ୧୯ ଟେଷ୍ଟରେ ୧୦ ପରାଜୟ; ତଥାପି ଗମ୍ଭୀରଙ୍କୁ ଆବଶ୍ୟକ ଅଧିକ ସମୟ

ନୂଆଦିଲ୍ଲୀ,୧୬।୮ (ଏଜେନ୍ସି): ଗୌତମ ଗମ୍ଭୀର ଭାରତୀୟ କ୍ରିକେଟ ଦଳର ହେଡ୍ କୋଚ୍ ଦାୟିତ୍ୱ ନେବା ପରେ ଭାରତ ସୀମିତ ଓଭର କ୍ରିକେଟରେ ଯେଉଁ ସଫଳତା ପାଇଛି ତାହା ଟେଷ୍ଟ କ୍ରିକେଟରେ ମିଳିନାହିଁ। ଗମ୍ଭୀରଙ୍କ ତତ୍ତ୍ୱାବଧାନରେ ଭାରତ ଖେଳିଥିବା ୬ଟି ଟେଷ୍ଟ ସିରିଜ୍‌ର ୧୯ଟି ଟେଷ୍ଟ ମଧ୍ୟରୁ ୧୦ଟି ଟେଷ୍ଟରେ ପରାଜୟ ବରଣ କରିଛି, ୭ଟିରେ ଜିତିଛି ଓ ୨ଟି ଟେଷ୍ଟ ଡ୍ର ରଖିଛି। ତାଙ୍କ ପ୍ରଶିକ୍ଷଣରେ ଭାରତ ବର୍ଡର ଗାଭାସ୍କର ଟ୍ରଫିରେ ଅଷ୍ଟ୍ରେଲିଆ ନିକଟରୁ ୩-୧ରେ ହାରିଥିଲାବେଳେ ଇଂଲଣ୍ଡ ସହ ୨-୨ରେ ସିରିଜ୍ ଡ୍ର ରଖିଥିଲା। କିନ୍ତୁ ଘରୋଇ ମାଟିରେ ନ୍ୟୁଜିଲାଣ୍ଡ ନିକଟରୁ ୩-୦ ଓ ଦକ୍ଷିଣ ଆଫ୍ରିକା ନିକଟରୁ ୨-୦ରେ ଟେଷ୍ଟ ସିରିଜ୍‌ରେ କ୍ଲିନ୍ ସୁଇପ୍ ହେବା ପରେ ଭାରତର ଦମ୍ଭ ଆଉ ନାହିଁ। ଏବେ ଦଳ ଶ୍ରୀଲଙ୍କା ବିପକ୍ଷରେ ୨ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ୍ ଖେଳିବାକୁ ଯାଉଛି। ଏହାର ଅବ୍ୟବହିତ ପୂର୍ବରୁ ଲେଗ୍ ସ୍ପିନର ଅମିତ ମିଶ୍ର କହନ୍ତି ଟେଷ୍ଟରେ ସଫଳତା ପାଇବାକୁ ହେଲେ ଗମ୍ଭୀରଙ୍କୁ ଅଧିକ ସମୟ ଆବଶ୍ୟକ। ୧୯ଟି ଟେଷ୍ଟରେ ୧୦ଟି ପରାଜୟ ପରେ ଏଭଳି ମନ୍ତବ୍ୟ ଦେବା ହାସ୍ୟାସ୍ପଦ ମନେ ହେଉଛି। ସୀମିତ ଓଭର ଖେଳରେ ଭାରତ ଅପରାଜେୟ ମନେ ହେଉଥିଲା। କିନ୍ତୁ ଏବେ ଆୟର୍ଲାଣ୍ଡଠାରୁ ୨-୦ ଓ ଇଂଲଣ୍ଡଠାରୁ ୪-୦ରେ ଦିନିକିଆ ସିରିଜ୍ ହାରିବା ପରେ ଦଳର ଆଉ ସେ ସମ୍ମାନ ନାହିଁ। ତଥାପି ଗମ୍ଭୀରଙ୍କୁ ଅଧିକ ସମୟ ଆବଶ୍ୟକ ବୋଲି କହିବା କେତେ ଯୁକ୍ତିଯୁକ୍ତ ତାହା ଶ୍ରୀଲଙ୍କା ବିପକ୍ଷ ସିରିଜ୍‌ରୁ କିଛିଟା ଉତର ମିଳିବ।

## ୟୁନମ୍‌ରେ ତ୍ରିରଙ୍ଗା ଉଡ଼ାଇଲେ ଓଡ଼ିଶାର ମହିଳା ପର୍ବତାରୋହୀ




ଭୁବନେଶ୍ୱର,୧୬।୮ (ସମିସ): ଓଡ଼ିଶାର ଏକ ମହିଳା ପର୍ବତରୋହୀ ଦଳ ହିମାଚଳ ପ୍ରଦେଶର ୟୁନମ ପର୍ବତ ଆରୋହଣ କରିବା ସହ ସ୍ୱାଧୀନତା ଦିବସରେ ୮୦ ଫୁଟ୍‌ର ତ୍ରିରଙ୍ଗା ଉତ୍ତୋଳନ କରି ଇତିହାସ ସୃଷ୍ଟି କରିଛନ୍ତି। ୨୦,୧୦୦ ଫୁଟ ଉଚ୍ଚତା ବିଶିଷ୍ଟ ଏହି ପର୍ବତକୁ ଓଡ଼ିଶାର ୫ଜଣ ପର୍ବତାରୋହୀ ଅନିତା ସ୍ୱାଇଁଙ୍କ ନେତୃତ୍ୱରେ ଏହି ସଫଳତା ଅର୍ଜନ କରିଛନ୍ତି। ଏଭରେଷ୍ଟ ଆରୋହଣକାରୀ ଗଣେଶ ଜେନାଙ୍କ ତତ୍ତ୍ୱାବଧାନରେ ଏହି ଦଳ ଗତ ୭ ତାରିଖରେ ଓଡ଼ିଶାରୁ ଯାତ୍ରା ଆରମ୍ଭ କରିଥିଲା। ଦଳରେ ୮ଜଣ ସଦସ୍ୟ ରହିଥିଲେ ମଧ୍ୟ ୫ଜଣ ୟୁନମ ଆରୋହଣ କରିବାରେ ସଫଳ ହୋଇଥିଲେ। ଅସୁସ୍ଥତା କାରଣରୁ ଅନ୍ୟ ୩ଜଣ ଶିଖରର ନିକଟରେ ପହଞ୍ଚିଥିଲେ ମଧ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିପାରି ନ ଥିଲେ। ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ସଙ୍କେତ କମ୍ୟୁନିକେସନର ସହଯୋଗରେ ଏହି ପର୍ବତାରୋହଣ ସମ୍ଭବ ହୋଇଛି। ଭୁବନେଶ୍ୱରର ଅନିତା ସ୍ୱାଇଁ ଓ ଶ୍ରୀୟାଶ୍ରୁତି ପାତ୍ରଙ୍କ ସହ ସୁବର୍ଣ୍ଣପୁରର ସୋନାଲି ଭୋଇ, ସମ୍ବଲପୁରର ପ୍ରୀତି ପୋଢ଼, କଳାହାଣ୍ଡିର ଲିଲି ସାହୁ ପାତ୍ର ୟୁନମ ପର୍ବତ ଆରୋହଣ କରିଥିଲେ।

## ରାଜ୍ୟଗୋଷ୍ଠୀ ପାରା ଫେନ୍ସିଂ
## ଓଡ଼ିଶା ପ୍ରତିଯୋଗୀଙ୍କୁ ସଫଳତା

ଭୁବନେଶ୍ୱର,୧୬।୮ (ସମିସ): ନାଇଜେରିଆର ଲାଓସଠାରେ ଚାଲିଥିବା ରାଜ୍ୟଗୋଷ୍ଠୀ ପାରା ଫେନ୍ସିଂ ଚାମ୍ପିଅନସିପ୍‌ରେ ଭାଗ ନେଇଥିବା ଓଡ଼ିଆ ପ୍ରତିଯୋଗୀଙ୍କୁ ବିରାଟ ସଫଳତା ମିଳିଛି। ଓଡ଼ିଶାରୁ ୫ଜଣ ଫେନ୍‌ସର ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରି ବ୍ୟକ୍ତିଗତ ଭାବେ ୬ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୪ କାଂସ୍ୟ ପଦକ ବିଜୟୀ ହୋଇଥିଲେ। ସେହିପରି ଦଳଗତ ବିଭାଗରେ ୪ ସ୍ୱର୍ଣ୍ଣ, ୨ ରୌପ୍ୟ ପଦକ ହାସଲ କରିଥିଲେ। ଓଡ଼ିଶାରୁ ଜଣେମାତ୍ର ମହିଳା ପ୍ରତିଯୋଗୀ ମାଳତୀ ପାନୱରେ, ପୁରୁଷ ବିଭାଗରେ ଭି ରମେଶ ରାଓ ଓ ଓମ୍‌ପ୍ରକାଶ ବେହେରା ୨ଟି ଲେଖାଏଁ ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରୁଦ୍ରନାରାୟଣ ବେହେରା, ରାଖାଲ ସେଠୀ ଓ ପବିତ୍ର ସାହୁ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାର ପାରା ଫେନ୍ସିଂରେ ଭାରତ ୧୨ ସ୍ୱର୍ଣ୍ଣ, ୮ ରୌପ୍ୟ ଓ ୪ କାଂସ୍ୟ ପଦକ ବିଜୟୀ ହୋଇଛି। ମୋଟରେ ଭାରତକୁ ୨୫ ସ୍ୱର୍ଣ୍ଣ ସହ ୬୩ଟି ପଦକ ମିଳିଛି।

## ଉପେନ୍ଦ୍ର ନାୟକ ସ୍ମାରକୀ ଚେସ୍
## ଧୃତିମାନ ଦେ' ଚାମ୍ପିଅନ




ଭୁବନେଶ୍ୱର,୧୬।୮ (ସମିସ): ଫ୍ୟୁଚର ଭୁବେନଶ୍ୱର ସ୍କୁଲର ଧୃତିମାନ ଦେ' ୬ଷ୍ଠ ଉପେନ୍ଦ୍ର ନାୟକ ସ୍ମାରକୀ ଚେସ୍ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ଓଡ଼ିଶା ରାଜ୍ୟ ଚେସ୍ ସଂଘ ଆନୁକୂଲ୍ୟରେ କେଶୁରାସ୍ଥିତ ପବ୍ଲିକ୍ ସ୍କୁଲ୍‌ରେ ଅନୁଷ୍ଠିତ ହୋଇଥିଲା। ଏହାକୁ ଓଡ଼ିଶା ଆଇଆଇଏଫ୍‌ଏଲ୍ ଫାଇନାନ୍ସର ଓଡ଼ିଶା ମୁଖ୍ୟ ନଳିନୀକାନ୍ତ ନାୟକ ଉଦ୍‌ଘାଟନ କରିଥିଲାବେଳେ ଦ୍ୱାରକାମୟୀ ଆସୋସିଏଟସର ଏମ୍‌ଡି ରମାକାନ୍ତ ଆଚାର୍ଯ୍ୟ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଧୃତିମାନ ୫ ରାଉଣ୍ଡରୁ ସର୍ବାଧିକ ୪ ପଏଣ୍ଟ ପାଇ ପ୍ରଥମସ୍ଥାନ ଅଧିକାର କରିଥିଲେ। ଖୋର୍ଦ୍ଧା କେଟି ଗ୍ଲୋବାଲ ସ୍କୁଲ୍‌ର ଚନ୍ଦ୍ରକାନ୍ତ ପୁହାଣ ଦ୍ୱିତୀୟ, ବିଜେଇଏମ୍ ସ୍କୁଲ-୧'ର ସାଇକ୍ରିଷ୍ଣା ସାମଲ ତୃତୀୟ, ୟୁନିଟ-୮ ଡିଏଭି ସ୍କୁଲ୍‌ର ଶୁଭମ ଷଡଙ୍ଗୀ ଚତୁର୍ଥ ଓ ଖଣ୍ଡଗିରି ସେଣ୍ଟ ଜାଭିୟର ହାଇସ୍କୁଲ୍‌ର ଓମ୍ ଶତପଥୀ ପଞ୍ଚମ ସ୍ଥାନ ଅଧିକାର କରିଥିଲେ। ଏମାନେ ସମସ୍ତେ ୩ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। ଦେବାଶିଷ ପାଣିଗ୍ରାହୀ ଖେଳ ପରିଚାଳନା କରିଥିଲେ।

## ମିରାଜ୍‌ଙ୍କୁ ୫ ୱିକେଟ୍; ଗ୍ରୀନ୍‌ଙ୍କ ଶତକ ବ୍ୟର୍ଥ

# ଅଷ୍ଟ୍ରେଲିଆରେ ବାଂଲାଦେଶର ଐତିହାସିକ ବିଜୟ

ଡାର୍‌ୱିନ, ୧୬।୮ (ଏଜେନ୍ସି)

ବିଶ୍ୱର ୧ନଂ ଟେଷ୍ଟ ଦଳ ଅଷ୍ଟ୍ରେଲିଆକୁ ଅଷ୍ଟ୍ରେଲିଆ ମାଟିରେ ୯ ୱିକେଟ୍‌ରେ ପରାସ୍ତ କରି ଐତିହାସିକ ବିଜୟ ହାସଲ କରିଛି ବାଂଲାଦେଶ । ୨୩ ବର୍ଷ ପରେ ଅଷ୍ଟ୍ରେଲିଆ ଗସ୍ତରେ ଯାଇ ମାତ୍ର ତୃତୀୟ ମୁକାବିଲାରେ ବାଂଲାଦେଶ ଏହି ଟେଷ୍ଟ ବିଜୟ ହାସଲ କରିବାରେ ସଫଳ ହୋଇଛି। ବିଶେଷ କରି ଟେଷ୍ଟ ମାନ୍ୟତାରେ ୯ମ ସ୍ଥାନରେ ଥିବା ଦଳଠାରୁ ପରାଜିତ ହେବା ଅଷ୍ଟ୍ରେଲିଆ ଲାଗି ଅସମ୍ମାନଜନକ ବୋଲି କୁହାଯାଇଛି। ସେହିପରି ଭାରତ, ପାକିସ୍ତାନ ପରେ ବାଂଲାଦେଶ ତୃତୀୟ ଏସୀୟ ରାଷ୍ଟ୍ର ଭାବେ ବାଂଲାଦେଶ ଅଷ୍ଟ୍ରେଲିଆକୁ ଅଷ୍ଟ୍ରେଲିଆରେ ହରାଇବାରେ ସଫଳ ହୋଇଛି।

ଏଠାରେ ଖେଳାଯାଇଥିବା ଏହି ଟେଷ୍ଟର ପ୍ରଥମ ଇନିଂସରେ ବାଂଲାଦେଶ ୪୬୧ ରନ୍ କରି ୨୨୮ ରନ୍‌ରେ ଆଗୁଆ ରହିଥିଲା। ଦ୍ୱିତୀୟ ଇନିଂସରେ କାମେରନ ଗ୍ରୀନ୍‌ଙ୍କ ୧୦୪ ରନ୍ ସତ୍ତ୍ୱେ ଦଳ ୨୮୪ ରନ୍‌ରେ ଅଲଆଉଟ ହୋଇଯାଇଥିଲା। ଫଳରେ ବାଂଲାଦେଶ ଆରେ ୫୭ ରନ୍‌ର ବିଜୟ ଲକ୍ଷ୍ୟ ରହିଥିଲା




ଓ ଭ୍ରମଣକାରୀ ଦଳ ତାହାକୁ ମାତ୍ର ୧ ୱିକେଟ ହରାଇ ହାସଲ କରି ନେଇଥିଲା। ଅଷ୍ଟ୍ରେଲିଆର ଦ୍ୱିତୀୟ ଇନିଂସରେ ମେହଦୀ ହାସନ ମିରାଜ ୫ଟି ୱିକେଟ ନେଇଥି ଲେ। କିନ୍ତୁ ପ୍ରଥମ ଇନିଂସରେ ୬ଟି ଓ ଦ୍ୱିତୀୟ ଇନିଂସରେ ୩ଟି ୱିକେଟ ନେଇଥିବା ହାସନ ମାମୁଦଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା । ଅଷ୍ଟ୍ରେଲିଆ ମାଟିରେ ବାଂଲାଦେଶ ଖେଳିଥିବା ଯେ କୌଣସି ଫର୍ମାଟରେ ବାଂଲାଦେଶର ଏହା ପ୍ରଥମ ବିଜୟ। ସେହିପରି ଅଷ୍ଟ୍ରେଲିଆ ବିପକ୍ଷରେ ଦ୍ୱିତୀୟ ଟେଷ୍ଟ ବିଜୟ। ଯେକୌଣସି ଫର୍ମାଟରେ ଏହା ଦଳର ସର୍ବଶ୍ରେଷ୍ଠ ବିଜୟ ବୋଲି ମ୍ୟାଚ୍ ପରେ ବାଂଲାଦେଶ ଅଧିନାୟକ ନଜ୍‌ମୁଲ ହୋସେନ୍ ଶାନ୍ତ କହିଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS